# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 44 ◆ISSUE-78 ◆FRIDAY ◆11 SEPTEMBER 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୭୮ ◆ଶୁକ୍ରବାର ◆୧୧ ସେପ୍ଟେମ୍ବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ଫେରିବେ ବିପାଶା

▶ପୃଷ୍ଠା ୧୧ ଦେଖନ୍ତୁ...

# ଆଜିଠାରୁ ୫ ଦିନ ବ୍ୟାଙ୍କ ବନ୍ଦ

## ଶୁକ୍ରବାର ଦେଶବ୍ୟାପୀ କର୍ମଚାରୀଙ୍କ ଧର୍ମଘଟ

■ ନୂଆଦିଲ୍ଲୀ, ୧୦।୯(ଏଜେନ୍ସି): ଶେଷରେ ବିଫଳ ହେଲା ସରକାର ଏବଂ ବ୍ୟାଙ୍କ ୟୁନିଅନଗୁଡ଼ିକ ମଧ୍ୟରେ ଆଲୋଚନା। ବୈଠକରେ ସପ୍ତାହରେ ୫ ଦିନିଆ କାର୍ଯ୍ୟଦିବସ ସମେତ ସଂଘ ରଖିଥିବା ଅନ୍ୟ ପ୍ରମୁଖ ଦାବିଗୁଡ଼ିକର କୌଣସି ସମାଧାନ ହୋଇପାରିଲାନାହିଁ। ଫଳରେ ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ୍ (ୟୁଏଫ୍‌ବିୟୁ)ର ଡାକରାରେ ଶୁକ୍ରବାରଠାରୁ ବ୍ୟାଙ୍କ କର୍ମଚାରୀ ଏବଂ ଅଧିକାରୀମାନେ ଦେଶବ୍ୟାପୀ ଧର୍ମଘଟ କରିବାକୁ ଯାଉଛନ୍ତି। ଏହି ସମୟ ମଧ୍ୟରେ ବ୍ୟାଙ୍କ ଶାଖାଗୁଡିକରେ କାର୍ଯ୍ୟ ପ୍ରଭାବିତ ହୋଇପାରେ। ସଂଘ ସେପ୍ଟେମ୍ବର ୨୮ରୁ ୩୦ ତାରିଖ ତିନି ଦିବ ଧର୍ମଘଟ ଏବଂ ୨୬ ଅକ୍ଟୋବରରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧର୍ମଘଟ ପାଇଁ ଚେତାବନୀ ମଧ୍ୟ ଦେଇଛି।

ଅପରପକ୍ଷେ ବ୍ୟାଙ୍କ ଧର୍ମଘଟକୁ ଲାଗି ଶନିବାର, ରବିବାର, ଗଣେଷ ପୂଜା ଏବଂ ନୂଆଖାଇ ପଡୁଥିବାଯୋଗୁ ଶୁକ୍ରବାରଠାରୁ ମଙ୍ଗଳବାର ଯାଏ କ୍ରମାଗତ ଭାବେ ୫ ଦିନ ଧରି ସାରା ରାଜ୍ୟରେ ବ୍ୟାଙ୍କ ବନ୍ଦ ରହିବ। ଏହାପଛକୁ ସେପ୍ଟେମ୍ବର ୧୨ ମାସର ଦ୍ୱିତୀୟ ଶନିବାର ଏବଂ ୧୩ ତାରିଖ ରବିବାର ପାଇଁ ବ୍ୟାଙ୍କ ସାଧାରଣ ଭାବେ ବନ୍ଦ ରହିବ। ସୋମବାର ଅର୍ଥାତ୍ ସେପ୍ଟେମ୍ବର ୧୪ ଗଣେଷ ପୂଜା ପାଇଁ ବ୍ୟାଙ୍କ ଛୁଟି। ଶେଷରେ ସେପ୍ଟେମ୍ବର ୧୫ (ମଙ୍ଗଳବାର) ନୂଆଖାଇ ପାଇଁ ଛୁଟି ରଖାଯାଇଛି। ତେଣୁ ଏସବୁକୁ ମିଶାଇଲେ ସେପ୍ଟେମ୍ବର ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ କମାଗତ ଭାବେ ରାଜ୍ୟରେ ୫ ଦିନ ବ୍ୟାଙ୍କ ବନ୍ଦ ରହିବ। ଲଗାତାର ଭାବେ ବ୍ୟାଙ୍କ ବନ୍ଦ ରହୁଥିବାରୁ ଗ୍ରାହକମାନେ ଏହି ▶ପୃଷ୍ଠା-୧୦

# ଚୀନ୍ ଜାହାଜରେ ଅଗ୍ନିକାଣ୍ଡ: ୨୫ ମୃତ

■ ବେଜିଂ, ୧୦।୯ (ଏଜେନ୍ସି): ଚୀନ୍‌ର କିଙ୍ଗଦାଓ ବନ୍ଦରରେ ମରାମତି ପାଇଁ ଲାଗିଥିବା ଏକ ବିଦେଶୀ ପତାକାବାହୀ କାର୍ଗୋ ଜାହାଜରେ ଗୁରୁବାର ଭୟାବହ ଅଗ୍ନିକାଣ୍ଡ ଘଟି ୨୫ ଜଣଙ୍କ ମୃତ୍ୟୁ ହୋଇଛି। ଆଉ ୫ ଜଣ ନିଖୋଜ ଥିବାବେଳେ ଉଦ୍ଧାରକାର୍ଯ୍ୟ ଜାରି ରହିଛି। ଚୀନ୍‌ର ସରକାରୀ ଗଣମାଧ୍ୟମ ଅନୁଯାୟୀ, ଘଟଣା ସମୟରେ ଜାହାଜରେ ୪୨ ଜଣ ଥିଲେ। ସେମାନଙ୍କ ମଧ୍ୟରୁ ୧୭ ଜଣଙ୍କୁ ଉଦ୍ଧାର କରାଯାଇଛି। ଏଥିରୁ ୫ ଜଣ ଆହତ ହୋଇଛନ୍ତି। ଅନ୍ୟ ୨୦ ଜଣଙ୍କ ଜୀବନର କୌଣସି ସଙ୍କେତ ମିଳିନଥିବା ସୂଚନା ଦିଆଯାଇଛି।



ସରକାରୀ ସୂଚନା ଅନୁସାରେ, ଗୁରୁବାର ସକାଳ ପ୍ରାୟ ୧୧ଟା ୧୫ରେ ଜାହାଜରେ ନିଆଁ ଲାଗିଥିଲା। ଅପରାହ୍ନ ପ୍ରାୟ ୨ଟା ୩୦ରେ ନିଆଁକୁ ନିୟନ୍ତ୍ରଣ କରାଯାଇଥିଲା। ଅଗ୍ନିକାଣ୍ଡର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଘଟଣା ପରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଖୋଜାଖୋଜି ଓ ଉଦ୍ଧାରକାର୍ଯ୍ୟ ଜୋରଦାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଅଗ୍ନିକାଣ୍ଡରୁ ଶିକ୍ଷା ନେଇ ସମସ୍ତ ପ୍ରକାର ଅଗ୍ନି ନିରାପତ୍ତା ବିପଦର ଯାଞ୍ଚ ଓ ନିରାକରଣ କରିବାକୁ ସେ କହିଛନ୍ତି। 'ଓସନ୍ ମେଲୋଡି' ନାମକ ଏହି ପ୍ରାୟ ୧୯୦ ମିଟର ଲମ୍ବର ଜାହାଜ ଲାଇବେରିଆ ପତାକା ତଳେ ପଞ୍ଜୀକୃତ ଥିବା ସୂଚନା ମିଳିଛି। ଜାହାଜଟି କିଙ୍ଗଦାଓର ବେଇହାଇ ସିପ୍ ବିଲ୍ଡିଂ କମ୍ପାନୀରେ ମରାମତି ପାଇଁ ଲାଗିଥିଲା।

# ବ୍ରିକ୍ସ ସମ୍ମିଳନୀ ପାଇଁ ଦିଲ୍ଲୀ ପ୍ରସ୍ତୁତ

## ଭାରତ ଆସୁଛନ୍ତି ପୁତିନ, ଜିନ୍‌ପିଙ୍ଗ

■ ନୂଆଦିଲ୍ଲୀ, ୧୦।୯ (ଏଜେନ୍ସି): ଆସନ୍ତା ୧୨ ଓ ୧୩ ତାରିଖରେ ନୂଆଦିଲ୍ଲୀରେ ହେବାକୁ ଥିବା ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀରେ ଯୋଗଦେବା ଲାଗି ଭାରତ ଆସୁଛନ୍ତି ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଏବଂ ଚୀନ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ। ଆସନ୍ତାକାଲି ୧୧ରେ ପୁତିନ ଆସୁଥିବା ବେଳେ ୧୨ ତାରିଖରେ ଆସିବେ ଜିନପିଙ୍ଗ। ୨୦୧୯ ପରେ ଏହା ହେବ ଚୀନ ରାଷ୍ଟ୍ରପତିଙ୍କ ପ୍ରଥମ ଗସ୍ତ। ୨୦୨୦ ଗଲୱାନ୍ ସଂଘର୍ଷ ପରେ ଭାରତ-ଚୀନ୍ ସମ୍ପର୍କରେ ତିକ୍ତତା ଦେଖାଦେଇଥିଲା। ଏହି ବୈଠକରେ ୧୧ଟି ଦେଶର ରାଷ୍ଟ୍ରାଧ୍ୟକ୍ଷ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେମାନଙ୍କ ମଧ୍ୟରେ ଅଛନ୍ତି ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ୍।




ତେବେ ବାଂଲାଦେଶ ପ୍ରଧାନମନ୍ତ୍ରୀ ତାରିକ ରହମାନ ଏଥିରେ ଯୋଗଦେବେ ନାହିଁ। ବାଂଲାଦେଶ ବୈଦେଶିକ ବିଭାଗର ରାଜ୍ୟମନ୍ତ୍ରୀ ହୁମାୟୁନ କବୀର କହିଛନ୍ତି, ଭାରତ ପକ୍ଷରୁ ତାରିକ ରହମାନଙ୍କୁ ବ୍ରିକ୍ସ ସମ୍ମିଳନୀ ପାଇଁ ପ୍ରଧାନମନ୍ତ୍ରୀ ଭାବେ ନୁହେଁ, ବରଂ ବିମ୍‌ଷ୍ଟେକ୍‌ର ଅଧ୍ୟକ୍ଷ ଭାବେ ନିମନ୍ତ୍ରଣ କରାଯାଇଥିଲା। ସମ୍ମିଳନୀରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ତାରିକ ରହମାନଙ୍କୁ ପୃଥକ ଭାବେ କୌଣସି ନିମନ୍ତ୍ରଣ ମିଳିନାହିଁ।

ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ରେ ହେବାକୁ ଥିବା ବ୍ରିକ୍ସ ଶିଖର ସମ୍ମିଳନୀ ପାଇଁ ଦିଲ୍ଲୀରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସମ୍ମିଳନୀକୁ ଦୃଷ୍ଟିରେ ରଖି ପୁଲିସ ଓ ସୁରକ୍ଷା ଏଜେନ୍ସିଗୁଡ଼ିକ ବହୁସ୍ତରୀୟ ସୁରକ୍ଷା, ନିରୀକ୍ଷଣ ଓ ଯାତାୟାତ ପରିଚାଳନା ବ୍ୟବସ୍ଥା କରିଛନ୍ତି। ନୂଆଦିଲ୍ଲୀ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପ୍ରାୟ ୫୦୦ ସିସିଟିଭି କ୍ୟାମେରା ଲଗାଯାଇଛି। ଏଥିରେ ନମ୍ବର ପ୍ଲେଟ୍ ଚିହ୍ନଟ କରିପାରୁଥିବା କ୍ୟାମେରା ମଧ୍ୟ ରହିଛି। କୌଣସି ସନ୍ଦେହଜନକ ଗତିବିଧି ନଜରକୁ ଆସିଲେ ତୁରନ୍ତ ପଦକ୍ଷେପ ନେବା ପାଇଁ ଏହି ବ୍ୟବସ୍ଥା କରାଯାଇଛି। ସୁରକ୍ଷା ବ୍ୟବସ୍ଥାରେ ନିରୀକ୍ଷଣ ପ୍ରଣାଳୀ ସହ ଯାତାୟାତ ନିୟନ୍ତ୍ରଣ ଓ ତ୍ୱରିତ ପ୍ରତିକ୍ରିୟା ବ୍ୟବସ୍ଥାକୁ ସାମିଲ କରାଯାଇଛି। ସମ୍ମିଳନୀରେ ଯୋଗଦେବାକୁ ଥିବା ଅତିଥି ଓ ପ୍ରତିନିଧିମାନଙ୍କ ଯାତାୟାତ ଯେପରି ସୁରୁଖୁରୁରେ ହେବ, ସେଥିପାଇଁ ମଧ୍ୟ ସ୍ୱତନ୍ତ୍ର ପ୍ରସ୍ତୁତି ହୋଇଛି। ଏଥିପାଇଁ ୩୦ ହଜାର ସୁରକ୍ଷା ଯବାନଙ୍କୁ ମଧ୍ୟ ମୁତୟନ କରାଯାଇଛି।

### ଯୋଗଦେବେ ୧୧ ଦେଶର ରାଷ୍ଟ୍ରାଧ୍ୟକ୍ଷ

### ଦିଲ୍ଲୀରେ କଡ଼ା ସୁରକ୍ଷା ବ୍ୟବସ୍ଥା

### ୫୦୦ ସିସିଟିଭି କ୍ୟାମେରା, ୩୦ ହଜାର ପୁଲିସ ଫୋର୍ସ ମୁତୟନ

## ବଙ୍ଗୋପସାଗରରେ ପୁଣି ଲଘୁଚାପ

# ୧୨ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା

■ ଭୁବନେଶ୍ୱର, ୧୦।୯ (ସମିସ): ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ ସୃଷ୍ଟି ହୋଇଛି। ଏହି ଲଘୁଚାପ ଏବେ ଉତ୍ତର ବଙ୍ଗୋପସାଗର ଏବଂ ତାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକ୍ରିୟ ରହିଛି। ଏହା ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହୋଇଥିବା ବେଳେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ଲଘୁଚାପ ଯୋଗୁଁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆଶଙ୍କା କରାଯାଇଛି। ଯଦିଓ ଏହି ଲଘୁଚାପ ଯୋଗୁଁ ପୂର୍ବ ଲଘୁଚାପ ତୁଳନାରେ ବର୍ଷାର ପ୍ରଭାବ କମ୍ ରହିବ, ମାତ୍ର ଦକ୍ଷିଣ ଓଡ଼ିଶାରେ ଅପେକ୍ଷାକୃତ ଭଲ ବର୍ଷା ଅନୁଭୂତ ହେବ ବୋଲି ପାଣିପାଗ କେନ୍ଦ୍ର କହିଛି।

ଲଘୁଚାପ ସମ୍ପର୍କରେ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଉତ୍ତର ବଙ୍ଗୋପସାଗର ଓ ଆଖପାଖ ଅଞ୍ଚଳରେ ସୃଷ୍ଟ ଲଘୁଚାପଟି ସୁଦୃଶ ଲଘୁଚାପରେ ପରିଣତ ହେବାର ସମ୍ଭାବନା ଅଧିକ ରହିଛି। ଏହା ପଶ୍ଚିମରୁ ଉତ୍ତର-ପଶ୍ଚିମ ଦିଗକୁ ଯାଇ ପଶ୍ଚିମବଙ୍ଗ-ଝାଡ଼ଖଣ୍ଡ ଓ ଉତ୍ତର ଓଡ଼ିଶା ଉପରେ ଅଧିକ ପ୍ରଭାବ ପକାଇପାରେ। ପରେ ଏହାର ପ୍ରଭାବ ଛତିଶଗଡ଼ ଓ ମଧ୍ୟ ଭାରତ ଆଡ଼କୁ ବଢ଼ିପାରେ। ଓଡ଼ିଶାରେ ୧୧ ତାରିଖ ବର୍ଷା ହେବା ସହ ୧୨ରେ ମଧ୍ୟ କିଛି ବର୍ଷା ହୋଇପାରେ। ତେବେ ଆଗକୁ ଉତ୍ତର ଓ ଉପକୂଳ ଓଡ଼ିଶାରେ ବର୍ଷା ଅଧିକ ହେବାର ସମ୍ଭାବନା ରହିଛି। ବିଶେଷକରି ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଓ ଆଖପାଖ ଜିଲ୍ଲା ଉପରେ ନଜର ରଖିବା ଆବଶ୍ୟକ। ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ସହ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ପରେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର କେତେକ ଅଞ୍ଚଳରେ ମଧ୍ୟ ବର୍ଷା ବଢ଼ିପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ତେବେ ଉତ୍ତର ଓ ଉପକୂଳ ଜିଲ୍ଲାରେ କମ୍ ସମୟରେ ଅଧିକ ବର୍ଷା ହେଲେ ତଳିଆ ଅଞ୍ଚଳରେ ପାଣି ଜମିବା, ଛୋଟ ନଦୀ ଓ ନାଳରେ ହଠାତ୍ ପାଣି ବଢ଼ିବା ▶ପୃଷ୍ଠା-୧୦

### ତୃତୀୟ ସପ୍ତାହରେ ପୁଣି ଏକ ଲଘୁଚାପ

## ଭୋଗରାଇରୁ ଓରାଙ୍ଗଉଟାନ୍ ଉଦ୍ଧାର ଘଟଣା

# କୋଲକାତା ଯାଏଁ ଲମ୍ବିଲା ତଦନ୍ତ

■ ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର, ୧୦।୯ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ବଡ଼ପାହି ଝାଉ ଜଙ୍ଗଲରୁ ପାଞ୍ଚଟି ଓରାଙ୍ଗଉଟାନ୍ ଉଦ୍ଧାର ଘଟଣାକୁ ନେଇ ରହସ୍ୟ ଘନୀଭୂତ ହେବା ସହ ତଦନ୍ତ ମଧ୍ୟ ଜୋରଦାର ହୋଇଛି। ଏହି ବିରଳ ବନ୍ୟପ୍ରାଣୀଗୁଡ଼ିକ ଏତେ ଦୂର ଆସି ବଡ଼ପାହି ଜଙ୍ଗଲରେ କିପରି ପହଞ୍ଚିଲେ, ସେ ନେଇ ଏବେ ବନବିଭାଗ, କ୍ରାଇମବ୍ରାଞ୍ଚ ଓ ଷ୍ଟେଟ୍ ଲେଭେଲ୍ ଟିମ୍ ସହିତ ୱାଇଲଡ ଲାଇଫ ଟିମ ମିଳିତ ଭାବେ ବିଭିନ୍ନ ଦିଗରୁ ଖୋଳତାଡ଼ କରୁଛନ୍ତି। ଘଟଣାସ୍ଥଳକୁ ତଦନ୍ତକାରୀ ଟିମ୍‌ଗୁଡ଼ିକର ଘନଘନ ଗସ୍ତ ଏବେ ଘଟଣାର ଗମ୍ଭୀରତାକୁ ସ୍ପଷ୍ଟ କରୁଛି।

ଗୁରୁବାର ପ୍ରାୟ ତିନୋଟି ତଦନ୍ତକାରୀ ଟିମ୍ ବଡ଼ପାହି ଝାଉଁ ଜଙ୍ଗଲରେ ପହଞ୍ଚି ଦୀର୍ଘ ସମୟ ଧରି ଯାଞ୍ଚ କରିଥିଲେ। କ୍ରାଇମବ୍ରାଞ୍ଚ ଇନ୍ସପେକ୍ଟର ପର୍ଶୁରାମ ସାହୁ ଓ ଅତିରିକ୍ତ ଏସ୍‌ପି ▶ପୃଷ୍ଠା-୧୦

### ୪୫ଟି ସିସିଟିଭି ଫୁଟେଜ୍ ଯାଞ୍ଚ

## ନନ୍ଦନକାନନରେ ଓରାଙ୍ଗଉଟାନଙ୍କୁ ଶାସ୍ତ୍ରୀୟ ସଂଗୀତର ଥେରାପି

■ ବାରଙ୍ଗ, ୧୦।୯ (ସମିସ): ବାଲେଶ୍ୱର ଭୋଗରାଇ ବ୍ଲକ୍ ବଡପାଇ କାଜୁ ଜଙ୍ଗଲରୁ ଉଦ୍ଧାର ହୋଇଥିବା ୫ କୁନି ଓରାଙ୍ଗଉଟାନ୍ ଏବେ ନନ୍ଦନକାନନର



ନୂଆ ଆକର୍ଷଣ ସାଜିଛନ୍ତି। ମା'ଠାରୁ ଅଲଗା ହୋଇ ଭୟ ଓ ବିଚଳିତ ଅବସ୍ଥାରେ ଥିବା ଏହି ୫ କୁନି ଅତିଥିଙ୍କୁ ଶାନ୍ତ ରଖିବା ପାଇଁ ନନ୍ଦନକାନନ କର୍ତ୍ତୃପକ୍ଷ ଏକ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି। ସୂଚନା ଅନୁସାରେ, ଉଦ୍ଧାର ବେଳେ ଏହି ୫ ଶାବକ ଅତ୍ୟନ୍ତ ଭୟଭୀତ ଅବସ୍ଥାରେ ଥିଲେ। ସେମାନଙ୍କ ମାନସିକ ଅବସ୍ଥାକୁ ଦେଖି ବନ୍ୟଜୀବ ସ୍ୱାସ୍ଥ୍ୟକେନ୍ଦ୍ର (ସିବ୍ୟୁଟ୍) ହେଲ୍ଥ କମିଟି ତୁରନ୍ତ ରକ୍ତ ନମୁନା ନ ନେବାକୁ ପରାମର୍ଶ ଦେଇଛନ୍ତି। କମିଟିର ନିର୍ଦ୍ଦେଶ ଅନୁସାରେ, ଆସନ୍ତା ୧୦ ଦିନ ଯାଏଁ ସେମାନଙ୍କୁ ସମ୍ପୂର୍ଣ୍ଣ ଚାପମୁକ୍ତ ରଖାଯିବ। ଯାହାକୁ ନେଇ କର୍ତ୍ତୃପକ୍ଷ ଏହି ୧୦ ଦିନ ପାଇଁ ଦୁଇଟି ସ୍ୱତନ୍ତ୍ର ▶ପୃଷ୍ଠା-୧୦

# ବଜ୍ରପାତରେ ଟଳିପଡ଼ିଲେ ଚାଷୀ

■ ବାରିପଦା/ଶୁଳିଆପଦା, ୧୦।୯ (ସମିସ): ଆକସ୍ମିକ ବଜ୍ରପାତ ଯୋଗୁଁ ଶୁଳିଆପଦା ଥାନା କୋଷ୍ଟା ପଞ୍ଚାୟତ ଅଧୀନ ଜୁରକା ଗ୍ରାମର ଜନୈକ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ ଜୁରକା ଗ୍ରାମର ବୃଦ୍ଧ ସନ୍ତୋଷ କୁମାର ସି(୭୨) ଗୁରୁବାର ପୂର୍ବାହ୍ନରେ ଗ୍ରାମ ନିକଟସ୍ଥ ବିଲରେ ଚାଷ କାମ କରୁଥିବା ବେଳେ ପ୍ରବଳ ବର୍ଷା ସହ ଘଡଘଡି ମାରିଥିଲା ଏବଂ ସନ୍ତୋଷଙ୍କ ଉପରେ ବଜ୍ରପାତ ହୋଇଥିଲା। ଫଳରେ ତାଙ୍କ ବାମ ହାତ ଏବଂ ଡାହାଣ ଗୋଡ ପୋଡ଼ି କ୍ଷତାକ୍ତ ହେବାସହ ସେ ମୂର୍ଚ୍ଛା ହୋଇ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ସେଠାରୁ ଅଚେତ ଅବସ୍ଥାରେ ଉଦ୍ଧାର କରି କୋଷ୍ଟା ଡାକ୍ତରଖାନାକୁ ଆଣିଥିଲେ ହେଲେ ସେଠାରେ କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଶୁଳିଆପଦା ପୁଲିସ ଡାକ୍ତରଖାନା ପହଞ୍ଚି ମୃତଦେହ ଜବତ କରିବା ସହ ଏନେଇ ଶୁଳିଆପଦା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପାଇଁ ରଙ୍ଗାମାଟିଆ ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ସ୍ଥାନାନ୍ତର କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ୟୁଏଇ ଗସ୍ତର ଦ୍ୱିତୀୟ ଦିନ

# ୮,୪୧୭ କୋଟିର ନିବେଶ ପ୍ରସ୍ତାବ






■ ଭୁବନେଶ୍ୱର, ୧୦।୯ (ସମିସ): ୟୁଏଇ ଗସ୍ତର ଦ୍ୱିତୀୟ ଦିନରେ ଦୁବାଇରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୟୁଏଇ ନେତୃତ୍ୱ, ବିଶ୍ୱସ୍ତରୀୟ ନିବେଶକ, ଶିଳ୍ପ ପ୍ରତିନିଧି ଏବଂ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକ ସହିତ ଏକାଧିକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ଦ୍ୱିତୀୟ ଦିନରେ ୫ଟି ଏମଓୟୁ ଏବଂ ୮ଟି ନିବେଶ ଇଚ୍ଛାପତ୍ର ସ୍ୱାକ୍ଷରିତ ହୋଇଛି। ଯାହା ମିଳିତ ଭାବରେ ୮,୪୧୭ କୋଟି ଟଙ୍କାର ନିବେଶ ସମ୍ଭାବନା ଏବଂ ୧୪,୩୧୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି କରିବାର କ୍ଷମତା ରଖିଛି। ଏହି ନିବେଶଗୁଡ଼ିକ ମଧ୍ୟରେ ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ ଆଇଟି-ସକ୍ଷମ ସେବା, ରିଅଲ୍ ଏଷ୍ଟେଟ୍, ଲଜିଷ୍ଟିକ୍ସ, ଖାଦ୍ୟ ପ୍ରକ୍ରିୟାକରଣ, କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ, ଷ୍ଟିଲ ଏବଂ ଷ୍ଟିଲ ଡାଉନଷ୍ଟ୍ରିମ୍, ରେୟାର ଆର୍ଥସ୍, କେମିକାଲ୍ସ, ଆଲୁମିନିୟମ୍ ଏବଂ ସର୍କୁଲାର ଇକୋନୋମି ଭଳି ବିଭିନ୍ନ କ୍ଷେତ୍ର ରହିଛି।

ଦିନର ଶୁଭାରମ୍ଭ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ୟୁଏଇର କ୍ୟାବିନେଟ୍ ସଦସ୍ୟ ତଥା ▶ପୃଷ୍ଠା-୧୦

### ୟୁଏଇ ନେତୃତ୍ୱଙ୍କ ସହ ଉଚ୍ଚସ୍ତରୀୟ ବୈଠକ

### ବିଶ୍ୱସ୍ତରୀୟ ନିବେଶକଙ୍କ ସମ୍ମୁଖରେ ଓଡ଼ିଶାର ନିବେଶ ସୁଯୋଗ ଉପସ୍ଥାପନ

## ଓଲଟ ପାଲଟ



ସ୍ମାର୍ଟ ଫୋନ ନିଶା ପୁଅକୁ ଛାଡେନା  
ବାପାକୁ ହତ୍ୟା କରୁଛି,  
ଜମି ଜମା ଭାଗ ବଣ୍ଟା ଛିଡୁ ନାହିଁ  
ଭାଇ ଭାଇକୁ ମାରୁଛି !  
କିସ ଏ ଆଖି ଦେଖୁଛି !  
ପାଳି ପୋଷି ଯେଉଁ ବାପ ଯୋଗ୍ୟ କଲା  
ସେହି ପୁଅ ନେଇ  
ବୃଦ୍ଧାଶ୍ରମରେ ଛାଡୁଛି !  
ବାପାଟା କାନ୍ଦି ମରୁଛି !!

-ଯାଯାବର


## ପର୍ଣ୍ଣ ଅଭିନେତ୍ରୀ ଟିନା ନନ୍ଦୀଙ୍କ ଭିଡିଓ ଭାଇରାଲ

# କିଏ ସେହି ଏସ୍‌ପି ? କିଏ ସେହି କମ୍ପାନୀ ସିଇଓ ?

■ ଭୁବନେଶ୍ୱର, ୧୦।୯(ସମିସ): ପର୍ଣ୍ଣ ଅଭିନେତ୍ରୀ ତଥା ବୋଲ୍ଡ କଣ୍ଟେଣ୍ଟ ପାଇଁ ଖ୍ୟାତ ଟିନା ନନ୍ଦୀଙ୍କ ଏକ ଭିଡ଼ିଓ ଭାଇରାଲ ହେବା ପରେ ପୁଣି ବିବାଦରେ ରାଉରକେଲା ସରକାରୀ ସର୍କିଟ୍ ହାଉସ୍। ନିଜେ ଟିନା ଏହି ଭିଡ଼ିଓଟିକୁ ପୋଷ୍ଟ କରି ନୂଆବର୍ଷରେ ରାଉରକେଲା ସର୍କିଟ ହାଉସରେ ତାଙ୍କୁ ଆତିଥ୍ୟ ଦିଆଯାଇଥିବା କହିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ତାଙ୍କ ଭିଡ଼ିଓରେ ସେ ଏକ ଘରୋଇ କମ୍ପାନୀର ସିଇଓ ଓ ଜଣେ ଏସ୍‌ପିଙ୍କ କଥା ମଧ୍ୟ ଉଲ୍ଲେଖ କରିଛନ୍ତି। ଏକ ବିଶେଷ କାର୍ଯ୍ୟରେ ସେ ଆସିଥିବା ଓ ତାଙ୍କୁ ରାଜକୀୟ ସତ୍କାର କରାଯାଇଥିବା ମଧ୍ୟ କଥା ସେ କହିଛନ୍ତି। କମ୍ପାନୀର ସିଇଓ ନିଜେ ଝାରସୁଗୁଡ଼ା ବିମାନବନ୍ଦରରୁ ଅଡ଼ି ଗାଡ଼ି ଡ୍ରାଇଭ କରି ରାଉରକେଲା ସର୍କିଟ ହାଉସରେ ରଖାଇଥିବା କହିଛନ୍ତି। ତେବେ ନୂଆ ବର୍ଷରେ ଟିନାଙ୍କ ପରି ଜଣେ ପର୍ଣ୍ଣ ଅଭିନେତ୍ରୀଙ୍କୁ ଆତିଥ୍ୟର ଅର୍ଥ କ'ଣ? କାହା ନାମରେ ସର୍କିଟ ହାଉସରେ ସେଦିନ ସୁଇଟ୍ ବୁକ୍ କରାଯାଇଥିଲା? ଏଥିପାଇଁ କିଏ ସୁପାରିସ କରିଥିଲେ? କେଉଁ ଉଦ୍ଦେଶ୍ୟରେ

### ପୁଣି ବିବାଦରେ ରାଉରକେଲା ସର୍କିଟ୍ ହାଉସ୍

### ଟିନାଙ୍କ ଭିଡ଼ିଓକୁ ନେଇ ସାରା ରାଜ୍ୟରେ ଆଲୋଡ଼ନ



ଓ କାହା ରାତି ରଙ୍ଗୀନ କରିବା ପାଇଁ ଟିନାଙ୍କୁ ରାଉରକେଲା ଅଣା ଯାଇଥିଲା ଆଦି ଅନେକ ପ୍ରଶ୍ନ ଏବେ ଉଙ୍କି ମାରୁଛି ।

ଟିନା ନନ୍ଦୀ ଜଣେ ପର୍ଣ୍ଣ ଅଭିନେତ୍ରୀ। ତାଙ୍କ ସୋସିଆଲ ମିଡ଼ିଆ ହ୍ୟାଣ୍ଡଲରେ ସେ ନିଜର କିଛି ଫଟୋ ଓ ଭିଡ଼ିଓ ବି ପୋଷ୍ଟ କରିଛନ୍ତି। ଜଣେ ଓଡ଼ିଆ ପର୍ଣ୍ଣ ଅଭିନେତାଙ୍କ ସହ ତାଙ୍କର ଅନେକ ଭିଡ଼ିଓ ଥିବା ବି ଦେଖାଯାଇଛି। ନିକଟରେ ଟିନାଙ୍କର ଏକ ଭିଡ଼ିଓ ଭାଇରାଲ ହୋଇଛି। ଯଦିଓ ଏହା ପ୍ରାୟ ଦେଢ଼ ବର୍ଷ ତଳର ଭିଡ଼ିଓ; ତଥାପି ଏହାର ସ୍ଥାନ, କାଳ, ପାତ୍ରକୁ ଅନୁଧ୍ୟାନ କଲେ ଏହା ପଛରେ ଗହନ ରହସ୍ୟ ଥିବା ସ୍ପଷ୍ଟ ହୋଇଛି। ଏହି ଭିଡିଓରେ ଟିନା ରାଉରକେଲା ସର୍କିଟ୍ ହାଉସ୍‌କୁ ଦେଖାଇ ସେଠାରେ ସେ ରହୁଥିବା ଓ ଜଣେ କମ୍ପାନୀର ସିଇଓ ତାଙ୍କୁ ଆତିଥ୍ୟ ଦେଇଥିବା, ଜଣେ ଏସ୍‌ପିଙ୍କ ସହ ଏକ ପ୍ରୋଜେକ୍ଟରେ କାମ ପାଇଁ ଆସିଥିବା କହୁଛନ୍ତି। ▶ପୃଷ୍ଠା-୧୦

# ଟ୍ରେନ୍ ଧକ୍କାରେ ଦନ୍ତା ହାତୀ ମୃତ

■ ବିଷମ କଟକ, ୧୦।୯ (ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ଏବଂ ଥେରୁବାଲି ଷ୍ଟେସନ୍ ମଝିରେ ଥିବା ବଡ଼ ବୃନ୍ଦାବାଡ଼ି ନିକଟର ରେଳଧାରଣା କଡ଼ରୁ ଏକ ଦନ୍ତାହାତୀର ମୃତଦେହ ଉଦ୍ଧାର କରାଯାଇଛି। ବିଷମକଟକ ଷ୍ଟେସନରୁ ଥେରୁବାଲି ଅଭିମୁଖେ ଯାଉଥିବା ଏକ 'ବ୍ୟାଙ୍କର୍ ଲାଇଟ୍ ଇଞ୍ଜିନ୍' ସହ ଦନ୍ତା ହାତୀ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ହାତୀଟି ରେଳଧାରଣାରୁ ପ୍ରାୟ ୩ ମିଟର ଦୂରକୁ ଛିଟିକି ପଡ଼ି ପ୍ରାଣ ହରାଇଛି। ଘଟଣା ସଂକ୍ରାନ୍ତରେ ଖବର ପାଇ ଆଜି ମୁନିଗୁଡା ରେଞ୍ଜର ପ୍ରବୀଣ କୁମାର ଦାଶ, ବନପାଳ ଦିନବନ୍ଧୁ ଶବରଙ୍କ ଉପସ୍ଥିତିରେ ମୁନିଗୁଡା ଅତିରିକ୍ତ ଗୋଷ୍ଠୀ ପ୍ରାଣୀ ଚିକିତ୍ସକ ଡ.ସୌଦାମିନି ନାୟକ, ବିଷମ କଟକ ଭାରପ୍ରାପ୍ତ ଗୋଷ୍ଠୀ ପ୍ରାଣୀ ଚିକିତ୍ସକ ଡ.ରେବତୀ ରମଣ ମହାନ୍ତି ଏବଂ ଚନ୍ଦ୍ରପୁରର ଗୋଷ୍ଠୀ ପ୍ରାଣୀ ଚିକିତ୍ସକ ଡ.ଶଙ୍କର ହିଆଳ ମୃତ ହାତୀର ଶବ ବ୍ୟବଚ୍ଛେଦ କରିଛନ୍ତି। ହାତୀର ଦୁଇଟି ଦାନ୍ତକୁ କାଟି ବନ ବିଭାଗ ନିଜ ହେପାଜତରେ ରଖିଛି। ଶବକୁ ଖୋଲା ପଡିଆରେ ପୋତି ଦିଆଯାଇଛି। ୪ଟିକିଆ ହାତୀପଲ ବୃନ୍ଦାବାଡି ଗ୍ରାମ ରେଳ ଲାଇନ୍ ନିକଟରେ ରହିବା ସହ ଏହି ରେଳ ଧାରଣା ଦେଇ ଚଳପ୍ରଚଳ କରୁଥିବା ବନ ▶ପୃଷ୍ଠା-୧୦



## ଡ୍ରୋନ୍ ଆକ୍ରମଣରୁ ଅଳ୍ପକେ ବର୍ତ୍ତିଲା ଜେଲେନ୍ସ୍କିଙ୍କ ବିମାନ

ଓସ୍ଲୋ, ୧୦।୯(ଏଜେନ୍ସି): ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଦିମିର ଜେଲେନ୍ସ୍କିଙ୍କ ବିମାନ ମୋଲଡୋଭାରୁ ଉଡ଼ାଣ ଭରିବା ସମୟରେ ଡ୍ରୋନ୍ ଆକ୍ରମଣରୁ ଅଳ୍ପକେ ବର୍ତ୍ତିଥିବା ନରୱେ ପ୍ରଧାନମନ୍ତ୍ରୀ ଜୋନାସ ଗାହର୍ ଷ୍ଟୋରେ ଦାବି କରିଛନ୍ତି। ବୁଧବାର ଏକ ସାକ୍ଷାତକାରରେ ସେ କହିଛନ୍ତି, ବିମାନଟି ଉଡ଼ାଣ ଭରିବାକୁ ଯାଉଥିବା ବେଳେ



ଏକ ଡ୍ରୋନ୍ ଏହାର ନିକଟକୁ ଆସିଥିଲା। ଜେଲେନ୍ସ୍କି ନରୱେର ରାଜା ହାରାଲ୍ଡ ପଞ୍ଚମଙ୍କ ଅନ୍ତ୍ୟେଷ୍ଟିରେ ଯୋଗଦେବା ପାଇଁ ଓସ୍ଲୋ ଯାଉଥିଲେ। ଡ୍ରୋନ୍ ସତର୍କତା ଯୋଗୁଁ ତାଙ୍କ ବିମାନର ଉଡ଼ାଣ ବିଳମ୍ବିତ ହୋଇଥିଲା। ମୋଲଡୋଭା କର୍ତ୍ତୃପକ୍ଷ ମଧ୍ୟ ଦେଶରେ ଏକ ରୁଷୀୟ ଡ୍ରୋନ୍ ଖସିପଡ଼ିଥିବା ନିଶ୍ଚିତ କରିଛନ୍ତି। ଏହାପରେ ଜେଲେନ୍ସ୍କିଙ୍କ ବିମାନକୁ ଉଡ଼ାଣ ପାଇଁ ଅନୁମତି ଦିଆଯାଇଥିଲା। ଡ୍ରୋନ୍ ସତର୍କତା ପରେ ଚିସିନାଉ ଅନ୍ତର୍ଜାତୀୟ ବିମାନବନ୍ଦରରୁ କିଛି ସମୟ ପାଇଁ ଆକାଶପଥ ମଧ୍ୟ ବନ୍ଦ କରାଯାଇଥିଲା। ତେବେ ଏହା ଜେଲେନ୍ସ୍କିଙ୍କ ବିମାନକୁ ଲକ୍ଷ୍ୟ କରିଥିଲା ବୋଲି ଏବେଠାରୁ କହିବା ଠିକ୍ ହେବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

## ଠକେଇ ଅଭିଯୋଗ ପରେ ପଦ ଛାଡ଼ିଲେ ହାସିନାଙ୍କ ଝିଅ

ନୂଆଦିଲ୍ଲୀ, ୧୦।୯(ଏଜେନ୍ସି): ବାଂଲାଦେଶର ବହିଷ୍କୃତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ଝିଅ ତଥା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ)ର ଦକ୍ଷିଣ-ପୂର୍ବ ଏସିଆ ଆଞ୍ଚଳିକ ନିର୍ଦ୍ଦେଶିକା ସାଇମା ୱାଜେଦ ବୁଧବାର ଇସ୍ତଫା ଦେଇଛନ୍ତି। ଠକେଇ ଓ ଜାଲିଆତି ଅଭିଯୋଗରେ ଡବ୍ଲ୍ୟୁଏଚ୍ଓ ଏବଂ ବାଂଲାଦେଶ କର୍ତ୍ତୃପକ୍ଷଙ୍କ ତଦନ୍ତ ମଧ୍ୟରେ ସେ ପଦ ଛାଡ଼ିଛନ୍ତି। ୨୦୨୪ ଆରମ୍ଭରେ ପାଞ୍ଚ ବର୍ଷ ପାଇଁ ଏହି ପଦରେ ନିଯୁକ୍ତ ହୋଇଥିବା ୱାଜେଦଙ୍କୁ ୨୦୨୫ରେ ଡବ୍ଲ୍ୟୁଏଚ୍ଓ ଦରମାବିହୀନ ପ୍ରଶାସନିକ ଛୁଟିରେ ପଠାଇଥିଲା। ଚୀନ୍ ଯାତ୍ରା ସମ୍ପର୍କିତ ଆର୍ଥିକ ଅନିୟମିତତା ଏବଂ ଶିକ୍ଷାଗତ ଯୋଗ୍ୟତା



ସମ୍ପର୍କରେ ଭୁଲ ତଥ୍ୟ ଦେବା ନେଇ ତାଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ୱାଜେଦ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ବାଂଲାଦେଶରେ ଜମି ଅବୈଧ ଭାବେ ହାସଲ କରିଥିବା ନେଇ ମଧ୍ୟ ଅଭିଯୋଗ ରହିଛି। ତେବେ ସେ କହିଛନ୍ତି, ଡବ୍ଲ୍ୟୁଏଚ୍ଓ'ରେ ଯୋଗଦେବା ପୂର୍ବରୁ ଜମି ହାସଲ କରିଥିଲେ ଏବଂ ଦେଶର ଆଇନ ଅନୁସାରେ ସେ ଏଥିପାଇଁ ଅଧିକାରୀ ଥିଲେ। ଦୀର୍ଘ ସମୟ ଧରି ଦରମା ନ ମିଳିବା କଥା ସେ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି।

## ସମସ୍ତ ଏୟାରଲାଇନ୍ସ ପାଇଲଟଙ୍କ ହେବ ଡ୍ରଗ୍ସ ପରୀକ୍ଷା

ନୂଆଦିଲ୍ଲୀ, ୧୦।୯(ଏଜେନ୍ସି): ଏୟାର ଇଣ୍ଡିଆ ବିମାନରେ ଡ୍ରଗ୍ସ ବ୍ୟବହାର ଘଟଣା ସାମ୍ନାକୁ ଆସିବା ପରେ ସମସ୍ତ ଏୟାରଲାଇନ୍ସର ପାଇଲଟଙ୍କ ଡ୍ରଗ୍ସ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛି ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)। ଆସନ୍ତା ବର୍ଷ ଜୁଲାଇ ସୁଦ୍ଧା ଏହି ପରୀକ୍ଷା ସମ୍ପୂର୍ଣ୍ଣ କରିବାକୁ ସମସ୍ତ ଏୟାରଲାଇନ୍ସକୁ କୁହାଯାଇଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ ରାମମୋହନ ନାଇଡୁ କହିଛନ୍ତି, ପାଇଲଟଙ୍କ ମାଦକ ଓ ନିଷିଦ୍ଧ ପଦାର୍ଥ ପରୀକ୍ଷା ସମ୍ପର୍କିତ ନୂଆ ନିୟମର ଖସଡ଼ା ଚଳିତ ମାସ ଶେଷ ସୁଦ୍ଧା ପ୍ରସ୍ତୁତ ହେବ। ଏନେଇ ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା ଚାଲିଛି। ଅଗଷ୍ଟ ୪ରେ ଏୟାର ଇଣ୍ଡିଆର ଫୁକେଟ୍-ଦିଲ୍ଲୀ ବିମାନ ପ୍ରାୟ ୩୦୦ ଫୁଟ୍ ତଳକୁ ଖସିଆସିଥିଲା। ଏହାର ପ୍ରଭାବରେ ୨୪ ଜଣ ଯାତ୍ରୀ ଆହତ ହୋଇଥିଲେ। ଏହା ଘଟଣା ପରଠାରୁ ଡ୍ରଗ୍ସ ପରୀକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଉଛି।

## ଫେରିରେ ଭୟାବହ ଅଗ୍ନିକାଣ୍ଡ: ୫ ମୃତ, ୮୭ ନିଖୋଜ

ମାନିଲା, ୧୦।୯(ଏଜେନ୍ସି): ଫିଲିପାଇନ୍ସର ପାଲାୱାନ୍ ଉପକୂଳ ନିକଟ ସମୁଦ୍ରରେ ଏକ ଯାତ୍ରୀବାହୀ ଫେରିରେ ବୁଧବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଅତିକମ୍‌ରେ ୫ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୮୭ ଜଣ ନିଖୋଜ ଥିବା ଜଣାପଡ଼ିଛି। ଉଦ୍ଧାରକାର୍ଯ୍ୟ ଜାରି ରହିଛି। ଫିଲିପାଇନ୍ସ କୋଷ୍ଟଗାର୍ଡ ଅନୁଯାୟୀ, ଏମ୍‌ଭି ଜୁନ୍ ଏଷ୍ଟର ନାମକ ଫେରିଟି ମାନିଲାରୁ ଯାତ୍ରା କରି ପାଲାୱାନ୍ ପ୍ରଦେଶର କୋରୋନ୍ ନିକଟରେ ଥିବାବେଳେ ଏଥିରେ ନିଆଁ ଲାଗିଥିଲା। ଫେରିରେ ୧୧୭ ଯାତ୍ରୀ ଓ ୧୭ ଜଣ କର୍ମଚାରୀଙ୍କ ସମେତ ମୋଟ ୧୩୪ ଜଣ ଥିଲେ। କୋଷ୍ଟଗାର୍ଡର ମୁଖପାତ୍ର କମୋଡୋର ନୋଏମି କାୟାବୟାବ କହିଛନ୍ତି, ଏପର୍ଯ୍ୟନ୍ତ ୪୨ ଜଣଙ୍କୁ ଉଦ୍ଧାର କରାଯାଇଛି।

## ଅସୁସ୍ଥତା ଦର୍ଶାଇ ଉଡ଼ାଣ ପାଇଁ ମନା କଲେ ଇଣ୍ଡିଗୋ ପାଇଲଟ୍

ବାରାଣସୀ, ୧୦।୯(ଏଜେନ୍ସି): ବାରାଣସୀ ବିମାନବନ୍ଦରରୁ ମୁମ୍ବାଇ ଯିବାକୁ ଥିବା ଇଣ୍ଡିଗୋ ବିମାନ ୬ଇ ୬୫୪୪ର ପାଇଲଟ୍ ଅସୁସ୍ଥତା ଦର୍ଶାଇ ବିମାନ ଚଳାଇବାକୁ ମନା କରିବା ପରେ ଯାତ୍ରୀମାନେ ହଙ୍ଗାମା କରିଛନ୍ତି। ବୋର୍ଡିଂ ପୂର୍ବରୁ ହିଁ ପାଇଲଟ୍ ବିମାନ ଚଳାଇବେ ନାହିଁ ବୋଲି ଯାତ୍ରୀଙ୍କୁ ସୂଚନା ଦିଆଯାଇଥିଲା। ଯାତ୍ରୀମାନେ ସୁରକ୍ଷା ଯାଞ୍ଚ ଶେଷ କରି ବୋର୍ଡିଂ ପାଇଁ ଅପେକ୍ଷା କରୁଥିବା ବେଳେ ବିମାନ ସମ୍ପର୍କରେ ସ୍ପଷ୍ଟ ସୂଚନା ନ ମିଳିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ଏୟାରଲାଇନ୍ସ ପକ୍ଷରୁ ଠିକ୍ ସମୟରେ ସୂଚନା ଦିଆଯାଇନଥିବା ଯାତ୍ରୀମାନେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ସମ୍ପୃକ୍ତ ପାଇଲଟ୍‌ଙ୍କ ନିର୍ଦ୍ଧାରିତ ଡ୍ୟୁଟି ସମୟ ମଧ୍ୟ ଶେଷ ହୋଇଥିଲା। ଯାତ୍ରୀଙ୍କ ବିରୋଧ ପରେ ଇଣ୍ଡିଗୋ ପକ୍ଷରୁ ବିକଳ୍ପ କ୍ରୁ ବ୍ୟବସ୍ଥା କରାଯାଉଥିବା ଜଣାପଡ଼ିଛି।

## ଭୋଟରଙ୍କୁ ଲାଞ୍ଚ ଯାଚିଲେ ଟ୍ରମ୍ପ



### ରିପବ୍ଲିକାନ୍ ପାର୍ଟି ଜିତିଲେ ପ୍ରତ୍ୟେକ ଆମେରିକୀୟଙ୍କୁ ମିଳିବ ୫ ଲକ୍ଷ ଟଙ୍କା

ୱାସିଂଟନ, ୧୦।୯(ଏଜେନ୍ସି): ନଭେମ୍ବରରେ ହେବାକୁ ଥିବା ମଧ୍ୟବର୍ତ୍ତୀ ନିର୍ବାଚନରେ ରିପବ୍ଲିକାନ୍ ପାର୍ଟି ପ୍ରତିନିଧି ସଭା ଓ ସିନେଟ୍ ଉଭୟରେ ନିଜର ସଂଖ୍ୟା ଗରିଷ୍ଠତା ବଜାୟ ରଖିଲେ ପ୍ରତ୍ୟେକ ପ୍ରାପ୍ତବୟସ୍କ ଆମେରିକୀୟଙ୍କୁ ୫,୦୦୦ ଡଲାର୍ (ପ୍ରାୟ ୪.୭୬ ଲକ୍ଷ ଟଙ୍କା) ଦିଆଯିବ ବୋଲି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି। ଡାଲାସ୍‌ରେ ଆୟୋଜିତ ରିପବ୍ଲିକାନ୍ ସମ୍ମିଳନୀରେ ଟ୍ରମ୍ପ କହିଛନ୍ତି, ରିପବ୍ଲିକାନ୍ ପାର୍ଟି ପ୍ରତିନିଧି ସଭା ଓ ସିନେଟ୍ ଉଭୟରେ ବିଜୟୀ ହେଲେ ପ୍ରତ୍ୟେକଙ୍କୁ ୫,୦୦୦ ଡଲାର୍ ମିଳିବ। ଟ୍ରମ୍ପ ଏହି ପ୍ରସ୍ତାବିତ ରାଶିକୁ 'ଟ୍ରମ୍ପ ଡିଭିଡେଣ୍ଡ' ନାମ ଦେଇଛନ୍ତି। ଆମେରିକାର ଆର୍ଥିକ ଶକ୍ତି ଓ ସଫଳତା ସହ ସେ ଏହାକୁ ଯୋଡ଼ିଛନ୍ତି। ଟ୍ରମ୍ପଙ୍କ କହିବା ଅନୁଯାୟୀ, ଏହି ଟଙ୍କା ଆମେରିକା ମଧ୍ୟରେ ହିଁ ଖର୍ଚ୍ଚ କରିବାକୁ ପଡ଼ିବ। ତେବେ ଏହି ଯୋଜନା ପାଇଁ ଅର୍ଥ କେଉଁଠାରୁ ଆସିବ, କେଉଁମାନେ ଏହାର ଯୋଗ୍ୟ ହେବେ ଏବଂ ଟଙ୍କା କିପରି ବଣ୍ଟନ କରାଯିବ—ସେ ସମ୍ପର୍କରେ ଟ୍ରମ୍ପ କୌଣସି ବିସ୍ତୃତ ସୂଚନା ଦେଇନାହାନ୍ତି। ଆମେରିକାରେ ପ୍ରାୟ ୨୬.୯୮ କୋଟି ପ୍ରାପ୍ତବୟସ୍କ ନାଗରିକ ଅଛନ୍ତି। ପ୍ରତ୍ୟେକଙ୍କୁ ୫,୦୦୦ ଡଲାର୍ ଦିଆଗଲେ ସରକାରଙ୍କୁ ପ୍ରାୟ ୧.୩୫ ଟ୍ରିଲିୟନ୍ ଡଲାର୍ ବା ୧୨୭.୫୪ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ତେବେ ଏହି ଯୋଜନା କାର୍ଯ୍ୟକାରୀ କରିବାକୁ ଆମେରିକୀୟ କଂଗ୍ରେସର ଅନୁମୋଦନ ଆବଶ୍ୟକ ହେବ। ଏହା ସମସ୍ତ ପ୍ରାପ୍ତବୟସ୍କ ବାସିନ୍ଦାଙ୍କୁ ମିଳିବ କି କେବଳ ନିର୍ଦ୍ଦିଷ୍ଟ ବର୍ଗର ଆମେରିକୀୟଙ୍କୁ ଦିଆଯିବ, ସେନେଇ ଟ୍ରମ୍ପ ସ୍ପଷ୍ଟ କରିନାହାନ୍ତି। ଏହା କେବେ ଓ କିପରି ପ୍ରଦାନ କରାଯିବ, ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ। ଟ୍ରମ୍ପଙ୍କ ଏହି ପ୍ରସ୍ତାବ ଏଭଳି ସମୟରେ ଆସିଛି, ଯେତେବେଳେ ଆମେରିକାର ବାର୍ଷିକ ବଜେଟ୍ ନିଅଣ୍ଟ ପ୍ରାୟ ୧.୮ ଟ୍ରିଲିୟନ୍ ଡଲାର୍ ରହିଛି। ଏତେ ବଡ଼ ରାଶି ବଣ୍ଟନ କରାଗଲେ ସରକାରଙ୍କ ଆର୍ଥିକ ନିଅଣ୍ଟ ଓ ମୁଦ୍ରାସ୍ଫୀତିକୁ ନେଇ ଚିନ୍ତା ବଢ଼ିପାରେ। ଗତ ମାସରେ ଆମେରିକାର ଜାତୀୟ ଋଣ ପ୍ରଥମ ଥର ପାଇଁ ୪୦ ଟ୍ରିଲିୟନ୍ ଡଲାର୍ ଅତିକ୍ରମ କରିଥିଲା। ଟ୍ରମ୍ପଙ୍କ ଘୋଷଣାର ପ୍ରାୟ ଏକ ଘଣ୍ଟା ପରେ ଉପରାଷ୍ଟ୍ରପତି ଜେଡି ଭାନ୍ସ କହିଛନ୍ତି, ଧନୀ ବର୍ଗର ଲୋକେ ଏହି ଡିଭିଡେଣ୍ଡରୁ ଲାଭ ପାଇବେ ନାହିଁ। ଭାନ୍ସଙ୍କ କହିବା ଅନୁଯାୟୀ, ସରକାର ଆଦାୟ କରୁଥିବା ଶୁଳ୍କ ରାଜସ୍ୱକୁ ଏହି ଟଙ୍କା ପ୍ରଦାନ ପାଇଁ ବ୍ୟବହାର କରାଯାଇପାରେ। ତେବେ ଶୁଳ୍କରୁ ଆଦାୟ ହେଉଥିବା ରାଜସ୍ୱ ୫,୦୦୦ ଡଲାର୍ ହିସାବରେ ପ୍ରତ୍ୟେକ ପ୍ରାପ୍ତବୟସ୍କଙ୍କୁ ଟଙ୍କା ଦେବା ପାଇଁ ଆବଶ୍ୟକ ଅନୁମାନିତ ରାଶିଠାରୁ ଯଥେଷ୍ଟ କମ୍। ଆମେରିକୀୟ ନାଗରିକଙ୍କୁ ସିଧାସଳଖ ଟଙ୍କା ପ୍ରଦାନ ନେଇ ଟ୍ରମ୍ପ ପୂର୍ବରୁ ମଧ୍ୟ ମତ ଦେଇଛନ୍ତି। ଚଳିତ ବର୍ଷ ପ୍ରାରମ୍ଭରେ ସେ ପ୍ରତ୍ୟେକ ନାଗରିକଙ୍କୁ ୨,୦୦୦ ଡଲାର୍‌ର ଡିଭିଡେଣ୍ଡ ଦେବା ପ୍ରସ୍ତାବ ରଖିଥିଲେ। ସେତେବେଳେ ଏଥିପାଇଁ କଂଗ୍ରେସର ଅନୁମୋଦନ ଆବଶ୍ୟକ ନଥିବା ସେ କହିଥିଲେ। ଗତବର୍ଷ ଟ୍ରମ୍ପ ଆମେରିକୀୟ ସେନାର ଯବାନମାନଙ୍କୁ ୧,୭୭୬ ଡଲାର୍ ପ୍ରଦାନ କରିଥିଲେ। ଏହାକୁ ସେ 'ୱାରିଅର୍ ଡିଭିଡେଣ୍ଡ' ବୋଲି କହିଥିଲେ।

## ଭରଦ୍ୱାଜ ମାମଲାରେ ସୁପ୍ରିମକୋର୍ଟ କ୍ଷୁବ୍ଧ

- କକ୍ରୋଚ୍ ଆନ୍ଦୋଳନକାରୀଙ୍କ ଉପରେ ଆକ୍ରମଣ ଗ୍ରହଣୀୟ ନୁହେଁ
- ନାବାଳିକାକୁ ଆକ୍ରମଣ ମାମଲାରେ ଷ୍ଟାଟସ ରିପୋର୍ଟ ତଲବ
- ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦେଲେ କୋର୍ଟ



ନୂଆଦିଲ୍ଲୀ, ୧୦।୯(ଏଜେନ୍ସି): ଗତ ଜୁଲାଇ ମାସରେ ଦିଲ୍ଲୀରେ କକ୍ରୋଚ ଜନତା ପାର୍ଟି ପକ୍ଷରୁ କରାଯାଇଥିବା ଆନ୍ଦୋଳନରେ ସାମିଲ ହୋଇଥିବା ଜଣେ ୧୪ ବର୍ଷୀୟା ନାବାଳିକା ଛାତ୍ରୀଙ୍କୁ ହଇରାଣ କରାଯାଇଛି। ତାଙ୍କ ପିତାଙ୍କୁ ଆକ୍ରମଣ କରାଯିବା ସହିତ ତାଙ୍କ ଘରେ ପଶି ଦୁର୍ବୃତ୍ତମାନେ ଭଙ୍ଗାରୁଜା କରିଛନ୍ତି। ଏହି ଘଟଣାରେ ଦକ୍ଷିଣପନ୍ଥୀ ୟୁଟ୍ୟୁବର ସ୍ୱତନ୍ତ୍ର ଭରଦ୍ୱାଜ ସଂପୃକ୍ତ ରହିଛି। ତାର ସମର୍ଥମାନେ ଛାତ୍ରୀ ପରିବାରକୁ ନିର୍ଯାତନା ଦେଉଛନ୍ତି। ଏହାକୁ ନେଇ ସୁପ୍ରିମକୋର୍ଟ ଭୀଷଣ ବିରକ୍ତି ପ୍ରକାଶ କରି କହିଛନ୍ତି ଯେ ନିର୍ଯାତନାର ଶିକାର ହୋଇ ନ୍ୟାୟ ଦାବି କରୁଥିବା ଛାତ୍ରୀ ଓ ତାର ପରିବାରକୁ ଏଭଳି ହଇରାଣ କରାଯାଇପାରିବ ନାହିଁ। ଅଭିଯୁକ୍ତ ବିରୋଧରେ କଣ କାର୍ଯ୍ୟାନୁଷ୍ଠାନ ହୋଇଛି, ତାହାର ରିପୋର୍ଟ ତଲବ କରିଛନ୍ତି ସର୍ବୋଚ୍ଚ ଅଦାଲତ। ଏହାସହିତ ସଂପୃକ୍ତ ଛାତ୍ରୀ ଓ ତାର ପରିବାରକୁ ଆବଶ୍ୟକ ସୁରକ୍ଷା ଯୋଗାଇବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।

ସିଜେପି ଆନ୍ଦୋଳନରେ ସାମିଲ ହୋଇଥିବା ଛାତ୍ରୀ ପକ୍ଷରୁ ଜଣେ ଆଡଭୋକେଟ୍ ଆଜି ଏ ସଂପର୍କରେ ପ୍ରଧାନ ବିଚାରପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ କହିଥିଲେ ଯେ ଛାତ୍ରୀଙ୍କ ପିତାଙ୍କୁ ଆକ୍ରମଣ କରିଥିବା ଭରଦ୍ୱାଜ ସ୍ୱୀକାର କରିଛି। ତା ବିରୋଧରେ ଉକ୍ତ ଛାତ୍ରୀ ଥାନାରେ ଏଫଆଇଆର ଦାଖଲ କରିବା ପରେ ଭରଦ୍ୱାଜ ଓ ତାର ସମର୍ଥକଙ୍କ ଦ୍ୱାରା ଛାତ୍ରୀ ଓ ତା ପରିବାରକୁ ହଇରାଣ କରାଯାଉଛି। ତାଙ୍କ ଘରେ ପଶି ଭଙ୍ଗାରୁଜା କରାଯାଉଛି। ଏହି ସମୟରେ ପ୍ରଧାନବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ କହିଲେ ଯେ ଏଭଳି ଘଟଣାକୁ ହାଲୁକା ଭାବେ ଗ୍ରହଣ କରାଯାଇପାରିବ ନାହିଁ। ହିଂସା ଘଟାଇ ଜଣେ ଅଭିଯୁକ୍ତ ବାହାରେ ଆରାମରେ ବୁଲିପାରିବ ନାହିଁ। ଅଭିଯୁକ୍ତ ବିରୋଧରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସେ ସଂପର୍କରେ ଦିଲ୍ଲୀ ପୁଲିସ ଠାରୁ ରିପୋର୍ଟ ମାଗିଛନ୍ତି ସୁପ୍ରିମକୋର୍ଟ।

ସୂଚନାଯୋଗ୍ୟ ଯେ ନିଜକୁ ସରକାରୀ ନେତା ଓ ପୁଲିସର ଖାସ ଲୋକ କହୁଥିବା ଭରଦ୍ୱାଜ କହିଥିଲା ଯେ ସେ ଛାତ୍ରୀଙ୍କ ପିତାଙ୍କ ଉପରେ ଆକ୍ରମଣ କରି ତାଙ୍କର ମୁଣ୍ଡ ଫଟାଇଥିଲା। ସେ ଜଣେ ପ୍ରଭାବଶାଳୀ ହୋଇଥିବାରୁ ତାର କେହି କିଛି କରିପାରିବେ ନାହିଁ। ଏହାସତ୍ତ୍ୱେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାରୁ ସିଜେପି ପକ୍ଷରୁ ଏହାର ପ୍ରତିବାଦ କରାଯାଇଥିଲା। ପ୍ରବଳ ଚାପ ପରେ ପୁଲିସ ତାକୁ ଉତ୍ତର ପ୍ରଦେଶରୁ ଗିରଫ କରିବା ସହିତ ତା ବିରୋଧରେ ଏସ୍‌ସି/ଏସ୍‌ଟି ମାମଲା ଦାୟର କରିଛି।

## ନୋଏଡ଼ା ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ସସପେଣ୍ଡ

ନୂଆଦିଲ୍ଲୀ, ୧୦।୯(ଏଜେନ୍ସି): ସୁପ୍ରିମ କୋର୍ଟ ଅସନ୍ତୋଷ ପ୍ରକାଶ କରିବା ପରେ ଉତ୍ତର ପ୍ରଦେଶ ସରକାର ନୋଏଡ଼ାର ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କୁ ସସପେଣ୍ଡ କରିଛନ୍ତି। ସୁପ୍ରିମ କୋର୍ଟ ଆଦେଶକୁ ଖାତିର ନ କରି ସେ ଆନ୍ଦୋଳନକାରୀ ଛାତ୍ର ତଥା ଏସଏଫଆଇ ନେତା ଅକ୍ଷତ ତ୍ରିପାଠୀଙ୍କୁ ନୋଟିସ ଜାରିବା ସହିତ ୫ ଲକ୍ଷ ଟଙ୍କାର ନୋଟିସ ଜାରି କରିଥିଲେ। ଗତକାଲି ସୁପ୍ରିମ କୋର୍ଟ ଏହାକୁ ନେଇ କ୍ଷୋଭ ପ୍ରକାଶ କରିବା ସହିତ ସେ କାହିଁକି ଏଭଳି ନୋଟିସ ଜାରି କରିଥିଲେ ବୋଲି ପ୍ରଶ୍ନ କରିଥିଲେ। ଆଜି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠରେ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ହାଜର ହୋଇ ଜଣାଇଥିଲେ ଯେ ନୋଟିସ ଜାରିଥିବା ନୋଏଡାର ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟଙ୍କୁ ସସପେଣ୍ଡ କରାଯାଇଛି। ଯନ୍ତରମନ୍ତର ଆନ୍ଦୋଳରେ ଯୋଗଦେଇଥିବାରୁ ଛାତ୍ର ନେତାଙ୍କୁ ନାଟିସ ଜାରି କରାଯାଇଥିଲା।

## ବିବାଦ ପରେ ପୁତୁରା ଆକାଶ ଆନନ୍ଦଙ୍କୁ ବହିଷ୍କାର କଲେ ମାୟାବତୀ

ଲକ୍ଷ୍ନୌ, ୧୦।୯(ଏଜେନ୍ସି): ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସୁପ୍ରିମୋ ମାୟାବତୀ ତାଙ୍କ ପୁତୁରା ଆକାଶ ଆନନ୍ଦଙ୍କୁ ପୁଣି ଥରେ ଦଳରୁ ବହିଷ୍କାର କରିଛନ୍ତି। ଆକାଶ ନିଜ ଶ୍ୱଶୁର ଅଶୋକ ସିଦ୍ଧାର୍ଥଙ୍କୁ ଦଳ ଅପେକ୍ଷା ଅଧିକ ଗୁରୁତ୍ୱ ଦେଉଥିବା ଅଭିଯୋଗ କରି ମାୟାବତୀ ଏହି ପଦକ୍ଷେପ ନେଇଛନ୍ତି। ଅଶୋକ ସିଦ୍ଧାର୍ଥ ରାଜନୀତିରୁ ଅବସର ନେବା ଘୋଷଣା କରିବାର କିଛି ଘଣ୍ଟା ପରେ ଏହି ନିଷ୍ପତ୍ତି ଆସିଛି। ମାୟାବତୀ ସୋସିଆଲ ମିଡିଆ 'ଏକ୍ସ'ରେ କହିଛନ୍ତି ଯେ, ଆକାଶ ତାଙ୍କ ଶ୍ୱଶୁରଙ୍କ ସହ ଅଧିକ ଘନିଷ୍ଠ ଥିଲେ। ସେପ୍ଟେମ୍ବର ୩ ପରଠାରୁ ଆକାଶ ତାଙ୍କ କୌଣସି ପୋଷ୍ଟ ମଧ୍ୟ ପୁନଃପ୍ରକାଶ କରି ନ ଥିଲେ। ତେଣୁ ଦଳରେ ସ୍ୱାଧୀନ



ଭାବେ କାମ କରିବାକୁ ଚାହୁଁଥିଲେ ସେ ଏବେ ସ୍ୱାଧୀନ ଭାବେ ରହିପାରିବେ ବୋଲି ମାୟାବତୀ କହିଛନ୍ତି। ଏହାର ପ୍ରାୟ ୩ ଘଣ୍ଟା ପୂର୍ବରୁ ଅଶୋକ ସିଦ୍ଧାର୍ଥ ତାଙ୍କ ଜ୍ୱାଇଁ ଆକାଶଙ୍କ ସମର୍ଥନରେ ରାଜନୀତିରୁ ଅବସର ନେବା ଘୋଷଣା କରିଥିଲେ। ଏହାପୂର୍ବରୁ ମାୟାବତୀ ଆକାଶଙ୍କୁ ଦଳରେ ପୁନଃଦାୟିତ୍ୱ ଦେବା ପାଇଁ ଅଶୋକ ସିଦ୍ଧାର୍ଥଙ୍କ ରାଜନୀତିରୁ ସମ୍ପୂର୍ଣ୍ଣ ଅବସର ନେବାକୁ ସର୍ତ୍ତ ରଖିଥିଲେ।

## ଟିଏମ୍‌ସି ନେତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ

ହାୱଡ଼ା, ୧୦।୯(ଏଜେନ୍ସି): ତୃଣମୂଳ କଂଗ୍ରେସର ଜଣେ ମହିଳା ନେତ୍ରୀ ନିଜ ଘରେ ଫାଶୀ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ହାୱଡ଼ାର ୧୨ ନମ୍ବର ୱାର୍ଡର ଟିଏମ୍‌ସି ମହିଳା ୱାର୍ଡ ସଭାପତି ଜୟଶ୍ରୀ ପାରହାଲଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଏକ ଘରୋଇ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇଛି। ତାଙ୍କ ଘରୁ ସୁଇସାଇଡ୍ ନୋଟ୍ ମିଳିଥିବା ମଧ୍ୟ ଜଣାପଡ଼ିଛି। ଏହି ଘଟଣା ଗୋଲାବାଡ଼ି ଥାନା ଅଞ୍ଚଳରେ ଘଟିଛି। ଟିଏମ୍‌ସି ଛାଡ଼ି ବିଜେପିରେ ଯୋଗ ଦେଇଥିବା କିଛି ଲୋକଙ୍କ ପକ୍ଷରୁ ଜୟଶ୍ରୀ ଓ ତାଙ୍କ ପରିବାରକୁ ଲଗାତାର ଧମକ ଓ ମାନସିକ ନିର୍ଯାତନା ଦିଆଯାଉଥିବା ତାଙ୍କ ସ୍ୱାମୀ ଗୋରାଚାନ୍ଦ ପାରହାଲ ଅଭିଯୋଗ କରିଛନ୍ତି। ଗୋରାଚାନ୍ଦଙ୍କ ଅଭିଯୋଗ ଅନୁଯାୟୀ, ମେ'



୪ ପରଠାରୁ ପରିବାରକୁ ଅଞ୍ଚଳ ଦଖଲ ନେଇ ଧମକ ଦିଆଯାଉଥିଲା। ଏପରିକି ତାଙ୍କୁ ହତ୍ୟା କରିବା ଓ ପୁଅମାନଙ୍କୁ ମଧ୍ୟ ଛାଡ଼ିବେ ନାହିଁ ବୋଲି ଧମକ ମିଳିଥିବା ସେ କହିଛନ୍ତି। ଏହାକୁ ନେଇ ଜୟଶ୍ରୀ ଅତ୍ୟନ୍ତ ଭୟଭୀତ ଓ ମାନସିକ ଚାପରେ ଥିଲେ ବୋଲି ତାଙ୍କ ସ୍ୱାମୀ ଦାବି କରିଛନ୍ତି। ଅନ୍ୟପକ୍ଷରେ, ଜୟଶ୍ରୀ ହସ୍ପିଟାଲରେ ଭର୍ତ୍ତି ହେବା ପରେ ଗୋରାଚାନ୍ଦ ଗୋଲାବାଡ଼ି ଥାନାରେ ଅଭିଯୋଗ କରିବାକୁ ଯାଇଥିଲେ। ପୁଲିସ ତାଙ୍କ ଅଭିଯୋଗ ଗ୍ରହଣ କରିନଥିବା ସେ ଅଭିଯୋଗ କରିଛନ୍ତି।

## ନନ୍ଦନ ନିଲେକାନିଙ୍କ ପରିବାରକୁ ଏସ୍ଆଇଆର୍ ନୋଟିସ୍!



ବେଙ୍ଗାଲୁରୁ, ୧୦।୯(ଏଜେନ୍ସି): ଇନ୍‌ଫୋସିସ୍‌ର ସହ-ପ୍ରତିଷ୍ଠାତା ନନ୍ଦନ ନିଲେକାନି ଓ ତାଙ୍କ ପରିବାର ସଦସ୍ୟଙ୍କ ନାମ କର୍ଣ୍ଣାଟକରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍)ର 'ବିସଙ୍ଗତି ତାଲିକା'ରେ ସ୍ଥାନ ପାଇଛି। ତେଣୁ ଦସ୍ତାବିଜ ଯାଞ୍ଚ ପର୍ଯ୍ୟାୟରେ ନିଲେକାନି ଓ ତାଙ୍କ ପରିବାରକୁ ନୋଟିସ୍ ମିଳିପାରେ। ୭୧ ବର୍ଷୀୟ ନନ୍ଦନ, ତାଙ୍କ ପତ୍ନୀ ରୋହିଣୀ ନିଲେକାନି (୬୭) ଏବଂ ଦୁଇ ସନ୍ତାନ ଜାହ୍ନବି ନନ୍ଦନ ନିଲେକାନି (୩୮) ଓ ନିହାର ନିଲେକାନି (୩୬)ଙ୍କ ନାମ '୨୦୦୨ର ଶେଷ ଏସ୍ଆଇଆର୍ ସହ ମ୍ୟାପ୍ ହୋଇନଥିବା' ଶ୍ରେଣୀରେ ରହିଛି। ଅଧିକାରୀଙ୍କ ଅନୁସାରେ, ୨୦୦୨ର ଭୋଟର ତାଲିକାରେ ନଥିବା ଭୋଟରଙ୍କୁ ଏହି ଶ୍ରେଣୀରେ ରଖାଯାଇଛି। ନିଲେକାନି ପରିବାର ବିଟିଏମ୍ ଲେଆଉଟ୍ ନିର୍ବାଚନମଣ୍ଡଳୀର ଖସଡ଼ା ଭୋଟର ତାଲିକାରେ ଅଛନ୍ତି। କୋରାମଙ୍ଗଳାର ଥାର୍ଡ ବ୍ଲକସ୍ଥିତ ରେଡ୍ଡି ଜନସଂଘ ହାଇସ୍କୁଲ୍‌ରେ ସେମାନେ ଭୋଟ ଦିଅନ୍ତି। ଚୂଡ଼ାନ୍ତ ଭୋଟର ତାଲିକାରେ ନାମ ରଖିବା ପାଇଁ ନିର୍ବାଚନ ଆୟୋଗ ଅନୁମୋଦିତ ୧୧ଟି ଦସ୍ତାବିଜ ମଧ୍ୟରୁ ଗୋଟିଏ ଦାଖଲ କରିବାକୁ ପଡ଼ିବ। ଚୂଡ଼ାନ୍ତ ତାଲିକା ଏହି ତାଲିକାରେ ଅଭିନେତା ଶିବ ରାଜକୁମାର ଏବଂ ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ମାତା ଗୌରାମ୍ମାଙ୍କ ମଧ୍ୟ ନାମ ରହିଥିବା ଜଣାପଡ଼ିଛି। ସେମାନଙ୍କୁ ମଧ୍ୟ ନୋଟିସ ପଠାଯିବ ବୋଲି ସୂଚନା ମିଳିଛି। ଏହାପୂର୍ବରୁ ବିଶିଷ୍ଟ ବିଜ୍ଞାନୀ ତଥା ଭାରତରତ୍ନରେ ସମ୍ମାନିତ ପ୍ରଫେସର ସିଏନଆର ରାଓଙ୍କୁ ମଧ୍ୟ ଏସଆଇଆର ନୋଟିସ ଜାରି କରାଯାଇଛି। ତାଲିକାରେ ତାଙ୍କ ନାମରେ ରହିଥିବା ଅସଙ୍ଗତିକୁ ନେଇ ଏହି ନୋଟିସ ଜାରି କରାଯାଇଛି। ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ନିର୍ବାଚନ କମିସନଙ୍କ ପକ୍ଷରୁ କୁହାଯାଇଛି ଯେ ନାମ ସଂଶୋଧନ ପାଇଁ ଅଧିକାରୀଙ୍କ ଗୋଟିଏ ଟିମ୍ ୯୨ ବର୍ଷୀୟ ପ୍ରଫେସର ରାଓଙ୍କ ବେଙ୍ଗାଲୁରୁ ବାସଭବନକୁ ଯିବ।

## ଇରାନ ଆକ୍ରମଣରେ ଆମେରିକାର ଏକାଧିକ ଯୁଦ୍ଧବିମାନ କ୍ଷତିଗ୍ରସ୍ତ

ତେହରାନ୍, ୧୦।୯(ଏଜେନ୍ସି): ଜୋର୍ଡାନ୍‌ସ୍ଥିତ ଆମେରିକାର ଏକ ବାୟୁସେନା ଘାଟି ଉପରେ ଇରାନ୍‌ର ରାତ୍ରିକାଳୀନ ଆକ୍ରମଣରେ ଆମେରିକାର ଏକାଧିକ ସାମରିକ ବିମାନ କ୍ଷତିଗ୍ରସ୍ତ ହୋଇଥିବା ଖବର ମିଳିଛି। ସିବିଏସ୍ ରିପୋର୍ଟ ଅନୁଯାୟୀ, ମୁୱାଫାକ୍ ସାଲ୍‌ତି ବାୟୁସେନା ଘାଟି ଉପରେ ଆକ୍ରମଣ ସମୟରେ ଗୋଟିଏ ଏ-୧୦ ଥଣ୍ଡରବୋଲ୍ଟ-୨ ବିମାନର ଗୋଟିଏ ପକ୍ଷ ନଷ୍ଟ ହୋଇଥିବା ବେଳେ ପ୍ରାୟ ୮ଟି ଏଫ୍-୧୫ ବିମାନ ସାମାନ୍ୟ କ୍ଷତିଗ୍ରସ୍ତ ହୋଇଛି। ସିବିଏସ୍ ସାମ୍ବାଦିକ ଜେନିଫର ଜାକବ୍ସ ଏକ୍ସରେ କରିଥିବା ପୋଷ୍ଟରେ କହିଛନ୍ତି, ଇରାନୀ ଆକ୍ରମଣରୁ ସୁରକ୍ଷା ଦେବା ପାଇଁ ଜୋର୍ଡାନ୍‌ରେ ମୁତୟନ ଆମେରିକୀୟ ସେନା ୩୦ରୁ ଅଧିକ ପ୍ୟାଟ୍ରିଅଟ୍ କ୍ଷେପଣାସ୍ତ୍ର ନିକ୍ଷେପ କରିଥିଲା। କ୍ଷତିଗ୍ରସ୍ତ ଏଫ୍-୧୫ ବିମାନଗୁଡ଼ିକ ମଧ୍ୟରୁ ପ୍ରାୟ ସମସ୍ତଙ୍କୁ ପୁଣି ସେବାରେ ନିୟୋଜିତ କରାଯାଇଥିବା ଜଣାପଡ଼ିଛି। ଏହି ଆକ୍ରମଣର ପୃଷ୍ଠଭୂମିରେ ଆମେରିକା ପକ୍ଷରୁ ଇରାନ୍‌ର ୫ଟି ତୈଳବାହୀ ଜାହାଜ ବୁଡ଼ାଇ ଦିଆଯିବା ଘଟଣା ରହିଛି। ଏହାର ପ୍ରତିଶୋଧରେ ଇରାନ୍‌ର ଇସ୍‌ଲାମିକ୍ ରିଭଲ୍ୟୁସନାରୀ ଗାର୍ଡ୍ କର୍ପସ୍ (ଆଇଆରଜିସି) ଅନେକ ଆମେରିକୀୟ ଘାଟି ଓ ଅଞ୍ଚଳରେ ଥିବା ସହଯୋଗୀ ଦେଶଙ୍କ ଉପରେ ଆକ୍ରମଣ କରିଥିବା ଦାବି କରିଛି। ଜୋର୍ଡାନ୍‌ର ସେନା କହିଛି ଯେ, ତାହାର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ୨୦ଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଚିହ୍ନଟ କରିଥିଲା।



ସେଥିରୁ ୧୮ଟିକୁ ସଫଳତାର ସହ ଧ୍ୱଂସ କରାଯାଇଥିବା ବେଳେ ଅବଶିଷ୍ଟ ୨ଟି ଜନଶୂନ୍ୟ ଅଞ୍ଚଳରେ ପଡ଼ିଥିଲା। ଆଇଆରଜିସି ପରେ କହିଛି ଯେ, ଯୁଦ୍ଧକୁ ଶେଷ କରିବା ପାଇଁ ଆମେରିକାକୁ କିଛି ସର୍ତ୍ତ ପୂରଣ କରିବାକୁ ପଡ଼ିବ।

## ୯ ଦେଶରେ ୧୨,୧୮୭ ପରମାଣୁ ଅସ୍ତ୍ର; ଭାରତ ପାଖରେ ୧୯୦

### ପରମାଣୁ ଅସ୍ତ୍ରଭଣ୍ଡାର ଆଧୁନିକୀକରଣ କରାଯାଉଛି ୧୪୦ରୁ ୨୨୫ ପରମାଣୁ ଅସ୍ତ୍ର ପାଇଁ ପ୍ଲୁଟୋନିୟମ୍!

ନୂଆଦିଲ୍ଲୀ, ୧୦।୯(ଏଜେନ୍ସି): ଭାରତ ପାଖରେ ପ୍ରାୟ ୧୯୦ଟି ପରମାଣୁ ଅସ୍ତ୍ର ଥିବା ଆକଳନ କରାଯାଇଛି। ଏଥିସହ ନୂଆ କ୍ଷେପଣାସ୍ତ୍ର ବ୍ୟବସ୍ଥା ପାଇଁ ଆଉ ପ୍ରାୟ ୩୦ଟି ପରମାଣୁ ଅସ୍ତ୍ର ପ୍ରସ୍ତୁତ କରାଯାଉଛି। ଆମେରିକାର 'ଫେଡେରେସନ୍ ଅଫ୍ ଆମେରିକାନ୍ ସାଇଣ୍ଟିଷ୍ଟସ୍' (ଏଫ୍‌ଏଏସ୍)ର ଏକ ଗବେଷଣା ରିପୋର୍ଟରେ ଏଭଳି ଆକଳନ କରାଯାଇଛି। ବିଭିନ୍ନ ଉତ୍ସରୁ ମିଳିଥିବା ସୂଚନା, ସରକାରୀ ତଥ୍ୟ ଏବଂ ବାଣିଜ୍ୟିକ ଉପଗ୍ରହ ଚିତ୍ରକୁ ଆଧାର କରି ଏହି ଆକଳନ କରାଯାଇଛି। ରିପୋର୍ଟ ଅନୁସାରେ, ଭାରତର ୧୬୦ରୁ ଅଧିକ ପରମାଣୁ ଅସ୍ତ୍ର ବର୍ତ୍ତମାନ କାର୍ଯ୍ୟକ୍ଷମ କ୍ଷେପଣ ବ୍ୟବସ୍ଥା ସହ ସଂଯୁକ୍ତ ରହିଛି। ଏହା ବ୍ୟତୀତ ନୂଆ କ୍ଷେପଣାସ୍ତ୍ର ବ୍ୟବସ୍ଥା ପାଇଁ ଅତିରିକ୍ତ ପରମାଣୁ ଅସ୍ତ୍ର ପ୍ରସ୍ତୁତ କରାଯାଉଛି। 'ଇଣ୍ଡିଆଜ୍ ନ୍ୟୁକ୍ଲିୟର ୱେପନ୍ସ-୨୦୨୬' ଶୀର୍ଷକ ଏକ ଲେଖାରେ ଏଫ୍‌ଏଏସ୍‌ର ନ୍ୟୁକ୍ଲିୟର ଇନ୍‌ଫର୍ମେସନ୍ ପ୍ରୋଜେକ୍ଟ'ର ନିର୍ଦ୍ଦେଶକ ହାନ୍ସ କ୍ରିଷ୍ଟେନ୍‌ସେନ୍ କହିଛନ୍ତି ଯେ ଭାରତ ଗତ କିଛି ବର୍ଷ ଧରି ନିଜ ପରମାଣୁ ଅସ୍ତ୍ରଭଣ୍ଡାରର ଆଧୁନିକୀକରଣ ଜାରି ରଖିଛି। ରିପୋର୍ଟରେ କୁହାଯାଇଛି, ଭାରତ ଅନେକ ନୂଆ ଅସ୍ତ୍ର ପ୍ରଣାଳୀକୁ ସେନାରେ ସାମିଲ କରିଛି। ଏଥିସହ ପରମାଣୁ ଅସ୍ତ୍ର ବହନ କରିପାରୁଥିବା ବିମାନ ଏବଂ ସ୍ଥଳ ଓ ସମୁଦ୍ରଭିତ୍ତିକ କ୍ଷେପଣ ବ୍ୟବସ୍ଥାରେ ଥିବା ପୁରୁଣା ଅସ୍ତ୍ରଗୁଡ଼ିକର ସ୍ଥାନ ନେବା ପାଇଁ ନୂଆ ଅସ୍ତ୍ର ପ୍ରସ୍ତୁତ କରାଯାଉଛି। ରିପୋର୍ଟ ଅନୁସାରେ, ଭାରତ ୧୪୦ରୁ ୨୨୫ଟି ପରମାଣୁ ଅସ୍ତ୍ର ତିଆରି କରିବା ପାଇଁ ଯଥେଷ୍ଟ ସାମରିକ ପ୍ଲୁଟୋନିୟମ



ଉତ୍ପାଦନ କରିଥାଇପାରେ। ଏହାର ଆଧାରରେ ଭାରତ ପକ୍ଷରୁ ସର୍ବାଧିକ ୧୯୦ଟି ପରମାଣୁ ଅସ୍ତ୍ର ପ୍ରସ୍ତୁତ କରାଯାଇଥିବା ଆକଳନ କରାଯାଇଛି। ଇଣ୍ଟରନ୍ୟାସନାଲ୍ ପ୍ୟାନେଲ୍ ଅନ୍ ଫିସାଇଲ୍ ମ୍ୟାଟେରିଆଲ୍ସର ଆକଳନ ଅନୁସାରେ, ୨୦୨୬ ଆରମ୍ଭ ସୁଦ୍ଧା ଭାରତ ପ୍ରାୟ ୭୩୦ କିଲୋଗ୍ରାମ୍ ଅସ୍ତ୍ର ନିର୍ମାଣଯୋଗ୍ୟ ପ୍ଲୁଟୋନିୟମ୍ ଉତ୍ପାଦନ କରିଥିଲା। ଏଥିରେ ପ୍ରାୟ ୧୭୦ କିଲୋଗ୍ରାମ୍‌ର ଅନିଶ୍ଚିତତା ରହିଛି। ପ୍ରତ୍ୟେକ ପରମାଣୁ ଅସ୍ତ୍ର ପାଇଁ ହାରାହାରି ୪ କିଲୋଗ୍ରାମ୍ ପ୍ଲୁଟୋନିୟମ୍ ଆବଶ୍ୟକ ବୋଲି ଧରିଲେ, ଏହି ପରିମାଣର ପ୍ଲୁଟୋନିୟମ ତାତ୍ତ୍ୱିକ ଭାବେ ୧୪୦ରୁ ୨୨୫ଟି ପରମାଣୁ ଅସ୍ତ୍ର ନିର୍ମାଣ ପାଇଁ ଯଥେଷ୍ଟ। ତେବେ ଭାରତ ନିଜ ପାଖରେ ଥିବା ସମସ୍ତ ପ୍ଲୁଟୋନିୟମକୁ ଅସ୍ତ୍ର ନିର୍ମାଣରେ ବ୍ୟବହାର କରିଥିବା ସମ୍ଭାବନା କମ୍ ଏବଂ କିଛି ପରିମାଣ ସଂରକ୍ଷିତ ରଖିଥାଇପାରେ ବୋଲି ରିପୋର୍ଟରେ କୁହାଯାଇଛି। ଷ୍ଟକହୋମ୍ ଇଣ୍ଟରନ୍ୟାସନାଲ୍ ପିସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ସିପ୍ରି)ର ୨୦୨୬ ବାର୍ଷିକ ରିପୋର୍ଟ ଅନୁସାରେ, ବିଶ୍ୱର ୯ଟି ପରମାଣୁ ଅସ୍ତ୍ରଧାରୀ ଦେଶ—ଆମେରିକା, ରୁଷିଆ, ବ୍ରିଟେନ୍, ଫ୍ରାନ୍ସ, ଚୀନ୍, ଭାରତ, ପାକିସ୍ତାନ, ଉତ୍ତର କୋରିଆ ଓ ଇସ୍ରାଏଲ୍ ମିଶି ୨୦୨୬ ଆରମ୍ଭରେ ମୋଟ ୧୨,୧୮୭ଟି ପରମାଣୁ ଅସ୍ତ୍ର ରଖିଥିଲେ। ଏଥିରୁ ପ୍ରାୟ ୯,୭୪୫ଟି ଅସ୍ତ୍ର ସାମରିକ ଭଣ୍ଡାରରେ ରହିଥିଲା ଏବଂ ଆବଶ୍ୟକତା ପଡ଼ିଲେ ବ୍ୟବହାର କରାଯାଇପାରେ। ସିପ୍ରି କହିଛି, ପରମାଣୁ ଅସ୍ତ୍ରଧାରୀ ଦେଶଗୁଡ଼ିକ ନିଜ ଅସ୍ତ୍ରଭଣ୍ଡାର ଓ କ୍ଷେପଣ ବ୍ୟବସ୍ଥାର ଆଧୁନିକୀକରଣ ଜାରି ରଖିଛନ୍ତି। ଏହା ଫଳରେ ବିଶ୍ୱରେ ପରମାଣୁ ଅସ୍ତ୍ର ପ୍ରତିଯୋଗିତାର ଏକ ନୂଆ ପର୍ଯ୍ୟାୟ ଆରମ୍ଭ ହୋଇଥିବା ସଂସ୍ଥା ମତ ଦେଇଛି। ଏଫ୍‌ଏଏସ୍ ରିପୋର୍ଟରେ କୁହାଯାଇଛି, ୧୯୯୮ ମସିହାର ପୋଖରଣ-୨ ପରମାଣୁ ପରୀକ୍ଷଣ ମାଧ୍ୟମରେ ଭାରତ ଫିସନ୍ ଡିଜାଇନ୍‌କୁ ନିର୍ଭରଯୋଗ୍ୟ ଭାବେ ପରୀକ୍ଷା କରିଥିଲା। ତେବେ ବୁଷ୍ଟେଡ୍-ଫିସନ୍ ଓ ଥର୍ମନ୍ୟୁକ୍ଲିୟର ଅସ୍ତ୍ର ଡିଜାଇନ୍ କ୍ଷେତ୍ରରେ ଭାରତର ଅଗ୍ରଗତି ଏବେ ବି ଅସ୍ପଷ୍ଟ ରହିଛି।

**ସେପ୍ଟେମ୍ବର ୧୫ରେ ନୂଆଁଖାଇ**

## ସମଲେଶ୍ୱରୀ ମନ୍ଦିରରେ ପହଞ୍ଚିଲା ନୂଆ ଧାନ

ସମ୍ବଲପୁର, ୧୦।୯ (ସମିସ) : ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ପୀଠରେ ନବାନ୍ନଲାଗି ପାଇଁ ଗୁରୁବାର ପୂର୍ବାହ୍ଣରେ ମନ୍ଦିରରେ ନୂଆ ଧାନ ଆସି ପହଞ୍ଚିଛି। ସମ୍ବଲପୁର ଜିଲ୍ଲା ଧନକଉଡ଼ା ବ୍ଲକ ବଲବସପୁରର ଚାଷୀ ସୁବାସ ବେହେରା ସରିଆ ଧାନ ମନ୍ଦିରର ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟଙ୍କୁ ଅର୍ପଣ କରିଛନ୍ତି। ଆସନ୍ତା ୧୫ ତାରିଖ ମଙ୍ଗଳବାର ନିର୍ଦ୍ଧାରିତ ଶୁଭ ଲଗ୍ନରେ ମା' ସମଲେଶ୍ୱରୀଙ୍କଠାରେ ନବାନ୍ନ ଲାଗି ହେବ। ଏହାପରେ ପରମ୍ପରା ଅନୁସାରେ ସମ୍ବଲପୁର ସମେତ ପଶ୍ଚିମାଞ୍ଚଳବାସୀ ନବାନ୍ନ ଖାଇବେ। ଗତ ଶନିବାର ନନ୍ଦୋତ୍ସବ ଅବସରରେ ଝାଡୁଆପଡ଼ାସ୍ଥିତ ଶ୍ରୀ ବ୍ରହ୍ମପୁରା ମନ୍ଦିରରେ ପଣ୍ଡିତମାନଙ୍କ ବୈଠକରେ ଗଣନା ପରେ ଆସନ୍ତା ସେପ୍ଟେମ୍ବର ୧୫ ତାରିଖ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ପୂର୍ବାହ୍ଣ ୯ଟା ୪୦ ମିନିଟରୁ ୯ଟା ୫୪ ମିନିଟ୍ ମଧ୍ୟରେ ଲଗ୍ନ ନିର୍ଣ୍ଣୟ କରାଯାଇଛି। ନୂତନ ଚାଉଳରୁ ନିର୍ମିତ ପିଠାପଣା, କ୍ଷୀରି ଆଦି ମା' ସମଲେଶ୍ୱରୀଙ୍କଠାରେ ନିର୍ଦ୍ଧାରିତ ଲଗ୍ନରେ ଭୋଗଲାଗି ହୋଇଥାଏ। ମନ୍ଦିର ସକାଶେ ପ୍ରଦାନ କରାଯାଇଥିବା ନୂଆ ଧାନକୁ ପୂଜକ ପରିବାରର ମହିଳାମାନେ ଖରାରେ ଶୁଖାଇବା ସହ ଭାଜିବା ପରେ କୁଟି ପାରମ୍ପରିକ ପଦ୍ଧତିରେ ଚାଉଳ ପ୍ରସ୍ତୁତ କରିଥାନ୍ତି। ଆଜି ନୂଆ ଧାନ ପ୍ରଦାନ ସମୟରେ ଚାଷୀ ଶ୍ରୀ ବେହେରାଙ୍କ ପତ୍ନୀ ପୁଷ୍ପାଞ୍ଜଳି ବେହେରା ଥିବାବେଳେ ମୁଖ୍ୟପୁଜକଙ୍କ ସହ ତାଙ୍କ ପତ୍ନୀ ଗୋମତୀ



ରାୟ, ପୁଅ ଶିବପ୍ରସାଦ ଓ ଝିଅ ଦିପଶିଖା ତଥା ଦେବେନ୍ଦ୍ର ରାୟ, ଯୋଗେନ୍ଦ୍ର ରାୟ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ପୂଜା ସାମଗ୍ରୀ ଭାରବୋହି ଗୁଡ୍ଡୁ ବନଛୋର ଆଣିଥିଲେ।

ସମଲେଶ୍ୱରୀ ମନ୍ଦିରର ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ କହିଛନ୍ତି ଯେ, ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଇଁ ମାଁ ସମଲେଶ୍ୱରୀଙ୍କ ପୀଠରେ ପ୍ରସ୍ତୁତି ଜୋରଦାର ଚାଲିଛି। ଏହି ଅବସରରେ ମାଁଙ୍କ ନବାନ୍ନ ଲାଗି ପାଇଁ ଆସି ପହଞ୍ଚିଛି ସରିଆ ଧାନ। ଧାନ ସହିତ କୁରେଇ ପତ୍ର, ସାରୁ ଶାଗ ଓ ଅନ୍ୟାନ୍ୟ ସାମଗ୍ରୀ ଆଣିଛନ୍ତି। ଦୀର୍ଘ ୮-୯ ବର୍ଷ ହେବ ବଲବସପୁରର ଚାଷୀ ସୁବାସ ବେହେରା ଅତ୍ୟନ୍ତ ନିଷ୍ଠାର ସହ ଏହି ସରିଆ ବା ଷାଠିଏ ଧାନ ଚାଷ କରି ମାଁଙ୍କ ପୂଜାର୍ଚ୍ଚନା ପାଇଁ ସମର୍ପଣ କରିଆସୁଛନ୍ତି। ମାଁଙ୍କ ନବାନ୍ନ ପାଇଁ ଏହି ଧାନ ମିଳିବା ପରେ ଏହାର ବିଶେଷ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ପ୍ରଥମେ ଧାନକୁ ଖରାରେ ଭଲଭାବେ ଶୁଖାଯାଏ, ଯାହାଦ୍ୱାରା ଏହାର ଖୋସା କିମ୍ବା ଛାଲି ସହଜରେ ଛାଡ଼ିଯାଏ। ଏହାପରେ ଧାନରୁ ଛାଲି ଛଡ଼ାଇ ଚାଉଳ ବାହାର କରାଯାଏ। ସେହି ନୂଆ ଚାଉଳକୁ କୁଟାଯାଇ ସେଥିରେ ଗୁଡ଼, ମହୁ, ଘିଅ ଓ ଅନ୍ୟାନ୍ୟ ସାମଗ୍ରୀ ମିଶାଇ ନବାନ୍ନ ପ୍ରସାଦ ପ୍ରସ୍ତୁତ କରାଯାଏ, ଯାହା ନୂଆଁଖାଇ ଦିନ ମାଁଙ୍କଠାରେ ଭୋଗ ଲାଗି ହେବ। ଚାଷୀ ସୁବାସ ବେହେରା କହିଛନ୍ତି, ପ୍ରାୟ ୪୦ରୁ ୫୦ ଡେସିମିଲ ଜମିରେ ଆମେ ଏହି ଛୋଟ ଧାନ ସରିଆ ବା ଜୁଇ ଧାନ ଚାଷ କରୁଛୁ। ଏହି ଧାନ ଆଷାଢ଼ର ପ୍ରଥମ ସପ୍ତାହରେ ବୁଣିଥିବାବେଳେ ମାତ୍ର ୬୦ ଦିନରେ ଅମଳଯୋଗ୍ୟ ହୋଇଥିବାରୁ ଏହାକୁ 'ଷାଠିଏ ଧାନ' ମଧ୍ୟ କୁହାଯାଏ। ଏହି ଧାନ ପୁରା ନହୋଇ କ୍ଷୀର ଧରିଥାଏ। ଯେହେତୁ ଦେବୀଙ୍କଠାରେ ଏହା ନୂଆ ଲାଗିହେବ, ତେଣୁ ଏହା କ୍ଷୀର ଧରିଥିବାବେଳେ ଅମଳ କରାଯାଏ। କାରଣ, ଧାନ ସମ୍ପୂର୍ଣ୍ଣ ପାକଳ ହେଲେ ତାହା ଚଢ଼େଇ, ଚିରିଗୁଣୀ ବା ପଶୁପକ୍ଷୀ ଅଇଁଠା କରିଦେବା ଆଶଙ୍କା ଥିବାରୁ ଅଧା ପାକଳ ଓ ଅଧା କ୍ଷୀର ଧରିଥିବା ଧାନକୁ ଅମଳ କରାଯାଏ। ଧାନ ଅମଳ କରିବା ସମୟରେ ପରମ୍ପରା ଅନୁସାରେ ସେ ଗାଧୋଇପାଧୋଇ, ଧୋତି ପିନ୍ଧି, ଗୋରସ (କ୍ଷୀର), ପାଣି, ନଡ଼ିଆ, ଫୁଲ, ସିନ୍ଦୂର ଓ ଦୀପ ସହ ଭକ୍ତିଭାବେ ପୂଜାର୍ଚ୍ଚନା କରି ଧାନ କାଟିଥାନ୍ତି। ଏହାପରେ ଏହି ଧାନକୁ ଘରକୁ ଆଣିଥାନ୍ତି। ସମଲେଶ୍ୱରୀ ମନ୍ଦିରରେ ଧାନ ଦେବାପରେ ଆଖପାଖ ମନ୍ଦିରର ଲୋକେ ମଧ୍ୟ ଆସି ତାଙ୍କଠାରୁ ନବାନ୍ନ ସକାଶେ ନୂଆ ଧାନ ନେଇଥାନ୍ତି। ନିଜ ଧାନ ମା'ଙ୍କ ପାଖରେ ଭୋଗ ଲାଗି ହେଉଥିବାରୁ ବହୁତ ଖୁସି ଲାଗୁଛି ବୋଲି ଚାଷୀ ଶ୍ରୀ ବେହେରା କହିବାସହ ସକ୍ଷମ ଥିବା ପର୍ଯ୍ୟନ୍ତ ଧାନ ଯୋଗାଇବି ବୋଲି କହିଛନ୍ତି। ଚଳିତମାସ ଆରମ୍ଭରୁ ସାରା ପଶ୍ଚିମ ଓଡ଼ିଶାରେ ନୂଆଁଖାଇ ପାଇଁ ଗାଁଠୁ ସହର ଚଳଚଞ୍ଚଳ। ଘରେ ଘରେ ଲିପାପୋଛା, ସଫାସୁତୁରା ଆଦି କାର୍ଯ୍ୟ ଚାଲିଛି। ପରିବାର ଲୋକେ ଦୂରଦୂରାନ୍ତରୁ, ଏପରିକି ବିଦେଶରୁ, ଆସି ଘରେ ପହଞ୍ଚିବେ। ସମସ୍ତେ ଏକାଠି ବସି ନୂଆଁ ଖାଇବେ। ନବାନ୍ନ ଭକ୍ଷଣ ପରେ ନିଜଠୁ ବଡ଼ମାନଙ୍କୁ ମୁଣ୍ଡିଆ ମାରିବା ବା 'ଜୁହାର୍ ଭେଟ୍' ପଶ୍ଚିମ ଓଡ଼ିଶାର ଏକ ଅନନ୍ୟ ପରମ୍ପରା।

## ସିଆଳିରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଭଙ୍ଗାକୁ ନେଇ ଉତ୍ତେଜନା

ଏରସମା,୧୦।୯ (ସମିସ): ଜଗତସିଂହପୁର ଜିଲ୍ଲାର ପ୍ରସିଦ୍ଧ ସିଆଳି ବେଳାଭୂମିରେ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ରାଜନେତା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ବୁଧବାର ବିଳମ୍ବିତ ରାତିରେ





କେହି ଏହି କାଣ୍ଡ ଘଟାଇଥିବା ଜଣାପଡ଼ିଛି। ଗୁରୁବାର ସକାଳେ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକେ ବେଳାଭୂମିରେ ପହଞ୍ଚିବା ପରେ ପ୍ରତିମୂର୍ତ୍ତିଟି ଭଙ୍ଗା ଅବସ୍ଥାରେ ଦେଖିଥିଲେ। ଖବର ପ୍ରଚାର ହେବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଓ କ୍ଷୋଭ ପ୍ରକାଶ ପାଇଛି। ସିଆଳି ଭଳି ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀରେ ବିଜୁବାବୁଙ୍କ ଭଳି ଜଣେ ବିଶିଷ୍ଟ ରାଜନେତାଙ୍କ ପ୍ରତିମୂର୍ତ୍ତି ଭଙ୍ଗାଯିବା ଘଟଣାକୁ ନେଇ ସ୍ଥାନୀୟ ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି। ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ତୁରନ୍ତ ଚିହ୍ନଟ କରି କଠୋର ଆଇନଗତ ପଦକ୍ଷେପ ନେବାକୁ ଦାବି ହୋଇଛି। ଏଥିସହ ବେଳାଭୂମିରେ ରାତ୍ରିକାଳୀନ ପାଟ୍ରୋଲିଂ ଓ ସୁରକ୍ଷା ବ୍ୟବସ୍ଥା ବଢ଼ାଇବାକୁ ମଧ୍ୟ ଦାବି ହୋଇଛି।

ସିଆଳି ବେଳାଭୂମିରେ ପୂର୍ବରୁ ଦାମ ରାଉତଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଯାଇଥିବାବେଳେ ଏବେ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣା ଅଞ୍ଚଳରେ ଘୋର ପ୍ରତିକ୍ରିୟା ସୃଷ୍ଟି କରିଛି। ଲଗାତାର ଏଭଳି ଘଟଣା ପରେ ବେଳାଭୂମିର ସୁରକ୍ଷା ବ୍ୟବସ୍ଥା ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଏହି ପ୍ରତିମୂର୍ତ୍ତି ଭଙ୍ଗା ଘଟଣାକୁ ନେଇ ଏରସମା ଥାନାରେ ଅଭିଯୋଗ କରିଛନ୍ତି ପଦ୍ମପୁର ସରପଞ୍ଚ ପ୍ରତିଭାରାଣୀ ପାତ୍ର। ଅଭିଯୋଗ ପରେ ପୁଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଛି। କିଏ ଓ କେଉଁ ଉଦ୍ଦେଶ୍ୟରେ ପ୍ରତିମୂର୍ତ୍ତି ଭାଙ୍ଗିଛି, ତାହା ତଦନ୍ତ ପରେ ସ୍ପଷ୍ଟ ହେବ। ଏହି ଘଟଣାକୁ ନେଇ ଏରସମା ଅଞ୍ଚଳରେ ରାଜନୈତିକ ଚର୍ଚ୍ଚା ତେଜିବାରେ ଲାଗିଛି। ଦୁର୍ବୃତ୍ତଙ୍କୁ ଶୀଘ୍ର ଠାବ କରି ଗିରଫ କରିବା ସହ ଘଟଣା ପଛର ପ୍ରକୃତ କାରଣ ସାମ୍ନାକୁ ଆଣିବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ସେହିପରି ସ୍ଥାନୀୟ ବିଧାୟକ ସାରଦା ପ୍ରସାଦ ଜେନା ଏହି ଘଟଣାକୁ ଘୋର ନିନ୍ଦା କରିଛନ୍ତି। ତୁରନ୍ତ ଘଟଣାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

**ଆଜି ବିଜେଡି ପ୍ରତିନିଧି ଦଳର ସିଆଳି ଗସ୍ତ**

## ଅଭିଯୁକ୍ତଙ୍କୁ ତୁରନ୍ତ ଚିହ୍ନଟ କରି ଗିରଫ ଦାବି

ଭୁବନେଶ୍ୱର,୧୦।୯ (ସମିସ): ଜଗତସିଂହପୁର ଜିଲ୍ଲା ସିଆଳି ବେଳାଭୂମିରେ ଥିବା ପ୍ରବାଦପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଭଙ୍ଗାକୁ ନେଇ ବିଜୁ ଜନତା ଦଳ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଦଳ ପକ୍ଷରୁ ଘଟଣାକୁ ଅତ୍ୟନ୍ତ ନିନ୍ଦନୀୟ ବୋଲି ଦର୍ଶାଯାଇଥିବା ବେଳେ ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଦଳର ଏକ ପ୍ରତିନିଧି ଦଳ ଆସନ୍ତାକାଲି ସିଆଳି ଗସ୍ତ କରିବ। ପ୍ରତିନିଧି ଦଳ ସେଠାକୁ ଯାଇ ସ୍ଥାନୀୟ ଲୋକଙ୍କୁ ଭେଟିବା ସହ ଘଟଣା ସମ୍ପର୍କରେ ସ୍ଥିତି ଅନୁଧ୍ୟାନ କରିବ। ଏହି ପ୍ରତିନିଧି ଦଳ ଜଗତସିଂହପୁରର ସ୍ଥାନୀୟ ଆଇଆଇସି ଓ ଏସ୍‌ପିଙ୍କୁ ଭେଟିବ। ପ୍ରତିମୂର୍ତ୍ତି ଭଙ୍ଗାରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ତୁରନ୍ତ ଚିହ୍ନଟ କରି ଗିରଫ କରିବା ସହ ପ୍ରତିମୂର୍ତ୍ତିର ଶୀଘ୍ର ପୁନଃସ୍ଥାପନ ପାଇଁ ଦାବି କରିବ। ଦଳର ଉପସଭାପତି ଚିରଞ୍ଜୀବ ବିଶ୍ୱାଳ, ସଂଯୋଜକ ପ୍ରଶାନ୍ତ ମୁଦୁଲି, ବିଧାୟକ ସାରଦା ପ୍ରସନ୍ନ ଜେନା, ସମ୍ବିତ ରାଉତରାୟ, ଡ. ରାଜଶ୍ରୀ ମଲ୍ଲିକ, ମିନତୀ ବେହେରା, ଲୋରା ମହାପାତ୍ର, ଅରିନ୍ଦମ ସର୍ଖେଲ ଓ ନାରାୟଣ ଜେନା ଏହି ପ୍ରତିନିଧି ଦଳରେ ସାମିଲ ହୋଇଛନ୍ତି। ବିଜୁ ପଟ୍ଟନାୟକ ଓଡ଼ିଶାର ଗର୍ବ, ପରିଚୟ ଓ ପ୍ରଗତିଶୀଳ ଚିନ୍ତାଧାରାର ଏକ ପ୍ରତୀକ। ତାଙ୍କ ପ୍ରତିମୂର୍ତ୍ତି ଉପରେ ଏଭଳି ଭଙ୍ଗାରୁଜା ଓଡ଼ିଶାବାସୀଙ୍କ ଭାବାବେଗ ପ୍ରତି ଆଘାତ। ଦୋଷୀଙ୍କ ବିରୋଧରେ ତ୍ୱରିତ ଓ କଠୋର କାର୍ଯ୍ୟାନୁଷ୍ଠାନ ସହ ଭବିଷ୍ୟତରେ ଏଭଳି ଘଟଣା ଯେପରି ନଘଟେ, ସେଥିପାଇଁ ପ୍ରତିମୂର୍ତ୍ତି ସ୍ଥଳରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା କରିବାକୁ ଦଳ ଦାବି କରିଛି।

## ଲାଞ୍ଚ ନେବାବେଳେ କୋର୍ଟ କିରାଣିଙ୍କୁ ଧରିଲା ଭିଜିଲାନ୍ସ

ମାଲକାନଗିରି/ମାଥିଲି,୧୦।୯ (ସମିସ) ନ୍ୟାୟ ପାଇବାର ଆଶାରେ ଲୋକେ ନ୍ୟାୟାଳୟର ଦ୍ୱାରସ୍ଥ ହୁଅନ୍ତି। ଆଇନର ଆଶ୍ରୟ ନେଇ ନିରପେକ୍ଷ ନ୍ୟାୟ ପାଇବା ହେଉଛି ପ୍ରତ୍ୟେକ ନାଗରିକଙ୍କ ଅଧିକାର। ତେବେ ନ୍ୟାୟ ପ୍ରଦାନର ପବିତ୍ର ପରିସରରେ ଯଦି ଲାଞ୍ଚ କାରବାରର ଅଭିଯୋଗ ଉଠେ, ତେବେ ଏହା ନିଶ୍ଚିତ ଭାବେ ଚିନ୍ତାର ବିଷୟ। ଏଭଳି ଏକ ଘଟଣା ମାଲକାନଗିରି ଜିଲ୍ଲାର ମାଥିଲି ସଦର ମହକୁମାସ୍ଥିତ ଜେଏମ୍ଏଫ୍‌ସି କୋର୍ଟରେ ଘଟିଛି। ଏକ ମାମଲାରେ ସହାୟତା କରିବା ଓ ରଫାଦଫା କରିଦେବା ପାଇଁ ୫୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ



ଜେଏମ୍ଏଫ୍‌ସି କୋର୍ଟର ବେଞ୍ଚ କ୍ଲର୍କ ଅଚ୍ୟୁତ ପ୍ରଧାନଙ୍କୁ ଭିଜିଲାନ୍ସ ଟିମ୍ ଧରିଥିବା ଜଣାପଡ଼ିଛି। ସୂଚନାନୁସାରେ, ଜଣେ ବ୍ୟକ୍ତିଙ୍କୁ ତାଙ୍କ ଘରକୁ ଡାକି ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ସମୟରେ ଭିଜିଲାନ୍ସ ଟିମ୍ ଅଚ୍ୟୁତଙ୍କୁ କାବୁ କରିଥିଲା। ଘଟଣା ପରେ ଜୟପୁର ଓ ମାଲକାନଗିରି ଭିଜିଲାନ୍ସର ମିଳିତ ଟିମ୍ ଅଚ୍ୟୁତ ପ୍ରଧାନଙ୍କ ଘରେ ଚଢ଼ଉ କରି ଯାଞ୍ଚ ଜାରି ରଖିଥିବା ଜଣାପଡ଼ିଛି। ଲାଞ୍ଚ ନେବା ଅଭିଯୋଗ ସମ୍ପର୍କରେ ଭିଜିଲାନ୍ସ ପକ୍ଷରୁ ତଦନ୍ତ ଜାରି ରହିଛି। ନ୍ୟାୟାଳୟ ଭଳି ଏକ ସମ୍ବେଦନଶୀଳ ଓ ମର୍ଯ୍ୟାଦାପୂର୍ଣ୍ଣ ପରିସରରେ ଏଭଳି ଅଭିଯୋଗ ସାଧାରଣରେ ଉଦ୍‌ବେଗ ସୃଷ୍ଟି କରିଛି।

## ବରୀ ବ୍ଲକ୍ ମହିଳା ବିଡିଓଙ୍କୁ ହତ୍ୟା ଧମକ

ବରୀ,୧୦।୯ (ସମିସ): ରାଜ୍ୟରେ ସରକାର ବଦଳିବା ପରେ ବିକାଶମୂଳକ କାର୍ଯ୍ୟ ଠପ ହୋଇଯାଇଛି। ବରୀରେ ବିଧାୟକ ବିଜୁ ଜନତା ଦଳ ଥିବାବେଳେ ବ୍ଲକ୍ ଅଧ୍ୟକ୍ଷ ଶାସକ ବିଜେପି ଦଳରେ ଯୋଗ ଦେଇଛନ୍ତି। କିନ୍ତୁ ବିକାଶ ମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ସରକାରୀ ପ୍ରଶାସନ ସହିତ ସମନ୍ୱୟର ଅଭାବ ଫଳରେ ବିକାଶ ମୂଳକ କାର୍ଯ୍ୟ ହୋଇପାରୁନଥିବା ବେଳେ ବରୀ ବ୍ଲକ୍ ଅଧ୍ୟକ୍ଷ ଏବଂ ବିଡିଓ ମୁହାଁମୁହିଁ ଅବସ୍ଥାକୁ ଆସିଥିବା ଜଣାପଡ଼ିଛି। ବିଗତ ଦିନରେ ପଞ୍ଚାୟତ

**ଶାସକ ଦଳର ଅଧ୍ୟକ୍ଷଙ୍କ ଦାଦାଗିରି, ଥାନାରେ ମାମଲା**



ସମିତି ବୈଠକ ତାରିଖ ଧାର୍ଯ୍ୟ ହେବା ଓ ପରବର୍ତ୍ତୀ ଅବସ୍ଥାରେ ଏହା ବାତିଲ ହେବା ଘଟଣାକୁ ନେଇ ବରୀ ବ୍ଲକ୍ ଅଧ୍ୟକ୍ଷ ଅଶୋକ କୁମାର ଗେଡି ବିଡିଓଙ୍କୁ ଅପାରଗ ବୋଲି ମନ୍ତବ୍ୟ ଦେଇଥିଲେ। ଆଜି ବ୍ଲକ ଅଧ୍ୟକ୍ଷ ଶ୍ରୀ ଗେଡୀ ବିଡିଓଙ୍କୁ ଅଶାଳୀନ ମନ୍ତବ୍ୟ ଓ ହତ୍ୟା ଧମକ ଦେବା ଘଟଣାକୁ ନେଇ ବିଡିଓ ମୀନତି ଜଗଦେବ ବରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବିଡିଓ ବରୀଙ୍କ ଲିଖିତ ଅଭିଯୋଗକୁ ଭିତ୍ତିକରି ବରୀ ଥାନାରେ ୩୪୯/୨୬ ରେ ଏକ ମାମଲା ରୁଜୁ ହୋଇଛି। ଏ ବିଷୟରେ ବରୀ ଥାନା ଅଧିକାରିଣୀ ହେମଲତା ଦାସଙ୍କୁ ପଚାରିବାର ସେ କୁହନ୍ତି ବିଡିଓଙ୍କ ଲିଖିତ ଅଭିଯୋଗ ମିଳିଛି। ତେବେ କେଉଁ ପରିସ୍ଥିତିରେ ବ୍ଲକ ଅଧ୍ୟକ୍ଷ ଏଭଳି ଧମକ ଦେଲେ ଯାହା ଫଳରେ ମହିଳା ବିଡିଓ ଜଣକ ଥାନାରେ ଏତଲା ଦେବାକୁ ବାଧ ହେଲେ ତାହା ସବୁଠାରୁ ବଡ଼ ପ୍ରଶ୍ନ ସୃଷ୍ଟି କରିଛି। ଶାସକ ଦଳର ସିଧାସଳଖ ଏହା ଗୁଣ୍ଡାରାଜ ବୋଲି ସାଧାରଣରେ ଚର୍ଚ୍ଚା ହେଉଥିବାବେଳେ ଆଗକୁ ଏହି ଅଭିଯୋଗର କାର୍ଯ୍ୟାନୁଷ୍ଠାନ କ'ଣ ହେଉଛି ତାହା ଦେଖିବାକୁ ବାକି ରହିଲା।

## କାଜୁ ବଗିଚାରୁ ହାତୀ ଛୁଆର ମୃତଦେହ ଉଦ୍ଧାର

ବାରିପଦା/କରଞ୍ଜିଆ, ୧୦।୯ (ସମିସ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଦୁଧିଆଣୀ ରେଞ୍ଜ ଟଙ୍ଗାବିଲା ସେକ୍ସନର ହାତୀମୁଣ୍ଡି ଗ୍ରାମରେ ଏକ ମାଇ ହାତୀ ଛୁଆର ମୃତ୍ୟୁ ଘଟିଛି। ଗୁରୁବାର ଭୋର ପ୍ରାୟ ୫ଟା ୧୦ ମିନିଟ୍ ସମୟରେ ଟଙ୍ଗାବିଲା ବିଟ୍ ଗାର୍ଡ ପାଟ୍ରୋଲିଂ କରୁଥିବାବେଳେ ଏହି ମୃତଦେହ ଠାବ କରିଥିଲେ। ବାରିପଦା ସର୍କଲ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗେନାନୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ହାତୀମୁଣ୍ଡି



ସଂରକ୍ଷିତ ଜଙ୍ଗଲଠାରୁ ପ୍ରାୟ ୨୦୦ ମିଟର ଦୂରରେ ଥିବା ଫକୀର ନାଏକଙ୍କ ରେକର୍ଡଭୁକ୍ତ ଜମିର କାଜୁ ବଗିଚାରେ ହାତୀ ଛୁଆଟି ପଡ଼ିରହିଥିଲା। ମୃତ ମାଇ ହାତୀ ଛୁଆର ବୟସ ଏକ ମାସରୁ କମ୍ ହେବ ବୋଲି ଅନୁମାନ କରାଯାଉଛି। ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ହାତୀ ଛୁଆର ମୃତ୍ୟୁ କେଉଁ କାରଣରୁ ହୋଇଛି, ସେ ନେଇ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ତଥ୍ୟ ସ୍ପଷ୍ଟ ହେବ ବୋଲି ଡ ଗୋଗେନାନୀ କହିଛନ୍ତି। ଶିମିଳିପାଳରୁ ହାତୀ ପଲରୁ ଚାଲି ଆସିଥିବା ହାତୀ ଶାବକଟି ପୋଖରିଆ ଜଙ୍ଗଲରେ ୧୭ ଦିନ ତଳେ ଜନ୍ମ ହୋଇଥିଲା।

**ମୁଖ୍ୟମନ୍ତ୍ରୀଙ୍କ ୟୁଏଇ ଗସ୍ତରେ ୨.୧୦ ଲକ୍ଷ କୋଟି ନିବେଶ ପାଇଁ ଏମ୍ଓୟୁ**

## ବିଜେଡିର ପ୍ରଶ୍ନ, ଏହା ପୂର୍ବ ଘୋଷଣାର ପୁନରାବୃତ୍ତି ନୁହେଁ ତ

ଭୁବନେଶ୍ୱର,୧୦।୯ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବର୍ତ୍ତମାନର ୟୁଏଇ ଗସ୍ତ ଅବସରରେ ଗୁରବାର ରାଜ୍ୟରେ ୨.୧୦ ଲକ୍ଷ କୋଟିର ନିବେଶ ପାଇଁ ଏମ୍ଓୟୁ ସ୍ୱାକ୍ଷରିତ ହୋଇଥିବା ନେଇ ସରକାରଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ତେବେ ଏହି ଏମ୍ଓୟୁକୁ ନେଇ ସନ୍ଦେହ ପ୍ରକାଶ କରିଛି ବିଜେଡି। ୨୦୨୫ ଜାନୁଆରୀର ଉତ୍କର୍ଷ ଓଡ଼ିଶା ସମୟରେ ହୋଇଥିବା ଘୋଷଣାର ପୁନରାବୃତ୍ତି ନୁହେଁ ତ ବୋଲି ଦଳ ପକ୍ଷରୁ ପ୍ରଶ୍ନ ଉଠାଯାଇଛି। ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ବିଧାୟକ ଗୌତମବୁଦ୍ଧ ଦାସ ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କ ୟୁଏଇ ଗସ୍ତକୁ ନେଇ ରାଜ୍ୟ ସରକାରଙ୍କୁ ପ୍ରଶ୍ନବାଣରେ ଘେରିଛନ୍ତି।

ଗୌତମବୁଦ୍ଧ ଦାସ କହିଥିଲେ ଯେ ଆବୁଧାବିରେ ଆଦାନୀ ଗ୍ରୁପ ଓ ଆଇଏଚସି ଗ୍ରୁପ୍ ସହ ଓଡ଼ିଶା ସରକାରଙ୍କ ୨.୧ ଲକ୍ଷ କୋଟିର ନିବେଶ ପ୍ରସ୍ତାବକୁ ନେଇ ଏବେ ଏକ ବଡ଼ ପ୍ରଶ୍ନ ଉଠୁଛି। ଜାନୁଆରୀ ୨୦୨୫ର ଉତ୍କର୍ଷ ଓଡ଼ିଶା, ମେକ୍ ଇନ ଓଡ଼ିଶା କନକ୍ଲେଭରେ ଆଦାନୀ ଗ୍ରୁପ ଓଡ଼ିଶାରେ ଆଗାମୀ ୫ ବର୍ଷରେ ୨.୩ ଲକ୍ଷ କୋଟି ନିବେଶ କରିବାକୁ ଘୋଷଣା କରାଯାଇଥିଲା। ଏଥିରେ ପାୱାର, ସିମେଣ୍ଟ, ଇଣ୍ଡଷ୍ଟ୍ରିଆଲ ପାର୍କ, ଆଲୁମିନିୟମ ଓ ସିଟି ଗ୍ୟାସ ଇତ୍ୟାଦି କ୍ଷେତ୍ର ସାମିଲ ଥିଲା। ଏବେ ଆବୁଧାବିରେ ଆଦାନୀ ଗ୍ରୁପ ଓ ଆଇଏଚସି ଗ୍ରୁପ ମିଳିତ ଭାବେ ଓଡ଼ିଶାରେ ୧୪ଟି ପ୍ରକଳ୍ପରେ ପ୍ରାୟ



- ରାଜ୍ୟ ବିଜେପି ସରକାର ଏହାର ସ୍ପଷ୍ଟୀକରଣ ରଖନ୍ତୁ
- ଧୂଆଁବାଣ ଛାଡ଼ିବାରେ ବିଜେପି ସିଦ୍ଧହସ୍ତ

୨.୧ ଲକ୍ଷ କୋଟି ନିବେଶ ସମ୍ଭାବନା ନେଇ ଏମ୍ଓୟୁ କରିଛନ୍ତି ବୋଲି କୁହାଯାଉଛି। ତେବେ ଏହି ଦୁଇ ଘୋଷଣା ମଧ୍ୟରେ କେତେ ନିବେଶ ଓ ପ୍ରକଳ୍ପ ପରସ୍ପର ସହ ମେଳ ଖାଉଥିବାରୁ ରାଜ୍ୟ ସରକାର ଏହାକୁ ସ୍ପଷ୍ଟ କରିବା ଦରକାର। ସେ ଆହୁରି ମଧ୍ୟ କହିଥିଲେ ଯେ ବିଭିନ୍ନ ମିଥ୍ୟା କଥା କହିବାରେ ସରକାରଙ୍କ ଛୋଟ ଉପଲବ୍‌ଧିକୁ ଅତିରଞ୍ଜିତ କରି ବର୍ଣ୍ଣନା କରିବାରେ ଓ ରାଜ୍ୟବାସୀଙ୍କୁ ଧୂଆଁବାଣ ମାରିବାରେ ବିଜେପି ସିଦ୍ଧହସ୍ତ। ତେଣୁ ଉତ୍କର୍ଷ ଓଡ଼ିଶା ସମୟରେ ଘୋଷଣା ହୋଇଥିବା ପ୍ରକଳ୍ପ ଓ ୟୁଏଇରେ ସ୍ୱାକ୍ଷରିତ ହୋଇଥିବା ଏମ୍ଓୟୁରେ ଥିବା ପ୍ରକଳ୍ପରେ ସମାନତା ଦେଖିବାକୁ ମିଳୁଥିବାରୁ, ଏହା ପୂର୍ବ ଘୋଷଣାର ପୁନରାବୃତ୍ତି ବୋଲି ସନ୍ଦେହ ଉପୁଜିଛି। ଡ. ଲେନିନ ମହାନ୍ତି କହିଥିଲେ ଯେ ପୁଞ୍ଜି ନିବେଶ ଓ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ରାଜ୍ୟ ବିଜେପି ସରକାରଙ୍କ ଦ୍ୱାରା ହେଉଥିବା ଘୋଷଣା ଓ ବାସ୍ତବତା ଭିତରେ ବଡ଼ ବ୍ୟବଧାନ ପରିଲକ୍ଷିତ ହେଉଛି। ମୁଖ୍ୟମନ୍ତ୍ରୀ ସିଙ୍ଗାପୁର ଗସ୍ତ ସମୟରେ ଆନୁଷ୍ଠାନିକ ଭାବେ କୌଣସି ଏମ୍ଓୟୁ ସ୍ୱାକ୍ଷରିତ ହୋଇନଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ବିପୁଳ ପୁଞ୍ଜିନିବେଶ ହେବ ବୋଲି ଦାବି କରାଯାଇଥିଲା। କିନ୍ତୁ ସେହି ଗସ୍ତର ଫାଇଦା ରାଜ୍ୟବାସୀଙ୍କୁ ଏ ପର୍ଯ୍ୟନ୍ତ ଦେଖିବାକୁ ମିଳିଲା ନାହିଁ। ଏବେ ୟୁଏଇ ଗସ୍ତକୁ ନେଇ ବଡ଼ ଉପଲବ୍‌ଧି କଥା କୁହାଯାଉଛି। ଏହି ଘୋଷଣା ପୂର୍ବ ଘୋଷଣା ସହିତ ମେଳ ଖାଉଥିବାରୁ, ଏହା କେବଳ ଏକ ଭେଳିକି ଭଳି ମନେ ହେଉଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ଡକ୍ଟର ପ୍ରତିଭା ରାୟଙ୍କୁ ସାହିତ୍ୟ ଅକାଦେମି ଫେଲୋସିପ୍ ପ୍ରଦାନ

ଭୁବନେଶ୍ୱର, ୧୦।୯ (ସମିସ): ସାହିତ୍ୟ ଅକାଦେମି ପକ୍ଷରୁ ଭୁବନେଶ୍ୱରର ସଂସ୍କୃତି ଭବନ ସଭାଗୃହରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରସିଦ୍ଧ ଓଡ଼ିଆ ଲେଖିକା ଏବଂ ବିଦୁଷୀ ଡା. ପ୍ରତିଭା ରାୟଙ୍କୁ ଫେଲୋସିପ୍ ପ୍ରଦାନ କରାଯାଇଛି। ପ୍ରାରମ୍ଭରେ ଡା. ଆଦ୍ୟାଶା ଦାସଙ୍କ ଆବାହନୀ ଗୀତ ପରିବେଷଣ କରିଥିଲେ। ସାହିତ୍ୟ ଅକାଦେମିର ସଚିବ ଡା. ବରୁଣ

**ପ୍ରତିଭା ରାୟ ଭାରତୀୟ ସାହିତ୍ୟର ଜୀବନ୍ତ କିମ୍ବଦନ୍ତୀ**

ଗୁଲାଟି ପ୍ରାରମ୍ଭିକ ମନ୍ତବ୍ୟ ଉପସ୍ଥାପନ କରିଥିଲେ ଏବଂ ଫେଲୋସିପର ପ୍ରଶସ୍ତି ପାଠ କରିଥିଲେ। ସାହିତ୍ୟ ଅକାଦେମିର ସଭାପତି ଡା. ମାଧବ କୌଶିକ ଡା. ରାୟଙ୍କୁ ଫେଲୋସିପ୍ ଫଳକ ପ୍ରଦାନ କରିବା ପୂର୍ବକ ସଭାପତି ଭାଷଣ ଦେଇ କହିଥିଲେ ଯେ ଡା. ରାୟ ହେଉଛନ୍ତି ଭାରତୀୟ ସାହିତ୍ୟର ଜୀବନ୍ତ କିମ୍ବଦନ୍ତୀ। ଏହି ଅବସରରେ ଏକ ସଂବାଦ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଯେଉଁଥିରେ ସାହିତ୍ୟ ଅକାଦେମିର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଡା. ଗୌରହରି ଦାସ ଅଧ୍ୟକ୍ଷତା କରିଥିଲେ। ଡା. ଦାସ କହିଥିଲେ ଯେ ଡା. ରାୟ ହେଉଛନ୍ତି ଓଡ଼ିଶାର ପ୍ରଥମ ଲେଖିକା ଯିଏ ସାହିତ୍ୟ ଅକାଦେମିର ଫେଲୋସିପ୍ ପାଇଛନ୍ତି। ଲେଖକ ଦେବପ୍ରସାଦ ଦାଶ, ପ୍ରଫେସର ସଂଘମିତ୍ରା ମିଶ୍ର ଏବଂ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ପ୍ରତିଭା ରାୟଙ୍କ ଜୀବନୀ ଏବଂ କୃତି ଉପରେ



ବକ୍ତବ୍ୟ ପ୍ରଦାନ କରିଥିଲେ। ଡା. ରାୟ ସମ୍ମାନ ସ୍ୱୀକାରୋକ୍ତି ସ୍ୱରୂପ ବକ୍ତବ୍ୟ ପ୍ରଦାନ କରିଥିଲେ। ସେ ମାତୃଭାଷା ଓଡ଼ିଆ ଏବଂ ସାହିତ୍ୟ ପରମ୍ପରାର ଗୁରୁତ୍ୱ ବିଷୟରେ କହିଥିଲେ। ଶେଷରେ ସାହିତ୍ୟ ଅକାଦେମିର ଉପସଚିବ ଡା. ଏନ ସୁରେଶ ବାବୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଲେଖକ, ଛାତ୍ରଛାତ୍ରୀ ଏବଂ ବିଦ୍ୱାନ ଉପସ୍ଥିତ ରହିଥିଲେ।

**ଅପରେସନ୍ ଅନ୍ୱେଷଣ**

## ୧୭ ରାଜ୍ୟରୁ ୧୦୧ ଓଡ଼ିଆ ଶିଶୁ ଉଦ୍ଧାର

ଭୁବନେଶ୍ୱର, ୧୦।୯ (ସମିସ): ଅନ୍ୟ ରାଜ୍ୟରେ ନିଖୋଜ ଓ ମାନବ ଚାଲାଣର ଶିକାର ହୋଇଥିବା ଓଡ଼ିଆ ଶିଶୁଙ୍କୁ ଠାବ କରି ଉଦ୍ଧାର କରିବା ପାଇଁ କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା (ସିଏଡବ୍ଲ୍ୟୁ ଓ ସିଡବ୍ଲୁ) ପକ୍ଷରୁ 'ଅପରେସନ୍ ଅନ୍ୱେଷଣ' ଆରମ୍ଭ ହୋଇଛି। ମହିଳା ଓ ଶିଶୁ ବିକାଶ ବିଭାଗ ସହଯୋଗରେ ଅଗଷ୍ଟ ୨୮ରୁ ସେପ୍ଟେମ୍ବର

- ନାବାଳିକା ମା' ଓ ୩ ମାସର ଶିଶୁ ଠାବ
- ୧୨ଦିନ ଧରି ଚାଲିଥିଲା ଧରପଗଡ଼
- ଉଦ୍ଧାରଙ୍କ ମଧ୍ୟରେ ୫୪ ନାବାଳକ, ୪୭ ନାବାଳିକା

୮ ପର୍ଯ୍ୟନ୍ତ ୧୨ ଦିନ ଧରି ଅଭିଯାନ ଜାରି ରହିଥିଲା। ଏହି ଅଭିଯାନରେ ୧୭ଟି ରାଜ୍ୟରୁ ମୋଟ ୧୦୧ ଜଣ ଓଡ଼ିଆ ଶିଶୁଙ୍କୁ ଠାବ କରାଯାଇଛି। ଉଦ୍ଧାର ଶିଶୁଙ୍କ ମଧ୍ୟରେ ୫୪ ଜଣ ପୁଅ ଓ ୪୭ ଜଣ ଝିଅ ଅଛନ୍ତି। ଏ ନେଇ ସିଏଡବ୍ଲ୍ୟୁ ଓ ସିଡବ୍ଲୁର ଆଇଜି ଏସ୍ ସାଇନି ସୂଚନା ଦେଇଛନ୍ତି।

ଓଡ଼ିଶା ପୁଲିସର ୧୭ଟି ଟିମ୍ ୧୭ଟି ରାଜ୍ୟକୁ ଯାଇ ନିଖୋଜ ଶିଶୁଙ୍କ ସନ୍ଧାନ କରିଥିଲେ। ଖୋଜାଖୋଜି, ମିଳିଥିବା ସୂଚନାର



ଯାଞ୍ଚ ଓ ସମ୍ପୃକ୍ତ ରାଜ୍ୟର କର୍ତ୍ତୃପକ୍ଷ ଏବଂ ଚାଇଲ୍ଡ କେୟାର୍ ଇନ୍‌ଷ୍ଟିଚ୍ୟୁସନ୍ ସହ ସମନ୍ୱୟ ମାଧ୍ୟମରେ ଶିଶୁମାନଙ୍କୁ ଠାବ କରାଯାଇଥିଲା। ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ଛତିଶଗଡ଼, ଗୁଜରାଟ, ହରିୟାଣା, ଝାଡ଼ଖଣ୍ଡ, କର୍ଣ୍ଣାଟକ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ନୂଆଦିଲ୍ଲୀ, ରାଜସ୍ଥାନ, ତାମିଲନାଡୁ, ତେଲଙ୍ଗାନା, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗରେ ଏହି ଅଭିଯାନ ଚାଲିଥିଲା। ୮୩ ଜଣ ଶିଶୁଙ୍କୁ ବିଭିନ୍ନ ଚାଇଲ୍ଡ କେୟାର୍ ଇନ୍‌ଷ୍ଟିଚ୍ୟୁସନ୍‌ରେ ଠାବ କରାଯାଇଥିଲା। ଏଥିରେ ୪୬ ଜଣ ପୁଅ ଓ ୩୭ ଝିଅ ଅଛନ୍ତି। ୬ ନାବାଳକ ଓ ଜଣେ ନାବାଳିକାକୁ ନିର୍ମାଣାଧୀନ ସ୍ଥଳରୁ ଠାବ କରାଯାଇଛି। ଓଡ଼ିଶାରେ ନିଖୋଜ ନେଇ ମାମଲା ରୁଜୁ ହୋଇଥିବା ୧୧ ଜଣ ଶିଶୁଙ୍କୁ ମଧ୍ୟ ଠାବ କରାଯାଇଛି। ସେମାନଙ୍କ ମଧ୍ୟରେ ୨ ପୁଅ ଓ ୯ ଝିଅ ଅଛନ୍ତି।

ଡିଏସ୍‌ପି ବାମଦେବ ନନ୍ଦଙ୍କ ନେତୃତ୍ୱରେ ଗୋଟିଏ ଟିମ୍ ପଶ୍ଚିମବଙ୍ଗ ଯାଇଥିବା ବେଳେ ପୂର୍ବାଞ୍ଚଳ ରେଞ୍ଜ୍ ଡିଆଇଜି ପିନାକ ମିଶ୍ର ଏହାର ତଦାରଖ କରୁଥିଲେ। ଫଳରେ ସର୍ବାଧିକ ୩୦ ଜଣ ଶିଶୁଙ୍କୁ ପଶ୍ଚିମବଙ୍ଗରୁ ଠାବ କରାଯାଇଛି। କର୍ଣ୍ଣାଟକରୁ ୧୧ ଜଣ ଶିଶୁ ଠାବ ହୋଇଥିବାବେଳେ ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ରଙ୍କ ଟିମ୍ ଏହି ଅଭିଯାନରେ ସାମିଲ ହୋଇଥିଲା। ଡିଏସ୍‌ପି ଜ୍ୟୋତ୍ସ୍ନାରାଣୀ ବେହେରା ଓ ଡିଏସ୍‌ପି ଗିରିଜାନନ୍ଦନ ପଟ୍ଟନାୟକଙ୍କ ନେତୃତ୍ୱରେ ଝାଡ଼ଖଣ୍ଡ ଏବଂ ତାମିଲନାଡୁରୁ ୧୦ ଜଣ ଲେଖାଏଁ ଶିଶୁ ଠାବ ହୋଇଛନ୍ତି। ଏହି ଅଭିଯାନରେ ଠାବ ହୋଇଥିବା ସର୍ବକନିଷ୍ଠ ଶିଶୁର ବୟସ ମାତ୍ର ୩ ମାସ। ସେ ନିଜ ନାବାଳିକା ମା'ଙ୍କ ସହ ଏକ ଚାଇଲ୍ଡ କେୟାର୍ ଇନ୍‌ଷ୍ଟିଚ୍ୟୁସନ୍‌ରେ ରହୁଥିବା ବେଳେ ପୁଲିସ ଉଭୟଙ୍କୁ ଠାବ କରିଥିଲା। ଅନ୍ୟପକ୍ଷରେ ଉଦ୍ଧାର ହୋଇଥିବା ଜଣେ ଶିଶୁ ୫ ବର୍ଷରୁ ଅଧିକ ସମୟ ଧରି ଗୋଟିଏ ଅନୁଷ୍ଠାନରେ ଥିଲା ବୋଲି ଜଣାପଡ଼ିଛି। ଉଦ୍ଧାର ହୋଇଥିବା ଶିଶୁଙ୍କ ମଧ୍ୟରୁ କେତେଜଣଙ୍କୁ ଓଡ଼ିଶାକୁ ଫେରାଇ ଅଣାଯାଇଥିବା ବେଳେ ଆଉ କିଛିଙ୍କ ପ୍ରତ୍ୟାବର୍ତ୍ତନ ପାଇଁ ପ୍ରକ୍ରିୟା ଜାରି ରହିଛି। ଏହି ଅଭିଯାନ ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗର ଲିଗାଲ୍-କମ୍-ପ୍ରୋବେସନ୍ ଅଫିସରମାନେ ମଧ୍ୟ ଆବଶ୍ୟକ ସହଯୋଗ ଯୋଗାଇଥିବା ବେଳେ ଶିଶୁମାନଙ୍କ ପୁନଃଏକୀକରଣ ଓ ପୁନର୍ବାସ ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଉଛି।


SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| ବିଜ୍ଞାପନ ସଂ. CRPD/SCO/2026-27/21 (ଚୁକ୍ତିଭିତ୍ତିକ ପଦବୀ) | | |
| --- | --- | --- |
| ପୋଷ୍ଟର ନାମ | ଖାଲି ପଦବୀ | 31.08.2026 ରେ ବୟସ (ବର୍ଷ) ସର୍ବାଧିକ |
| ଗ୍ରୁପ ସିଆଇଏସ୍‌ଓ (ମୁଖ୍ୟ ସୂଚନା ସୁରକ୍ଷା ଅଧିକାରୀ) | 1 | 57 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ ପ୍ରୋଫାଇଲ୍ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ, ଅନଲାଇନ ଆପ୍ଲିକେସନ ଜମା ଏବଂ ଅନଲାଇନ ଆପ୍ଲିକେସନ ଫିସ୍ ଦେୟ ପାଇଁ ବ୍ୟାଙ୍କର ୱେବସାଇଟ https://sbi.bank.in/web/careers/current-openings ଲିଙ୍କ୍ ସହିତ ଲଗ ଇନ କରନ୍ତୁ । ଆବେଦନ ଏବଂ ଫି ପଠେଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 04.09.2026 ରୁ 24.09.2026 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 04.09.2026
**ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)**

# ଚଷାଖଣ୍ଡ ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ବନ୍ଦ / ୧୩ ଗାଁର ପଶୁପାଳକ ହନ୍ତସନ୍ତ

କଯାଁଗୋଲା,୧୦।୯ (ସମିସ):

ଗାଁର ଚାଷୀଙ୍କ ପାଇଁ ଗୋରୁ ଗାଈ କେବଳ ଗୃହପାଳିତ ପଶୁ ନୁହେଁ, ଏହା ତାଙ୍କ ଜୀବିକାର ଏକ ମୁଖ୍ୟ ଆଧାର। ହେଲେ ଯେଉଁ ପଶୁ ଉପରେ ନିର୍ଭର କରି ପରିବାର ଚଳେ, ସେହି ପଶୁ ଅସୁସ୍ଥ ହେଲେ ଚିକିତ୍ସା କରାଇବାକୁ ଏବେ ନାହିଁ ସରକାରୀ ସୁବିଧା। ଚଷାଖଣ୍ଡ ପ୍ରାଣୀଧନ ଚିକିତ୍ସା କେନ୍ଦ୍ରରେ ଦୀର୍ଘ ୧ମାସ ହେଲା ତାଲା ଝୁଲୁଥିବାବେଳେ ଏବେ ଏହି ଘଟଣା ଚାଷୀଙ୍କ ଅସନ୍ତୋଷର କାରଣ ହୋଇଛି। ପ୍ରାଣୀ ଚିକିତ୍ସକ ନାହାନ୍ତି, କର୍ମଚାରୀ ନାହାନ୍ତି, ଚିକିତ୍ସା ନାହିଁ, କେବଳ ରହିଛି ନୂଆ କୋଠା ଓ ବନ୍ଦ ତାଲା। ଫଳରେ ୧୩ରୁ ଊର୍ଦ୍ଧ୍ୱ ଗାଁର ପଶୁପାଳକ ଏବେ ଚିକିତ୍ସା ପାଇଁ ଦୂରଦୂରାନ୍ତକୁ ଦୌଡ଼ୁଛନ୍ତି। ଦଶରଥପୁର ବ୍ଲକ୍ ଅନ୍ତର୍ଗତ ଚଷାଖଣ୍ଡରେ ଥିବା ଏହି ପ୍ରାଣୀଧନ ଚିକିତ୍ସା କେନ୍ଦ୍ରର ଇତିହାସ ଦୀର୍ଘ। ୧୯୬୪ ମସିହାରେ ପ୍ରତିଷ୍ଠିତ ଏହି କେନ୍ଦ୍ରଟି ଦଶନ୍ଧି ଦଶନ୍ଧି ଧରି ଅଞ୍ଚଳର ଚାଷୀ ଓ ପଶୁପାଳକଙ୍କ ଭରସା ପାଲଟିଥିଲା। ପୁରୁଣା ଗୃହଟି ଜରାଜୀର୍ଣ୍ଣ ହେବା ପରେ ସେହି ଭବନକୁ ତିଆରି ହୋଇ ନିର୍ମାଣ ହେଲା। ଲୋକେ ଭାବିଥିଲେ, ଏଥର




ପଶୁ ଚିକିତ୍ସା ସେବା ଆହୁରି ସୁଦୃଢ଼ ହେବ। କିନ୍ତୁ ନୂଆ କୋଠା ଠିଆ ହୋଇଥିବାବେଳେ ଚିକିତ୍ସା ସେବା ହ୍ରାସ ପାଇଛି। ପୂର୍ବରୁ ଏଠାରେ କାର୍ଯ୍ୟରତ ପ୍ରାଣୀଧନ ନିରୀକ୍ଷକ ରଶ୍ମୀରଞ୍ଜନ ଷଡ଼ଙ୍ଗୀ ଉପସ୍ଥିତ ରହି ଅଞ୍ଚଳର ଗାଈ, ଗୋରୁ ଓ ଅନ୍ୟାନ୍ୟ ପଶୁଙ୍କ ଚିକିତ୍ସା କରୁଥିଲେ। ପଶୁ ଅସୁସ୍ଥ ହେଲେ ଚାଷୀମାନେ ପଶୁକୁ ଧରି ଏଠାକୁ ଆଣି ଚିକିତ୍ସା କରାଇ ନେଉଥିଲେ। ଏବେ ସେହି ଦୃଶ୍ୟ ବଦଳି ଯାଇଛି। କେନ୍ଦ୍ର ଆଗରେ ଅସୁସ୍ଥ ପ୍ରାଣୀ ଭିଡ଼ ନାହିଁ। ବଦଳରେ ଝୁଲୁଛି ତାଲା। ଚିକିତ୍ସା ପାଇଁ ଆସୁଥିବା ପଶୁପାଳକ ନିରାଶ ହୋଇ ଫେରୁଛନ୍ତି। ବର୍ତ୍ତମାନ ବର୍ଷାଋତୁ। ବର୍ଷା ଓ ଜଳବାୟୁ ପରିବର୍ତ୍ତନ ଯୋଗୁଁ ପଶୁମାନଙ୍କଠାରେ ବିଭିନ୍ନ ରୋଗ ଦେଖାଦେବାର ସମ୍ଭାବନା ରହିଛି। ଏଭଳି ସମୟରେ ସରକାରୀ ପ୍ରାଣୀ ଚିକିତ୍ସା କେନ୍ଦ୍ର ଦିନ ଦିନ ଧରି ବନ୍ଦ ରହିବାକୁ ନେଇ ଚାଷୀଙ୍କ ଚିନ୍ତା ବଢ଼ିଛି। ଗୋଟିଏ ପଶୁ ଅସୁସ୍ଥ ହେଲେ ତାକୁ ଦୂର ସ୍ଥାନକୁ ନେବା ସହଜ ନୁହେଁ। ଅନେକ ଗରିବ ପଶୁପାଳକଙ୍କ ପାଇଁ ଗାଡ଼ି ଭଡ଼ା ଓ ଅନ୍ୟାନ୍ୟ ଖର୍ଚ୍ଚ ମଧ୍ୟ ବୋଝ ପାଲଟୁଛି। ଏହି କେନ୍ଦ୍ର ଉପରେ ଚଷାଖଣ୍ଡ ସମେତ ଆଖପାଖ ୧୩ରୁ ଊର୍ଦ୍ଧ୍ୱ ଗାଁର ଲୋକେ ନିର୍ଭର କରୁଛନ୍ତି। ଏଠାକାର ଅନେକ ପରିବାର ଗାଈ, ଗୋରୁ, ଛେଳି ଆଦି ପାଳନ କରି ପରିବାରର ଆୟ ବଢ଼ାଉଛନ୍ତି। ପଶୁ ଅସୁସ୍ଥ ହେଲେ ଚିକିତ୍ସା ନମିଳିବାର ଅର୍ଥ ହେଉଛି ଚାଷୀଙ୍କ ଆର୍ଥିକ କ୍ଷତି। ଏପରି ସ୍ଥିତିରେ ସରକାରୀ ଚିକିତ୍ସା କେନ୍ଦ୍ର ବନ୍ଦ ରହିବାକୁ ନେଇ ଲୋକଙ୍କ ମଧ୍ୟରେ ପ୍ରଶ୍ନ ଉଠିଛି। ନୂଆ କୋଠା ଅଛି, ହେଲେ ଡାକ୍ତର କାହିଁକି ନାହାନ୍ତି' ଏହି ପ୍ରଶ୍ନ ଏବେ ଚଷାଖଣ୍ଡବାସୀଙ୍କ ମୁହଁରେ। ସରକାର ଗ୍ରାମାଞ୍ଚଳରେ ପଶୁପାଳନକୁ ପ୍ରୋତ୍ସାହନ ଦେଉଥିବା ବେଳେ ମୌଳିକ ପଶୁ ଚିକିତ୍ସା ସେବା ଯଦି ଉପଲବ୍ଧ ନହୁଏ, ତେବେ ଏହାର ଲାଭ କିପରି ଚାଷୀଙ୍କ ପାଖରେ ପହଞ୍ଚିବ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ବ୍ଲକ୍ ପ୍ରାଣୀଧନ ଚିକିତ୍ସକ ବିଶ୍ୱନାଥ ପୃଷ୍ଟିଙ୍କ ସହ ଯୋଗାଯୋଗ କରାଯିବାରୁ ଚଷାଖଣ୍ଡ କେନ୍ଦ୍ରରେ ଦାୟିତ୍ୱ ଓ ଅନ୍ୟ କେନ୍ଦ୍ରର ଚାର୍ଜ ସମ୍ପର୍କିତ ବିଭାଗୀୟ କାରଣ ଦର୍ଶାଇଥିଲେ। ତେବେ ଦୀର୍ଘ ୧ମାସ ଧରି କେନ୍ଦ୍ର ବନ୍ଦ ରହିବା ଓ ଚାଷୀଙ୍କୁ ନିୟମିତ ସେବା ମିଳୁନଥିବା ନେଇ ସ୍ପଷ୍ଟ ପ୍ରତିକ୍ରିୟା ମିଳିପାରିନାହିଁ। ଏବେ ଚାଷୀଙ୍କ ଦାବି ଗୋଟିଏ ତାଲା ଖୋଲ, ଡାକ୍ତର ଦିଅ, ଚିକିତ୍ସା ସେବା ଚାଲୁ କର। ଦୀର୍ଘବର୍ଷର ଏହି ସରକାରୀ ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ କେବଳ ନୂଆ କୋଠାରେ ସୀମିତ ନରଖି ନିୟମିତ ଭାବେ ଖୋଲାଯାଇ ଆବଶ୍ୟକ ଡାକ୍ତର ଓ କର୍ମଚାରୀ ନିଯୁକ୍ତ କରାଯାଉ। ନଚେତ୍ ଚାଷୀଙ୍କ ଜୀବିକାର ଆଧାର ପଶୁଙ୍କ ଚିକିତ୍ସା ପାଇଁ ଆଉ କେତେଦିନ ଅପେକ୍ଷା କରିବାକୁ ପଡ଼ିବ, ତାହା ନେଇ ଏବେ ପ୍ରଶ୍ନ ଉଠିଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରି କେନ୍ଦ୍ରଟିକୁ ଚାଲୁ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଶିଶୁ ଶ୍ରମିକ ଉଚ୍ଛେଦ ନେଇ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର



ବିଞ୍ଝାରପୁର,୧୦।୯ (ସମିସ): ବିଞ୍ଝାରପୁର କଲ୍ୟାଣ ମଣ୍ଡପ ପରିସରରେ ଶିଶୁଶ୍ରମ ଉଚ୍ଛେଦ ଅଭିଯାନ, ଓଡ଼ିଶା ପକ୍ଷରୁ ଜିଲ୍ଲାସ୍ତରୀୟ ଅଧ୍ୟୟନ ସମ୍ପର୍କିତ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ସ୍ୱାମୀ ବିବେକାନନ୍ଦ ୟୁଥ୍ ଆସୋସିଏସନ୍‌ର ସମ୍ପାଦକ ତଥା ଯାଜପୁର ଜିଲ୍ଲା ଆବାହକ ଚନ୍ଦ୍ରଶେଖର ବେହେରାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଶିଶୁଶ୍ରମ ଉଚ୍ଛେଦ ଅଭିଯାନ, ଓଡ଼ିଶାର ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଏଡ୍ୟୁକୋ ଏବଂ ଜୟପ୍ରକାଶ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ଚେଞ୍ଜ, କୋଲକାତାର ମିଳିତ ଉଦ୍ୟମରେ ଓଡ଼ିଶାର ୧୦ଟି ଜିଲ୍ଲାରେ କରାଯାଇଥିବା ଅଧ୍ୟୟନର ତଥ୍ୟ ଏହି ଆଲୋଚନାଚକ୍ରରେ ଉପସ୍ଥାପନ କରାଯାଇଥିଲା। ଅଧ୍ୟୟନରେ ସମଗ୍ର ଓଡ଼ିଶାର ୪,୨୮୪ ଜଣ ଶିଶୁ ଓ ୧ ହଜାର ପରିବାର ସାମିଲ ହୋଇଥିବା ଜଣାପଡ଼ିଛି। ଅଧ୍ୟୟନ ଅନୁଯାୟୀ, କାମରେ ନିୟୋଜିତ ଶିଶୁମାନଙ୍କ ମଧ୍ୟରେ ବାଳିକାଙ୍କ ସଂଖ୍ୟା ଅଧିକ। ଏଥିସହ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପଛୁଆ ସମ୍ପ୍ରଦାୟର ଶିଶୁମାନେ ଅଧିକ ସଂଖ୍ୟାରେ ଶିଶୁଶ୍ରମରେ ନିୟୋଜିତ ହେଉଥିବା ତଥ୍ୟ ସାମ୍ନାକୁ ଆସିଛି। ଯାଜପୁର ଜିଲ୍ଲାରେ ମୁଖ୍ୟତଃ ଖଣି ଓ ପଥର ଖାଦାନ ସମ୍ପର୍କିତ କାର୍ଯ୍ୟରେ ଶିଶୁମାନେ ନିୟୋଜିତ ହେଉଥିବା ମଧ୍ୟ ଅଧ୍ୟୟନରୁ ଜଣାପଡ଼ିଛି। ଶିଶୁଶ୍ରମ ନିୟନ୍ତ୍ରଣ ଆଇନ ଅନୁଯାୟୀ ଖଣି ଓ ଖାଦାନକୁ ବିପଦସଙ୍କୁଳ କ୍ଷେତ୍ର ଭାବେ ଚିହ୍ନଟ କରାଯାଇଥିଲେ ମଧ୍ୟ ଏବେ ମଧ୍ୟ ଶିଶୁମାନେ ଏଠାରେ କାମ କରୁଥିବାରୁ ସଂସ୍ଥା ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ଆଲୋଚନାଚକ୍ରରେ ଘରୋଇ କାର୍ଯ୍ୟରେ ଶିଶୁମାନଙ୍କ ନିୟୋଜନ ସମ୍ପର୍କିତ ବିଷୟ ମଧ୍ୟ ଉଠିଥିଲା। ଆଇନରେ ହୋଇଥିବା ସଂଶୋଧନ ପରେ ଅନେକ ଶିଶୁ ଘରୋଇ କାମରେ ସହାୟତା କରୁଥିଲେ ମଧ୍ୟ ସେମାନଙ୍କୁ ଶିଶୁଶ୍ରମିକ ଭାବେ ବିଚାର କରାଯାଉନଥିବା ନେଇ ଆଲୋଚନା ହୋଇଥିଲା। ସେହିପରି ଯାଜପୁର ଜିଲ୍ଲାରେ ବାଲ୍ୟବିବାହର ସ୍ଥିତି ମଧ୍ୟ ଉଦ୍‌ବେଗଜନକ ରହିଛି। ୨୦୧୫ରୁ ୨୦୨୫ ମଧ୍ୟରେ ସମଗ୍ର ଓଡ଼ିଶାରେ ୮,୧୫୯ଟି ବାଲ୍ୟବିବାହ ଘଟଣାର ତଥ୍ୟ ମିଳିଥିବାବେଳେ, ଶିଶୁଶ୍ରମ ଉଚ୍ଛେଦ ଅଭିଯାନ, ଓଡ଼ିଶାର ତଥ୍ୟ ଅନୁଯାୟୀ ଯାଜପୁର ଜିଲ୍ଲାରେ ୩୨୮ଟି ବାଲ୍ୟବିବାହ ଘଟଣା ସମ୍ପର୍କରେ ଜଣାପଡ଼ିଛି। ଶିଶୁଶ୍ରମ ଓ ବାଲ୍ୟବିବାହର ମୁଖ୍ୟ କାରଣ ଭାବେ ଦାରିଦ୍ର୍ୟ, ଶିଶୁମାନଙ୍କର ଅଧାରୁ ପାଠପଢ଼ା ଛାଡ଼ିବା ଏବଂ ଋଣଗ୍ରସ୍ତତା ଭଳି ସମସ୍ୟା ଆଲୋଚନାଚକ୍ରରେ ଉଲ୍ଲେଖ କରାଯାଇଥିଲା। ପ୍ରାରମ୍ଭରେ ଚନ୍ଦ୍ରଶେଖର ବେହେରା ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ ପ୍ରଦୀପ ପ୍ରଜ୍ୱଳନ ମାଧ୍ୟମରେ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରାଯାଇଥିଲା। ତାପସ ରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ହରିଶ୍ଚନ୍ଦ୍ର ଦାସ ଉପସ୍ଥିତ ଅତିଥି, ଅଙ୍ଗନବାଡ଼ି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ପ୍ରଶିକ୍ଷକ ଓ ଅଂଶଗ୍ରହଣକାରୀମାନଙ୍କୁ ଧନ୍ୟବାଦ ଦେଇଥିଲେ।

# ପରିବାରକୁ ଫେରିଲେ ନିଖୋଜ ସାଗର

କୁଆଖିଆ,୧୦।୯ (ସମିସ): କୁଆଖିଆ ଥାନା ପୁଲିସର ଅକ୍ଲାନ୍ତ ପରିଶ୍ରମ ଫଳରେ ଗତ ଅଗଷ୍ଟ ମାସ ୩୧ ତାରିଖରୁ ନିଖୋଜ ଥିବା ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ନଠୁଆବର ପଞ୍ଚାୟତ ଟାକୁଆଠେଙ୍ଗ କପାଳୀ ଗାଁର ଡାକ୍ତରୀ ଛାତ୍ର ସାଗର ସାହୁଙ୍କୁ ମୟୂରଭଞ୍ଜ ଜିଲ୍ଲା ତିରିଂ ବସ୍ ଷ୍ଟାଣ୍ଡରୁ ଉଦ୍ଧାର କରାଯାଇ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ସାଗର ସାହୁ ଜଣେ ମେଧାବୀ ଛାତ୍ର ଥିବାବେଳେ ସେ ୨୦୨୫ ମସିହାରେ ନିଟ୍ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟରେ ଏମ୍‌ବିବିଏସ୍‌ରେ ନାମ ଲେଖାଇଥିଲେ। ସେ ମେଡିକାଲ କଲେଜ ହଷ୍ଟେଲରେ ରହି ପାଠ ପଢୁଥିଲେ। ଗତ ୩୧ ତାରିଖରେ ସାଗର ତାଙ୍କ ଡାକ୍ତରୀ ପରୀକ୍ଷା ଦେବା ସମୟରେ କୌଣସି କାରଣରୁ ପରୀକ୍ଷା ହଲ୍‌କୁ ନ ଯାଇ ବ୍ରହ୍ମପୁର ରେଳ ଷ୍ଟେସନ ଆସି ପ୍ରଶାନ୍ତି ଏକ୍ସପ୍ରେସ ଯୋଗେ ଭୁବନେଶ୍ୱର ପଳାଇ ଆସିଥିଲେ। ତା' ପରେ ତାଙ୍କର କୌଣସି ସନ୍ଧାନ ମିଳି ନଥିଲା। ଏ ସମ୍ପର୍କରେ ସାଗରଙ୍କ ବାପା ରବୀନ୍ଦ୍ର ସାହୁ କୁଆଖିଆ ଥାନାରେ ଲିଖିତ ଅଭିଯୋଗ କରିବା ପରେ କୁଆଖିଆ ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ସେଠୀ ଏକ ଟିମ୍ ଜରିଆରେ ତଦନ୍ତ ଜାରି ରଖିଥିଲେ। ଆଜି ଦିନ ସାଢ଼େ ଗୋଟାଏରେ ସାଗର ଏକ ବସ୍‌ରେ ଯାଉଥିବାବେଳେ ତାଙ୍କ ବାପାଙ୍କ ମୋବାଇଲ୍‌କୁ ବସ୍ କଣ୍ଡକ୍ଟରଠାରୁ ମୋବାଇଲ ଫୋନ ମାଗି ଫୋନ୍ କରି ଜଣାଇଥିଲେ। ସାଗରଙ୍କ ବାପା ତତ୍‌କ୍ଷଣାତ କୁଆଖିଆ ଥାନା ଆଇଆଇସିଙ୍କୁ ଫୋନ୍ ଯୋଗେ ଜଣାଇଥିଲେ। ଥାନା ଆଇଆଇସି ସେହି କଣ୍ଡକ୍ଟରଙ୍କ ମୋବାଇଲ ନମ୍ବରକୁ ଯାଞ୍ଚ କରି ଲୋକେଶନ ଜାଣି ତୁରନ୍ତ ଓଡ଼ିଶା ସୀମା ନିକଟସ୍ଥ ମୟୂରଭଞ୍ଜ ଜିଲ୍ଲାର ତିରିଂ ଥାନା ଆଇଆଇସିଙ୍କ ସହ ଯୋଗାଯୋଗ କରିଥିଲେ। ତିରିଂ ଥାନା ଆଇଆଇସି ତାଙ୍କ କର୍ମଚାରୀଙ୍କୁ ପଠାଇ ସାଗର ଯାଉଥିବା ବସ୍‌କୁ ଅଟକାଇ ସାଗରଙ୍କୁ ଥାନାକୁ ଆଣି ନିଜ ହେପାଜତକୁ ନେଇଥିବା ବେଳେ କୁଆଖିଆ ପୁଲିସ ସାଗରଙ୍କୁ ନିଜ ହେପାଜତକୁ ଆଣି ତାଙ୍କ ପିତାମାତାଙ୍କୁ ଜିମା ଦେଇଥିବା ଜଣାପଡ଼ିଛି। ଖବରଟି ପ୍ରଚାରିତ ପରେ ସାଗରଙ୍କ ପରିବାର ଏବଂ ନିଜ ଗାଁ କପାଳିରେ ଖୁସିର ଲହରୀ ଖେଳିଯାଇଛି। ଏଥିସହ କୁଆଖିଆ ଥାନା ପୁଲିସର ଉଦ୍ୟମକୁ ପ୍ରଶଂସା କରିଛନ୍ତି।

## ଦୁବକଣର ଦୁଃଖ ନାରୀଗାଁ-ଦୁବକଣ ରାସ୍ତା

# ସୋଠ ପରିବର୍ତ୍ତେ ବ୍ରିଜ ନିର୍ମାଣ ଦାବି

ମଙ୍ଗଳପୁର,୧୦।୯ (ସମିସ): ସରକାର ଗମନାଗମନର ସୁବିଧା ପାଇଁ ରାସ୍ତା ଘାଟର ଉନ୍ନତିକରଣ କାର୍ଯ୍ୟ କରିବା ସହ ରାସ୍ତାଗୁଡ଼ିକର ପ୍ରଶସ୍ତୀକରଣ କାର୍ଯ୍ୟ ମଧ୍ୟ କରୁଛନ୍ତି। କିନ୍ତୁ କେତେକ ସ୍ଥାନରେ ଅନଭିଜ୍ଞ ବିଭାଗୀୟ ଅଧିକାରୀ



ଓ ବେପରୁଆ ଠିକାଦାରଙ୍କ ପାଇଁ ଜନସାଧାରଣ ଏହାର ସୁଫଳ ପାଇବା ପରିବର୍ତ୍ତେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଯେକୌଣସି ରାସ୍ତା ନୂତନ ଭାବେ ନିର୍ମାଣ ହେବା ପୂର୍ବରୁ ବିଭାଗ ପକ୍ଷରୁ ସେହି ରାସ୍ତା ପାଇଁ କେତେ ଟଙ୍କା ଖର୍ଚ୍ଚ ହେବ ତାହାର ଏକ ଏଷ୍ଟିମେଟ କରାଯିବା କଥା। ସେହି ରାସ୍ତା ଦେଇ କେତେଗୋଟି ଗାଁ ପଡୁଛି ଓ ଏହି ଗାଁର ଚତୁର୍ଦ୍ଦିଗକୁ ଲକ୍ଷ୍ୟ କରି ଗାଁରୁ କିପରି ବର୍ଷା ଓ ବନ୍ୟା ଜଳ ନିଷ୍କାସନ ହୋଇପାରିବ ସେଥିନେଇ ବ୍ୟବସ୍ଥା ହେବା କଥା। ମାତ୍ର ଅନଭିଜ୍ଞ ଅଧିକାରୀ ଓ ବେପରୁଆ ଠିକାଦାରଙ୍କ ପାଇଁ ଏବେ ଗୋଟିଏ ଗାଁ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇ ମାସ ମାସ ରହୁଛି। ଦଶରଥପୁର ବ୍ଲକ୍‌ର ନାରୀଗାଁ ଠାରୁ ଦୁବକଣ ଭାୟା ଗରବନ୍ଧ ଜୁହୁପୁର ପର୍ଯ୍ୟନ୍ତ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ କ୍ଷେତ୍ରରେ ଏଭଳି ବ୍ୟତିକ୍ରମ ଯୋଗୁଁ ଦୁବକଣ ଗାଁ ଏବେ ଜଳମଗ୍ନ ରହୁଥିବା ଦେଖିବାକୁ ମିଳୁଛି। ଦୁବକଣ ଗ୍ରାମଟି ମାସ ମାସ ଧରି ଜଳ ମଗ୍ନ ହୋଇ ରହୁଥିବାବେଳେ ବର୍ଷା କି ବନ୍ୟା ହେଲେ ଗ୍ରାମ ଭିତରୁ ଜଳ ନିଷ୍କାସନ ହୋଇ ନପାରି ମାସ ମାସ ଗାଁ ଭିତରେ ପାଣି ଲହଡ଼ି ମାରୁଛି। ଯାହା ଫଳରେ ଗାଁର ଅଧିକାଂଶ ରାସ୍ତା ପାଣିରେ ବୁଡ଼ି ରହିବା ସହ ଅଳ୍ପ ଦିନ ମଧ୍ୟରେ ରାସ୍ତା ଫାଟି ଭାଙ୍ଗିରୁଜି ଯାଉଥିବା ଦେଖିବାକୁ ମିଳୁଛି। ଏହାର କାରଣ ଗାଁ ଭିତରୁ ପାଣି ନିଷ୍କାସନ ପାଇଁ ଯାଜପୁର -କଯାଁଗୋଲା ଜାତୀୟ ରାଜପଥକୁ ଲାଗି ନାରୀଗାଁ -ଦୁବକଣ ପୂର୍ତ୍ତବିଭାଗ ରାସ୍ତାର ଦୁବକଣ ଛକ ନିକଟରେ ଏକ ହୋମ ପାଇପ ସୋଠ ରହିଛି। ଯାହା ଫଳରେ ଉକ୍ତ ସୋଠ ଦେଇ ଏତେ ପରିମାଣର ପାଣି ନିଷ୍କାସନ ହେବା କଷ୍ଟକର ହୋଇ ପଡୁଥିବା ବେଳେ ଅଧିକାଂଶ ସମୟରେ ସୋଠ ମୁହଁରେ ଅଳିଆ, ଆବର୍ଜନା ଓ ଦଳ ଲାଗି ଜାମ ହୋଇଯିବା ଫଳରେ ଗାଁ ଭିତରୁ ପାଣି ନିଷ୍କାସନ ହେବାରେ ବାଧକ ସାଜୁଛି। ଏବେ ନାରୀଗାଁ -ଦୁବକଣ ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ରାସ୍ତା ନିର୍ମାଣ ସମୟରେ ଉକ୍ତ ସ୍ଥାନରେ ଏକ ପକ୍କା ପୋଲ (ବ୍ରିଜ) ନିର୍ମାଣ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ସାମାଜିକ କର୍ମୀ ଜୟପ୍ରକାଶ ନାୟକ, ସୁଶାନ୍ତ କୁମାର ଯେନା, ନିରଞ୍ଜନ ବାରିକ, ମନୋରଞ୍ଜନ ଯେନା ପ୍ରମୁଖ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି କରିଥିଲେ ଓ ବିଭାଗୀୟ ଅଧିକାରୀ ଉକ୍ତ ସ୍ଥାନରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଠିକାଦାରଙ୍କୁ ଉକ୍ତ ସ୍ଥାନରେ ବ୍ରିଜ ନିର୍ମାଣ କରିବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଠିକାଦାର ଲାଭଖୋର ମନୋବୃତ୍ତି ରଖି ଦୁବକଣ ଛକ ନିକଟରେ ବ୍ରିଜ ନିର୍ମାଣ କରିବା ପରିବର୍ତ୍ତେ ଏକ ହୋମ ପାଇପ ସୋଠ ନିର୍ମାଣ କରି ନିଜର କାମ ଶେଷ କରିଥିଲେ। ଯାହାର ପରିଣାମ ସ୍ୱରୂପ ଆଜି ଦୁବକଣ ଗ୍ରାମବାସୀ ମାସ ମାସ ଧରି ଜଳବନ୍ଦୀ ହୋଇ ରହିବାକୁ ବାଧ୍ୟ ହେଉଛନ୍ତି। ଘଟଣା ସମ୍ପର୍କରେ ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକ ଓ ବିଭାଗୀୟ ଅଧିକାରୀଙ୍କୁ ସାମାଜିକ କର୍ମୀ ଜୟପ୍ରକାଶ ନାୟକ ଅବଗତ କରାଇଛନ୍ତି। ଖୁବ୍‌ଶୀଘ୍ର ଉକ୍ତ ସ୍ଥାନରେ ହୋମ ପାଇପ ସୋଠ ଉଠାଇ ଏକ ପକ୍କା ପୋଲ (ବ୍ରିଜ) ନିର୍ମାଣ କରିବା ପାଇଁ ସାମାଜିକ କର୍ମୀ ଜୟପ୍ରକାଶ ନାୟକଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

# ଶିକ୍ଷକ ନେତାଙ୍କୁ ଶ୍ରଦ୍ଧାଞ୍ଜଳି

ବରୀ,୧୦।୯ (ସମିସ): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ପୂର୍ବତନ ସାଧାରଣ ସମ୍ପାଦକ ବିଶିଷ୍ଟ ଶିକ୍ଷାବିତ, ସଂଗ୍ରାମୀ ଶିକ୍ଷକ ଦିବଂଗତ ପୀତବାସ ବେହୁରିଆଙ୍କ ସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳି ସଭା ଓଡ଼ିଶା ପ୍ରତିଭା ପୂଜା ପରିଷଦ, ମେଦୁଆକୂଳ ଅନୁକୂଲ୍ୟରେ ଅଜାଣବନ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ଶିକ୍ଷକନେତା କର୍ଣ୍ଣଚନ୍ଦ୍ର ଘଡାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଦୁବକଣ ହାଇସ୍କୁଲର ଜଣେ ଆଦର୍ଶ ଶିକ୍ଷକ ଭାବେ ତାଙ୍କର କର୍ମମୟ ଜୀବନର ହୋଇଥିଲା ଅୟମାରମ୍ଭ। ଶିକ୍ଷା, ଶିକ୍ଷାୟତନ ଓ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟା, ପ୍ରତ୍ୟକ୍ଷ ଅନୁଦାନ ପ୍ରଦାନ, ଚାକିରି ସର୍ତ୍ତାବଳୀ ଆଦି ଦାବି ସମୂହକୁ ଆଲୋଚନା ଓ ଆନ୍ଦୋଳନ ମାଧ୍ୟମରେ ସରକାରଙ୍କ ନିକଟରେ ରଖି ଦାବିହାସଲ କରିବାରେ ସଫଳ ନେତୃତ୍ୱ ନିର୍ବାହ କରିଥିଲେ। ପରିଷଦର ସଂପାଦକ ଡଃ ନୃସିଂହ ଚରଣ ବେହେରା ଏ ନେଇ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନିରୁଦ୍ଧ ମଲ୍ଲ, ବୈଷ୍ଣବ ଚରଣ ଦାସ, ମକରଧ୍ୱଜ ସାହୁ, ଚିତ୍ତରଞ୍ଜନ ମହାନ୍ତି, କୈଳାସ ଚନ୍ଦ୍ର ବାସୁଲାଇ ଓ ମହେନ୍ଦ୍ର ଶାନ୍ତି ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଶେଷରେ ଅଭିରାମ ମଲ୍ଲ ସଭା ସଦ୍‌ଗର୍ବଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ବିୟୋଗ



ବଡ଼ଚଣା,୧୦।୯ (ସମିସ): ଚଣ୍ଡିଖୋଲସ୍ଥିତ ଧନେଶ୍ୱର-ଉମାକାନ୍ତ (ଡିୟୁ) ପବ୍ଲିକ ସ୍କୁଲର ପ୍ରତିଷ୍ଠାତା ତଥା ମହାବିନାୟକ ଏଜୁକେଶନାଲ୍ ୱେଲଫେୟାର୍ ଟ୍ରଷ୍ଟର ଅଧ୍ୟକ୍ଷ ଇଁ ଧନେଶ୍ୱର ମହାପାତ୍ର(୮୮)ଙ୍କ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା କାରଣରୁ ନିଜ ବାସଭବନରେ ଗତକାଲି ବିଳମ୍ବିତ ରାତିରେ ପରଲୋକେ ଘଟିଛି। ସ୍ୱର୍ଗତ ଧନେଶ୍ୱର ମହାପାତ୍ର ନଗର ଉନ୍ନୟନ ବିଭାଗର ମୁଖ୍ୟ ଯନ୍ତ୍ରୀ ଭାବେ ନିଜର ବୃତ୍ତିଗତ ଜୀବନ ଅତିବାହିତ କରିବା ସହ ଅବସର ଗ୍ରହଣ ପରେ ନିଜ ସାନଭାଇ ଯାଜପୁର ଜିଲ୍ଲାର ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ ଉମାକାନ୍ତ ମହାପାତ୍ରଙ୍କ ସହିତ ମିଶି ଗ୍ରାମାଞ୍ଚଳରେ ଶିକ୍ଷାର ପ୍ରଚାର ପ୍ରସାର ପାଇଁ ଚଣ୍ଡିଖୋଲ ସ୍ଥିତ ଡିୟୁ ପବ୍ଲିକ ସ୍କୁଲ ନିର୍ମାଣ କରିଥଲେ। ଯାହା ଆଜି ଯାଜପୁର ଜିଲ୍ଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ପରିଚିତ ହୋଇପାରିଛି। ସ୍ୱର୍ଗତ ମହାପାତ୍ରଙ୍କ ମରଶରୀର ଆଜି ଭୁବନେଶ୍ୱରରୁ ଆସି ଡିୟୁ ସ୍କୁଲ ପରିସରରେ ପହଞ୍ଚିଲା ପରେ ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ, ଛାତ୍ରଛାତ୍ରୀ ମର ଶରୀରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପରେ ନିକଟସ୍ଥ ସୁଙ୍ଗୁଡ଼ା ଗ୍ରାମରେ ମରଶରୀର ପହଞ୍ଚିଲା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତାଙ୍କ ବିୟୋଗରେ ବଡ଼ଚଣା ବିଧାୟକ ଅମର ନାୟକ, ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀ, ସୀତାକାନ୍ତ ମହାପାତ୍ର, ଶିକ୍ଷାବିତ୍ ଡ. ପ୍ରିୟନାଥ ମହାପାତ୍ର, ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲା, ଡ. ସୁଧୀର ଚନ୍ଦ୍ର ସାମଲ, ଡ ବିଧୁ ଭୂଷଣ ପଣ୍ଡା, ଡ. ବିଜୟ କୁମାର ଶତପଥି, ଡ. ତୁହିନାଂଶୁ ରଥ, ପ୍ରଶାନ୍ତ କୁମାର ସାହୁ, ପ୍ରଦୀପ କୁମାର ଧଳଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ଗ୍ରାମ ଶ୍ମଶାନରେ ଶବ ସତ୍କାର କରାଯାଇଥିଲା। ଜ୍ୟେଷ୍ଠ ପୁତ୍ର ଇଂ. ସତ୍ୟଜିତ ମହାପାତ୍ର ମୁଖାଗ୍ନି ଦେଇଥିଲେ।

# ଓଷ୍ଟା ପ୍ରତିନିଧିମଣ୍ଡଳୀଙ୍କ ସହ ମଣ୍ଡଳ ଶିକ୍ଷା ଅଧିକାରିଣୀଙ୍କ ଆଲୋଚନା



ବଡ଼ଚଣା,୧୦।୯ (ସମିସ): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଙ୍ଘ (ଓଷ୍ଟା) ବଡ଼ଚଣା ଶାଖା କର୍ମକର୍ତ୍ତା ମାନଙ୍କର ଏକ ପ୍ରତିନିଧି ମଣ୍ଡଳୀ ବ୍ଲକ୍ ଶିକ୍ଷା ଅଧିକାରିଣୀ ଲୋପାମୁଦ୍ରା ରାଉତରାୟଙ୍କ ଖାଇରାସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଉପସ୍ଥିତ ରହି ୬ଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ପ୍ରଧାନଶିକ୍ଷକଙ୍କ ମାସିକ ବୈଠକ, ବିଦ୍ୟାଳୟ ନିୟମିତ ପରିଦର୍ଶନ, ସରକାରୀ ଯୋଜନା କାର୍ଯ୍ୟାଳୟ ସମ୍ବନ୍ଧୀୟ ରେକର୍ଡ ପରିଚାଳନା, ଆର୍ଥିକ ପରିଚାଳନା ସମ୍ବନ୍ଧୀୟ ପରାମର୍ଶ, ନୋଡାଲ ପ୍ରଧାନ ଶିକ୍ଷକ, ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷକ ସଂଗଠନ ସହ ସମ୍ପର୍କ, ଯୋଗାଯୋଗ ଓ ସହଭାଗିତାରେ ବ୍ଲକ୍‌ସ୍ତରୀୟ ବିଜ୍ଞାନ ସେମିନାର, ବିଜ୍ଞାପନ ପ୍ରଦର୍ଶନୀ, ସୁରଭି ପ୍ରଭୃତି କାର୍ଯ୍ୟକ୍ରମ ସମ୍ପାଦନ ପାଇଁ ଶିକ୍ଷା ଅଧିକାରିଣୀଙ୍କୁ ପ୍ରତିନିଧି ମଣ୍ଡଳୀ ଅନୁରୋଧ କରିଥିଲେ। ଶୈକ୍ଷିକ ପ୍ରଗତି ଓ ଉତ୍କର୍ଷତା ପ୍ରଦର୍ଶନ ପାଇଁ ସମସ୍ତେ ସାମଗ୍ରିକ ଭାବେ ଉଦ୍ୟମ କରିବାକୁ ପ୍ରତିନିଧି ମଣ୍ଡଳୀ ବ୍ଲକ୍ ଶିକ୍ଷା ଅଧିକାରିଣୀଙ୍କୁ ପରାମର୍ଶ ଦେଇଥିଲେ। ଆଗାମୀ କାଲି ଧାନମଣ୍ଡଳ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ବିଜ୍ଞାନ ସେମିନାର ଆୟୋଜନ ହେଉଥିବା ସୂଚନା ଶିକ୍ଷା ଅଧିକାରିଣୀ ଲୋପାମୁଦ୍ରା ରାଉତରାୟ ଓଷ୍ଟା ପ୍ରତିନିଧି ମଣ୍ଡଳୀଙ୍କୁ ଜଣାଇଥିଲେ। ପ୍ରତିନିଧି ମଣ୍ଡଳୀରେ ରାଜ୍ୟ ଓଷ୍ଟାର ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, ବଡ଼ଚଣା ବ୍ଲକ୍ ଓଷ୍ଟା ସଭାପତି ସୁଭାଷ ଚନ୍ଦ୍ର ମହାପାତ୍ର, ସାଧାରଣ ସତ୍ୟବାଦୀ ପଣ୍ଡା, ମୁଖ୍ୟ ଉପଦେଷ୍ଟା ଦୟାନିଧି ସାମଲ, ଅଜିତ୍ କୁମାର ମହାନ୍ତି, ଉପ ସଭାପତି ନିର୍ଝୁମ୍ ମହାନ୍ତି, ସହ ସମ୍ପାଦକ ନିର୍ମଳ କୁମାର ଦଳେଇ, ସ୍ମୃତି ରଞ୍ଜନ ଆଚାର୍ଯ୍ୟ, ବସନ୍ତ କୁମାର ପ୍ରଧାନ, ସୁରେଶ ଚନ୍ଦ୍ର ଖିଲାର, ନୋଡାଲ ପ୍ରଧାନ ଶିକ୍ଷକ ବିଶ୍ୱଜିତ୍ କାନୁନଗୋ, ମହେନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସ୍ମୃତି ରଂଜନ ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ହଜିଯାଉଛି ତାଳଗଛ

# ଦିନେ ଗାଁର ପରିଚୟ ଥିଲା, ଏବେ ଖୋଜିଲେ ମିଳୁନି

କଯାଁଗୋଲା,୧୦।୯ (ସମିସ):

ଦିନଥିଲା, ଗାଁର ରାସ୍ତାରେ ଚାଲିଲେ ଦୂରରୁ ଦେଖାଯାଉଥିଲା ତାଳଗଛର ଲମ୍ବା ଧାଡ଼ି। କେଉଁଠି ବିଲ ହୁଡ଼ାରେ, କେଉଁଠି ନଦୀବନ୍ଧ କଡ଼ରେ, ଆଉ କେଉଁଠି ଗାଁ ରାସ୍ତା ପାର୍ଶ୍ୱରେ ମୁଣ୍ଡ ଟେକି ଠିଆ ହୋଇଥିବା ତାଳଗଛ ଗାଁର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଆହୁରି ବଢ଼ାଇ ଦେଉଥିଲା। ତାଳଗଛ ଥିଲା ଗ୍ରାମୀଣ ଓଡ଼ିଶାର ଏକ ଅନ୍ୟତମ ପରିଚୟ। କିନ୍ତୁ ଆଜି ସମୟ ବଦଳିଛି, ଗାଁରୁ ଧୀରେ ଧୀରେ ହଜିଯାଉଛି ଏହି ବୃକ୍ଷ। କେବଳ ଏକ ଗଛ ହିସାବରେ ନୁହେଁ, ପରିବେଶ ଓ ମଣିଷ ଜୀବନ ସହ ତାଳଗଛର ଗଭୀର ସମ୍ପର୍କ ରହିଛି। ବାତ୍ୟା, ଝଡ଼, ବଜ୍ରପାତ ଭଳି ପ୍ରାକୃତିକ ଘଟଣା ସମୟରେ ତାଳଗଛର ଭୂମିକା ନେଇ ଗ୍ରାମାଞ୍ଚଳରେ ପୁରୁଣା ଦିନରୁ ବିଭିନ୍ନ ଧାରଣା ଓ ଅନୁଭବ ରହିଆସିଛି। ତେବେ ଏହି ଗଛର ସଂଖ୍ୟା କମିବା ସହ ପରିବେଶର ସ୍ୱାଭାବିକ ଚିତ୍ର ମଧ୍ୟ ବଦଳିବାରେ ଲାଗିଛି। ଗଛ କଟା ଓ ନୂଆ ଗଛ ନ ଲଗାଇବା ଏବେ ତାଳଗଛ ପାଇଁ ବଡ଼ ସଙ୍କଟ ପାଲଟିଛି। ରାସ୍ତା ନିର୍ମାଣ ଓ ପ୍ରଶସ୍ତୀକରଣ, ଘରବାଡ଼ି ନିର୍ମାଣ, ଜମିର ବ୍ୟବହାର ପରିବର୍ତ୍ତନ ଭଳି ବିଭିନ୍ନ କାରଣରୁ ବହୁ ପୁରୁଣା ତାଳଗଛ କଟିଯାଇଛି। ଗୋଟିଏ ଗଛ କଟିବା ପରେ ତାହାର ସ୍ଥାନରେ ନୂଆ ଚାରା ଲଗାଇବା ପ୍ରତି ଗୁରୁତ୍ୱ ଦିଆଯାଉନଥିବାରୁ ବର୍ଷକୁ ବର୍ଷ ତାଳଗଛ ସଂଖ୍ୟା ହ୍ରାସ ପାଉଛି। ସରକାରଙ୍କ ପକ୍ଷରୁ ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ ପାଇଁ ଅନେକ ସମୟରେ ବିଭିନ୍ନ ଯୋଜନା ଘୋଷଣା ହେଉଛି। ତାଳଗଛର ସୁରକ୍ଷା ଓ ରୋପଣ ପାଇଁ ୨୦୨୪ରେ ତାଳ ମିଶନ ଆରମ୍ଭ ହୋଇଥିବା



ନେଇ ମଧ୍ୟ ଘୋଷଣା ହୋଇଥିଲା। ଏହି ଯୋଜନାକୁ ନେଇ ଲୋକଙ୍କ ମଧ୍ୟରେ ଆଶା ସୃଷ୍ଟି ହୋଇଥିଲା। କିନ୍ତୁ ଯୋଜନା ଘୋଷଣା ପରେ ତାଳଗଛର ବାସ୍ତବ ସୁରକ୍ଷା ଓ ରୋପଣ କାର୍ଯ୍ୟ କେତେଦୂର ଆଗେଇଛି, ତାହା ନେଇ ଏବେ ପ୍ରଶ୍ନ ଉଠୁଛି। ଦଶରଥପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ତାଳଗଛର ଉପସ୍ଥିତି ଦିନକୁ ଦିନ କମୁଥିବା ସ୍ଥାନୀୟ ଲୋକେ କହୁଛନ୍ତି। ବହୁ ସ୍ଥାନରେ ପୂର୍ବରୁ ଯେଉଁଠି ତାଳଗଛ ଦେଖାଯାଉଥିଲା, ଏବେ ସେଠାରେ କେବଳ ଖାଲି ସ୍ଥାନ। ନୂଆ ପିଢ଼ି ପାଇଁ ତାଳଗଛ ଏକ ପରିଚିତ ଗଛ ହୋଇଥିଲେ ମଧ୍ୟ ଏହାର ପାରମ୍ପରିକ ବ୍ୟବହାର ଓ ଗ୍ରାମୀଣ ଜୀବନରେ ଏହାର ଭୂମିକା ସମ୍ପର୍କରେ ଅନେକେ ଅଜଣା। ତାଳଗଛର ଗୁରୁତ୍ୱ କେବଳ ପରିବେଶ ମଧ୍ୟରେ ସୀମିତ ନୁହେଁ। ଓଡ଼ିଆ ପରମ୍ପରା ଓ ଖାଦ୍ୟ ସଂସ୍କୃତିରେ ମଧ୍ୟ ତାଳର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ପାଚିଲା ତାଳରୁ ବିଭିନ୍ନ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ ହୁଏ। ରଜ, ସାବିତ୍ରୀ ଓ ବିଭିନ୍ନ ପର୍ବପର୍ବାଣିରେ ତାଳର ବ୍ୟବହାର ରହିଆସିଛି। ଗ୍ରୀଷ୍ମଦିନରେ ତାଳର ବିଭିନ୍ନ ଖାଦ୍ୟ ଲୋକଙ୍କୁ ଆକର୍ଷିତ କରୁଥିଲା। ଆଜି ମଧ୍ୟ ଗ୍ରାମାଞ୍ଚଳର ବୟସ୍କ ଲୋକଙ୍କ ପାଇଁ ତାଳର ସ୍ୱାଦ ଅନେକ ପୁରୁଣା ସ୍ମୃତିକୁ ମନେ ପକାଇଦିଏ। ତାଳପତ୍ରର ମଧ୍ୟ ରହିଛି ଅନେକ ବ୍ୟବହାର। ପୁରୁଣାଦିନରେ ତାଳପତ୍ରରୁ ବିଞ୍ଚଣା, ଛତା, ଚଟେଇ ଓ ବିଭିନ୍ନ ଘରୋଇ ସାମଗ୍ରୀ ତିଆରି ହେଉଥିଲା। ଗ୍ରାମୀଣ କାରିଗରମାନେ ଏଥିରୁ ଜୀବିକା ମଧ୍ୟ ପାଉଥିଲେ। ଆଧୁନିକ ସାମଗ୍ରୀର ବ୍ୟାପକ ବ୍ୟବହାର ଯୋଗୁଁ ଏହି ପାରମ୍ପରିକ ସାମଗ୍ରୀର ଚାହିଦା କମିଛି। ଫଳରେ ତାଳଗଛ ସହ ଜଡ଼ିତ ଅନେକ ପାରମ୍ପରିକ କାରିଗରୀ ମଧ୍ୟ ଧୀରେ ଧୀରେ ଅଲୋପ ହେବାକୁ ବସିଛି। ପରିବେଶର ସୁରକ୍ଷା ନେଇ ସଚେତନତା ବଢ଼ୁଥିବା ସମୟରେ ତାଳଗଛ ସୁରକ୍ଷା ପ୍ରତି ସରକାରୀ ଓ ସାମାଜିକ ଗୁରୁତ୍ୱ ବଢ଼ିବା ଆବଶ୍ୟକ। କେବଳ ଗଛ ଲଗାଇବାର ଫଟୋ ଉଠାଇବା କିମ୍ବା ଯୋଜନା ଘୋଷଣା କରିଦେଲେ ହେବ ନାହିଁ। ଲଗାଯାଇଥିବା ଚାରା ବଞ୍ଚିଲା କି ନାହିଁ, କେତୋଟି ଗଛ ବଡ଼ ହେଲା, କେଉଁଠି ଗଛ କଟାଗଲା ଏସବୁ ଦିଗରେ ନିୟମିତ ତଦାରଖ ଆବଶ୍ୟକ।

**ଘୋଷଣାରେ ଅଟକିଛି ଚାରା ରୋପଣ**

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ତାଳ ମିଶନକୁ କେବଳ ସରକାରୀ କାର୍ଯ୍ୟକ୍ରମ ଭାବେ ନ ଦେଖି ଏହାକୁ ଜନଆନ୍ଦୋଳନର ରୂପ ଦେବା ଦରକାର। ପ୍ରତ୍ୟେକ ପଞ୍ଚାୟତରେ ତାଳଚାରା ରୋପଣ ସହ ଏହାର ଦାୟିତ୍ୱ ନିର୍ଦ୍ଦିଷ୍ଟ ବ୍ୟକ୍ତି ବା ସଂସ୍ଥାକୁ ଦିଆଯାଇପାରିଲେ ଚାରାଗୁଡ଼ିକର ସୁରକ୍ଷା ସମ୍ଭବ ହୋଇପାରିବ। ରାସ୍ତାପାର୍ଶ୍ୱ, ନଦୀବନ୍ଧ, ସରକାରୀ ଜମି ଓ ଅନ୍ୟାନ୍ୟ ଉପଯୁକ୍ତ ସ୍ଥାନରେ ଯୋଜନାବଦ୍ଧ ଭାବେ ତାଳଚାରା ରୋପଣ କରାଯିବା ଆବଶ୍ୟକ। ତାଳଗଛକୁ ବଞ୍ଚାଇବା ମାନେ କେବଳ ଗୋଟିଏ ପ୍ରଜାତିର ବୃକ୍ଷକୁ ବଞ୍ଚାଇବା ନୁହେଁ। ଏହା ସହ ଜଡ଼ିତ ପରିବେଶ, ଗ୍ରାମୀଣ ଜୀବନ, ପାରମ୍ପରିକ ଖାଦ୍ୟ ଓ ଓଡ଼ିଆ ସଂସ୍କୃତିକୁ ସୁରକ୍ଷିତ କରିବା। ତେଣୁ ସରକାରଙ୍କ "ତାଳ ମିଶନ" କାଗଜପତ୍ରରେ ସୀମିତ ନ ରହି ମାଟିରେ ଦେଖାଯିବା ଦରକାର। ନଚେତ୍ ଆଜି ଯେଉଁ ତାଳଗଛକୁ ଆମେ ସାଧାରଣ ଭାବେ ଦେଖୁଛୁ, ଆଗାମୀ ପିଢ଼ି ପାଇଁ ସେହି ଗଛ ହୁଏତ ଏକ ଦୁର୍ଲଭ ଦୃଶ୍ୟ ହୋଇଯିବ। ତେଣୁ ସମୟ ଥାଉ ଥାଉ ତାଳଗଛ ସୁରକ୍ଷା ଓ ବ୍ୟାପକ ରୋପଣ ପାଇଁ ଠୋସ୍ ପଦକ୍ଷେପ ନେବାକୁ ଦାବି ହେଉଛି।

# ଛତିଆରେ ଶକ୍ତିଶ୍ରୀ ସଚେତନତା ଶିବିର ଓ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର



ବଡ଼ଚଣା,୧୦।୯ (ସମିସ): ପ୍ରତ୍ୟେକ କ୍ଷେତ୍ରରେ ପୁରୁଷ ମାନଙ୍କ ତୁଳନାରେ ନାରୀମାନେ ଅଧିକ ସକ୍ଷମ ବୋଲି ବାରମ୍ବାର ପ୍ରମାଣିତ ହୋଇଛି। ଏ ଦୃଷ୍ଟିରୁ ଛାତ୍ରୀଟିଏ ମଧ କଦାପି ଅବଳା ଏବଂ ଦୁର୍ବଳା ନୁହେଁ। ଛାତ୍ରୀମାନେ ନିଜ ଭିତରର ଶକ୍ତି, ସାମର୍ଥ୍ୟର ସଦବ୍ୟୁପଯୋଗ କରିପାରିଲେ ବାସ୍ତବରେ ଛାତ୍ରୀଟିଏ ଶକ୍ତିଶ୍ରୀ ହୋଇପାରିବ ବୋଲି ମହାପୁରୁଷ ହାଡିବାସ ମହାବିଦ୍ୟାଳୟର ଶକ୍ତିଶ୍ରୀ କାର୍ଯ୍ୟକ୍ରମର ଉଦଘାଟନ ଉତ୍ସବରେ ମତ ପ୍ରକାଶ ପାଇଛି। ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଛତିଆର ମହାପୁରୁଷ ହାଡିଦାସ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଶକ୍ତିଶ୍ରୀ କାର୍ଯ୍ୟକ୍ରମ ଅବସରରେ ଛଅ ଦିନ ବ୍ୟାପୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିରର ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଫେସର ଡ.ତପନ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଆଜିର କାର୍ଯ୍ୟକ୍ରମରେ ପ୍ରଫେସର ଡ.ନିରଞ୍ଜନ ପାତ୍ର ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଶକ୍ତିଶ୍ରୀ ସଂଯୋଜିକା ଡ.ଚନ୍ଦ୍ରକଳା ନାୟକ ଅତିଥି ପରିଚୟ ଏବଂ ଶକ୍ତିଶ୍ରୀର ଆଭିମୁଖ୍ୟ ସଂପର୍କରେ ଛାତ୍ରୀ ମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମର ସହ ସଂଯୋଜିକା ଅଧାପିକା ସ୍ୱର୍ଣ୍ଣମୁଦ୍ରା ମିଶ୍ର, ସୁଜାତା ବେହେରା ଛାତ୍ରୀ ମାନଙ୍କୁ ମାର୍ଗ ଦର୍ଶନ କରାଇଥିଲେ। ଅଧ୍ୟାପକ ସୁକାନ୍ତ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଆଜିର ସଚେତନତା ଶିବିରକୁ +୩ ତୃତୀୟ ବର୍ଷର ଛାତ୍ରୀ ପ୍ରୀୟଙ୍କା ପ୍ରୀୟଦର୍ଶିନୀ ସଂଯୋଜନା କରିଥିଲେ। ମାଷ୍ଟର ଟ୍ରେନର ସସ୍ମିତା ବେହେରା ଓ ଜ୍ୟୋତ୍ସ୍ନା ନନ୍ଦ ଛାତ୍ରୀ ମାନଙ୍କୁ ଆତ୍ମରକ୍ଷାର ବିଭିନ୍ନ କୌଶଳ ଶିକ୍ଷା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ୧୩ ଟି ବିଭାଗରେ ଛାତ୍ରୀମାନେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମନୋବିଜ୍ଞାନୀ ଡ.ସୁମିତ୍ରା ନନ୍ଦ ଶାରିରୀକ ଓ ମାନସିକ ସୁସ୍ଥତା ପାଇଁ ଛାତ୍ରୀମାନଙ୍କୁ ବିଭିନ୍ନ ଉଦାହରଣ ମାଧ୍ୟମରେ ପ୍ରେରଣା ଦେଇଥିଲେ। ଅଧାପିକା କବିତା ସାହୁ ଛାତ୍ରୀ ମାନଙ୍କୁ ଆତ୍ମବିଶ୍ୱାସ କବଳରେ ରଖିବା ପାଇଁ ନିଜର ଉଦ୍‌ବୋଧନ ଉତ୍ସାହ ଯୋଗାଇଥିଲେ ଓ ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ଅଭିନୟ ମାଧ୍ୟମରେ ନାରୀର ଆଭିମୁଖ୍ୟ, ତ୍ୟାଗ, ଆୟ ବିଶ୍ୱାସ ସମ୍ପର୍କିତ ବା ପ୍ରଦାନ କରିଥିଲେ। ପ୍ରାୟ ଦୁଇଶହ ଛାତ୍ରୀ ଏଥିରେ ଅଂଶ ଗ୍ରହଣ କରିଥିଲେ।

# ସ୍କୁଲ ଭିତରେ ନିଶାସକ୍ତ ଯୁବକଙ୍କ ଉତ୍ପାତ

କୟାଁଗୋଲା,୧୦।୯ (ସମିସ): ସକାଳୁ ସ୍କୁଲ ପିଲାଙ୍କ କୋଳାହଳ, ଦିନରେ ଲୋକଙ୍କ ଭିଡ଼, ଆଉ ମଧ୍ୟାହ୍ନ ପରଠାରୁ ମଦ୍ୟପଙ୍କ ଉତ୍ପାତ। ଏଭଳି ଏକ ଚିତ୍ର ଏବେ କୟାଁଗୋଲା ଛକରେ ଦେଖିବାକୁ ମିଳୁଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ ଅନୁଯାୟୀ। ମଙ୍ଗଳପୁର ଥାନା ଅଧୀନ କୟାଁ ଅଞ୍ଚଳରେ ଚୋରା ମଦ କାରବାର ବଢ଼ିଥିବା ଅଭିଯୋଗ ମଧ ଚିନ୍ତାର କାରଣ ପାଲଟିଛି। ଆଜି ମଧ୍ୟାହ୍ନରେ କୟାଁଗୋଲା ସ୍କୁଲକୁ ଦୁଇଜଣ ଯୁବକ ମଦ୍ୟପାନ କରି ଗଣ୍ଡଗୋଳ କରି ସ୍କୁଲ ଭିତର କୁ ପ୍ରବେଶ କରିଥିବାର ଜଣାପଡୁଛି। ଖବର ସାମ୍ନାକୁ ଆସିବା ପରେ ଘଟଣାଟିକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଏ ନେଇ କୟାଁ ସ୍କୁଲ ପ୍ରଧାନ ଶିକ୍ଷକ ହେମନ୍ତ ବିଶ୍ୱାଳ ଠାରୁ ସୂଚନା ମିଳିଛି। ଶିକ୍ଷାନୁଷ୍ଠାନ ନିକଟରେ ମଦ୍ୟପଙ୍କ ଏଭଳି ଆଚରଣ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, କୟାଁଗୋଲା ଛକରେ ଚୋରା ମଦ ବିକ୍ରି ଉପରେ ରୋକ୍ ନଥିବାରୁ ଧୀରେଧୀରେ ମଦ୍ୟପଙ୍କ ଆଡ୍ଡା ବଢୁଛି। ମଦ୍ୟପାନ ପରେ ରାସ୍ତାରେ ପାଟିତୁଣ୍ଡ ଓ ଗଣ୍ଡଗୋଳ ଯୋଗୁଁ ଯାତାୟାତ କରୁଥିବା ଲୋକେ ଅସୁବିଧାରେ ପଡୁଛନ୍ତି। ବିଶେଷକରି ମହିଳା ଓ ଛାତ୍ରୀମାନେ ଏହି ରାସ୍ତା ଦେଇ ଯିବା ବେଳେ ଭୟଭୀତ ହେଉଥିବା ଅଭିଯୋଗ ରହିଛି।

ବ୍ୟାଙ୍କ, ଡାକ୍ତରଖାନା, ସ୍କୁଲ ଭଳି ଜନଗହଳିପୂର୍ଣ୍ଣ ସ୍ଥାନକୁ ଯାତାୟାତ ପାଇଁ କୟାଁଗୋଲା ଛକ ଉପରେ ଲୋକେ ନିର୍ଭର କରନ୍ତି। ତେଣୁ ଏଠାରେ ମଦ୍ୟପଙ୍କ ଉତ୍ପାତର ଅଭିଯୋଗ ଆସିବା ସାଧାରଣ ଲୋକଙ୍କ ଚିନ୍ତା ବଢ଼ାଇଛି। ଚୋରା ମଦ କାରବାର ଉପରେ ଚଢ଼ଉ, ମଦ୍ୟପଙ୍କ ଉତ୍ପାତ ରୋକିବା ଏବଂ ସ୍କୁଲ ନିକଟରେ ପୁଲିସ ପାଟ୍ରୋଲିଂ ବଢ଼ାଇବାକୁ ଲୋକେ ଦାବି କରିଛନ୍ତି। "ଏବେ ପ୍ରଶ୍ନ ହେଉଛି କୟାଁଗୋଲା ଛକରେ ଚାଲିଥିବା ଚୋରା ମଦ କାରବାର ଅଭିଯୋଗ ଉପରେ କେବେ ପଡ଼ିବ ପୁଲିସର ନଜର ରହିଛି। ସ୍ଥାନୀୟଙ୍କ ଅଭିଯୋଗର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେବାକୁ ଦାବି ଜୋର ଧରିଛି।

# ଯୁବକଙ୍କ ମୃତଦେହ ଉଦ୍ଧାର

ବିଞ୍ଝାରପୁର,୧୦।୯ (ସମିସ): ବିଞ୍ଝାରପୁର ବ୍ଲକ କଲ୍ୟାଣପୁର ପଞ୍ଚାୟତ ଅନ୍ତର୍ଗତ ରୁଦ୍ରପୁର ଗ୍ରାମରେ ଜଣେ ଯୁବକଙ୍କ ମୃତଦେହ ପଙ୍ଖାରେ ଝୁଲନ୍ତା ଅବସ୍ଥାରେ ଘରୁ ଉଦ୍ଧାର ହୋଇଛି। ମୃତକ ହେଲେ ପବିତ୍ର ସାହୁ (୨୦)। ସୂଚନା ଅନୁଯାୟୀ, ଆଜି ସକାଳେ ପାରିବାରିକ କଥାକୁ ନେଇ ପବିତ୍ର ଓ ତାଙ୍କ ମା' ମାମିନା ସାହୁଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ମାମିନା ଘର ବାହାରେ ଥିବାବେଳେ କିଛି ସମୟ ପରେ ପୁଅକୁ ଦେଖିବାକୁ ଯାଇଥିଲେ। ସେଠାରେ ପବିତ୍ରଙ୍କୁ ପଙ୍ଖା ରେ ଝୁଲୁଥିବା ଅବସ୍ଥାରେ ଦେଖି ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବିଞ୍ଝାରପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ଏନେଇ ବିଞ୍ଝାରପୁର ଥାନାରେ ଅପମୃତ୍ୟୁ ମାମଲା (କେସ୍ ନଂ. ୩୩/୨୬) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଘଟଣାର ତଦନ୍ତ ଜାରି ରହିଛି।

# କନିଷ୍ଠ ଅଧିକାରୀଙ୍କ ପ୍ରତି ଅନୁକମ୍ପା ନେଇ ବିବାଦ

ଯାଜପୁର,୧୦।୯ (ସମିସ): ଅତୀତରେ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଦେଶ ବାହାରେ କାର୍ଯ୍ୟକରି ବିବାଦ ଘେରକୁ ଆସିଥିବା ଯାଜପୁର ଜିଲ୍ଲା ଶିକ୍ଷାଧିକାରୀଙ୍କ ଆଉ ଏକ କାର୍ଯ୍ୟକୁ ନେଇ ପୁଣି ବିବାଦ ଦେଖାଦେଇଛି। ଅତୀତରେ ହାଇସ୍କୁଲ ପ୍ରଧାନ ଶିକ୍ଷକ ବଦଳି ଅନିୟମିତତା ଏବଂ ଅନ୍ୟାନ୍ୟ ବିଭାଗୀୟ ପରିଚାଳନାରେ ନିର୍ଦ୍ଦିଷ୍ଟ ଗୋଷ୍ଠୀଙ୍କ ଜରିଆରେ ହେଉଥିବା କାର୍ଯ୍ୟ ନେଇ ନାନା ସମାଲୋଚନା କରାଯାଉଥିଲା। ଏବେ ପୁଣି ଗତ ୬ ତାରିଖ ଦିନ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ପ୍ରାୟ ସମସ୍ତ କାର୍ଯ୍ୟ କୁ ଜନୈକ କନିଷ୍ଠ ଅଧିକାରୀଙ୍କ ହାତକୁ ଟେକି ଦେବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସୂଚନା ମୁତାବକ ଗତ ୬ ତାରିଖ ଦିନ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି (୯୩୫୬) ମୁତାବକ ଅତିରିକ୍ତ ଜିଲ୍ଲାଶିକ୍ଷା ଅଧିକାରୀ (ଏକାଡେମିକ) ଆଲୋକ କୁମାର ବନ୍ଧଙ୍କୁ ପଞ୍ଚସଖା ଶିକ୍ଷା ସେତୁ, ଜିଲ୍ଲାର ସମସ୍ତ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ ପରିଚାଳନା ଦାୟିତ୍ୱ, ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଏବଂ ପିଏମ ପୋଷଣ ଏବଂ ଏମଏମ ପୋଷଣ ଭଳି ଗୁରୁ ଦାୟିତ୍ୱ ଦିଆଯାଇଛି। ଜିଲ୍ଲାର ବିଭିନ୍ନ ଶିକ୍ଷା ବ୍ୟବସ୍ଥା ପରିଚାଳନା କରିବା ପାଇଁ ଏକାଧିକ ଅତିରିକ୍ତ ଶିକ୍ଷା ଅଧିକାରୀ ଏବଂ ବରିଷ୍ଠ ଅଧିକାରୀ ଥାଉ ଥାଉ କାହିଁକି ଜନୈକ ଅଧିକାରୀଙ୍କୁ ସମସ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି ତାହା ସବୁଠାରୁ ବଡ ପ୍ରଶ୍ନ ସୃଷ୍ଟି କରିଛି। ପ୍ରକୃତରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରେ ଥିବା ଏହି ଜନୈକ ବ୍ୟକ୍ତି କଣ କେବଳ ଯୋଗ୍ୟ ଏବଂ ଅନ୍ୟମାନେ ସବୁ ଅଯୋଗ୍ୟ ନାଁ ଜଣଙ୍କୁ ସବୁ ଦାୟିତ୍ୱ ଦେବା ପଛରେ ଜିଲ୍ଲା ଶିକ୍ଷାଅଧିକାରୀଙ୍କ ସ୍ୱତନ୍ତ୍ର ଉଦ୍ଦେଶ୍ୟ ରହିଛି ବୋଲି ପ୍ରଶ୍ନ ହେଉଛି। ଜିଲ୍ଲା ଶିକ୍ଷାଧିକାରୀଙ୍କ ଏଭଳି ଏକଛତ୍ରବାଦ ବିରୋଧରେ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଅସନ୍ତୋଷ ବୃଦ୍ଧ ପାଇବାରେ ଲାଗିଛି। ପ୍ରକୃତରେ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଏତେ ଦାୟିତ୍ୱ ଦେବା ଘଟଣାର ପ୍ରକୃତ ରହସ୍ୟ କଣ ରହିଛି ତାର ବିଭାଗୀୟ ତଦନ୍ତ କରିବାକୁ ଦାବି ହେଉଛି।

# ଚିକିତ୍ସା ଅବହେଳାରୁ ଗାଈ ମୃତ; ଭିଏସ୍ ଓ ବିଡିଓଙ୍କୁ ଦାୟୀ କଲେ ଗୋପାଳକ

ମଙ୍ଗଳପୁର,୧୦।୯ (ସମିସ): ଦଶରଥପୁର ବ୍ଲକ ଥାଲକୁଡ଼ି ପଞ୍ଚାୟତ ଅଧୀନ ଥାଲକୁଡ଼ିସ୍ଥିତ ମଙ୍ଗଳପୁର ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ପ୍ରାଣୀ ଚିକିତ୍ସକ ନଥିବା ବେଳେ ଏଲଆଇ ମଧ ନାହାଁନ୍ତି। ପାରିପଦା ଏଲଆଇ ମଙ୍ଗଳପୁର ପ୍ରାଣୀ ଚିକିତ୍ସା କେନ୍ଦ୍ର ଚାର୍ଜରେ ଥିବା ବେଳେ ୨ ଟି କେନ୍ଦ୍ରରେ ଜଣେ ଏଲଆଇ ଦାୟିତ୍ୱରେ ଥିବାରୁ ଗୋରୁ ଗାଈ ମାନଙ୍କର ଚିକିତ୍ସା ପାଇଁ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏପରି ସ୍ଥଳେ ଥାଲକୁଡ଼ି ପଞ୍ଚାୟତର ପୂର୍ବତନ ସରପଞ୍ଚ ଆନନ୍ଦ ଚନ୍ଦ୍ର ବାରିକଙ୍କର ଏକ ଦୁଧିଆଳୀ ଗାଈ ପ୍ରାୟ ୧୦ ଲିଟର କ୍ଷୀର ଦେଉଥିବା ବେଳେ ହଟାତ ଗାଈଟି ଅସୁସ୍ଥ ହୋଇପଡ଼ିଥିଲା। ଏଥିନେଇ ବାରମ୍ବାର ଶ୍ରୀ ବାରିକ ଦଶରଥପୁର ଭିଏସ ଓ ଦଶରଥପୁର ବିଡିଓଙ୍କୁ ଚିକିତ୍ସା କରିବା ପାଇଁ ଆସିବାକୁ ଅନୁରୋଧ କରିଥିଲେ। ମାତ୍ର ବିଭିନ୍ନ ବାହାନା ଦେଖାଇ ଚିକିତ୍ସା କରିବାକୁ ଆସିନଥିଲେ ବରଂ ଗାଈକୁ ଦଶରଥପୁର ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ନେଇ ଆସିବା ପାଇଁ କହିଥିଲେ। ଯାହାଫଳରେ ଗାଈଟି ଏତେ ଅସୁସ୍ଥ ହୋଇପଡ଼ିଥିଲା ଯାହାକି ନେଇକି ଯିବା ସମ୍ଭବ ପର ହୋଇନଥିଲା। ଏଥିନେଇ ବୁଧବାର ଗଣ ମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବୁଧବାର ଅପରାହ୍ନରେ ଭିଏସ ଆସି ଗାଈଟିର ଚିକିତ୍ସା ଆରମ୍ଭ କରିଥିବା ବେଳେ ଆଜି ସନ୍ଧ୍ୟା ପ୍ରାୟ ୮ ଟା ସମୟରେ ଗାଈଟିର ମୃତ୍ୟୁ ହୋଇଥିଲା। ଗାଈଟିର ମୃତ୍ୟୁ ହେବା ପରେ ଗାଈ ମାଲିକ ତଥା ପୂର୍ବତନ ସରପଞ୍ଚ ଆନନ୍ଦ ଚନ୍ଦ୍ର ବାରିକ ଗାଈର ମୃତ୍ୟୁ ପାଇଁ ସମ୍ପୂର୍ଣ୍ଣ ଭାବେ ଭିଏସ ଓ ବିଡିଓ ଦାୟୀ ବୋଲି ଅଭିଯୋଗ କରିବା ସହ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେ ଏଥିନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପୋର୍ଟାଲରେ ଅଭିଯୋଗ କରିବା ସହ ଆଇନର ଆଶ୍ରୟ ନେବେ ବୋଲି କହିଛନ୍ତି।

# ରୋଗୀ କଲ୍ୟାଣ ସମିତିର ପରିଚାଳନା ପରିଷଦ ବୈଠକ



ଯାଜପୁର,୧୦।୯ (ସମିସ): ଆଜି ଯାଜପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ୨୦୨୬-୨୭ ବର୍ଷ ପାଇଁ ରୋଗୀ କଲ୍ୟାଣ ସମିତିର ପରିଚାଳନା ପରିଷଦ ବୈଠକ ଲୋକସଭା ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଯୋଗାଇ ଦିଆଯାଉଥିବା ସ୍ୱାସ୍ଥ୍ୟସେବା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯିବା ସହ ନିମ୍ନଲିଖିତ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ଆଲୋଚନା ହୋଇଥିଲା। ରୋଗୀଙ୍କୁ ଅଧିକ ସୁଗମ, ଗୁଣାତ୍ମକ ଓ ଉତ୍ତମ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ଆଲୋଚନା କରାଯାଇଥିଲା। ଭିତ୍ତିଭୂମିର ଉନ୍ନତି: ହସ୍ପିଟାଲର ଆବଶ୍ୟକ ଭିତ୍ତିଭୂମି ଓ ସୁବିଧା ସୁଯୋଗର ବିକାଶ କରିବା ନେଇ ମଧ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଯାଜପୁର ବିଧାୟିକା ସୁଜାତା ସାହୁ, ଜିଲ୍ଲାପାଳ ଅମ୍ବର କୁମାର କର, ଯାଜପୁର ପୌରପାଳିକା ଅଧ୍ୟକ୍ଷା ଶ୍ରୀମତୀ ରଞ୍ଜୁଲତା ହୋତା ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ନଗେନ୍ଦ୍ର ନାଥ ମହାପାତ୍ର ଉପସ୍ଥିତ ଥିଲେ। ଏହା ସହିତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ ସମିତିର ସଦସ୍ୟମାନେ ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ବ୍ରହ୍ମବରଦାରେ ବେଧଡକ୍ ଚୋରା ମଦ କାରବାର, ପ୍ରଶାସନ ନିରବ

ବ୍ରହ୍ମବରଦା,୧୦।୯ (ସମିସ): ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ଓ ଏହାର ଆଖପାଖ ଅଞ୍ଚଳରେ ଦିନକୁ ଦିନ ଚୋରା ମଦ କାରବାର ବୃଦ୍ଧି ପାଉଛି। ଅବକାରୀ ମନ୍ତ୍ରୀ ଓ ରାଜ୍ୟ ସରକାର ଚୋରା ମଦ ବେପାରୀଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ ରୋକ ଲାଗୁନଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ପ୍ରତ୍ୟେକ ଗାଁ ଗହଳିରେ ଖୋଲାଖୋଲି ଦେଶୀ-ବିଦେଶୀ ମଦ ବିକ୍ରି ହେଉଛି। ପାଣିକୋଇଲିସ୍ଥିତ ଏକ ଅନୁମୋଦିତ ମଦ ଦୋକାନରୁ କାର୍ ଯୋଗେ କୁଆଖିଆ-ବରୁଆଁ ମୁଖ୍ୟ ରାସ୍ତା ଦେଇ ଚୋରା ବେପାରୀଙ୍କ ପାଖକୁ ମଦ ହୋମ୍ ଡେଲିଭରୀ ହେଉଥିବା ଚର୍ଚ୍ଚା ହେଉଛି। କିଛି ଦିନ ତଳେ ବ୍ରହ୍ମବରଦା ଅଞ୍ଚଳରେ ଜଣେ ଚୋରା ମଦ ବେପାରୀ ଉପରେ ରସୁଲପୁର ଅବକାରୀ ବିଭାଗ ପକ୍ଷରୁ ଚଢଉ କରାଯାଇ ବିପୁଳ ପରିମାଣର ମଦ ଜବତ କରିବା ସହ ବେପାରୀଙ୍କୁ ଅଟକ ରଖାଯାଇଥିଲା। ତେବେ ଏ ସମ୍ପର୍କରେ ବିଭାଗକୁ ତଥ୍ୟ ମାଗିବାରୁ ବିଭାଗ ପକ୍ଷରୁ କୌଣସି ଚଢଉ ହୋଇନଥିବା କୁହାଯାଇଥିବା ଅଭିଯୋଗ ହୋଇଛି, ଯାହାକୁ ନେଇ ସନ୍ଦେହ ବଢିଛି। ଗାଁ ଗହଳିରେ ସହଜରେ ମଦ ମିଳୁଥିବାରୁ ଯୁବପିଢି ନିଶାଗ୍ରସ୍ତ ହେଉଥିବା ବେଳେ ଏହା ସାମାଜିକ ଅଶାନ୍ତିର କାରଣ ପାଲଟିଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ, ମାସିକିଆ ବଟି ଆଦାୟ ଯୋଗୁଁ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏହି ଚୋରା କାରବାର ଉପରେ ତୁରନ୍ତ ରୋକ୍ ଲଗାଇ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଶତାଧିକ ପୁରୁଷ-ମହିଳା ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ଜୁଲାଇ, ଅଗଷ୍ଟରେ ଭୀଷଣ ବର୍ଷିଲା; ସେପ୍ଟେମ୍ବରରେ ଶୂନ୍

ଧର୍ମଶାଳା,୧୦।୯ (ସମିସ): ଧର୍ମଶାଳା ବ୍ଲକ ଅଞ୍ଚଳରେ ଚଳିତ ବର୍ଷ ଜୁଲାଇ ଓ ଅଗଷ୍ଟମାସରେ ଆବଶ୍ୟକତା ଠାରୁ ଅଧିକ ବର୍ଷା ହୋଇଥିବା ବେଳେ ସେପ୍ଟେମ୍ବର ମାସ ଆଜି ସୁଦ୍ଧା ବିଲକୁଲ ବର୍ଷା ହୋଇନଥିବା ନେଇ ପରିବେଶବିତମାନଙ୍କୁ ଆନ୍ଦୋଳିତ କରିଛି। ଗତ ବର୍ଷ ୨୦୨୫ ମସିହା ଜୁଲାଇ ମାସରେ ଧର୍ମଶାଳା ବ୍ଲକ ଅଞ୍ଚଳରେ ୧୨୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଅଗଷ୍ଟ ମାସରେ ୧୩୨ ମିଲିମିଟର ବର୍ଷା ରେକର୍ଡ କରାଯାଇଥିଲା ଏବଂ ସେପ୍ଟେମ୍ବର ମାସ ୯ ତାରିଖ ସୁଦ୍ଧା ୨୩୭ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଥିଲା। ଚଳିତ ବର୍ଷ ମୌସୁମୀ ବାୟୁ ବିଳମ୍ବରେ ଆସିବାରୁ ଜୁନ ଶେଷ ଆଡକୁ ବର୍ଷା ଆରମ୍ଭ ହୋଇଥିଲା। ତେବେ ୨୦୨୬ ମସିହା ଜୁଲାଇ ମାସରେ ଧର୍ମଶାଳା ବ୍ଲକରେ ୫୩୫ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଅଗଷ୍ଟ ମାସରେ ୨୯୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଅନ୍ୟପଟେ ଚଳିତ ସେପ୍ଟେମ୍ବର ମାସରେ ଅଦ୍ୟାବଧି ବର୍ଷା ହୋଇନଥିବା ରେକର୍ଡ କରାଯାଇଛି। ଲଗାତାର ଭାବେ ୯ ଦିନ ବ୍ୟାପି ଧର୍ମଶାଳା ଅଞ୍ଚଳରେ ବର୍ଷା ନହେବା ଫଳରେ ପାଣି ଭର୍ତି ହୋଇଥିବା ପୋଖରୀ ଓ ଗାଡିଆ ଗୁଡିକ ଧିରେ ଧିରେ ଶୁଖିବାକୁ ଲାଗିଛି। ଫଳରେ ଚାଷୀମାନଙ୍କ ଧାନକ୍ଷେତ ଗୁଡିକ ଶୁଷ୍କ ହେବାରେ ଲାଗିଛି। ଏଭଳି ଅବସ୍ଥାରେ କେନାଲ ଗୁଡିକରେ ଆବଶ୍ୟକ ମୁତାବକ ପାଣି ଛାଡିବାକୁ ଚାଷୀମାନେ ଦାବିକରିଛନ୍ତି। ଧାନ କ୍ଷେତରେ ଖେଳୁଆ ବିଲୁଆ ସରିଥିବା ବେଳେ ଏବେ ଧାନ ଗଛ ବଢୁଥିବାରୁ ଏଭଳି ଅବସ୍ଥାରେ ବିଲରେ ୪ ଇଞ୍ଚ ଲେଖାଏଁ ପାଣି ରହିବାର ଆବଶ୍ୟକତା ରହିଛି। ଣଭେମ୍ବର ମାସରେ ଧାନ ଅମଳ ସମୟ ହୋଇଥିବା ବେଳେ ଏବେ ଧାନ ଗଛ ବଡିବା ଲାଗି ବର୍ଷାର ଆବଶ୍ୟକତା ରହିଛି। ଚଳିତ ବର୍ଷ ଆରମ୍ଭରୁ ଭଲ ବର୍ଷା ହୋଇଥିବା ବେଳେ ସେପ୍ଟେମ୍ବର ମାସରେ ଅଦ୍ୟାବଧି ବିଲକୁଲ ବର୍ଷା ନହେବା ନେଇ ପରିବେଷବିତମାନଙ୍କୁ ଆନ୍ଦୋଳିତ କରିଥିବା ବେଳେ ଚାଷୀମାନଙ୍କ ମଧ୍ୟରେ ଭାଳେଣୀ ପଡିଯାଇଛି। ଚଳିତ ବର୍ଷ ବର୍ଷାର ପରିମାଣକୁ ଦେଖି ଧନ ଫସଲ ଭଲ ହେବ ବୋଲି ଚାଷୀମାନେ ଅକଳନ କରିଥିବା ବେଳେ ଶେଷ ଆଡକୁ ବର୍ଷା ନହେବା ଯେଗୁଁ ଧାନ ଫସଲ ଉତ୍ପାଦନରେ ବାଧା ସୃଷ୍ଟି ହେବ ବୋଲି ଚାଷୀମାନେ ଆକଳନ କରିଛନ୍ତି।

# ମଣ୍ଡଳସ୍ତରୀୟ ବିଦ୍ୟାଳୟର ସମୂହ ଭଲିବଲ ପ୍ରତିଯୋଗିତା



ଦଶରଥପୁର,୧୦।୯ (ସମିସ): ଦଶରଥପୁର ଶିକ୍ଷା ମଣ୍ଡଳ ଅଧୀନ ଜୟନ୍ତରାସ୍ଥିତ ସ୍ୱାମୀ ବିବେକାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ମଣ୍ଡଳସ୍ତରୀୟ କ୍ରୀଡ଼ା ସମୂହ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନଶିକ୍ଷକ ବିପିନ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ଦଶରଥପୁର ହାଇସ୍କୁଲର ପ୍ରାକ୍ତନ ଶିକ୍ଷକ ଧରଣୀଧର ମହାପାତ୍ର ମୁଖ୍ୟ ଅତିଥିଭାବେ କ୍ରୀଡା ପତାକା ଉତ୍ତୋଳନ କରି ପ୍ରତିଯୋଗିତାର ଅନୁଷ୍ଠାନିକ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଦିଗାମ୍ବର ସାମଲ, ଚିତ୍ତରଞ୍ଜନ ସାମଲ, ରଜନୀକାନ୍ତ ମଲ୍ଲିକ, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ନାରାୟଣ ଚନ୍ଦ୍ର ସାହୁ, ମଣ୍ଡଳ କ୍ରୀଡା ସମ୍ପାଦକ ହରିହର ଯେନା, କ୍ରୀଡା ଶିକ୍ଷକ ଖଗେଶ୍ୱର ରାଉତ, ବିଦ୍ୟାଳୟ ଏସ୍ଏମ୍ସି ସଭାପତି ରାଜେଶ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାରେ ମଣ୍ଡଳ ଅଧୀନ ବିଦ୍ୟାଳୟମାନଙ୍କରୁ ୧୭ବର୍ଷରୁ କମ ବାଳକ ବର୍ଗର ୨୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାକୁ କ୍ରୀଡା ଶିକ୍ଷକ ଅଜମେରୁଦ୍ଦିନ ଶାହା, ଅନ୍ତର୍ଯ୍ୟାମୀ ନାଥ, ଦୀପକ ସ୍ୱାଇଁ, ଅବନୀ ଦାସ, ସାତ୍ତ୍ୱିକ ଦେହୁରୀ, ସୁନୀଲ ଦାସ, ଦୀପିକା ମଲ୍ଲିକ, ସୁମିତ୍ରା ସାହୁ ପରିଚାଳନା କରିଥିଲେ। ଅନୁଷ୍ଠିତ ମଣ୍ଡଳସ୍ତରୀୟ ଭଲିବଲ ପ୍ରତିଯୋଗିତାରୁ ଚୟନ ପ୍ରତିଯୋଗୀମାନେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ହାସଲ କରିଥିଲେ।

# ଅବହେଳିତ ବାଲିତୁଠ ସ୍ୱାସ୍ଥ୍ୟକେନ୍ଦ୍ର, ଲୋକେ ହନ୍ତସନ୍ତ

କୁଜଙ୍ଗ,୧୦।୯ (ସମିସ): ଜଗତସିଂହପୁର ଜିଲ୍ଲା ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ବାଲିତୁଠ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାୟ ୨ବର୍ଷ ହେବ ଡାକ୍ତର ପଦବୀ ଖାଲିପଡ଼ିଛି। ଡାକ୍ତର ନଥିବାରୁ ଜନସାଧାରଣ ସ୍ୱାସ୍ଥ୍ୟ ସେବା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଆସୁଛି। ଏଥିପାଇଁ ସ୍ଥାନୀୟ ଜନସାଧାରଣ ବାରମ୍ବାର ଅଭିଯୋଗ କରାଯାଉ ଥିଲେ ମଧ ବିଭାଗୀୟ ଅଧିକାରୀମାନେ ବଡ଼ବଡ ପ୍ରତିଶ୍ରୁତି ଦେଇଥିଲେ, ହେଲେ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଅଭିଯୋଗ ମୁତାବକ ବାଲିତୁଠ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟମ ଅନୁସାରେ ସବୁବେଳେ ଜଣେ ଏମବିବିଏସ ଡାକ୍ତର ରହିବା କଥା। ହେଲେ ଏଠାରୁ ଆଜକୁ ପ୍ରାୟ ୨ବର୍ଷ ହେବ ଡାକ୍ତରଙ୍କ ବଦଳି ହୋଇଯିବା ପରେ ଆଉ ଡାକ୍ତର ନିଯୁକ୍ତି ଦିଆଯାଉନି। ଫଳରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଜଣେ ଆୟୁଷ ଡାକ୍ତର ଓ ଜଣେ ଫାର୍ମାସିଷ୍ଟଙ୍କ ଦ୍ୱାରା ଦୈନିକ ପ୍ରାୟ ୧୦୦ରୁ ୧୫୦ ପର୍ଯ୍ୟନ୍ତ ରୋଗୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। ଜରୁରିକାଳୀନ ରୋଗୀଙ୍କୁ ଆମ୍ବୁଲାନ୍ସ ଯୋଗେ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ଜଗତସିଂହପୁର ଜିଲ୍ଲା ହସ୍ପିଟାଲ, କିମ୍ବା କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇ ଥାଏ। ସୂଚନାଯୋଗ୍ୟ ଯେ, ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୮ଟି ପଞ୍ଚାୟତର ପ୍ରାୟ ୫୦ ହଜାର ଜନସାଧାରଣ ନିର୍ଭରଶୀଳ ଅଟନ୍ତି। ଅପରପକ୍ଷେ ଉକ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ଫାର୍ମାସିଷ୍ଟ, ଷ୍ଟାଫନର୍ସ, ଓ ଅନ୍ୟ କର୍ମଚାରି ମାନେ ରହିବା ପାଇଁ କ୍ୱାର୍ଟର୍ସ ନାହିଁ, ବାଉଣ୍ଡାରୀ ୱାଲ ନାହିଁ, ରୋଗୀଙ୍କ ପାଇଁ ବିଶୁଦ୍ଧ ଥଣ୍ଡା ପାନୀୟଜଳର ବ୍ୟବସ୍ଥା ନାହିଁ, ରୋଗୀଙ୍କୁ ଚିକିତ୍ସା ପାଇଁ ଗୃହ ନାହିଁ, ଫଳରେ ରୋଗୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ତୁରନ୍ତ ଜଣେ ଡାକ୍ତର ନିଯୁକ୍ତି ଦେବା ସହିତ ଆବଶ୍ୟକିୟ ଅନ୍ୟାନ୍ୟ ସମସ୍ୟା ଦିଗରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେବାକୁ ଅଞ୍ଚଳର ଜନସାଧାରଣ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ଦୃଢ଼ ଦାବି ହେଉଛି।

# ସିଆର୍‌ସିସିଙ୍କ ଜିଲ୍ଲାସ୍ତରୀୟ ସମୀକ୍ଷା ଓ କ୍ଷମତା ବୃଦ୍ଧି କାର୍ଯ୍ୟକ୍ରମ


ଯାଜପୁର,୧୦।୯ (ସମିସ): ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ଯାଜପୁର ଦ୍ୱାରା ଜିଲ୍ଲା ସ୍ତରୀୟ 'ସମୀକ୍ଷା-ସହ-କ୍ଷମତା ବୃଦ୍ଧି କାର୍ଯ୍ୟକ୍ରମ' ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲାପାଳ ଅମ୍ବର କୁମାର କର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଜିଲ୍ଲାର ୧୫୨ଟି କ୍ଲଷ୍ଟରରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ସିଆରସିସିମାନେ ହେଉଛନ୍ତି ମଧ୍ୟବର୍ତ୍ତୀ ସୁପରଭିଜନର ପ୍ରକୃତ ମେରୁଦଣ୍ଡ। ଜିଲ୍ଲାର ପ୍ରାୟ ୨.୫୧ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବା ଏବଂ ସେମାନଙ୍କର ମୌଳିକ ଦକ୍ଷତା ବୃଦ୍ଧି କରିବା ପାଇଁ ସେମାନଙ୍କର ଆନ୍ତରିକ ପ୍ରଚେଷ୍ଟା ନିତାନ୍ତ ଆବଶ୍ୟକ। ଶିକ୍ଷକ ଓ ସିଆରସିସି ମାନେ କେବଳ ସରକାରୀ ଚାକିରି କରୁନାହାନ୍ତି, ବରଂ ନୂତନ ସମାଜ ଓ ଦେଶର ଭବିଷ୍ୟତ ନିର୍ମାଣ କରୁଛନ୍ତି। ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀଯୁକ୍ତ ମହେଶ୍ୱର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ ସଫଳତାର କାବ୍ୟିକ ସଂଜ୍ଞା ଦେବା ସହ କହିଥିଲେ ଯେ, ସିଆରସିସି ମାନେ ହେଉଛନ୍ତି ତୃଣମୂଳ ସ୍ତରର ପ୍ରକୃତ ନେତା। ସେମାନଙ୍କ ସକ୍ରିୟ ସହଯୋଗ ଓ ନିଷ୍ଠା ବିନା ଶିକ୍ଷାର ସଫଳତା ଅସମ୍ଭବ। ଏହି କାର୍ଯ୍ୟକ୍ରମରେ ଡାଏଟ୍ ଅଧକ୍ଷା ନିବେଦିତା ଗୁରୁ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀଣୀ ସୁରମା ମହାପାତ୍ର ଓ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଆଲୋକ କୁମାର ବନ୍ଧ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସିଆରସିସିମାନଙ୍କୁ ନିଜ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱ ବିଷୟରେ ମାର୍ଗଦର୍ଶନ କରିଥିଲେ।



ଏହି କର୍ମଶାଳାରେ ଜିଲ୍ଲାର ସମସ୍ତ ବ୍ଲକ ଶିକ୍ଷାଧିକାରୀ ଓ ସିଆରସିସି ପ୍ରତିନିଧିମାନେ ଉପସ୍ଥିତ ରହି ଶିକ୍ଷା ବ୍ୟବସ୍ଥାର ଗୁଣାତ୍ମକ ପରିବର୍ତ୍ତନ ପାଇଁ ସଙ୍କଳ୍ପ ନେଇଥିଲେ। ଅପରାହ୍ନରେ ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଦାମୋଦର ବେହେରା ଓ ସମାଜସେବୀ ମଣ୍ଟୁ ଦାସ ଉପସ୍ଥିତ ରହି ପ୍ରେରଣାଦାୟୀ ତଥା ଉତ୍ସାହ ବର୍ଦ୍ଧକ ବାର୍ତ୍ତା ପ୍ରଦାନ କରିଥିଲେ। ବିଜ୍ଞାନ ନିରୀକ୍ଷକ କୁମାରସେନ ସେନାପତି ବିଭିନ୍ନ ପରୀକ୍ଷା ଓ ବିଜ୍ଞାନ ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିଥିଲେ। ଭାରପ୍ରାପ୍ତ ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ଶ୍ରୀମତୀ ସବିତା ନାୟକ, ପ୍ରୋଗ୍ରାମ ସଂଯୋଜକ ଅରୁଣ କୁମାର ମହାନ୍ତ, ପ୍ଲାନିଂ ସଂଯୋଜକ ତ୍ରିଲୋଚନ ସାହୁ, ଆର୍ଥିକ ପରାମର୍ଶ ଦାତା ସୁଧୀ ରଞ୍ଜନ ଦାସ, ଏକାଉଟାଣ୍ଟ ସ୍ମୃତି ରଞ୍ଜନ ମହାନ୍ତି, ଜୋତ୍ସ୍ନାମୟୀ ଧଳ, ପ୍ରିୟମ୍ବଦା ମିଶ୍ର, ଗାୟତ୍ରୀ ମହାନ୍ତି ସହ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ଅନ୍ୟାନ୍ୟ ସଂଯୋଜକ, କର୍ମଚାରୀ ଓ ଜିଲ୍ଲା ସ୍କୁଲର ଶିକ୍ଷକ ରାଧାରମଣ ମହାପାତ୍ରଙ୍କ ସହ ଅନ୍ୟ ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଦୁଇଟି ପରିସ୍ଥିତିରେ ନିରବ ରହିବା ଶ୍ରେୟସ୍କର - ଯେଉଁଠାରେ ତୁମେ କିଛି ନ କହିଲେ ମଧ୍ୟ ଲୋକେ ବୁଝିଯାଆନ୍ତି ଏବଂ ଯେଉଁଠାରେ ତୁମେ ଯେତେ କହିଲେ ମଧ୍ୟ ଲୋକେ ବୁଝିପାରନ୍ତି ନାହିଁ।

-ଡ. ଏ ପି ଜେ ଅବଦୁଲ୍ କାଲାମ୍

## ବ୍ରିକ୍ସ-କୂଟନୀତି

ବ୍ରାଜିଲ, ରୁଷିଆ, ଭାରତ, ଚୀନ୍ ଓ ଦକ୍ଷିଣ ଆଫ୍ରିକାକୁ ନେଇ ଗଠିତ 'ବ୍ରିକ୍ସ' ମେଣ୍ଟର ଆଗାମୀ ଶିଖର ସମ୍ମିଳନୀକୁ ନେଇ ଏବେ ଭାରତ ଉତ୍ସବମୁଖର ଏବଂ ଚଳଚଞ୍ଚଳ। ଆନ୍ତର୍ଜାତିକ ସ୍ତରରେ ଏକ ଛୋଟ ମେଣ୍ଟ ହେଲେ ମଧ୍ୟ ଏହି ପାଞ୍ଚ ଦେଶଙ୍କର ମୋଟ ଅର୍ଥନୀତି ବିଶ୍ୱ ଅର୍ଥନୀତିର ଏକ-ଚତୁର୍ଥାଂଶ। ଏଥିରେ ପୁଣି ବିଶ୍ୱର ତିନି ପ୍ରମୁଖ ଅର୍ଥନୀତି ଚୀନ୍, ରୁଷିଆ ଓ ଭାରତ ଅନ୍ତର୍ଭୁକ୍ତ। ବିଶ୍ୱର ଅର୍ଥନୈତିକ ବ୍ୟାପାରରେ ଆମେରିକା ଓ ପାଶ୍ଚାତ୍ୟ ଧନୀ ରାଷ୍ଟ୍ରଙ୍କ ପ୍ରଭୁତ୍ୱର ମୁକାବିଲା କରିବା ପାଇଁ ଏହି ମେଣ୍ଟ ୨୦୦୯ରେ ଗଠିତ ହୋଇଥିଲା। ବିଶେଷକରି ଜି-୭ ଓ ବିଶ୍ୱବ୍ୟାଙ୍କ ଭଳି ପାଶ୍ଚାତ୍ୟ ଶକ୍ତି ପରିଚାଳିତ ଅର୍ଥନୈତିକ ମଞ୍ଚର ମନମୁଖି କାର୍ଯ୍ୟକଳାପକୁ ରୋକିବା ପାଇଁ କାମ କରିବାକୁ 'ବ୍ରିକ୍ସ' ମେଣ୍ଟ ଉଦ୍ଦିଷ୍ଟ ହୋଇଥିଲେ ମଧ୍ୟ ଏହାର ଆଭ୍ୟନ୍ତରୀଣ ରାଜନୀତି ସେ ଲକ୍ଷ୍ୟ ପୂରଣର ପ୍ରତିବନ୍ଧକ ସାଜିଛି। ଚୀନ୍ ଓ ରୁଷିଆ ନିଜ ଅର୍ଥନୀତିର ସୁରକ୍ଷା ପାଇଁ ଭାରତ ସମେତ ବ୍ରାଜିଲ ଓ ଦକ୍ଷିଣ ଆଫ୍ରିକା ବିରୋଧରେ କାମ କରୁଛନ୍ତି।

ବିଗତ ୧୪ ବର୍ଷ ମଧ୍ୟରେ ଏହି ବ୍ରିକ୍ସ ମେଣ୍ଟ ବିଶେଷକିଛି ସଫଳତା ବିଶ୍ୱସ୍ତରରେ ପାଇ ପାରିନାହିଁ ଏବଂ କେବଳ ଏକ ତର୍କ ଓ ଆଲୋଚନା ଭିତ୍ତିକ ଗୋଷ୍ଠୀରେ ପରିଣତ ହୋଇଛି କହିଲେ ଭୁଲ୍ ହେବ ନାହିଁ। ଏହି ଗୋଷ୍ଠୀକୁ ସେହିଭଳି ଏକ ବାଘ ଭାବରେ ବର୍ଣ୍ଣନା କରାଯାଇପାରେ, ଯାହାର ଦାନ୍ତ ନାହିଁ କିମ୍ବା କାମୁଡ଼ିବାର ଭୟ ଦେଖାଇବା ସାମର୍ଥ୍ୟ ମଧ୍ୟ ନାହିଁ। ବ୍ରିକ୍ସ ରାଷ୍ଟ୍ରମାନେ ମିଳିତ ଭାବେ ଏକ ମୁଦ୍ରା ବା କରେନ୍ସି ପ୍ରଚଳନ କରି ନିଜ ନିଜ ମଧ୍ୟରେ ସେଥିରେ ବାଣିଜ୍ୟ କାରବାର କରିବାକୁ ଯେଉଁ ଲକ୍ଷ୍ୟ ଥିଲା ତାହା ମଧ୍ୟ ସାକାର ହୋଇପାରୁ ନାହିଁ। ବିଶ୍ୱ ବଜାରରେ ଆମେରିକୀୟ ଡଲାରର ଚାହିଦା ଓ ପ୍ରଭାବ ବୃଦ୍ଧି ଫଳରେ ଟଙ୍କା, ରୁବଲ ଓ ୟୁଆନର ଚାହିଦା ହ୍ରାସ ପାଉଛି ଏବଂ ଏହା ଆନ୍ତର୍ଜାତିକ ଗ୍ରହଣୀୟ ମୁଦ୍ରା ହୋଇପାରୁ ନାହାନ୍ତି।

ଉଭୟ ଚୀନ୍ ଓ ରୁଷିଆ ନିଜ ନିଜର ସମର୍ଥକ ଦେଶମାନଙ୍କୁ ବ୍ରିକ୍ସରେ ସଦସ୍ୟ ଭାବେ ନେଇ ଏହାର ସଭ୍ୟସଂଖ୍ୟା ବଢ଼ାଇବାକୁ ଚେଷ୍ଟିତ। ଭାରତ ମଧ୍ୟ ଏ କ୍ଷେତ୍ରରେ ପଛରେ ପଡ଼ିନାହିଁ। ଇତିମଧ୍ୟରେ ନୂଆ ଛ'ଟି ଦେଶ ଯଥା ଆର୍ଜେଣ୍ଟିନା, ଇରାନ୍, ସାଉଦୀ ଆରବ, ସଂଯୁକ୍ତ ଆରବ ଏମିରେଟ୍ସ ଓ ଇଥିଓପିଆ ଏହି ସଂଗଠନର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଏଥିରେ ଭାରତ ଇଜିପ୍ଟ ଓ ଇରାନ୍‌କୁ ସଭ୍ୟ ପଦ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବେଳେ ଚୀନ୍ ସାଉଦୀ ଆରବ ଓ ସଂଯୁକ୍ତ ଆରବ ଏମିରେଟ୍ସ, ଦକ୍ଷିଣ ଆଫ୍ରିକା ଇଥିଓପିଆକୁ ଏବଂ ବ୍ରାଜିଲ ଆର୍ଜେଣ୍ଟିନାକୁ ସଭ୍ୟ ଭାବେ ଆଣିବାରେ ସହାୟକ ହୋଇଛି। ଚୀନ୍‌ର କାମ ପଛରେ ରୁଷିଆର ମଧ୍ୟ ନିରବ ସମର୍ଥନ ରହିଛି। ତେବେ ଚୀନ୍‌ର ଚାଲ ଜଣାପଡ଼ିଯିବା ପରେ ଭାରତ ଏହି ସଂଗଠନରେ ଆଉ ଅଧିକ ସଭ୍ୟ ନେବା ପୂର୍ବରୁ ସର୍ବସମ୍ମତ ନିଷ୍ପତ୍ତି ଆପଣାଇବାକୁ ଜୋର ଦେଉଛି। ଭାରତ ବ୍ରିକ୍ସରେ ଆଫ୍ରିକା ମହାଦେଶ ସମେତ ବିଶ୍ୱର ସ୍ୱଳ୍ପ ଉନ୍ନତ (ସାଉଥ) ରାଷ୍ଟ୍ରମାନଙ୍କୁ ଅଧିକରୁ ଅଧିକ ସଦସ୍ୟ କରିବାକୁ ଦାବି କରୁଛି।

ଚୀନ୍, ବ୍ରିକ୍ସ ମଞ୍ଚରେ ରୁଷିଆ, ସାଉଦୀ ଆରବ, ସଂଯୁକ୍ତ ଆରବ ଏମିରେଟ୍ସ ଏବଂ ଆଉ କେତେକ ନିଜର ଅନୁଗତ ରାଷ୍ଟ୍ରଙ୍କୁ ସଭ୍ୟ କରାଇ ବ୍ରିକ୍ସ କରେନ୍ସି ୟୁନିୟନ ଗଠନ କରିବାକୁ ଚାହୁଁଛି। ଏହାଦ୍ୱାରା ବ୍ରିକ୍ସରେ ଯେଉଁ ନୂଆ ମୁଦ୍ରା ବାଣିଜ୍ୟ କାରବାର ପାଇଁ ପ୍ରବର୍ତ୍ତିତ ହେବ, ତାହା ଉପରେ ଚୀନ୍ ନିଜର ନିୟନ୍ତ୍ରଣ ରଖିବାକୁ ଆଗ୍ରହୀ। ସେ ଦୃଷ୍ଟିରୁ ଭାରତ ଚୀନ୍‌କୁ ବିରୋଧ କରୁଛି। ବିଶ୍ୱ ଓ ଏସିଆରେ ଉଭୟ ଚୀନ୍ ଓ ଭାରତ ବାଣିଜ୍ୟ କାରବାରରେ ପ୍ରତିଦ୍ୱନ୍ଦ୍ୱୀ। ଏହି ପରିପ୍ରେକ୍ଷୀରେ ଦେଖି ଚାହିଁ ସର୍ବସମ୍ମତି କ୍ରମେ ବ୍ରିକ୍ସର ସଂପ୍ରସାରଣ ହେବା ଉଚିତ ଏବଂ ଏଥିରେ କୌଣସି ସଭ୍ୟ ରାଷ୍ଟ୍ରଙ୍କ ବଡ଼ଭାଇ ପଣିଆ ଗ୍ରହଣୀୟ ନୁହେଁ।

ଏମିତି ଦେଖିଲେ ବ୍ରିକ୍ସ ଏବେ ମଧ୍ୟ ବିଶ୍ୱ ବାଣିଜ୍ୟ ବ୍ୟାପାରରେ ସେତେ ପ୍ରଭାବଶାଳୀ ହୋଇପାରିନାହିଁ। ଏହାର କରେନ୍ସି ୟୁନିୟନ ଏ ଯାଏଁ ହୋଇନାହିଁ; ତେଣୁ ଡଲାର ସହିତ ପ୍ରତିଯୋଗିତା କରିବା ଅବସ୍ଥାରେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ର ପହଞ୍ଚି ନାହାନ୍ତି। ସାଂଗଠନିକ ସ୍ତରରେ ମଧ୍ୟ ଏହା ଦୁର୍ବଳ ସ୍ଥିତିରେ ରହିଛି। ଏହାସତ୍ତ୍ୱେ ବ୍ରିକ୍ସ ଭାରତର ସ୍ୱାର୍ଥ ରକ୍ଷା ପାଇଁ ବିଶେଷ ସହାୟକ ହୋଇଛି। କାରଣ ବ୍ରିକ୍ସ ଭିତରେ ଏକ କଠୋର, ପାଶ୍ଚାତ୍ୟ ବିରୋଧୀ, ଚୀନ୍ ପ୍ରଭୁତ୍ୱବାଦୀ ଅର୍ଥନୈତିକ ବୈଶ୍ୱିକ ମେଣ୍ଟକୁ ଭାରତ ନାପସନ୍ଦ କରି ଏହାକୁ କରାଇ ନ ଦେବାକୁ ସବୁମନ୍ତେ ଉଦ୍ୟମ ଚଳାଇଛି। ଏହି କୂଟନୀତିରେ ଭାରତ ପାଶ୍ଚାତ୍ୟ ଜଗତ ସମେତ ସ୍ୱଳ୍ପ ଉନ୍ନତ ରାଷ୍ଟ୍ରମାନଙ୍କ ସହ ଥିବା ଉତ୍ତମ ସମୀକରଣକୁ ବିଗାଡ଼ିବାକୁ ଚାହୁଁନାହିଁ। ଦକ୍ଷିଣ ଆଫ୍ରିକା, ଇଜିପ୍ଟ, ବ୍ରାଜିଲ ଓ ଇରାନ ଭଳି ଦ୍ରୁତ ବିକାଶଶୀଳ ଦେଶ କେହି ବ୍ରିକ୍ସରେ ଚୀନ୍‌ର ପ୍ରଭୁତ୍ୱ ବିସ୍ତାରକୁ ସ୍ୱୀକାର କରିବାକୁ ଚାହାନ୍ତି ନାହିଁ। ରୁଷିଆ କେବଳ ଆଦର୍ଶଗତ ଓ ଅର୍ଥନୈତିକ ବାଧ୍ୟବାଧକତା ଯୋଗୁଁ ଚୀନ୍ ସହିତ ରହିଛି।

ସଂକ୍ଷେପରେ କହିଲେ ବ୍ରିକ୍ସ ଦୁର୍ବଳ ହେଲେ ମଧ୍ୟ ଭାରତର ସ୍ୱାର୍ଥ ପାଇଁ ଅନୁକୂଳ ଅଛି। ଏହାର ସଭ୍ୟ ସଂଖ୍ୟା ବଢ଼ିଲେ ମଧ୍ୟ ସମୀକରଣ ବିଶେଷ ବଦଳିବ ନାହିଁ ଏବଂ ଏହି ମଞ୍ଚକୁ ଚୀନ୍ ନିଜର ସ୍ୱାର୍ଥ ପାଇଁ ବ୍ୟବହାର କରିବା ସମ୍ଭାବନା କ୍ଷୀଣ। ତେଣୁ ଚୀନ୍‌କୁ ଚେକ୍ ଦେବା ପାଇଁ ଏବଂ ଭାରତ ନିଜର ସ୍ୱାର୍ଥ ରକ୍ଷା ପାଇଁ ବ୍ରିକ୍ସ କୂଟନୀତି ଜାରି ରଖିବା ଉଚିତ। ସର୍ବୋପରି ପାକିସ୍ତାନ-ତୁର୍କୀ-ସାଉଦି ଆରବ ମେଣ୍ଟ ଦୃଷ୍ଟିରୁ ଭାରତ ପାଇଁ ବ୍ରିକ୍ସର ପ୍ରାସଙ୍ଗିକତା ଆହୁରି ଅଧିକ। ଏହିସବୁ ଦୃଷ୍ଟିକୋଣରୁ ବ୍ରିକ୍ସର ଏହି ବୈଠକ ଯେପରି କେବଳ ଔପଚାରିକତାରେ ଶେଷ ନ ହେବ ତାହା ଦେଖିବା ଦାୟିତ୍ୱ ଭାରତର।

# ଛାତ୍ରସଂସଦ ନିର୍ବାଚନ: ଗଣତନ୍ତ୍ରର ପ୍ରୟୋଗଶାଳା

ଡ. କମଳା ପ୍ରସାଦ ମହାପାତ୍ର

ଗତ ମାସରେ ଯନ୍ତରମନ୍ତର ଛାତ୍ର ଆନ୍ଦୋଳନରେ ପୁଲିସ୍‌ର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପରେ ସରକାର ଜେନ-ଜେଡ୍‌ମାନଙ୍କ ଭବିଷ୍ୟତ ସହ ଜଡ଼ିତ କେତେକ ପ୍ରସଙ୍ଗ ଉପରେ ଗଭୀର ଆନ୍ତରିକତା ସହ ବିଚାର କରୁଛନ୍ତି। ଏବେ ପୁଣି ବିଧିବଦ୍ଧ ଭାବେ ନେତାମାନଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି ଜେନ-ଜେଡ୍ ଓ ଜେନ-ଆଲଫା ଯୁବ ପିଢ଼ି ସହ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରି ସେମାନଙ୍କ ସମସ୍ୟାର ତ୍ୱରିତ ସମାଧାନ କରିବାକୁ ପଦକ୍ଷେପ ନେବା ପାଇଁ।

ଏହିଭଳି ଅସୁରକ୍ଷିତ, ନୈରାଶ୍ୟପୂର୍ଣ୍ଣ ପରିସ୍ଥିତି ଅତୀତରେ ଭୟାନକ ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରେ ପାଶ୍ଚାତ୍ୟ ଦେଶର ଯୁବକମାନଙ୍କ ମଧ୍ୟରେ ନକାରାତ୍ମକ ମନୋଭାବ ସୃଷ୍ଟି କରିବା ସହ ସେମାନଙ୍କ ମଧ୍ୟରେ ଆତ୍ମ-ପରିଚିତି ବା ଅସ୍ମିତା ସଙ୍କଟ ସୃଷ୍ଟି ହୋଇଥିଲା। ଫଳସ୍ୱରୂପ ଆମେରିକାରେ 'ହିପ୍ପି ସଂସ୍କୃତି' ରୂପକ ଏକ ପ୍ରତି-ସଂସ୍କୃତି(କାଉଣ୍ଟର କଲଚର) ଗଢ଼ି ଉଠିଥିଲା। ସେମାନେ ଅନୁଭବ କଲେ ଯେ ପାରମ୍ପରିକ ଜୀବନଶୈଳୀ ସେମାନଙ୍କ ଭବିଷ୍ୟତକୁ ସୁରକ୍ଷିତ ରଖିପାରିବ ନାହିଁ। ମୁଖ୍ୟସ୍ରୋତରେ ସାମିଲ ହେଲେ ସେମାନଙ୍କ ପାଇଁ ଅସ୍ତିତ୍ୱ ଓ ଅସ୍ମିତା ସଂକଟ ସୃଷ୍ଟି ହେବ। ବିଶ୍ୱଯୁଦ୍ଧର ଭୟାବହତା ପ୍ରଭାବରେ ସାମାଜିକ ସ୍ଥିତି, ଶିକ୍ଷା ବ୍ୟବସ୍ଥା, ଅର୍ଥନୈତିକ ବ୍ୟବସ୍ଥା, ନିଯୁକ୍ତି ସୁଯୋଗ ବିପର୍ଯ୍ୟସ୍ତ ହେବା ପରେ ସେମାନେ ହତାଶ ହୋଇ ଆତ୍ମ-ପରିଚିତି ସନ୍ଧାନରେ ମୁଖ୍ୟସ୍ରୋତରୁ ଅଲଗା ହେବାକୁ ନିଷ୍ପତ୍ତି ନେଲେ। କେତେକାଂଶରେ ସମାନ ପରିସ୍ଥିତି ଦୃଷ୍ଟିଗୋଚର ହୁଏ, ଯେତେବେଳେ ବେକାରୀ ସମସ୍ୟା ଭଳି ହତାଶା ଓ ନୈରାଶ୍ୟରୁ ସୃଷ୍ଟି ହୋଇଥିବା 'କକ୍ରୋଚ ଜନତା ପାର୍ଟି', 'ଦିମାଗି ନକସଲ ପାର୍ଟି' ଭଳି ଗୋଷ୍ଠୀ ଗଣମାଧ୍ୟମରେ ସମାଲୋଚନାମୂଳକ, ବ୍ୟଙ୍ଗାତ୍ମକ କଟୁ ମନ୍ତବ୍ୟ ମାଧ୍ୟମରେ ଲକ୍ଷ ଲକ୍ଷ ଅନୁଗାମୀ ଯୋଗାଡ଼ କରିବାକୁ ସକ୍ଷମ ହୋଇଛନ୍ତି। ଏହା ଆଗାମୀ ଦିନରେ ଯେ ବିସ୍ଫୋରକ ରୂପ ନ ନେବ ସେକଥା କିଏ କହିବ!

ଜେନ-ଜେଡ୍, ଜେନ୍-ଆଲଫା ସମସ୍ୟା ଉପରେ ଯଦି କେନ୍ଦ୍ର ସରକାର ଏତେ ଗୁରୁତ୍ୱ ପ୍ରଦାନ କରୁଛନ୍ତି ତେବେ ଆମ ରାଜ୍ୟ ସରକାର ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟଗୁଡ଼ିକରେ ଛାତ୍ରସଂସଦ ନିର୍ବାଚନ କରିବାକୁ ଟାଳଟୁଳ ନୀତି କାହିଁକି ଅବଲମ୍ବନ କରୁଛନ୍ତି? ଛାତ୍ରସଂସଦ ନିର୍ବାଚନ ଲାଗି ଆମ ସମ୍ବିଧାନରେ ଆଇନଗତ ବ୍ୟବସ୍ଥା ନଥିଲେ ମଧ୍ୟ ଛାତ୍ରମାନଙ୍କୁ ସେମାନଙ୍କ ମୌଳିକ ଅଧିକାର ପ୍ରଦାନ, ନେତୃତ୍ୱ ନେବା ଦକ୍ଷତା ସୃଷ୍ଟି କରିବା, ସମସ୍ୟା ସମାଧାନ ଶୈଳୀ ଶିଖିବା, ନିଷ୍ପତ୍ତି ନେବା ଦକ୍ଷତା ଆହରଣ କରିବା, ଗଣତାନ୍ତ୍ରିକ ପଦ୍ଧତି ସହ ପରିଚିତ କରାଇବା ଏବଂ ଭବିଷ୍ୟତର ନେତା ପ୍ରସ୍ତୁତ କରିବା ନିମିତ୍ତ କେବଳ ଆମ ଦେଶ ନୁହେଁ, ଆମେରିକା, ବ୍ରିଟେନ, ଫ୍ରାନ୍ସ ଆଦି ଦେଶର ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନର ପ୍ରାବଧାନ ଅଛି। ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କର ଆଭ୍ୟନ୍ତରୀଣ ଷ୍ଟାଚ୍ୟୁଟ ଆଧାରରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରସଂସଦ ନିର୍ବାଚନ ଅନୁଷ୍ଠିତ ହୋଇଥାଏ।

ଓଡ଼ିଶାରେ ରେଭେନ୍ସା ମହାବିଦ୍ୟାଳୟରେ ଡଃ ପ୍ରାଣକୃଷ୍ଣ ପରିଜା ଅଧ୍ୟକ୍ଷ ଥିବା ସମୟରେ ୧୯୩୮ ମସିହାରେ ଛାତ୍ରସଂସଦ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ରେଭେନ୍‌ସା କଲେଜରେ ଛାତ୍ରସଂସଦ ନିର୍ବାଚନ ଅନୁଷ୍ଠିତ କରାଇ ସେ ସମୟରେ ଛାତ୍ରସମାଜକୁ ସାମ୍ବିଧାନିକ ମୌଳିକ ଅଧିକାର ପ୍ରଦାନ, ଗଣତନ୍ତ୍ରର ମୁଖ୍ୟସ୍ରୋତରେ ସାମିଲ କରାଇବାରେ ଉତ୍ତର ପ୍ରଦେଶ ପରେ ଓଡ଼ିଶା ଦ୍ୱିତୀୟ ରାଜ୍ୟ ଥିଲା। ଉତ୍ତରପ୍ରଦେଶର ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟରେ ପ୍ରଥମେ ୧୯୨୩ ମସିହାରେ ଛାତ୍ରସଂସଦ ନିର୍ବାଚନ ହୋଇଥିଲା ଏବଂ ପରବର୍ତ୍ତୀ କାଳରେ ବିଶ୍ୱବିଦ୍ୟାଳୟର ନିର୍ବାଚିତ ପ୍ରତିନିଧିମାନେ ୯ ଅଗଷ୍ଟ ୧୯୪୨ ମସିହାରେ 'ଭାରତ ଛାଡ଼' ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି ଘଟଣାରୁ ଛାତ୍ର ସଂସଦ ନିର୍ବାଚନର ଗୁରୁତ୍ୱ ଉପଲବ୍ଧି କରିହେବ। ଛାତ୍ର ସଂସଦ ନିର୍ବାଚନ ସଙ୍ଗଠିତ ହେବା ଦ୍ୱାରା ଛାତ୍ରମାନେ ଗଣତନ୍ତ୍ର ପଦ୍ଧତି ସହ ଜଡ଼ିତ ହେବା ସହିତ ଆଗାମୀ ଦିନରେ ସେମାନେ ଗଭୀର ଆତ୍ମବିଶ୍ୱାସ ସହ ନେତୃତ୍ୱ ନେବାର ଦକ୍ଷତା ହାସଲ କରି ଦେଶ ବା ରାଜ୍ୟ ଶାସନରେ ପ୍ରତ୍ୟକ୍ଷ ଭାବେ ଅଂଶଗ୍ରହଣ କରିବାର ଯୋଗ୍ୟତା ହାସଲ କରିଥା'ନ୍ତି। ସୁତରାଂ ଛାତ୍ରସଂସଦ ନିର୍ବାଚନ ଭବିଷ୍ୟତ ନେତା ସୃଷ୍ଟି କରିବାର ଅନ୍ତୁଡ଼ିଶାଳ ଭାବେ ବିବେଚନା କରାଯାଏ। ଏହିସବୁ କାରଣରୁ ଛାତ୍ରମାନଙ୍କ ମଧ୍ୟରେ ସ୍ୱଚ୍ଛ ବ୍ୟକ୍ତିତ୍ୱ, ଦକ୍ଷ ନେତୃତ୍ୱ ଗଠନ ଉଦ୍ଦେଶ୍ୟରେ ଆମରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ପ୍ରତିବର୍ଷ ନିୟମିତ ଭାବେ କାଁ ଭାଁ ବିଶୃଙ୍ଖଳା ସତ୍ତ୍ୱେ ସୁରୁଖୁରୁରେ ଦଶହରା ଛୁଟି ପୂର୍ବରୁ ସମାହିତ ହେଉଥିଲା।

ନିର୍ବାଚନ ସମୟରେ ହିଂସା, ରାଜନୈତିକ ହସ୍ତକ୍ଷେପ, ପ୍ରଚୁର ଅର୍ଥ ବ୍ୟୟକୁ ରୋକିବା ଉଦ୍ଦେଶ୍ୟରେ ଏବଂ ଛାତ୍ରସଂସଦ ନିର୍ବାଚନ ପ୍ରକ୍ରିୟାକୁ ସ୍ୱଚ୍ଛ, ଅବାଧ, ହିଂସାମୁକ୍ତ କରିବା ଉଦ୍ଦେଶ୍ୟରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ୨୦୦୬ ମସିହାରେ ସରକାର ଲିଙ୍ଗଡ଼ୋ କମିଶନ ଗଠନ କରିଥିଲେ ଏବଂ କମିଶନଙ୍କ ମାର୍ଗଦର୍ଶିକାକୁ ସମଗ୍ର ଦେଶର ଛାତ୍ରସଂସଦ ନିର୍ବାଚନ ପ୍ରକ୍ରିୟାରେ କଡ଼ାକଡ଼ି ଭାବେ ଲାଗୁ କରିବାକୁ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହି ମାର୍ଗଦର୍ଶିକାରେ ପୋଷ୍ଟର ବ୍ୟାନର ମାରିବା ନିଷେଧ କରିବା ସହ ସୀମିତ ଅର୍ଥ ବ୍ୟୟ ପାଇଁ ନିର୍ଦ୍ଦେଶ ଥିଲା। ଓଡ଼ିଶାରେ ମଧ୍ୟ ସେହି ଆଧାରରେ ନିର୍ବାଚନ ସମାହିତ ହେଉଥିଲା। ମାତ୍ର ୨୦୧୮ ମସିହାରେ କ୍ୟାମ୍ପସ ହିଂସା ଯୋଗୁଁ ନିର୍ବାଚନକୁ ବାତିଲ କରିଦିଆଯାଇଥିଲା। ଏବେ ପ୍ରଶ୍ନ ଉଠୁଛି ସାଧାରଣ ନିର୍ବାଚନରେ କ'ଣ ହିଂସା ହୁଏ ନାହିଁ? ଅନେକ ହିଂସାକାଣ୍ଡ ଘଟି ପ୍ରଭୂତ ଧନ ଜୀବନ ହାନି ହୋଇଥାଏ। ସେତେବେଳେ କ'ଣ ସାଧାରଣ ନିର୍ବାଚନକୁ ସମ୍ପୂର୍ଣ୍ଣ ଭାବେ ବାତିଲ କରାଯାଏ କି? କେବଳ ସାମୟିକ ଭାବେ ହିଂସା ଘଟିଥିବା କେତୋଟି ବୁଥରେ ନିର୍ବାଚନ ବାତିଲ କରାଯାଇ ପରବର୍ତ୍ତୀ ଅବସ୍ଥାରେ ନିର୍ବାଚନ କରାଯାଇଥାଏ। ସୁତରାଂ କ୍ୟାମ୍ପସ ହିଂସା ଦ୍ୱାହି ଦେଇ ନିର୍ବାଚନକୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ବାତିଲ କରିବା ପର୍ଯ୍ୟାପ୍ତ କାରଣ ନୁହେଁ ବା ନ୍ୟାୟ ସଙ୍ଗତ ନୁହେଁ।

କ୍ୟାମ୍ପସ ହିଂସାର ପ୍ରମୁଖ କାରଣଗୁଡ଼ିକ ସମ୍ପର୍କରେ ଆଲୋଚନା କରିବା ସମୀଚୀନ ମନେହୁଏ। ଗ୍ରୀଷ୍ମ ଅବକାଶ ପରେ ଶିକ୍ଷା ବର୍ଷ ଜୁନ ମାସ ମଧ୍ୟ ଭାଗରେ ଆରମ୍ଭ ହେଉ ହେଉ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ପରିସର ନିର୍ବାଚନରେ ବିଭିନ୍ନ ଆଶାୟୀ ପ୍ରାର୍ଥୀଙ୍କ ପୋଷ୍ଟର ବ୍ୟାନରରେ ଭର୍ତ୍ତି ହୋଇଯାଏ। ଏହାପରେ କ୍ୟାମ୍ପସରେ ବିଭିନ୍ନ ରାଜନୈତିକ ଦଳର ତୁଙ୍ଗ ନେତାମାନଙ୍କର ଭିଡ଼ ଜମେ। ଜିତିବାର ସମ୍ଭାବନା ଥିବା ସଠିକ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଆରମ୍ଭ ହୋଇ ନିର୍ବାଚନ ଖର୍ଚ୍ଚ ବାବଦ ପର୍ଯ୍ୟାପ୍ତ ପରିମାଣର ଅର୍ଥ ମଧ୍ୟ ବିତରଣ କରାଯାଏ। ସେହିସମୟରେ ଶିକ୍ଷାନୁଷ୍ଠାନମାନଙ୍କରେ ଏକ ଉତ୍ସବର ବାତାବରଣ ଦେଖିବାକୁ ମିଳେ। ପ୍ରତିଦିନ ଷ୍ଟାର ହୋଟେଲରେ ଡିନର, ଦାମୀ ଉପହାର ବଣ୍ଟନ, ବନ୍ଧୁମିଳନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଯଦିଓ ଲିଙ୍ଗଡ଼ୋ କମିଶନ ନିର୍ବାଚନ ଖର୍ଚ୍ଚକୁ ସୀମିତ ରଖିଛନ୍ତି ଏବଂ ପୋଷ୍ଟର ବ୍ୟାନର ମାରିବାକୁ ନିଷେଧ କରିଛନ୍ତି ତଥାପି ଛାତ୍ରଛାତ୍ରୀମାନେ ଏହି ନିୟମର ଉଲ୍ଲଙ୍ଘନ କଲେ ମଧ୍ୟ କୌଣସି ଛାତ୍ରଗୋଷ୍ଠୀ ଅଭିଯୋଗ କରୁ ନ ଥିବାରୁ କର୍ତ୍ତୃପକ୍ଷ ନୀରବ ଦ୍ରଷ୍ଟା ସାଜିଥା'ନ୍ତି।

ଏହି ନିର୍ବାଚନ ରଣାଙ୍ଗନରେ ପ୍ରାୟତଃ ଶାସକ ଦଳ ସମର୍ଥିତ ପ୍ରାର୍ଥୀମାନଙ୍କ ପଲା ଭାରି ଥାଏ। ବାହାରୁ କେହି ଦେଖିଲେ ଅନୁଭବ କରିବେ ଯେ ଛାତ୍ର ସଂସଦ ନିର୍ବାଚନ, ଦେଶର ସାଧାରଣ ନିର୍ବାଚନଠାରୁ କୌଣସି ଗୁଣରେ କମ ନୁହେଁ। ରାଜନୈତିକ ହସ୍ତକ୍ଷେପ, ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ଅପାରଗତା, ଉଦାସୀନତା ଫଳରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ନିର୍ବାଚନ ସମୟରେ ଯେ ହିଂସା ସୃଷ୍ଟି ହେଉଛି, ଏଥିରେ ସନ୍ଦେହ ନାହିଁ। ସାଧାରଣ ନିର୍ବାଚନ ଯଦି ହିଂସାମୁକ୍ତ ହୋଇପାରୁଛି, ଛାତ୍ରସଂସଦ ନିର୍ବାଚନ ମଧ୍ୟ ସ୍ୱଚ୍ଛ, ଅବାଧ ଓ ହିଂସାମୁକ୍ତ ହୋଇପାରିବ। ଏଥିପାଇଁ ଆନ୍ତରିକତା, ଅଙ୍ଗୀକାରବଦ୍ଧତା ଏବଂ ରାଜନୈତିକ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି। ଜେନ-ଜେଡ୍, ଜେନ-ଆଲଫା ଯୁବ ପିଢ଼ିକୁ ଗଣତାନ୍ତ୍ରିକ ପଦ୍ଧତି ସହ ସାମିଲ କରିବା ପାଇଁ ଛାତ୍ର ସଂସଦ ନିର୍ବାଚନର ପୁନଃ ପ୍ରଚଳନ ଜରୁରୀ ବୋଲି ମନେହୁଏ।

ଭୁବନେଶ୍ୱର, ମୋ: ୭୩୮୧୦୭୩୧୩୬

# ଅଧ ପାହୁଲାର ମୋହ!

ଛନ୍ଦା ମିଶ୍ର

ଅନେକ ସମୟରେ ଲୋକେ କହିବାର ଶୁଣିଛି ଯେ, ମୋ ବାପାଙ୍କର ସମ୍ବଳ ନ ଥିଲା, ନ ଥିଲା ମୋ ପାଇଁ ଅନୁକୂଳ ପରିବେଶ, ନ ହେଲେ ମୁଁ ଆଜି ଅମୁକ ହୋଇ ପାରିଥା'ନ୍ତି। ଏପରିକି ଲୋକେ, ସିଧାସଳଖ ବାପାମା'ଙ୍କୁ ଦୋଷ ଦେଇ କୁହନ୍ତି, 'ତୁମେ ଆମ ପାଇଁ କ'ଣ କରିଛ କି! ସେ ସମୁକକୁ ଦେଖ। ତା' ପାଇଁ ତା' ବାପା କେମିତି କେତେ କ'ଣ କରି ଦେଇଛନ୍ତି।' ହେଲେ ସେମାନେ ଭୁଲି ଯାଆନ୍ତି ଯେ ଅନେକ ସଫଳ ବ୍ୟକ୍ତିବିଶେଷ ଖୁବ୍ କମ୍ ବୟସରେ ନିଜ ପିତାମାତାଙ୍କୁ ହରାଇ, ଦୁର୍ଦ୍ଦିନକୁ ଖୁବ୍ ପାଖରେ ଦେଖି, ତା' ସହିତ ଲଢ଼ି, ଆଜି ଏପରି ଏକ ସ୍ଥାନରେ ପହଁଚି ଯାଇଛନ୍ତି ଯେ ଆମ ପାଇଁ ପାଲଟି ଯାଇଛନ୍ତି ଏକ ଆଦର୍ଶ।

ପ୍ରକୃତରେ ସୁଯୋଗ ସମସ୍ତଙ୍କୁ ମିଳେ। ହେଲେ ଉଚିତ୍ ସମୟରେ ପ୍ରସ୍ତୁତ ରହି ସୁଯୋଗଟିର ସଦୁପଯୋଗ କରିବା ପାଇଁ କ୍ୱଚିତ୍ ଭାଗ୍ୟଶାଳୀ ହୁଅନ୍ତି ସକ୍ଷମ। ଆଉ ଅଭାଗାମାନେ ଭାଗ୍ୟ, ସମୟ ଓ ବିଧାତାଙ୍କ ମୁଣ୍ଡକୁ ଦୋଷ ଠେଲି ଦିଅନ୍ତି। ସମସ୍ତଙ୍କୁ ମିଳେ ଦିନକୁ ସେଇ ଚବିଶ ଘଣ୍ଟା, ସପ୍ତାହକୁ ସେଇ ସାତୋଟି ବାର, ଆଉ ବର୍ଷକୁ ସେଇ ତିନି ଶହ ପଞ୍ଚଷଠି ଦିନ। ସେଇ ସମାନ ଶିକ୍ଷକ ଆସି ଶ୍ରେଣୀଗୃହରେ ପଚାଶଟି ପିଲାଙ୍କୁ ସମାନ ଭାବେ ନିଜ ଜ୍ଞାନ ବିତରଣ କରନ୍ତି। ହେଲେ ପିଲାଏ ନିଜ ନିଜ ଆଗ୍ରହ ଓ କ୍ଷମତା ହିସାବରେ ଜ୍ଞାନ ଆହରଣ କରିଥା'ନ୍ତି। ସମସ୍ତଙ୍କୁ ସମାନ ପ୍ରଶ୍ନପତ୍ର ମିଳେ। ପ୍ରତିଟି ପାଠକୁ ଧ୍ୟାନ ଦେଇ ଶୁଣିଥିବା, ଘରେ ତାହାକୁ ଅଭ୍ୟାସ କରିଥିବା ଛାତ୍ରଟି ଉତ୍ତର ଖାତାରେ ଭଲ ପ୍ରଦର୍ଶନ କରୁଥିବା ବେଳେ ପାଠ ପ୍ରତି ଅନାଗ୍ରହୀ ତଥା ହେୟ ମନୋଭାବ ପୋଷଣ କରିଥିବା ଛାତ୍ରଟିର ପ୍ରଦର୍ଶନ ତା' ନିଜ ସହିତ ଅନ୍ୟମାନଙ୍କୁ ବି ଅସନ୍ତୁଷ୍ଟ କରିପକାଏ। ଚାଲି ନଜାଣି ବାଟର ଦୋଷ ପରି ସେମାନେ କେବେ ଶିକ୍ଷକଙ୍କୁ, କେବେ ପ୍ରଶ୍ନ ପତ୍ର ବା କେବେ ସମୟ ମୁଣ୍ଡରେ ବୋଲି ଦିଅନ୍ତି ଅଠା।

ଜୀବନ ବି ଠିକ୍ ସେହିପରି। ଏଠି ଆପଣଙ୍କୁ ମିଳିଥିବା ସମୟ ମଧ୍ୟରେ ହିଁ ପରୀକ୍ଷା ଦେଇ ନିଜ ମୂଲ୍ୟାୟନ କରାଇବାର ଅଛି। ଜୀବନ ପ୍ରତି ସଚେତନ ମନୋଭାବ ପୋଷଣ କରିଥିବା ଲୋକେ ଜୀବନକୁ ଜିଇଁଥା'ନ୍ତି। ବାକିମାନେ ତମାମ ଜୀବନ ଅଚେତନ ହୋଇ ଜୀବନ କାଟନ୍ତି। ସେମାନେ ସଚେତନ ହେଲା ବେଳକୁ ଜୀବନ ଆସି ପହଁଚି ଯାଇଥାଏ ମୃତ୍ୟୁର ସମୀପରେ। କେବଳ ନିଜ କପାଳକୁ ନିନ୍ଦିବା ବ୍ୟତୀତ ଆଉ କିଛି ନଥାଏ ତାଙ୍କ ଅଧୀନରେ। କଷ୍ଟ କାମଗୁଡ଼ିକୁ ଏଡ଼ାଇ ଦେଇରୁ ଭାବି ଆମେ ନିଜକୁ ଚାଲାକ ମନେ କରି ଖୁସି ହେଉ। ଭୁଲିଯାଉ ଯେ କଷ୍ଟ କଲେ ହିଁ କୃଷ୍ଣ ମିଳନ୍ତି। କିନ୍ତୁ ସେହି କଷ୍ଟ କାମଟିକୁ କରି ଅନ୍ୟ ଜଣେ ଚଢ଼ିଯାଏ ସଫଳତାର ପାହାଚ। ପୁଣି ଅଧିକାଂଶ କ୍ଷେତ୍ରରେ କରୁଥିବା କାମଟିକୁ ହେୟ ମନୋଭାବ ନେଇ କରୁଥିବାରୁ ଆମେ ଆମ କାମରୁ ସନ୍ତୁଷ୍ଟି ପାଉନା ଏବଂ କାମର ଫଳାଫଳ ମଧ୍ୟ ହୁଏ ପ୍ରଭାବିତ। ପରିସ୍ଥିତି ଯେତେ ଛୋଟ ହେଉ ବା ବଡ଼, କଠିନ ହେଉ ବା ସରଳ, ଯଦି ଆମେ ତାହାକୁ ସକାରାତ୍ମକ ଚିନ୍ତାଧାରା ନେଇ ସାମନା କରିବା ତେବେ ତାହା ଆମ ପାଇଁ ପାଲଟିଯିବ ଏକ ସଫଳତା।

ବାରଣାସୀରେ ରହୁଥିଲେ ଜଣେ କୃପଣ ମହାଜନ। ପଇସା ଖର୍ଚ୍ଚ ଭୟରେ ପତ୍ନୀଙ୍କର ତୀର୍ଥଭ୍ରମଣ ପ୍ରସ୍ତାବକୁ କୌଣସି ନା କୌଣସି ଆଳ ଦେଖାଇ ସେ ଏଡ଼ାଇ ଯାଆନ୍ତି। ସେଥର ପଡ଼ିଥାଏ କୌଣସି ପବିତ୍ର ଲଗ୍ନ। ପତ୍ନୀ କହିଲେ, ଆମେ ଟିକେ ଗଙ୍ଗାରେ ବୁଡ଼ ପକାନ୍ତେ। ମହାଜନ କହିଲେ, ଯେମିତି ବୁଡ଼ ପକାଇ ଉଠିବା କୋଉଠି ଥିବେ ବ୍ରାହ୍ମଣ, ଆସି ମନ୍ତ୍ର ପଢ଼ି ଦକ୍ଷିଣା ମାଗିବେ। ପତ୍ନୀ ପୁଣି କହିଲେ, ଆମେ ତୁଠରେ ନ ଗାଧୋଇ ଅଲଗା ଜାଗାକୁ ଯିବା ଯେଉଁଠି କେହି ଆମକୁ ଦେଖିପାରିବେ ନାହିଁ। ଅନେକ ଯୁକ୍ତିତର୍କ ପରେ ମହାଜନ ରାଜି ହୋଇ ବାହାରିଲେ। ନିଛାଟିଆ ସ୍ଥାନ ଦେଖି ଦୁହେଁ ଗଙ୍ଗାରେ ବୁଡ଼ ପକାଇଛନ୍ତି, ସେଇବାଟେ ଅଦୃଶ୍ୟ ଭାବେ ଯାଉଥିଲେ ଶିବପାର୍ବତୀ। ମା' କହିଲେ, ଦେଖୁଛନ୍ତି ପ୍ରଭୁ! ଏମାନେ ହେଉଛନ୍ତି ପ୍ରକୃତ ଭକ୍ତ। ଲୋକଦେଖାଣିଆ ନୁହେଁ, ନିରୋଳାରେ ଧର୍ମ ଅର୍ଜନ କରୁଛନ୍ତି। ମହାଦେବ କହିଲେ, ମହାଜନ ତ ଧାର୍ମିକ ନୁହନ୍ତି। ତଥାପି ପରୀକ୍ଷା କରା ଯାଇପାରେ।

ବ୍ରାହ୍ମଣ ବେଶ ଧରି ମହାଦେବ ଉଭା ହୋଇ ଆଶୀର୍ବାଦ କାମନା କରି ହାତ ପତେଇ ଛିଡ଼ା ହେଲେ। ମହାଜନ ଖୁବ୍ ବିରକ୍ତ ହୋଇ କହିଲେ, ମୁଁ ତ ତୁମକୁ କହି ନଥିଲି, କାହିଁକି ମନ୍ତ୍ର ପଢ଼ିଲ? ମହାଦେବ କହିଲେ, ତୁମେ ଯାହା ଦେବ ଚଳିବ। ଖୁବ୍ କଷ୍ଟରେ ମହାଜନ ଅଧ ପାହୁଲା ଦେବା ପାଇଁ ରାଜି ହେଲେ; କିନ୍ତୁ କହିଲେ, ମୁଁ କ'ଣ ପଇସା ଥଳି ଧରି ବୁଲୁଚି? ତେଣୁ ମହାଦେବ ଦକ୍ଷିଣା ପାଇଁ ମହାଜନଙ୍କ ଘର ପର୍ଯ୍ୟନ୍ତ ଯିବାକୁ ରାଜି ହେଲେ। ଘର ହେଉ ହେଉ ମହାଜନ କହିଲେ, ମୁଁ ଭୁଲି ଯାଇଥିଲି, ଘରେ ଆଜି ରେଜା ନାହିଁ। ମହାଦେବ ତା' ପରଦିନ ଆସିଲେ। କିନ୍ତୁ ଗୁରୁବାରେ ଦକ୍ଷିଣା ଦେଇପାରିବେନି କହି ମହାଜନ ମନା କଲେ। ଏମିତି ପ୍ରତିଦିନ କୌଣସି ନା କୌଣସି ଆଳ ଦେଖାଇ ମହାଜନ ମହାଦେବଙ୍କୁ ଫେରାଇ ଦେଉଥିଲେ। ଦିନେ ମହାଜନ ତାଙ୍କ ପତ୍ନୀଙ୍କୁ କହିଲେ, ବ୍ରାହ୍ମଣ ପଚାରିଲେ କହିବୁ ମୁଁ ମରିଗଲି। ସେୟା ହେଲା। ମହାଦେବଙ୍କୁ ବା କ'ଣ ଅଛପା! ସେ କହିଲେ, ମାଆ ତୁମ ସ୍ୱାମୀଙ୍କ ସ୍ୱଭାବ ଯେପରି ତାଙ୍କୁ ସତ୍କାର କରିବା ପାଇଁ ତ କେହି ଆସିବେ ନାହିଁ, ତେଣୁ ମୁଁ ନେଇ ଯାଉଛି ଗଙ୍ଗାରେ ତାଙ୍କୁ ବିସର୍ଜନ କରିଦେବି। ଏହା କହି ମହାଜନଙ୍କୁ କାନ୍ଧରେ ଉଠାଇ ଚାଲିଲେ ମହାଦେବ। ଠିକ୍ ଗଙ୍ଗା ପାଖରେ ପହଞ୍ଚିଲା ବେଳକୁ ମହାଜନ ଡେଇଁ ପଡ଼ି କହିଲେ, ଆରେ ବ୍ରାହ୍ମଣ ଗୋସାଇଁ ତୁମେ ତ ପୁରା ମହାଦେବଙ୍କ ପରି। ଦେଖ ତୁମେ ଛୁଇଁ ଦେବାରୁ ମୁଁ ଜୀବନ ଫେରି ପାଇଲି। ମହାଜନର କଥାରେ ହସି ଦେଇ ଶିବ କହିଲେ, ମୁଁ ମହାଦେବଙ୍କ ପରି ନୁହେଁ ସ୍ୱୟଂ ମହାଦେବ। କ'ଣ ବର ମାଗୁଛ ମାଗ। ମହାଜନ କହିଲେ, ତା'ହେଲେ ମତେ ସେ ଅଧ ପାହୁଲାଟି ଛାଡ଼ି ଦିଅ। ଦୀର୍ଘଶ୍ୱାସଟିଏ ଛାଡ଼ି, ମହାଦେବ ତଥାସ୍ତୁ କହି ଅଦୃଶ୍ୟ ହୋଇଗଲେ।

ଅନେକ ସମୟରେ ଆମେ ଅଧ ପାହୁଲାର ମୋହରେ ଜୀବନ ଆମ ପାଇଁ ରଖିଥିବା ଈଶ୍ୱରୀୟ ଆଶୀର୍ବାଦକୁ ଭୁଲିଯାଉ।

ଭୁବନେଶ୍ୱର, ମୋ: ୯୪୩୭୪ ୫୩୬୧୦

# ମତ୍ସ୍ୟପୂଜନ ପରମ୍ପରା

## ତିମି-ଅସ୍ଥି ସ୍ୱରୂପରେ ପୂଜା ପାଉଛନ୍ତି 'ମତ୍ସ୍ୟ ମାତା'

ଓଜସ୍ୱିନୀ

ସୃଷ୍ଟିକୁ ମହାପ୍ରଳୟରୁ ରକ୍ଷା କରିବା ପାଇଁ ଶ୍ରୀବିଷ୍ଣୁ ଯେଉଁସବୁ ଅବତାର ଗ୍ରହଣ କରିଥିଲେ, ସେ ମଧ୍ୟରୁ ମତ୍ସ୍ୟ ଅବତାର ଅନ୍ୟତମ। ଭାରତର ଅନନ୍ୟ ଧର୍ମୀୟ ଧାରଣା, ବିଶ୍ୱାସ ଓ ନିଆରା ପରମ୍ପରାରେ ଶ୍ରୀବିଷ୍ଣୁଙ୍କ ଏହି ପ୍ରତୀକାତ୍ମକ ସ୍ୱରୂପ ମାଛକୁ ଭାରତର ଅନେକ ସ୍ଥାନରେ ପୂଜା କରାଯାଏ। ଗୁଜରାଟ, କର୍ଣ୍ଣାଟକ ଓ ହିମାଚଳ ପ୍ରଦେଶ ଭଳି ଅନେକ ରାଜ୍ୟରେ ମତ୍ସ୍ୟ ପୂଜନ ସହିତ ଜଡ଼ିତ ଅନେକ ମନ୍ଦିର ରହିଛି, ଯାହା ମଧ୍ୟରୁ କିଛି ଚିତ୍ତାକର୍ଷକ ତ' ଆଉ କିଛି ରହସ୍ୟମୟ। ଆଉ କେତେକ ମନ୍ଦିରରେ ମୁଖ୍ୟ ଭୋଗ ରୂପରେ ମାଛ ପୂଜା ହେଉଛି। ରାଶିଚକ୍ରର ଦ୍ୱାଦଶତମ ରାଶି ଭାବେ ମଧ୍ୟ ମୀନ ବା ମାଛକୁ ସ୍ଥାନ ଦିଆଯାଇଛି। ଚୀନ୍‌ର ପ୍ରାଚୀନ ବାସ୍ତୁଶାସ୍ତ୍ର ଫେଙ୍ଗ୍‌ସୁଇରେ ମଧ୍ୟ ମାଛର ପ୍ରାଧାନ୍ୟ ରହିଛି। ନକାରାତ୍ମକ ଶକ୍ତି ଦୂର କରିବାଠାରୁ ଆରମ୍ଭ କରି ସୁଖସମୃଦ୍ଧି ବୃଦ୍ଧି କରିବା ଦିଗରେ ମାଛର ଆକୃତି ଓ ରଙ୍ଗକୁ ନେଇ ଫେଙ୍ଗସୁଇରେ ଅନେକ ତଥ୍ୟ ଉଲ୍ଲେଖ ଅଛି। ପ୍ରକୃତି ଓ ଜୀବସତ୍ତାର ଉପାସକ ଭାବେ

### ବିଚିତ୍ର ବିଶ୍ୱାସ

ସର୍ବବିଦିତ ବିଭିନ୍ନ ଜନଜାତି ମଧ୍ୟ ମାଛକୁ ଦେବାଦେବୀ ଭାବେ ଉପାସନା କରିଥା'ନ୍ତି। ବିଦେଶୀୟ ସଂସ୍କୃତି ଏବଂ ଧର୍ମଧାରଣାରେ କେତେକ ସ୍ଥଳରେ ମତ୍ସ୍ୟପୂଜନର ପରମ୍ପରା ଦେଖିବାକୁ ମିଳେ। ପରମ୍ପରାଗତ ଦୃଷ୍ଟିରୁ ହେଉ କିମ୍ବା ସାମାଜିକ ଦୃଷ୍ଟିରୁ, ଲୋକମାନେ କାହିଁ କେଉଁକାଳରୁ ମାଛକୁ ପୂଜା କରି ଆସୁଛନ୍ତି। କେବଳ ଆଧ୍ୟାତ୍ମିକ ଭାବଧାରାରେ ନୁହେଁ, ବରଂ କଳା, ସ୍ଥାପତ୍ୟ, ସାହିତ୍ୟ, ସଂସ୍କୃତି, ଲୋକକଥା, ଢଗଢମାଳି, ରୂଢ଼ି ଆଦିରେ ମାଛକୁ ବିଶେଷ ମହତ୍ତ୍ୱ ପ୍ରଦାନ କରାଯାଇଛି।

ଗୁଜୁରାଟର ଭଲସାଡ୍ ତହସିଲ୍ ଅନ୍ତର୍ଗତ ମାଗୋଦ୍ ଡୁଙ୍ଗ୍ରି ଗ୍ରାମରେ ମତ୍ସ୍ୟମନ୍ଦିର ଅବସ୍ଥିତ। ପ୍ରାୟ ୩୦୦ ବର୍ଷ ପୁରୁଣା ଏହି ମନ୍ଦିରରେ ଏକ ହ୍ୱେଲ୍ ବା ବଡ଼ ସାମୁଦ୍ରିକ ମାଛ ବା ତିମିର ହାଡ଼କୁ ପୂଜା କରାଯାଏ ଏବଂ ଏହି ପୀଠଟି 'ମତ୍ସ୍ୟ ମାତାଜୀ' ଭାବରେ ପରିଚିତ। ମତ୍ସ୍ୟଜୀବୀମାନେ ସମୁଦ୍ରକୁ ଯିବା ପୂର୍ବରୁ ଏଠାରେ ପୂଜା କରନ୍ତି। ବିଶ୍ୱାସ ରହିଛି ଯେ, ମତ୍ସ୍ୟ ମାତାଜୀଙ୍କ ପୂଜାର୍ଚ୍ଚନା କରିବା ଦ୍ୱାରା ମତ୍ସ୍ୟଜୀବୀମାନେ ସୁରକ୍ଷିତ ଭାବେ ଫେରିଆସିଥାନ୍ତି ଏବଂ ଅଧିକ ମାଛ ମିଳିଥାଏ। ଏହାବ୍ୟତୀତ ସ୍ଥାନୀୟ ଲୋକମାନେ ବିଶ୍ୱାସ କରନ୍ତି ଯେ, ଦେବୀଙ୍କ ଆଶୀର୍ବାଦ ଦ୍ୱାରା ସମଗ୍ର ଅଞ୍ଚଳ ସୁରକ୍ଷିତ ରହିଛି।

କିମ୍ବଦନ୍ତୀ ଅନୁସାରେ, ପ୍ରାୟ ୩୦୦ ବର୍ଷ ପୂର୍ବେ ଡୁଙ୍ଗ୍ରି ଗ୍ରାମର ବାସିନ୍ଦା ଟଣ୍ଡେଲ ନାମକ ଜଣେ ବ୍ୟକ୍ତିଙ୍କୁ ସ୍ୱପ୍ନରେ ସନ୍ଦେଶ ଆସିଥିଲା ଯେ, ଦେବୀଙ୍କ ରୂପରେ ଏକ ବିଶାଳ ମାଛ ବେଳାଭୂମିରେ ପହଞ୍ଚିଛି। ତା' ପରଦିନ ସେ ସମୁଦ୍ର କୂଳରେ ପହଞ୍ଚିଥିଲେ ଏବଂ ପ୍ରକୃତରେ ଗୋଟିଏ ମୃତ ତିମିର ଶରୀର କୂଳରେ ମିଳିଥିଲା। ଏହାକୁ ସ୍ୱୟଂ ଦେବୀଙ୍କ ଆବିର୍ଭାବ ବୋଲି ବିଶ୍ୱାସ କରି ସେଠାରେ କବର ଦିଆଯାଇଥିଲା। ମନ୍ଦିର ନିର୍ମାଣ ହେବା ପରେ ତିମିର ହାଡ଼କୁ କବର ଭିତରୁ ବାହାର କରି ମନ୍ଦିର ଭିତରେ ସ୍ଥାପନ କରାଯାଇଥିଲା। ସେବେଠାରୁ ଏଠାରେ ତିମି ହାଡ଼କୁ 'ମତ୍ସ୍ୟ ଦେବୀ' ବା 'ମତ୍ସ୍ୟ ମାତା' ଭାବେ ପୂଜା କରାଯାଉଛି। ଅନ୍ୟ ଏକ ଜନଶ୍ରୁତି ଅନୁସାରେ, କେତେଜଣ ଗ୍ରାମବାସୀ ଟଣ୍ଡେଲ୍‌ଙ୍କ ସ୍ୱପ୍ନ ଏବଂ ମୃତତିମିକୁ ମତ୍ସ୍ୟମାତାଙ୍କ ସ୍ୱରୂପ ବୋଲି ବିଶ୍ୱାସ କରି ନ ଥିଲେ। ସେହି ସମୟରେ, ଗାଁରେ ଏକ ଭୟଙ୍କର ରୋଗ ବ୍ୟାପିଥିଲା। ରୋଗମୁକ୍ତ ହେବା ପାଇଁ ଗାଁର ଲୋକମାନେ ମତ୍ସ୍ୟ ମାତାଜୀ ମନ୍ଦିରରେ ପ୍ରାର୍ଥନା କରିଥିଲେ। ମାତାଙ୍କ କୃପାରୁ ଚମତ୍କାର ଭାବେ ଗ୍ରାମବାସୀ ସୁସ୍ଥ ହୋଇଥିଲେ। ସେବେଠାରୁ ମନ୍ଦିର ନିର୍ମାଣକୁ ବିରୋଧ କରୁଥିବା ଲୋକମାନେ ମଧ୍ୟ ମତ୍ସ୍ୟଦେବୀଙ୍କ ଅଲୌକିକ ଶକ୍ତିଙ୍କୁ ବିଶ୍ୱାସ କଲେ ଏବଂ ଗ୍ରାମ ବାହାରେ ଏହି ମନ୍ଦିରର ପ୍ରସିଦ୍ଧି ବୃଦ୍ଧି ପାଇବାରେ ଲାଗିଲା। ବର୍ତ୍ତମାନ ସମୟରେ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରିବା ସହିତ ବିଭିନ୍ନ ମନସ୍କାମନା ପୂରଣ ପାଇଁ ପ୍ରାର୍ଥନା କରୁଛନ୍ତି। ଏଠାରେ ଭକ୍ତଙ୍କର ସମସ୍ତ ମନସ୍କାମନା ପୂର୍ଣ୍ଣ ହେବା ସହିତ ରୋଗବ୍ୟାଧି ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି। ମାତାଙ୍କୁ ପୂଜା ନ କରି ସମୁଦ୍ରକୁ ଗଲେ କୌଣସି ଅଘଟଣ ଘଟିବ ବୋଲି ଆଶଙ୍କା କରାଯାଏ। (କ୍ରମଶଃ

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ୩୦ ତାରିଖ ସୁଦ୍ଧା ସମସ୍ତ ଶିଶୁ ଆଶ୍ରୟସ୍ଥଳର ନିରୀକ୍ଷଣ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୦।୯ (ସମିସ): ରାଜ୍ୟର ସମସ୍ତ ଜିଲ୍ଲାର ଶିଶୁ ଆଶ୍ରୟସ୍ଥଳର ତୁରନ୍ତ ନିରୀକ୍ଷଣ ପାଇଁ ରାଜ୍ୟସରକାର ସମସ୍ତ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି କୌଣସି ଅନୁଷ୍ଠାନରେ ଶିଶୁ ବିରୁଦ୍ଧରେ ଅପରାଧ ଘଟିଥିବା ଜଣାପଡ଼େ, ତେବେ କେବଳ ଅଭିଯୁକ୍ତ ବ୍ୟକ୍ତି ନୁହେଁ, ପରିଚାଳନା ପକ୍ଷ ବିରୁଦ୍ଧରେ ମଧ୍ୟ ପୋକ୍ସୋ ଆଇନର ଧାରା-୨୧ ଓ ଜୁଭେନାଇଲ ଜଷ୍ଟିସ ଆଇନର ଧାରା-୭୫ ଓ ୭୬ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏନେଇ ସମସ୍ତ ଜିଲ୍ଲାପାଳଙ୍କୁ ୩୦ ସେପ୍ଟେମ୍ବର ୨୦୨୬ ସୁଦ୍ଧା ବିଭାଗକୁ ଜିଲ୍ଲାଭିତ୍ତିକ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ଏଥିରେ ନିରୀକ୍ଷଣ ହୋଇଥିବା ଅନୁଷ୍ଠାନ ସଂଖ୍ୟା, ପଞ୍ଜୀକୃତ ଓ ଅପଞ୍ଜୀକୃତ ସୁବିଧା, ଉଦ୍ଧାର ହୋଇଥିବା ଶିଶୁ ଓ ସେମାନଙ୍କ ବର୍ତ୍ତମାନ ସ୍ଥାନ, ସ୍ୱାସ୍ଥ୍ୟ ପରୀକ୍ଷା, କର୍ମଚାରୀ ଭେରିଫିକେସନ ସ୍ଥିତି, ମାମଲା ଦାୟର ଓ ସିଲ ହୋଇଥିବା ପରିସର ବିଷୟରେ ବିବରଣୀ ରହିବ। ଏହି ନିର୍ଦ୍ଦେଶକୁ ନିୟମିତ ଡେଲିଗେସନ ନୁହେଁ, ବ୍ୟକ୍ତିଗତ ତଦାରଖ ଭାବେ ଗ୍ରହଣ କରିବାକୁ କୁହାଯାଇଛି। କେନ୍ଦ୍ରାପଡ଼ା ଶିଶୁ ଯତ୍ନ ଅନୁଷ୍ଠାନ ଘଟଣା ପରେ ରାଜ୍ୟସରକାର ଶିଶୁ ରହୁଥିବା ଅନୁଷ୍ଠାନଗୁଡ଼ିକରେ କଠୋର ସୁରକ୍ଷା ବ୍ୟବସ୍ଥା ଲାଗୁ କରିବାକୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଜାରୀ ହୋଇଥିବା ଏହି ନିର୍ଦ୍ଦେଶନାରେ ଶିଶୁ ରହୁଥିବା ଅନୁଷ୍ଠାନ ଗୁଡ଼ିକ ସୁରକ୍ଷା, କର୍ମଚାରୀ ଓ ପଞ୍ଜୀକରଣ ନିୟମ କଠୋର ଭାବେ ଲାଗୁ କରିବାକୁ କୁହାଯାଇଛି। ଜୁଭେନାଇଲ ଜଷ୍ଟିସ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଆଇନ, ୨୦୧୫ର ଧାରା ୪୧ ଓ ୪୨ ଅନୁସାରେ ଶିଶୁ ରହୁଥିବା ପ୍ରତ୍ୟେକ ଅନୁଷ୍ଠାନକୁ ପଞ୍ଜୀକୃତ

- ଶିଶୁ ପ୍ରଯତ୍ନ କେନ୍ଦ୍ରରୁ ପରିବାରକୁ ହସ୍ତାନ୍ତର ପରେ ୪ମାସର ଗର୍ଭବତୀ ଥିବା ସୂଚନା
- ଘଟଣା ପରେ ତତ୍ପରତା ଦେଖାଇଲେ ସରକାର

ସହ ଶିଶୁ ଆଶ୍ରୟସ୍ଥଳରେ ୨୪ ଘଣ୍ଟା ସୁରକ୍ଷା ଓ ମହିଳା କର୍ମଚାରୀ ବାଧ୍ୟତାମୂଳକ ଅଟେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍(ଡିସିପିୟୁ) ଓ ଶିଶୁ କଲ୍ୟାଣ କମିଟି (ସିଡବ୍ଲ୍ୟୁସି)କୁ ଏହି କାର୍ଯ୍ୟ ପାଇଁ ପୂର୍ଣ୍ଣଭାବେ ନିୟୋଜିତ କରାଯିବ। ଆବଶ୍ୟକ ପଡ଼ିଲେ 'ମିଶନ ବାତ୍ସଲ୍ୟ' ପ୍ରଶାସନିକ ବଜେଟରୁ ଆବଶ୍ୟକ ଖର୍ଚ୍ଚ ମଞ୍ଜୁର କରାଯିବ। ଅର୍ଥାଭାବ ଯୋଗୁଁ କୌଣସି ଅନୁଷ୍ଠାନ ଯାଞ୍ଚ ନହେବାର ଯୁକ୍ତି ଗ୍ରହଣଯୋଗ୍ୟ ହେବ ନାହିଁ। ଅଣପଞ୍ଜୀକୃତ ଅନୁଷ୍ଠାନ ପାଇଁ ଜିଲ୍ଲା ପୋଲିସ ଅଧୀକ୍ଷକଙ୍କୁ ନେଇ ଯୌଥ ନିରୀକ୍ଷଣ ଦଳ ଗଠନ କରାଯିବ ଏବଂ ପ୍ରତ୍ୟେକ ଶିଶୁର ୨୪ ଘଣ୍ଟା ସୁରକ୍ଷା ସୁନିଶ୍ଚିତ କରାଯିବ। ପ୍ରବେଶ-ପ୍ରସ୍ଥାନ ନିୟନ୍ତ୍ରଣ, ରାତ୍ରିକାଳୀନ ତଦାରଖ, ଆଲୋକ ବ୍ୟବସ୍ଥା ଓ ହେଲ୍ପଲାଇନ ସୁବିଧା ଯାଞ୍ଚ ସହ ରାତ୍ରି ସମୟରେ ବିଶେଷ ଧ୍ୟାନ ଦିଆଯିବ। କର୍ମଚାରୀ ନିଯୁକ୍ତିରେ ଯଥାସମ୍ଭବ ମହିଳା କର୍ମଚାରୀଙ୍କୁ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଝିଅମାନେ ରହୁଥିବା ଅନୁଷ୍ଠାନରେ ସୁରକ୍ଷା, ପ୍ରହରା ଓ ଠିକା କର୍ମଚାରୀ ସମେତ ସମସ୍ତ ପଦବୀରେ ମହିଳା କର୍ମଚାରୀ ବାଧ୍ୟତାମୂଳକ ଏବଂ ସମସ୍ତ ସେମାନଙ୍କର ପୋଲିସ ଭେରିଫିକେସନ୍ ମଧ୍ୟ ବାଧ୍ୟତାମୂଳକ କରାଯିବା ସହ ସମସ୍ତ ରେକର୍ଡ ଜିଲ୍ଲା ପ୍ରଶାସନ ପାଖରେ ରଖାଯାଇ ନିୟମିତ ଅପଡେଟ କରାଯିବ। ପୁରୁଷ ଓ ମହିଳା ବାସିନ୍ଦାଙ୍କୁ ପୃଥକ ରଖାଯିବା ସହ ଆଇନ ସହିତ ସଂଘର୍ଷରେ ଥିବା ଶିଶୁଙ୍କୁ ଯତ୍ନ ଓ ସୁରକ୍ଷା ଆବଶ୍ୟକ ଶିଶୁ ରହୁଥିବା ଅନୁଷ୍ଠାନରେ ରଖାଯିବ ନାହିଁ। ପ୍ରତ୍ୟେକ ଶିଶୁଙ୍କ ତୁରନ୍ତ ଚିକିତ୍ସା ପରୀକ୍ଷା କରାଯିବ। ଝିଅମାନଙ୍କ କ୍ଷେତ୍ରରେ ମହିଳା ଚିକିତ୍ସକ ଦ୍ୱାରା ପରୀକ୍ଷା କରାଯାଇ ଫଳାଫଳ 'ଏଡବ୍ଲ୍ୟୁଇଏସଓଏମଇ'(ଅସମ୍)' ଆପ୍ଲିକେସନରେ ରେକର୍ଡ କରାଯିବ। ପ୍ରତ୍ୟେକ ଅନୁଷ୍ଠାନରେ ମହିଳା ପରାମର୍ଶଦାତା କିମ୍ବା ଡିସିପିୟୁ ସାମାଜିକ କର୍ମୀଙ୍କ ଗୋପନୀୟ ସମ୍ପର୍କ ସୁବିଧା ରହିବ, ଯାହା ଅନୁଷ୍ଠାନ କର୍ମଚାରୀଙ୍କ ଉପସ୍ଥିତି ବାହାରେ ହେବ। ଶିଶୁମାନେ ସିଧାସଳଖ ଅଭିଯୋଗ ଜଣାଇବାର ବ୍ୟବସ୍ଥା ରହିବ।

ସୂଚନା ଅନୁସାରେ ନିକଟରେ କେନ୍ଦ୍ରାପଡ଼ା ଜିଲ୍ଲାର ଏକ ଶିଶୁ ଯତ୍ନ ଅନୁଷ୍ଠାନରେ (ଉଦ୍ଧାର କରାଯାଇଥିବା) ଝାଡ଼ଖଣ୍ଡର ନାବାଳିକାକୁ ଠିକଣାରେ ପରିବାରକୁ ହସ୍ତନ୍ତର କରାଯାଇଛି। କିନ୍ତୁ ହସ୍ତାନ୍ତର କରାଯିବା ପରେ ନାବାଳିକା ୪ମାସର ଗର୍ଭବତୀ ଥିବା ଜଣାପଡ଼ିଥିଲା। ଏନେଇ ପରିବାର ଲୋକେ ଅଭିଯୋଗ କରିବା ପରେ ତତ୍ପରତା ଦେଖାଇଛନ୍ତି ରାଜ୍ୟ ସରକାର। ବିଭାଗର ବରିଷ୍ଠ ଅଧିକାରୀ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ଉକ୍ତ ଶିଶୁ ଯତ୍ନ କେନ୍ଦ୍ର ପରିଦର୍ଶନ କରିବା ସହ ତୁରନ୍ତ ସମସ୍ତ ତଥ୍ୟ ପ୍ରଦାନ କରାଯିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ପରିବାରକୁ ଫେରାଇ ଦିଆଯାଇଥିବା କିମ୍ବା ଅନ୍ୟ ଅନୁଷ୍ଠାନକୁ ସ୍ଥାନାନ୍ତରିତ ହୋଇଥିବା ପ୍ରତ୍ୟେକ ଶିଶୁଙ୍କ ସହିତ ଗତ ୨୪ ମାସ ମଧ୍ୟରେ ଡିସିପିୟୁ ଫଲୋ-ଅପ୍ ଯୋଗାଯୋଗ କରି ରେକର୍ଡ ରଖିବାକୁ ନିର୍ଦ୍ଦେଶ ରହିଛି। ଯଦି ଏହି ଫଲୋ-ଅପ୍ ନିୟମିତ ହୋଇଥାନ୍ତା, ତେବେ ଏହି ଘଟଣାରେ ଶିଶୁଟି ମା'ଙ୍କ ଦୃଷ୍ଟିଗୋଚର ଉପରେ ନିର୍ଭର କରିବାକୁ ପଡ଼ିନଥାନ୍ତା ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି।

# ମୂଳ ସର୍ଭିସ ବୁକ୍ ନ ମିଳିଲେ ବି ପ୍ରମାଣୀକୃତ କପିକୁ ଅଗ୍ରାହ୍ୟ କରାଯାଇପାରିବନି: ହାଇକୋର୍ଟ

କଟକ,୧୦।୯ (ସମିସ): ପୂର୍ବତନ ନିଯୁକ୍ତିଦାତାଙ୍କଠାରୁ ମୂଳ ସର୍ଭିସ ବୁକ୍ ନ ମିଳିବା ଦର୍ଶାଇ ଜଣେ ଅଧ୍ୟାପକଙ୍କ ବେତନ ସୁରକ୍ଷା ପ୍ରତ୍ୟାହାର କରିବା ଏବଂ ବକେୟା ଟଙ୍କା ଆଦାୟ କରିବା ଘଟଣାରେ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଭାରତୀୟ ସାକ୍ଷ୍ୟ ଅଧିନିୟମ ଅନୁଯାୟୀ ସର୍ଭିସ ବୁକ ସର୍ଟିଫାଇଡ୍ କପିର ଆଇନଗତ ମୂଲ୍ୟ ରହିଛି। ମୂଳ ସର୍ଭିସ ବୁକ ନ ମିଳିଲେ ବି ଏହାର ସାର୍ଟିଫାଏଡ(ପ୍ରମାଣୀକୃତ) କପିକୁ ଅଗ୍ରାହ୍ୟ କରାଯାଇପାରିବନି ବୋଲି ହାଇକୋର୍ଟ କହିଛନ୍ତି। ଡ. ରାଜେଶ ସେଠଙ୍କ ତରଫରୁ ଦାୟର ରିଟ୍ ପିଟିସନର ଶୁଣାଣି କରି ଜଷ୍ଟିସ ବି.ପି. ରାଉତରାୟ ଏପରି ନିର୍ଦ୍ଦେଶ ପ୍ରଦାନ କରିବା ସହ ଆବେଦନକାରୀଙ୍କୁ ତୁରନ୍ତ ସମସ୍ତ ଦରମା ଏବଂ ଆର୍ଥିକ ସୁବିଧା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଗତ ୨୦୧୧ରୁ ଆସାମ ବିଶ୍ୱବିଦ୍ୟାଳୟରେ ସହକାରୀ ଅଧ୍ୟାପକ ଭାବେ କାର୍ଯ୍ୟରତ ଥିଲେ। ନିଜ ନିଯୁକ୍ତିଦାତାଙ୍କ ଅନୁମତି ନେଇ ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗରେ ଅଧ୍ୟାପକ ପଦବୀ ପାଇଁ ଆବେଦନ କରିଥିଲେ ଏବଂ ମନୋନୀତ ହୋଇ ୨୦୧୬ରେ ଯୋଗ ଦେଇଥିଲେ। ଆସାମ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରଦତ୍ତ ଲାଷ୍ଟ ପେ ସାର୍ଟିଫିକେଟ୍ (ଏଲପିସି) ଆଧାରରେ ୨୦୧୭ରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ତାଙ୍କର ଦରମା ମଞ୍ଜୁର କରିଥିଲେ। ତେବେ ଆସାମ ବିଶ୍ୱବିଦ୍ୟାଳୟରୁ ମୂଳ ସର୍ଭିସ ବୁକ୍ ଆସିନଥିବା କାରଣ ଦର୍ଶାଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ୨୦୧୯ ଡିସେମ୍ବରରୁ ବିନା କୌଣସି କାରଣ ଦର୍ଶାଅ ନୋଟିସରେ ତାଙ୍କ ଦରମା କମାଇ ଦେବା ସହ ପୂର୍ବରୁ ଦିଆଯାଇଥିବା ଅର୍ଥ ବାବଦକୁ ଆଦାୟ କରିବା ଆରମ୍ଭ କରିଥିଲେ। ଆସାମ ବିଶ୍ୱବିଦ୍ୟାଳୟ ପକ୍ଷରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ଆବେଦନକାରୀଙ୍କ ସର୍ଭିସ ବୁକର ସାର୍ଟିଫାଏଡ କପି ମିଳିଥିବା ସତ୍ତ୍ୱେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଅନ୍ୟାୟପୂର୍ଣ୍ଣ ଓ ଆଇନଗତ ଭାବେ ଗ୍ରହଣଯୋଗ୍ୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି।

# ସ୍ୱାମୀଙ୍କୁ ହତ୍ୟା ଅଭିଯୋଗରେ ସ୍ତ୍ରୀଙ୍କୁ ଆଜୀବନ ଜେଲ

ଯାଜପୁର,୧୦।୯ (ସମିସ): ସ୍ୱାମୀଙ୍କୁ ହତ୍ୟା କରିବା ଅଭିଯୋଗରେ ସ୍ତ୍ରୀଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି ଅଦାଲତ। ବହୁ ଚର୍ଚ୍ଚିତ ମଙ୍ଗଳପୁର ଥାନା ପ୍ରଗତିବିହାରରେ ଘଟିଥିବା ହତ୍ୟାକାଣ୍ଡର ରାୟ ପ୍ରକାଶ ପାଇଛି। ଭଡ଼ା ଘରେ ହୋଇଥିବା ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ମୃତ ଅଟଳ କୁଅଁରଙ୍କ ଅଭିଯୁକ୍ତ ପତ୍ନୀ ମମତା କୁଅଁରଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି ଅତିରିକ୍ତ ଜିଲ୍ଲା ଓ ଦୌରା ଅଦାଲତ। ୨୦୨୧ ମସିହା ମଙ୍ଗଳପୁର ଥାନା ଇସମାଇଲପୁର ଅଞ୍ଚଳର ଅଟଳ କୁଅଁର ଓରଫ ସୁବାସ ସପରିବାର ମଙ୍ଗଳପୁର ବଜାର ପ୍ରଗତିବିହାର ଅଞ୍ଚଳରେ ଏକ ଭଡ଼ା ଘରେ ରହୁଥିଲେ। କୌଣସି ଏକ ପାରିବାରିକ କାରଣରୁ ତାଙ୍କ ପତ୍ନୀ ମମତା ସୁବାସ ଶୋଇଥିବା ସମୟରେ ତକିଆ ଓ ଚାର୍ଜର କର୍ଡରେ ଗଳାଚାପି ହତ୍ୟା କରିଥିଲା। ଏ ନେଇ ମୃତକଙ୍କ ଭାଇ ରଞ୍ଜନ କୁମାର କୁଅଁର ମଙ୍ଗଳପୁର ଥାନାରେ



ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଅଭିଯୁକ୍ତ ପତ୍ନୀ ମମତାଙ୍କ ସହ ଅଜୟ ସାମଲ, କୃଷ୍ଣ ସେଠୀଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଆଜି ଏହି ମାମଲାର ଶୁଣାଣି କରିଛନ୍ତି ଅତିରିକ୍ତ ଜିଲ୍ଲା ଓ ଦୌରା ଅଦାଲତ। ୧୫ ଜଣ ସାକ୍ଷ୍ୟ, ପ୍ରମାଣ ଓ ୩୬ ଟି ଦସ୍ତାବିଜକୁ ଆଧାର କରି ପତ୍ନୀ ମମତାଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ୧ ଲକ୍ଷ ଟଙ୍କା ଜରିମାନା ପାଇଁ ରାୟ ଶୁଣାଇଛନ୍ତି। ଏଥି ସହିତ ଅନାଦୟ ୧୨ ମାସ ଅଧିକ କାରାଦଣ୍ଡାଦେଶ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଅତିରିକ୍ତ ଜିଲ୍ଲା ଓ ଦୌରା ବିଚାରପତି ବିଶେଶ୍ୱର ବିଶ୍ୱପ୍ରକାଶ ରାୟ। ଏଥିସହ ପ୍ରମାଣ ଅଭାବରୁ ଏହି ଘଟଣାରେ ଅନ୍ୟ ଦୁଇଜଣ ଅଭିଯୁକ୍ତ ଅଜୟ ସାମଲ, କୃଷ୍ଣ ସେଠୀଙ୍କୁ ଖଲାସ କରିଛନ୍ତି ଅଦାଲତ। ଏହି ମାମଲାକୁ ସରକାରୀ ଓକିଲ କୁଳମଣି ନାୟକ, ଅତିରିକ୍ତ ସରକାରୀ ଓକିଲ ବିପ୍ଳବ କୁମାର ମୁଦୁଲି ପରିଚାଳନା କରିଥିଲେ।

## ଭିଜିଲାନ୍ସ ମାମଲାରେ ଆଠଗଡ଼ର ପୂର୍ବତନ ଫରେଷ୍ଟର ଗିରଫ

କଟକ/ତିଗିରିଆ,୧୦।୯ (ସମିସ): ସରକାରୀ ଅର୍ଥ ହଡ଼ପ ଅଭିଯୋଗରେ ଆଠଗଡ଼ ବନଖଣ୍ଡର ପୂର୍ବତନ ଫରେଷ୍ଟର ଆଶିଷ ନାୟକଙ୍କୁ ଗିରଫ କରିଛି ଭିଜିଲାନ୍ସ। ବର୍ତ୍ତମାନ କଟକ ଡିଏଫଓ କାର୍ଯ୍ୟାଳୟରେ କାର୍ଯ୍ୟରତ ଶ୍ରୀ ନାୟକ ନକଲି ଓ ଜାଲ୍ ବିଲ୍ ପ୍ରସ୍ତୁତ କରି ୭ଲକ୍ଷ ୪୧ହଜାର ୨୯୭

**୭ ଲକ୍ଷରୁ ଉର୍ଦ୍ଧ୍ୱ ସରକାରୀ ଟଙ୍କା ତୋଷରପାତ**



ଟଙ୍କାର ସରକାରୀ ପାଣ୍ଠି ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ ୨୦୨୫–୨୬ ଆର୍ଥିକ ବର୍ଷରେ ଆଠଗଡ଼ ସଦର ସେକ୍ସନ ଅନ୍ତର୍ଗତ ଓରିଙ୍ଗା ସଂରକ୍ଷିତ ଜଙ୍ଗଲ (କୁଲେଇଲୋ ବିଟ୍ ଓ ସଦର ବିଟ୍)ରେ କାମ୍ପା ଯୋଜନା ଅଧୀନରେ ଆସିଷ୍ଟେଡ୍ ନାଚୁରାଲ୍ ରିଜେନେରେସନ୍ (ଏଏନଆର) ବୃକ୍ଷରୋପଣ ପ୍ରକଳ୍ପ ହାତକୁ ନିଆଯାଇଥିଲା। ତଦନ୍ତରୁ ଜଣାପଡ଼ିଛି ଯେ ଅଭିଯୁକ୍ତ ଫରେଷ୍ଟର ମୋଟ ୧୧,୩୭୬ଟି ଚାରାରୋପଣ ନ କରି ମିଛ ବିଲ୍ ପ୍ରସ୍ତୁତ କରି ପାଣ୍ଠି ଉଠାଇ ନେଇଥିଲେ। ଏ ସମ୍ପର୍କରେ କଟକ ଭିଜିଲାନ୍ସରେ ଦୁର୍ନୀତି ନିବାରଣ ଆଇନ୍, ୨୦୧୮ର ୧୩(୨) ୧୩(୧) ଏବଂ ଭାରତୀୟ ନ୍ୟାୟ ସଂହିତାର ୩୧୮(୪), ୩୧୬(୫) ଓ ୬୧(୨)) ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଗିରଫ ପରେ ଅଭିଯୁକ୍ତଙ୍କୁ ଆଜି କଟକ ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟକୁ ଚାଲାଣ କରାଯାଇଛି।

**ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲି଼.**

**୧୧୦ ତମ ବାର୍ଷିକ ସାଧାରଣ ସଭା**

**ନୋଟିସ**

ନୋଟିସ ନଂ :୨୨୨୯ | ତାରିଖ : ୧୦.୦୯.୨୦୨୬

ଏତଦ୍ୱାରା ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲି଼. ର ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ବ୍ୟାଙ୍କର ୧୧୦ ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା. ୩୦.୦୯.୨୦୨୬ ରିଖ ବୁଧବାର ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ଖୋର୍ଦ୍ଧା ସ୍ଥିତ ଜୟୀ ରାଜଗୁରୁ ଟାଉନ ହଲ ଠାରେ ଅନୁଷ୍ଠିତ ହେବ।

ଉକ୍ତ ସାଧାରଣ ସଭାରେ ସମିତିର କ୍ଷମତାପ୍ରାପ୍ତ ପ୍ରତିନିଧି ଯୋଗଦାନ କରି ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନାରେ ଅଂଶଗ୍ରହଣ କରିବା ନିମନ୍ତେ ଅନୁରୋଧ।

**କାର୍ଯ୍ୟସୂଚୀ**

୧. ତା ୦୮.୦୮.୨୦୨୫ ରିଖରେ ଅନୁଷ୍ଠିତ ହୋଇଥିବା ୧୦୯ ତମ ବାର୍ଷିକ ସାଧାରଣ ସଭାର ବିବରଣୀ ପଠନ ଓ ଅନୁମୋଦନ।
୨. ୨୦୨୫-୨୦୨୬ ଆର୍ଥିକ ବର୍ଷର ବାର୍ଷିକ ବିବରଣୀ ପଠନ ଓ ଅନୁମୋଦନ।
୩. ୨୦୨୫-୨୦୨୬ ଆର୍ଥିକ ବର୍ଷର ସମୀକ୍ଷା ପତ୍ର ଓ ତତ୍ ସଂଲଗ୍ନ ଆୟ ବ୍ୟୟ ପ୍ରାପ୍ୟ ଦେୟ ହିସାବ ପଠନ ଓ ଅନୁମୋଦନ।
୪. ୨୦୨୫-୨୦୨୬ ଆର୍ଥିକ ବର୍ଷର ନିଟ ଲାଭର ବିନିଯୋଗ ପ୍ରସ୍ତାବ ଗ୍ରହଣ।
୫. ୨୦୨୬-୨୦୨୭ ଆର୍ଥିକ ବର୍ଷର ଅନୁମୋଦିତ ଆୟବ୍ୟୟ ଅଟକଳର ପଠନ ଓ ଦୃଢ଼ୀକରଣ।
୬. ବ୍ୟାଙ୍କର ଉପବିଧିକୁ ସଂଶୋଧନ କରାଯାଇ ଅଧିକୃତ ଅଂଶଧନ ପୁଞ୍ଜି କୁ ବୃଦ୍ଧି ନିମନ୍ତେ ପ୍ରସ୍ତାବ ଗ୍ରହଣ ଓ ଅନୁମୋଦନ।
୭. ଆଗାମୀ ୨୦୨୭-୨୦୨୮ ଆର୍ଥିକ ବର୍ଷ ପାଇଁ ବ୍ୟବସାୟିକ ଅଭିବୃଦ୍ଧି ଯୋଜନା (ଡ଼ି ଏପି) ପଠନ ଓ ଅନୁମୋଦନ।
୮. ଆଗାମୀ ୨୦୨୭-୨୦୨୮ ଆର୍ଥିକ ବର୍ଷର ଆୟବ୍ୟୟ ଅଟକଳ ନିର୍ଦ୍ଧାରଣ ପାଇଁ ପ୍ରସ୍ତାବ।
୯. ଅନ୍ୟାନ୍ୟ (ସଭାପତିଙ୍କ ଅନୁମତିକ୍ରମେ)।

**ସଭାପତି, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲି଼., ଙ୍କ ନିର୍ଦ୍ଦେଶ କ୍ରମେ**
**ସାରଥୀ ଶତପଥୀ**
**ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ**

Phone No. (06854) 241159 / 232714
PBX No. 232713 / 232716, Fax: 232718 / 241640
E-mail: ceo@koraputccb.com

**KORAPUT CENTRAL CO-OPERATIVE BANK LTD;**
HEAD OFFICE: N.K.T. ROAD, JEYPORE – 764003: DIST: KORAPUT (ODISHA)

**Notice No. 2489 / Estt.I / 2026-27** | **Dated. 08.09.2026**

**CORRIGENDUM**

This office Notice No.2369 Dated.01.09.2026 Agenda No.12 may be read as here under.

12) To approve the decision to shift the members from B Class to C Class as per the new amendment and provision No.6(g) of the Bye-Law of the Bank.

**By order of the President**
Secretary
Koraput Central Co-operative Bank Ltd.,
Jeypore

**Government of Odisha** 25001/1124/2627
**Office of the Superintending Engineer**
**Rural Works Division-II, Nabarangpur, Umarkot.**
e-mail: eerwukt@gmail.com & eerwukt@ymall.com

**Letter No. 3537** | **Date: 07-09-2026**

**GePNIC e-Procurement Notice**

| | | | |
|---|---|---|---|
| 1 | Name of the work | : | Building Works |
| 2 | Total No of works | : | 09 (Nine) Nos. |
| 3 | Approx. Estimated Cost | : | Varies from 4.24 Lakhs to 8.47 Lakhs. |
| 4 | Class of Contractor | : | "C" & "D" Class of Contractor |
| 5 | Period of Completion | : | As per TCN |

| Procurement officer | Bid Identification No. | Availability of tender online for bidding From | To | Last Date & Time Seeking Tender Clarification | Date & Time of Opening of Tender |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Superintending Engineer, R.W. Division-II, Nabarangpur, Umarkot. | Online Tender/07/ RWD-UKT/2026-27 | 11.09.2026 at 11.00 AM | 23.09.2026 up to 5.00 PM | 22.09.2026 at 01.00 PM | 24.09.2026 at 11:00 AM |

Further details can be seen from the Government website **www.tendersodisha.gov.in**

Superintending Engineer
Rural Works Division-II
Nabarangpur, Umarkot

OIPR-25001/25103/1/26-27/0007

25001/1132/2627
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BHUBANESWAR**
Ph. No. – 0674-2301787
Fax No.-0674-2300965
E.Mail I.D. –
eerw_bbsr@yahoo.co.in

**No:-Tender – Online – BBSR Divn. - 16** | **Date : 05.09.2026**

**e-Procurement NOTICE**

1. Name of the project : Building work
2. Total No. of work : 1 No.
3. Class of Contractor (As per Works Dept. Office memorandum no. 12586 dt. 09.09.2022)
   - a) Above Rs. 20 lakh and upto 3 crore : 'B' Class (of Odisha PWD) or equivalent class of other licensing authorities.
   - b) Upto Rs. 40.00 lakh : 'C' Class (of Odisha PWD) or equivalent class of other licensing authorities.
   - c) Upto Rs. 20.00 lakh : 'D' Class (of Odisha PWD) or equivalent class of other licensing authorities.
4. Estimate cost of Individual project : Rs. 74.73 lakh
5. Time for completion : 6 (Six) calendar months
6. Other details : -

| Procurement Officer | Bid Identification No. | Availability of Tender on-line for bidding From | To | Date & Time of opening of tender Technical Bid | Financial Bid |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Bhubaneswar. | Tender Online - BBSR Divn. - 16 | 17.09.2026 at 11.00 A.M. | 28.09.2026 up to 5.00 P.M. | 29.09.2026 at 11.00 A.M. | To be intimated later on |

7. Further details can be seen from the website **www.tendersorissa.gov.in**
8. Corrigendum if any / shall only be published in the above website.

Superintending Engineer,
Rural Works Division BBSR

OIPR-25001/25066/1/26-27/0017

**GOVT. OF ODISHA** 25001/1123/2627
**OFFICE OF THE SUPERINTENDING ENGINEER**
**RURAL WORKS DIVISION No-II, KEONJHAR**
E-mail: eerw_kjr2@yahoo.com

**"e" Procurement Notice for Road Works**
**Identification No Online NCB - 09/2026-27.**

1. Name of the Work : Road Works
2. Total Number of Work : 03 Nos.
3. Estimated Cost : Rs. 34.74 Lakhs to 45.68 Lakhs
4. Class of Contractor : 'C' & 'B' Class
5. Period of Completion : As per annexure of e-Procurement Notice No. 09/2026-27.
6. Other Details :

| Procurement Officer | Bid Identification No. | Availability of tender Online for bidding From | To | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division-II, Keonjhar. Single Cover |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-II, Keonjhar | Road Online NCB No.09 | Dt.17.09.2026 at 11.00 A.M. | Dt.29.09.2026 up to 5.00 P.M. | Dt.28.09.2026 up to 5.00 P.M. | Dt.30.09.2026 at 11.00 A.M. |

Further details can be seen from the Website **www.tenderorissa.gov.in**

Sd/-
Executive Engineer
R.W.Divn.No-II, Keonjhar

OIPR-25001/25093/1/26-27/0010

**GOVERNMENT OF ODISHA** 32001/859/2627
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER AND BASIN MANAGER,**
**SUBARNAREKHA AND BUDHABALANGA BASIN, LAXMIPOSI.**
e-Mail: cebmsbb2019@gmail.com

**Bid Identification No. 12/26-27 of CEBM, SBB, Laxmiposi**
**NOTICE INVITING TENDER**

Online tenders are invited from the eligible bidders Construction of Kansapal instream and In-stream storage structure across river katra near village kansapal, District:- Mayurbhanj , Odisha including hydro-mechanical works, Afflux bonds , Instrumentation , Power connectivity works, road connectivity, staff quarters including survey, investigation, Planning, design and estimate of all components with operation and maintenance of the project for a period of five years or five flood seasons whichever is more after successful commissioning of the project on EPC Contract .

| Name of Work | Class/ EMD / Tender Fee / Period of completion |
|---|---|
| **Construction of Kansapal instream storage structure across river katra near village kansapal, District:- Mayurbhanj , Odisha including hydro-mechanical works, Afflux bonds , Instrumentation , Power connectivity , road connectivity, staff quarters including survey, investigation, Planning, design and estimate of all components with operation and maintenance of the project for a period of five years or five flood seasons whichever is more after successful commissioning of the project.** | (1) Class – Super class or equivalent Bidders.<br>(2) EMD – 1% of Bid Cost Amounting to **Rs.54,56,400.00/-**<br>(3) Tender Fee - Rs. 10,000/- to be transferred online (Non Refundable)<br>(4) Period of Completion – 24 calendar months including rainy season |

| | | |
|---|---|---|
| A. | PERIOD OF AVAILABILITY OF BIDDING DOCUMENT. | Dt.08.09.2026 from 10.00 AM to Dt.26.10.2026 up to 5.00 PM |
| B. | TIME AND DATE FOR PRE-BID CONFERENCE | Dt. 25.09.2026 at 11.30 AM to 12:00 Noon (Office of the CE & BM, S & B Basin, Laxmiposi in physical/ virtual mode through Google Meet. The interested bidder should ask to link giving their email id to cebmsbb2019@gmail.com (Joining time in Google Meet 11:30 AM to 12: 00 Noon) |
| C. | LAST DATE AND TIME FOR RECEIPT OF BIDS | Dt. 26.10.2026 up to 5.00 PM |
| D. | PLACE OF SALE, RECEIPT OF BIDS | Online through e-procurement. |
| E. | TIME AND DATE OF OPENING OF TECHNICAL BID | Dt. 27.10.2026 at11.00 AM |
| F. | PLACE OF OPENING OF BIDS | Office of the CE & BM, S & B Basin, Laxmiposi. |
| G. | Further details can be seen from e-procurement portal | https://tendersodisha.gov.in |

**Chief Engineer & Basin Manager,**
**Subarnarekha & Budhabalanga Basin,**
**Laxmiposi**

OIPR-32001/32429/1/26-27/0009

## AFFIDAVIT

I, Voona Venkata Ramana, S/o- Voona Thavitayya resident of ward no.8, Brahmin Street, Po./Ps.- Gunupur, Dist.- Rayagada, Pin- 765022, Odisha, declare by this affidavit no. 1646, dtd. 11.09.2025 that now onwards I shall be known as **VOONA VENKATA RAMANA** for all Future purposes.

## AFFIDAVIT

By virtue of an affidavit sworn before the Executive magistrate Balasore dated 02.09.2026, I, **Mrutunjay Jena**, S/o Prasanna Kumar Jena, At./Po. Chhanua, P.S. Basta, Dist. Balasore-756027, declare that I have changed my name from **Mrutyunjaya Jena to Mrutunjay Jena**. Henceforth I shall be known as **MRUTUNJAY JENA** for all purposes.

## NOTICE

By virtue of an affidavit sworn before Executive Magistrate , Salipur, dated 10.09.2026 I, Zahar Khan, S/o Zabar Khan Address, At-Badabhimrajpur, Post-Bhimrajpur, via:-Rameswar, Ps-Jagatpur,Dist-Cuttack, Pin-754201, Odisha declare that I have changed my name from Zaher Khan to Zahar Khan. Henceforth, I shall be known as **Zahar Khan** for all purposes.

**Zahar Khan**

## NOTICE

By virtue of an affidavit sworn before Executive Magistrate , Cuttack, dated 29.07.2026 I, Kamaruddin Ansari Address at-Gunjarpur, Post-Bhairpur,Ps-Jagatpur, Dist-Cuttack,Pin-754200, Odisha declare that I have changed my name from Sk Raju to Kamaruddin Ansari. Henceforth, I shall be known as **Kamaruddin Ansari** for all purposes.

**Kamaruddin Ansari**

## NOTICE

By virtue of an affidavit sworn before Executive Magistrate ,Salipur, dated 05.06.2026 I, Ramesh Chandra sahoo, S/O- Fagu Sahoo Address at-Totapada,Post-Totapada,Ps-Kishorenagar,Dist-Cuttack,Pin-754131, Odisha declare that I have changed the Name of my Daughter from Sumitra sahoo to Suchitra sahoo .Henceforth, she shall be known as **Suchitra Sahoo** for all purposes.

**Ramesh Chandra Sahoo**

## NOTICE

By virtue of an affidavit sworn before Executive Magistrate, Salipur, dated 08.09.2026, I, Sk Akhtarul Islam, S/o- Sk Noorul Islam, Address, At-Patana, Post-Mahasinghpur, Ps-Salipur, Dist-Cuttack, Pin-754200, Odisha declare that I have changed my minor son name from S.K Aqybul Islam to Sk Aaquibul Islam. Henceforth, he shall be known as **Sk Aaquibul Islam** for all purposes.

**Sk Akhtarul Islam**

## NOTICE

By virtue of an affidavit sworn before Executive Magistrate , Salipur, dated 09.09.2026, I, Kanhu Charan Behera, S/o Raghunath Behera Address, At-Daodarpur, Post-Ganjam,Ps-Ganjam, Dist-Ganjam, Pin 761026, Odisha declare that I have changed my name from Shiv Shankar Sada to Kanhu Charan Behera. Henceforth, I shall be known as **Kanhu Charan Behera** for all purposes.

**Kanhu Charan Behera**

## AFFIDAVIT

By virtue of an affidavit sworn before the Notary Public, Kendrapara, on dated 05/09/2026, I **NIRMAL KUMAR TARAI**, S/o Sukadeb Tarai resident of Village At-Manikpatana, Po- Manikpatana, P.S: Aul, Dist: Kendrapara, Odisha declare that I have changed my minor daughter name from **NIKITA PRIYADARSHINI TARAI (Old Name)** to **NIKITA TARAI (New Name)**. Henceforth, she shall be known as **NIKITA TARAI** for all future purposes.

Sd- **NIRMAL KUMAR TARAI**

## AFFIDAVIT

By virtue of an Affidavit resident before Notary Public, Malkangiri, I **Puja Mandal**, aged about 20 Years, W/o.: Bhairab Mandal, D/o: Mitun Das, Resident of village: M.V.-107, PO.: Telarai, P.S.: M.V.-79, Dist.: Malkangiri, Odisha declare by this Affidavit No.: 1026/2026, Dated: 17/07/2026, That I have changed my name from Puja Das to **Puja Mandal.** Henceforth I shall be known as Puja Mandal for all future purposes.

## AFFIDAVIT

By virtue of an affidavit sworn before Executive Magistrate, Panposh, Sundargarh, Odisha
I, Anil Kumar Mangal, S/o. Radha Kishan Mangal, Residence of 0/20 Civil Township, P.S. R.N. Pali. Rourkela-4, Dist. Sundargarh, Odisha, declare that my correct name is Anil Kumar Mangal whereas in ICSE Board 10th Certificate of my daughter Bhumika Mangal, where my name is maintained Anil Mangal. That, both the name Anil Kumar Mangal and Anil Mangal stand for one and same person.

## AFFIDAVIT

By Virtue of an affidavit sworn before Executive Magistrate Bhograi , no- 5560, dated 09.09.2026, I, Babar Saha ,s/o Fajlu Saha, At-Chandipur, Po-Kakhada PS- Bhograi District-Balsore, Odisha, pin-756039 declare that, I have changed my name from Abdul Babar Khan to Babar Saha .Henceforth, I shall be known as **Babar Saha** for all purposes.

## AFFIDAVIT

By virtue of an affidavit sworn before the Notary Public, Bhubaneswar, dated 10.09.2026, I, BINATI NAYAK, W/o Bishnu Nayak, At: Burubura, PO: Khamar, PS: Khamar, Dist. Angul-759118, do hereby declare that I have changed my minor son's name from ARIYAN NAYAK to ADITYA NAYAK. Henceforth, my minor son shall be known as **ADITYA NAYAK** for all purposes.

**Sd/- BINATI NAYAK**

## AFFIDAVIT

By virtue of an affidavit (Sl No. 355, dtd- 31/08/2026) sworn before the Executive Magistrate, Khariar, Nuapada. I, Kumadei Duria (new name), D/o Parakshit Duria , resident of Village: At/Po: Chindaguda, PS: Khariar, Dist: Nuapada, Odisha declare that I have changed my name from Kumudini Netam(old name) to Kumadei Duria (new name). Henceforth, I shall be known as **Kumadei Duria** (new name) for all purpose.

## AFFIDAVIT

By Virtue of an affidavit sworn before Executive Magistrate Bhograi, No- 5545, dtd. 08.09.2026, I, Krishna Chakrabartti, W/o- Shibu Chakrabartti, At/po-Alalbindha, PS- Bhograi District- Balsore, Odisha, pin-756035 declare that, I have changed my name from Krishna Panda to Krishna Chakrabartti. Henceforth, I shall be known as **Krishna Chakrabartti** for all purposes.

## AFFIDAVIT

By Virtue of an affidavit sworn before Executive Magistrate Bhograi , no- 5417, dated 02.09.2026, I am Rabindra Giri , S/o Narayan Giri, At-Deula, Po -Deulahat, PS- Bhograi District-Balsore, Odisha, pin-756035 declare that, I have changed my minor daughter name from Pryankay Giri to Priyanka Giri.Henceforth, she shall be known as **Priyanka Giri** for all purpose.

## AFFIDAVIT

I, Sekh Mojahidul Hayat, S/o-Late Sk Jahiruddin, resident At-Sayedpur (Akhund Mohalla), Po/Ps-Binjharpur, Dist-Jajpur, Pin-755004, Odisha declare by this affidavit No-3700 Dated-01.08.2026 that now onwards I Shall be Known as **Sk Mojahidul Hayat** for all future Purposes.

ସକାଳ
THE SAKALA



## କେବେ ସରିବ ଜାତୀୟ ରାଜପଥ-୨୦ର ମରାମତି କାମ

# ୨ ମାସରୁ ଊର୍ଦ୍ଧ୍ୱ ହେଲାଣି ଏହି ରାସ୍ତାରେ ଗଡ଼ିନି ବସ୍

ଆରଡ଼ି,୧୦।୯ (ସମିସ)

ଚଳିତ ବର୍ଷ ବୈତରଣୀ ନଦୀର ବନ୍ୟାରେ ଜାତୀୟ ରାଜପଥ-୨୦ରେ ବୋଡ଼କଠାରୁ ଷାଠିବାଙ୍କୁଡ଼ା ପର୍ଯ୍ୟନ୍ତ ସ୍ଥିତି ଏପରି ହୋଇଥିଲା ଯେ ଆଜି ପର୍ଯ୍ୟନ୍ତ ବି ଏହି ରାସ୍ତା ଦେଇ ଭୁବନେଶ୍ୱର ଆରଡ଼ି ଯାତ୍ରୀବାହୀ ବସ୍ ସହିତ ଭାରୀଯାନଗୁଡ଼ିକ ଯାତାୟାତ କରିପାରୁନାହାନ୍ତି। ଲଗାତାର ୫ ଥର ବନ୍ୟା ଆସି ଏହି ରାସ୍ତା ଦେଇ ୫ ଫୁଟ୍ ଉପରେ ବନ୍ୟାଜଳ ପ୍ରବାହିତ ହେବା ଫଳରେ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ପ୍ରାୟ ଅଧିକାଂଶ ସ୍ଥାନରେ କଂକ୍ରିଟ ରାସ୍ତା ଥିବାରୁ କଂକ୍ରିଟ ତଳୁ ବାଲି ଓ ମାଟି ପାଣି ସୁଅରେ ଧୋଇଯିବାରୁ କଂକ୍ରିଟଗୁଡ଼ିକ ଭାଙ୍ଗିଯାଇ ତଳକୁ ଗଳି ପଡ଼ିଥିବାରୁ ରାସ୍ତା ଫାଟି ଆଁ କରିଛି। ଦୀର୍ଘ ୨ ମାସରୁ ଊର୍ଦ୍ଧ୍ୱ ହେବ ଏହି ରାସ୍ତା ଦେଇ ବସ୍ ଗଡ଼ିନି।

ଆରଡ଼ିରୁ ଭୁବନେଶ୍ୱର ଭାୟା କୁଆଖିଆ ହୋଇ ଏହି ରାସ୍ତା ଦେଇ ପ୍ରତିଦିନ ୫ଟି ଯାତ୍ରୀବାହୀ ବସ୍ ଓ ଆରଡ଼ିରୁ ରାଉରକେଲା ଗୋଟିଏ ବସ୍ ସହିତ ଅନ୍ୟାନ୍ୟ ରିଜର୍ଭ ବସ୍ ଓ ଭାରୀଯାନଗୁଡ଼ିକ ଆରଡ଼ି ଆଖଣ୍ଡଳମଣି ପୀଠକୁ ଆସନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ବନ୍ୟାର ଏତେ ଦିନ ପରେ ବି ରାସ୍ତା ମରାମତି ହୋଇ ନ ଥିବାରୁ ଯାତାୟାତ ସମ୍ଭବ ହୋଇପାରି ନାହିଁ। ଜାତୀୟ ରାଜପଥ ବିଭାଗର ଖାମଖିଆଲି ମନୋଭାବ ଯୋଗୁଁ ଆମ ଅଞ୍ଚଳରେ ବୈତରଣୀ ନଦୀର ବନ୍ୟା ବ୍ୟାପକ କ୍ଷତି ଘଟାଇବା ସହ ଏକ ମାସରୁ ଊର୍ଦ୍ଧ୍ୱ



ଲୋକଙ୍କୁ ବହୁତ ହଇରାଣ କଲା। ବିଭାଗୀୟ ଅଧିକାରୀମାନଙ୍କର ଏହି ରାସ୍ତା ପ୍ରତି ନିଘା ନାହିଁ। ଓଡ଼ିଶା ପ୍ରସିଦ୍ଧ ଶୈବପୀଠ ଆରଡ଼ିକୁ ଏହି ରାସ୍ତା ଦେଇ ପ୍ରତିଦିନ ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାରୁ ହଜାର ହଜାର ସଂଖ୍ୟାରେ ଗାଡ଼ିମୋଟର ଆସୁଥିଲେ ବି ମାତ୍ର ୨ କିଲୋମିଟର ଆୟତନର ବୈତରଣୀ ନଦୀ କୂଳ ଦେଇ ଯାଇଥିବା ଏହି ରାସ୍ତାର ଦୀର୍ଘ ସ୍ଥାୟୀ ବ୍ୟବସ୍ଥା ନ କରି ବାରମ୍ବାର ବନ୍ୟା ବେଳେ ପ୍ୟାଚ୍‌ପକା କାମ କରି ବିଭାଗ ଲୁଟିବାରେ ବ୍ୟସ୍ତ ଓ ଲୋକେ ପ୍ରତିବର୍ଷ ହଇରାଣ ହୋଇ ଅଭ୍ୟାସରେ ବି ପଡ଼ିଗଲେଣି। ଦେଖାଯାଉ ଏହି ଭାଙ୍ଗିଥିବା ରାସ୍ତାର ମରାମତି କାମ କେବେ ସରିବ ଓ କେବେଠାରୁ ଯାତ୍ରୀବାହୀ ବସ୍ ସେବା ସ୍ୱାଭାବିକ ହେବ ତାହା ଦେଖିବା ବାକି ରହିଲା।

## ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ସାକ୍ଷରତା ଦିବସ

# 'ଶିକ୍ଷା ହିଁ ପ୍ରଗତିର ମୂଳଦୁଆ'

ଭଦ୍ରକ,୧୦।୯ (ସମିସ): ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ଶିକ୍ଷିତ ସମାଜ ଓ ସମୃଦ୍ଧ ଦେଶ ଆଭିମୁଖ୍ୟକୁ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ, ଭଦ୍ରକ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ. ପ୍ରଫୁଲ୍ଲ କୁମାର ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ଓ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ତୃପ୍ତିମୟୀ ପାତ୍ର, ଜିଲ୍ଲା କ୍ରୀଡ଼ାଧିକାରୀ ଦେବଦତ ମହାପାତ୍ର, ଭଦ୍ରକ ଗୋଷ୍ଠୀ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ, ବନ୍ତ ଓ ଭଣ୍ଡାରିପୋଖରୀ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦତ ପ୍ରଦୀପ ପ୍ରଜ୍ୱଳନ କରି ସଭାକୁ ଉଦ୍‌ଘାଟନ କରି କହିଥିଲେ ଯେ, ସାକ୍ଷରତା କେବଳ ଅକ୍ଷର ଚିହ୍ନିବା ବା ନିଜ ନାମ ଲେଖିବା ମଧ୍ୟରେ ସୀମିତ ନୁହେଁ। ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ସାହୁ ତାଙ୍କ ବକ୍ତବ୍ୟରେ ଶିକ୍ଷା ସମାଜରୁ ସମସ୍ତ ପ୍ରକାର ଶୋଷଣ, ଅନ୍ଧବିଶ୍ୱାସ ଦୂର କରିବାର ଏକ ଶକ୍ତିଶାଳୀ ମାଧ୍ୟମ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ. ସାହୁ ତାଙ୍କ ବକ୍ତବ୍ୟରେ ଜିଲ୍ଲାର ଶତ ପ୍ରତିଶତ ସାକ୍ଷରତା ଲାଗି ସମସ୍ତେ ସଂକଳ୍ପବଦ୍ଧ ହେବା ଉଚିତ୍। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସଭାରେ ଧନ୍ୟବାଦ ଅର୍ପଣ କରିବା ସହ ଶିକ୍ଷା ହିଁ ପ୍ରଗତିର ମୂଳଦୁଆ ବୋଲି ବାର୍ତ୍ତା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ




ପ୍ରତ୍ୟେକ ବ୍ଲକ୍‌ରୁ ବେଷ୍ଟ ଭଲ୍ୟୁଣ୍ଟର ଓ ସର୍ଭେୟରମାନଙ୍କୁ ସମ୍ମାନିତ କରାଯାଇଥିଲା। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କ ଦ୍ୱାରା "ଶିକ୍ଷା ରଥ' ପ୍ଲା-କାର୍ଡ ମାଧ୍ୟମରେ ଏକ ରାଲିର ଆୟୋଜନ କରାଯାଇଥିଲା। ଶିକ୍ଷିତ ସମାଜ ଗଠନ ଲାଗି ସଚେତନତା ସୃଷ୍ଟି ଲାଗି ଏହି ରଥ ସହର ପରିକ୍ରମା କରିଥିଲା।

# ଭଦ୍ରକ ଜିଲ୍ଲା ରକ୍ତ ସଂଗଠନ ପକ୍ଷରୁ ପାଠ୍ୟ ଉପକରଣ ବଣ୍ଟନ



ଆରଡ଼ି,୧୦।୯ (ସମିସ): ଚଳିତ ବର୍ଷ ବୈତରଣୀ ନଦୀରେ ଲଗାତାର ୫ ଥର ବନ୍ୟା ଆସିବା ଫଳରେ ଆରଡ଼ି ଅଞ୍ଚଳରେ ଥିବା ୪ ପଞ୍ଚାୟତ ଯଥା- ଆରଡ଼ି, ନାନ୍ଦପୁର, ଓଳଗ ଓ ସୁନ୍ଦରପୁର ପଞ୍ଚାୟତର ୨୪ଟି ଗ୍ରାମରେ ବ୍ୟାପକ କ୍ଷତି ହୋଇଥିଲା। ବିଶେଷକରି ଏହି ତଳିଆ ଅଞ୍ଚଳରେ ଥିବା ବିଦ୍ୟାଳୟଗୁଡ଼ିକରେ ମାସେରୁ ଊର୍ଦ୍ଧ୍ୱ ଦିନ ଧରି ପାଣି ପଶି ରହିବାରୁ ବିଦ୍ୟାଳୟଗୁଡ଼ିକ ବନ୍ଦ ରହିବା ସହିତ ବହୁ ପାଠ୍ୟ ଉପକରଣ ନଷ୍ଟ ହୋଇଯାଇଥିଲା। ଆରଡ଼ି ପଞ୍ଚାୟତ ସନ୍ତରା ପ୍ରକଳ୍ପ ବିଦ୍ୟାଳୟ ବିଶେଷ ଭାବେ କ୍ଷତି ହୋଇଥିବାର ଲକ୍ଷ୍ୟ କରି ଭଦ୍ରକ ଜିଲ୍ଲା ରକ୍ତ ସଂଗଠନ ପକ୍ଷରୁ ଏହି ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ବଣ୍ଟନ ହୋଇଛି। ଏହି କାର୍ଯ୍ୟକ୍ରମରେ ସଙ୍ଘର ଉପଦେଷ୍ଟା ମାନସ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ସଭାପତି ମିଥୁନ ଯେନା, ଅଧ୍ୟାପକ ବିଜୟ ଦାଶ, ଅଧ୍ୟାପକ ନିକୁଞ୍ଜ କିଶୋର ଜେନା, କବି ମନ୍ମଥ ବିଶ୍ୱାଳ, ପ୍ରଧାନଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ନାୟକ, ସଙ୍ଘର କର୍ମକର୍ତ୍ତା ରଶ୍ମି ରଞ୍ଜନ ନାୟକ, ବଟକୃଷ୍ଣ ଯେନା ଓ ସାମାଜିକ କର୍ମୀ ପ୍ରଶାନ୍ତ ସୂତାର ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟୟନରତ ୨୬ ଜଣ ଛାତ୍ରଛାତ୍ରୀଙ୍କୁ ଭିନ୍ନ ଭିନ୍ନ ବହି, ଖାତା, କଲମ, ପେନ୍‌ସିଲ୍ ଆଦି ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଲକ୍ଷ୍ମୀପ୍ରିୟା ଦାଶ, ରଶ୍ମିତା ଯେନା, ସୌମ୍ୟରଞ୍ଜନ ସାହୁ, ଶକୁନ ଯେନା ଓ ଉର୍ବଶୀ ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ।

# କୈବର୍ତ୍ତ ସାହି ନିକଟରେ ପଥର ପ୍ୟାକିଙ୍ଗ୍ ଦାବି



ବାରିକପୁର,୧୦।୯ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବନ୍ଧାଳ ମଡ଼ିଆଳୀ ପଞ୍ଚାୟତ ଅନ୍ତର୍ଗତ ବଳିପୁର ଗାଁଟି ବୈତରଣୀ କୂଳରେ ଅବସ୍ଥିତ। କହିବାକୁ ଗଲେ ନଦୀପଠାରେ ଗାଁର ୨ଟି ୱାର୍ଡର ପ୍ରାୟ ୧୫୦୦ ଜନସାଧାରଣ ବସବାସ କରୁଛନ୍ତି। ବୈତରଣୀ ବନ୍ୟା ଗ୍ରାମବାସୀଙ୍କ ପାଇଁ ଦେହସୁହା ହୋଇଥିଲେ ସୁଦ୍ଧା ବର୍ଷକୁ ବର୍ଷ ନଦୀ କୂଳ ଖାଇବା କାରଣରୁ ତଟ ସୁରକ୍ଷା ଏବେ ଜରୁରୀ ହୋଇଛି। ବିଶେଷ କରି ନଦୀକୁ ଲାଗିଥିବା କୈବର୍ତ୍ତ ସାହି ନିକଟରେ ବୈତରଣୀ ଧୀରେ ଧୀରେ ଗାଁ ଆଡ଼କୁ ଅଗ୍ରସର ହେଉଛି। ଚଳିତ ବର୍ଷ ନଦୀରେ ବାରମ୍ବାର ବନ୍ୟା ଆସିବା ଯୋଗୁଁ ଗ୍ରାମବାସୀମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଯଦିଓ ଜନବସତି ନିକଟରେ ଥିବା କିଛି ବୃକ୍ଷଲତା ପାଣି ସ୍ରୋତକୁ ଅବରୋଧ କରିଛନ୍ତି। ତଥାପି ବନ୍ୟା ସୁଅରେ ଅନେକ ମାଟି ଅତଡ଼ା ଖାଇଛି। ଗାଁର ଉପରମୁଣ୍ଡ ନମକଣାଠାରେ ପଥର ପ୍ୟାକିଙ୍ଗ୍ ହୋଇଥିବାବେଳେ ବଳୀପୁର ଗାଁ ସୁରକ୍ଷା ପାଇଁ ଜଳସମ୍ପଦ ବିଭାଗ ଏଯାଏଁ ଦୃଷ୍ଟି ଦେଉନାହିଁ। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଆସନ୍ତା ବର୍ଷ କୈବର୍ତ୍ତ ସାହି ସମେତ ଗାଁ ସୀମା ମଧ୍ୟରେ ଥିବା ବୈତରଣୀ କୂଳେ କୂଳେ ପଥର ପ୍ୟାକିଙ୍ଗ୍ ଓ ସ୍ପର୍ ନିର୍ମାଣ ପାଇଁ ଦୃଢ଼ ଦାବି ହୋଇଛି।

# ଭଦ୍ରକରେ ସ୍ୱାସ୍ଥ୍ୟ ଶିବିର ପାଇଁ ପ୍ରସ୍ତୁତି ବୈଠକ

ଭଦ୍ରକ,୧୦।୯ (ସମିସ): ଭଦ୍ରକ କ୍ରିକେଟ ଆସୋସିଏସନର ପୂର୍ବତନ ସଭାପତି, ଶିକ୍ଷାବିତ୍ ବିଜୟ କୁମାର ଜେନାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଆସନ୍ତା ଅକ୍ଟୋବର ୪ ତାରିଖରରେ ଚରମ୍ପାସ୍ଥିତ ଅଗ୍ରସେନ ଭବନ ପରିସରରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଗୁରୁବାର ବିଜୟ କୁମାର ଜେନା ସ୍ମୃତି ସଂସଦର ଆବାହକ ତଥା ଓଡ଼ିଶା କ୍ରିକେଟ ଆସୋସିଏସନର ପୂର୍ବତନ ସଭାପତି ଧିରେନ୍ ପଲାଇଙ୍କ ସଭାପତିତ୍ୱରେ ଚରମ୍ପା ହାପି ହୋମ୍ ସ୍କୁଲ୍‌ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମେଡିସିନ, ସ୍ନାୟୁ ବିଭାଗ, ଗ୍ୟାଷ୍ଟ୍ରୋଲୋଜି, ଅଙ୍କୋଲୋଜି, ଶିଶୁ ବିଭାଗ, ସ୍ତ୍ରୀ ଓ ପ୍ରସୂତି ବିଭାଗ, ହୃଦ୍‌ରୋଗ ଓ ଅନ୍ୟାନ୍ୟ ବିଭାଗର ବିଶେଷଜ୍ଞମାନେ ଯୋଗଦେବେ ବୋଲି ବିଜୟଙ୍କ ପୁତ୍ର ଡା. ଅନୁରାଗ ଜେନା ସୂଚନା ଦେଇଥିଲେ। ରୋଗୀମାନଙ୍କର ବିଭିନ୍ନ ପ୍ରକାର ପରୀକ୍ଷା ବି ମାଗଣାରେ ହେବ ବୋଲି ଅନ୍ୟତମ ପୁତ୍ର ଇଂ. ଅନୁପମ ଜେନା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଭଦ୍ରକ ବିଧାୟକ ନରେନ୍ ପଲାଇ, ରୋଟାରିଆନ୍ ଶିଶିର କୁମାର ମିଶ୍ର, ଆଇନଜୀବୀ ପବନ ଶର୍ମା, ଆଇନଜୀବୀ ରୋଟାରିଆନ ଅତିସ୍ କୁମାର ବେହେରା, କ୍ରିକେଟ ଆସୋସିଏସନ କାର୍ଯ୍ୟକର୍ତ୍ତା ଯତିକାନ୍ତ ନାୟକ, ଉପେନ୍ଦ୍ର ବାରିକ, ରୋଟାରିଆନ୍ ସୀତାକାନ୍ତ ଦାସ, ବେଦପ୍ରକାଶ ଗୁପ୍ତା, ସମାଜସେବୀ ରତିକାନ୍ତ ପରିଡ଼ା, ବ୍ୟୋମକେଶ ସେନାପତି, 'ତାଓ'ର ସଭାପତି ରବିନାରାୟଣ ପାଣିଗ୍ରାହୀ, ଲକ୍ଷ୍ମୀକାନ୍ତ ଷଡ଼ଙ୍ଗୀ, ବିଜୟ କୁମାର ଲାଖନୀ, ପାର୍ଥସାରଥୀ ଗୁହା ରାୟ, ଲକ୍ଷ୍ମୀଧର ଜେନା, ଶୁଶିଲ ପଟ୍ଟନାୟକ, ଅରୁଣ ମଜୁମ୍‌ଦାର, ଗୋପାଳ ଲାଖନୀ, ବିଦ୍ୟାଧର ବାରିକ, ହରିହର ବେହେରା, ଅଜୟ ଧଳ, ବିଜୟ ଗୁପ୍ତା, ଦିଲ୍ଲୀପ ନାୟକ, ତପନ କୁମାର ପଣ୍ଡା, ରବିନାରାୟଣ ଓଝା ଓ ରୁଦ୍ର ବାରିକ ଯୋଗଦେଇ ଏହି କ୍ୟାମ୍ପକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ଏଠାରେ ସ୍ମରଣଯୋଗ୍ୟ, ଗତ ବର୍ଷ ଅକ୍ଟୋବର ୭ ତାରିଖରେ ଶ୍ରୀ ଜେନାଙ୍କର ହୃଦ୍‌ଘାତରେ ପରଲୋକ ଘଟିଥିଲା।




# ଦଶମୌଜା କେନାଲ ଚାଷୀଙ୍କ ପାଇଁ କାଳ

ତିହିଡ଼ି,୧୦।୯ (ସମିସ): ଚାଷୀଙ୍କ ସୁବିଧା ଓ ଉନ୍ନତମାନର ଅମଳ ନିମନ୍ତେ ସାଳନ୍ଦୀ ନଦୀ କେଶପୁରଠାରୁ ଦଶମୌଜା କେନାଲ ଖୋଳାଯାଇଛି। ବିଭିନ୍ନ ପଞ୍ଚାୟତ ଅତିକ୍ରମ କରି ଶେଷରେ ସିନ୍ଦୋଳ-ଦୌଲତପୁର ପଞ୍ଚାୟତ ମଧ୍ୟମସ୍ଥଳ ବିନ୍ଧାଛକ ପର୍ଯ୍ୟନ୍ତ ଲମ୍ବିଛି। ଚଳିତ ବର୍ଷ ବୈତରଣୀ ଓ ସାଳନ୍ଦୀ ନଦୀରେ ଏକାଧିକ ଥର ବନ୍ୟା ଚାଷୀ କୂଳକୁ ଘାଇଲା କରିସାରିଛି। ତେବେ ଯାହା ବି ରହିଛି ତାକୁ ପାଣି ଯୋଗାଇବା ପାଇଁ ଦଶମୌଜା କେନାଲ ସକ୍ଷମ ହୋଇପାରୁନାହିଁ। ସିନ୍ଦୋଳ ପଞ୍ଚାୟତର ବିଭିନ୍ନ ସ୍ଥାନରେ ବିଲାତି ଦଳ ଭର୍ତ୍ତି ହୋଇଛି। ଯାହା କେନାଲ ପାଣି ତଳକୁ ଯିବାରେ ବାଧା ସୃଷ୍ଟି ହେଉଛି। ଏଥିସହ କେତେକ ସ୍ଥାନରେ ଆଡ଼ିବନ୍ଧକୁ ଖାଇ କେନାଲ ଘାଇରେ ଜଳ ପ୍ରବେଶ କରୁଛି। ଯାହା ଦ୍ୱାରା କେନାଲ ପାଣି ଶେଷ ଆଡ଼କୁ ଯାଇପାରୁନାହିଁ। ଚାଷୀ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ପ୍ରଶାସନ ଏବଂ ବିଭାଗୀୟ ପଦାଧିକାରୀଙ୍କ ନିକଟରେ ବାରମ୍ବାର ହାରିଗୁହାରୀ କଲେ ମଧ୍ୟ ଫଳ ଶୂନ୍। ଦଳ ସଫା କରିବା ସହିତ ଆଡ଼ିବନ୍ଧ ମରାମତି କରାଗଲେ ଏହି ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି ପୂର୍ବତନ ସରପଞ୍ଚ ମୀନକେତନ ସେନାପତି, ବାଦଲ ସେନାପତି, ଅନିରୁଦ୍ଧ ବାରି, ଭାବାଗ୍ରାହୀ ମଲ୍ଲିକ, ଦିବାକର ବେହେରା, ଶାନ୍ତନୁ ସ୍ୱାଇଁ, ବନମାଳି ସାହୁ, କେଶବ ରାଉତ, ଗୋପବନ୍ଧୁ ସ୍ୱାଇଁ, ନିମାଇଁ ଚରଣ ମଲ୍ଲିକ, ଚକ୍ରଧର ନାୟକ, ଗୟାଧର ନାୟକ, କରୁଣାକର ନାୟକ, ଶଶିକାନ୍ତ ରାଉତ, ସୁରେନ୍ଦ୍ର ସାହୁ, ଗୋରାବାବୁ ସାହା ଓ ଅକ୍ଷୟ ମଲ୍ଲିକ ପ୍ରମୁଖ ଦାବି କରିଛନ୍ତି।



# ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ପକ୍ଷରୁ ଏସ୍‌ପିଙ୍କ ସହ ଆଲୋଚନା

ଭଦ୍ରକ,୧୦।୯ (ସମିସ): ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତଙ୍କୁ ତାଙ୍କ କର୍ତ୍ତବ୍ୟନିଷ୍ଠା ଓ ଜଣେ ଦକ୍ଷତା ପାଇଁ ରାଜ୍ୟ ସରକାର ସିନିୟର ଏସ୍‌ପି (ଏସ୍‌ଏସ୍‌ପି) ପଦୋନ୍ନତି ହୋଇଛନ୍ତି। ଏଥିପାଇଁ ଜିଲ୍ଲାର ବରିଷ୍ଠ ନାଗରିକମାନେ ଖୁସି ବ୍ୟକ୍ତ କରିଛନ୍ତି। ଜିଲ୍ଲାର ବରିଷ୍ଠମାନଙ୍କର ପାରିବାରିକ ଓ ସାମାଜିକ ଚଳଣିରେ ସମସ୍ୟାର ଉପଯୁକ୍ତ ତଦନ୍ତ ପୂର୍ବକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରି ସମ୍ପୃକ୍ତ ଥାନାଞ୍ଚଳର ଥାନାଧିକାରୀ ତ୍ୱରିତ ନ୍ୟାୟ ପ୍ରଦାନ କରିବାକୁ ଜିଲ୍ଲା ବରିଷ୍ଠ ଆରକ୍ଷୀ ଅଧୀକ୍ଷକଙ୍କୁ ମହାସଂଘର ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର ନିବେଦନ କରି ସମସ୍ତ ଥାନାଧିକାରୀଙ୍କୁ ଏ ଦିଗରେ ଆଇନାନୁଯାୟୀ ବିହୀତ ପଦକ୍ଷେପ ନେବାକୁ ବିନମ୍ରତାର ସହ ଅନୁରୋଧ କରିଥିଲେ। ଆଲୋଚନାରେ ଉପସ୍ଥିତ କାର୍ଯ୍ୟକାରୀ ସଭାପତି ପଦ୍ମନ କୁମାର ରାୟ, ସଭ୍ୟ ଗିରିଶ ଚନ୍ଦ୍ର ପାତ୍ର ଅଂଶ ଗ୍ରହଣ କରି ଜିଲ୍ଲାର ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବାରେ ତାଙ୍କ ଦକ୍ଷତା ପ୍ରଶଂସନୀୟ ବୋଲି କହିଥିଲେ। ଏସ୍‌ପି ଶ୍ରୀ ରାଉତ ଆଇନାନୁମୋଦିତ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଲେ।



# ସଡ଼କ ଦୁର୍ଘଟଣାରେ ସାମ୍ବାଦିକ ଓ ତାଙ୍କ ପତ୍ନୀ ଗୁରୁତର

ଭଦ୍ରକ/ଧାମନଗର,୧୦।୯ (ସମିସ): ବରିଷ୍ଠ ସାମ୍ବାଦିକ ତଥା ଧାମନଗର ଅଞ୍ଚଳର ସୁପରିଚିତ, ସମାଜସେବୀ ତଥା ଏସ୍‌ୟୁଜେ ରାଜ୍ୟ ଉପସଭାପତି ବାସୁଦେବ ତ୍ରିପାଠୀ ଓ ତାଙ୍କ ଧର୍ମପତ୍ନୀ ତିଲୋତ୍ତମା ତ୍ରିପାଠୀ ଏକ ସଡ଼କ ଦୁର୍ଘଟଣାରେ ଗୁରୁତରଭାବେ ଆହତ ହୋଇଛନ୍ତି । ପ୍ରକାଶ ଯେ, ବୁଧବାର ରାତିରେ ବାଲେଶ୍ୱରରୁ ବ୍ୟକ୍ତିଗତ କାର୍ଯ୍ୟ ସାରି ଧାମନଗର ଘରକୁ ଫେରିବାବେଳେ ଭଦ୍ରକ ଉପକଣ୍ଠ ରାଣୀତାଲମଇତାପ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ୧୬ନମ୍ବର ଜାତୀୟ ରାଜପଥଠାରେ ସେ ଆସୁଥିବା କାର୍‌ଟି ଏକ ଦୁର୍ଘଟଣା ଘଟିବାରୁ ଉଭୟ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ପରେ ଉଭୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ଉଭୟଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଛି। ଖବରପାଇ ଭଦ୍ରକ ଓ ଧାମନଗର ଅଞ୍ଚଳର ବହୁ ସାମ୍ବାଦିକ, ବିଶିଷ୍ଟ ବ୍ୟକ୍ତି ଡାକ୍ତରଖାନାରେ ପହଞ୍ଚିଥିଲେ।



# ତିହିଡ଼ି ବ୍ଲକ୍‌ର ୧୩ ସମିତିରେ ୧୧,୨୭୮ ଚାଷୀ ପଞ୍ଜିକୃତ

ତିହିଡ଼ି,୧୦।୯ (ସମିସ): ତିହିଡ଼ି ବ୍ଲକ୍‌ରେ ୧୬ ସମବାୟ ସମିତି ମଧ୍ୟରୁ ୧୩ଟି ସମିତି ଚଳିତ ବର୍ଷ ଚାଷୀଙ୍କଠାରୁ ସିଧାସଳଖ ଧାନ କିଣିବା ଲାଗି ପଞ୍ଜୀକରଣ କରିଥିବା ସୂଚନା ମିଳିଛି। ୧୩ଟି ସମିତିରେ ୧୧ ହଜାର ୨୭୮ ଜଣ ଚାଷୀ ପଞ୍ଜୀକରଣ କରିଥିବା ଜଣାଯାଇଛି। ତେବେ ବ୍ୟାପକ ବନ୍ୟା ହେତୁ ଧାନ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବାରୁ ୩ଟି ସମିତି ଯଥା- ଶ୍ୟାମସୁନ୍ଦରପୁର, ବାରସର ଓ ଗାନ୍ଧୀନଗର ଚାଷୀଙ୍କ ପଞ୍ଜୀକରଣ ହୋଇ ନ ଥିବା ଜଣାଯାଇଛି। କେବଳ ବାରସର ସମିତି ପକ୍ଷରୁ ୩ ଜଣ ଚାଷୀଙ୍କ ପଞ୍ଜୀକରଣ ପରେ ଏହା ବନ୍ଦ ରହିଛି। ପାଳିଆବିନ୍ଧା ୧୧୬୦, ନିଶ୍ଚିନ୍ତପୁର ୮୩୯, ଭାଟପଡ଼ା ୧୦୯୪, ଅଣ୍ଡରାଇ ୪୨୨, ବିଲଣା ୬୧୦, ମଙ୍ଗଳପୁର ୧୨୯୪, ବାମନବିନ୍ଧା ୨୩୫୭, ଗୁଆମାଳ ୭୮୭, ଅମୃତପୁର ୬୨୭, ଯାମଯୋଡ଼ି ୫୭୯, ଆରସା ୬୨୭, ଚାରିତରଫ ୫୭୬ ଓ ନରେନ୍ଦ୍ରପୁର ସମିତିରେ ୩୦୬ ଚାଷୀ ପଞ୍ଜିକୃତ ହୋଇଥିବା ଜଣାଯାଇଛି। ତେବେ ମହିଳା ଗୋଷ୍ଠୀଙ୍କୁ ଧାନ କ୍ରୟ ପାଇଁ ଅନୁମତି ମିଳି ନ ଥିବାରୁ ସମିତିରେ ଚାଷୀ ପଞ୍ଜିକୃତ ସଂଖ୍ୟା ଅଧିକ ହୋଇଥିବା ଆଲୋଚନା ହେଉଛି।

# ସ୍ୱାଧୀନତା ସଂଗ୍ରାମୀଙ୍କ ପତ୍ନୀ ବିୟୋଗ

ବାସୁଦେବପୁର,୧୦।୯ (ସମିସ): ବାସୁଦେବପୁର ପୌରପାଳିକାର ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଅନିରୁଦ୍ଧ ମହାନ୍ତିଙ୍କ ଧର୍ମପତ୍ନୀ ଉଷାରାଣୀ ମହାନ୍ତିଙ୍କର ଗୁରୁବାର ନିଜ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୭ ବର୍ଷ ବୟସ ହୋଇଥିଲା। ସେ ଜଣେ ଧର୍ମପରାୟଣ ଓ ମିଷ୍ଟଭାଷୀ ମହିଳା ଥିଲେ। ଜୀବନର ଅପରାହ୍ନରେ ସେ ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ଶଯ୍ୟାଶାୟୀ ଥିଲେ। ମୃତ୍ୟୁବେଳେ ବଡ଼ ପୁଅ ଅନନ୍ତ ନାରାୟଣ ମହାନ୍ତି, ସାନ ପୁଅ ଅମର ନାରାୟଣ ମହାନ୍ତି, ବଡ଼ ବୋହୂ, ସାନ ବୋହୂ, ଝିଅ ଓ ନାତିନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ସାମ୍ବାଦିକ, ନେତା ଓ ଶିକ୍ଷକ ଆଦି ବହୁ ବିଶିଷ୍ଟ ବ୍ୟକ୍ତି ପୌରପାଳିକାସ୍ଥିତ ବାସଭବନରେ ଶେଷ ଦର୍ଶନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।



## ରୁଆପୋତାରେ ନିୟୋଜିତ ଆଦିବାସୀ ମହିଳା

# 'ସୁଭଦ୍ରା' ଏମାନଙ୍କୁ ସାତ ସପନ

ବାରିକପୁର,୧୦।୯ (ସମିସ): ମହିଳାମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବା ପାଇଁ ସରକାର ବିଭିନ୍ନ ସମୟରେ ଲୋଭନୀୟ ଯୋଜନା ପ୍ରସ୍ତୁତ କରୁଛନ୍ତି। ଏହାଦ୍ୱାରା କିଛି ମହିଳା ଉପକୃତ ହେଉଥିବାବେଳେ ଯେଉଁମାନଙ୍କୁ ଲକ୍ଷ୍ୟ କରି ଯୋଜନା ପ୍ରଣୟନ ହୁଏ ସେମାନେ କିନ୍ତୁ ଆର୍ଥିକ ସହାୟତାରୁ ବଞ୍ଚିତ ହୋଇଥା'ନ୍ତି। ବ୍ୟବସ୍ଥାଗତ ତ୍ରୁଟି ଯୋଗୁଁ ଯୋଜନା ସେମାନଙ୍କ ନିକଟରେ ପହଞ୍ଚିବା ସମ୍ଭବ ହୁଏନାହିଁ। ଫଳରେ ନିଜ ପେଟ ପୋଷିବା ପାଇଁ ଶହଶହ ମହିଳା ପଡ଼ୋଶୀ ଜିଲ୍ଲାକୁ ପଳାଇ ଆସନ୍ତି। ଯାହାର ନିଛକ ଚିତ୍ର ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ବର୍ଷ ବର୍ଷ ଧରି ଦେଖିବାକୁ ମିଳିଛି।

ପ୍ରତ୍ୟେକ ବର୍ଷ ଖରିଫ୍ ଧାନ ରୁଆପୋତା ସମୟରେ ପଡ଼ୋଶୀ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରୁ ଶତାଧିକ ଆଦିବାସୀ ମହିଳା ବ୍ଲକ୍ ଅଞ୍ଚଳକୁ ଆସନ୍ତି। ପାଖାପାଖି ୧ମାସ ଧରି ବିଭିନ୍ନ ଗାଁ ଗଣ୍ଡାରେ ରହି ବିଲ ରୁଆପୋତା, ବେଉଷଣ କାମ କରନ୍ତି। ମହିଳାଙ୍କ ସମେତ ଅନେକ ଆଦିବାସୀ ଯୁବକ ଯୁବତୀ ମଧ୍ୟ ବିଲବାଡ଼ି କାମରେ ନିୟୋଜିତ ହୋଇଥା'ନ୍ତି। ସରକାରୀ ଯୋଜନା ବିଷୟରେ ପ୍ରାୟତଃ ସେମାନେ ଅଜ୍ଞ ଥିବାବେଳେ ସରକାରଙ୍କ ସହାୟତା ଅନେକ ସମୟରେ ସେମାନଙ୍କ ନିକଟରେ ପହଞ୍ଚିପାରୁ ନାହିଁ। ଏପରିକି କୃଷିଭିତ୍ତିକ ମୁଖ୍ୟମନ୍ତ୍ରୀ କୃଷକ ସହାୟତା ଯୋଜନା ଓ ମହିଳା ସ୍ୱାବଲମ୍ବୀ ପାଇଁ ପ୍ରଣିତ 'ସୁଭଦ୍ରା' ଯୋଜନାରୁ ଅନେକ ବଞ୍ଚିତ ହୋଇଛନ୍ତି। ଯେଉଁ ମହିଳାମାନେ ଚାଷ କାର୍ଯ୍ୟରେ ନିୟୋଜିତ ହୋଇଥା'ନ୍ତି ସେମାନେ ପ୍ରାୟତଃ 'ସୁଭଦ୍ରା' କ'ଣ ଜାଣନ୍ତି ନାହିଁ। ସତେଯେମିତି 'ସୁଭଦ୍ରା' ସେମାନଙ୍କ ପାଇଁ ସାତ ସପନ ହୋଇଛି। ପ୍ରଚାରପ୍ରସାର ମାଧ୍ୟମରେ କାନକୁ ଭଲ ଶୁଭୁଥିବା ଯୋଜନା ଅନେକ କ୍ଷେତ୍ରରେ ତେଲିଆ ମୁଣ୍ଡରେ ତେଲ ଢାଳିବା ଭଳି ହେଉଛି। ପ୍ରକୃତ ପକ୍ଷେ ବର୍ଷ ବର୍ଷ ଧରି ଆର୍ଥିକ ଅନଗ୍ରସର ବର୍ଗଙ୍କ ପାଇଁ ଯୋଜନାମାନ ଅପହଞ୍ଚ ହେଉଥିବା ପରିତାପର ବିଷୟ ପାଲଟିଛି।



## ମନ୍ଦିରରେ କଳାକନା ବୁଲାଇଲେ ଦୁର୍ବୃତ୍ତ

# ଗ୍ରୀଲ୍ ଚାବି ଭାଙ୍ଗି ଲୁଟିନେଲେ ଅଳଙ୍କାର

ଚାନ୍ଦବାଲି,୧୦।୯ (ସମିସ)

ଚାନ୍ଦବାଲି ଥାନା ଅଧୀନ ମହୁଲିଆ ପଞ୍ଚାୟତର ଚନ୍ଦନପୁର ଗାଁରେ ଥିବା ମା' ତାରିଣୀ ମନ୍ଦିରରେ ବଡ଼ଧରଣର ଚୋରି ଘଟଣାକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ମନ୍ଦିରର ଗ୍ରୀଲ୍ ଚାବି ଭାଙ୍ଗି ଦୁର୍ବୃତ୍ତମାନେ ମା'ଙ୍କ ସୁନା ଓ ରୁପା ଅଳଙ୍କାର ସମେତ ବହୁ ମୂଲ୍ୟବାନ ସାମଗ୍ରୀ ଲୁଟିନେଇଥିବା ଅଭିଯୋଗ ହୋଇଛି।

ସୂଚନା ଅନୁସାରେ, ବୁଧବାର

## ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଚୋରି ଅଭିଯୋଗ

ରାତିରେ ମନ୍ଦିର ବନ୍ଦ ଥିବା ସମୟରେ ଅଜଣା ଦୁର୍ବୃତ୍ତମାନେ ମନ୍ଦିରରେ ପଶିବା ସହ ଗ୍ରୀଲ୍‌ର ଚାବି ଭାଙ୍ଗିଥିଲେ। ପରେ ମନ୍ଦିର ଭିତରେ ଥିବା ମା'ଙ୍କ ସୁନା ଓ ରୁପା ଅଳଙ୍କାର ଲୁଟି ନେଇଥିବା ଜଣାପଡ଼ିଛି। ଚୋରି ହୋଇଥିବା ଅଳଙ୍କାରର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ମନ୍ଦିର ପକ୍ଷରୁ କୁହାଯାଇଛି। ଗୁରୁବାର ସକାଳେ ପୂଜକ ଓ ଗ୍ରାମବାସୀ ମନ୍ଦିରକୁ ପୂଜା କରିବା ପାଇଁ ଆସିଥିବାବେଳେ ମନ୍ଦିରର ତାଲା ଓ ଗ୍ରୀଲ୍ ଭଙ୍ଗା ଅବସ୍ଥାରେ ଦେଖିଥିଲେ। ମନ୍ଦିର ଭିତରକୁ ଯାଇ ଯାଞ୍ଚ କରିବା ପରେ ଅଳଙ୍କାର ଚୋରି ହୋଇଥିବା ଜଣାପଡ଼ିଥିଲା। ଏନେଇ ତୁରନ୍ତ ଚାନ୍ଦବାଲି ପୁଲିସକୁ ଖବର ଦିଆଯାଇଥିଲା। ଖବର ପାଇ ଚାନ୍ଦବାଲି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମନ୍ଦିରରେ ତଦନ୍ତ ଆରମ୍ଭ କରିଛି। ଚୋରିରେ କେତେଜଣ ସମ୍ପୃକ୍ତ ଥିଲେ ଏବଂ ଦୁର୍ବୃତ୍ତମାନେ କେଉଁ ଦିଗରେ ଫେରାର ହୋଇଛନ୍ତି, ସେନେଇ ପୁଲିସ ତଦନ୍ତ କରୁଛି। ଘଟଣାସ୍ଥଳରୁ କୌଣସି ସୁରାକ୍ ମିଳିଛି କି ନାହିଁ, ସେନେଇ ପୁଲିସ ପକ୍ଷରୁ ସ୍ପଷ୍ଟ ସୂଚନା ମିଳିନାହିଁ। ମନ୍ଦିର ଭଳି ଧାର୍ମିକ ସ୍ଥଳରୁ ଏଭଳି ଚୋରି ଘଟଣା ସାମ୍ନାକୁ ଆସିବା ପରେ ଚନ୍ଦନପୁର ସମେତ ଆଖପାଖ ଅଞ୍ଚଳରେ ଚିନ୍ତା ଓ ଭୟର ବାତାବରଣ ଦେଖାଦେଇଛି। ରାତିରେ ମନ୍ଦିର ଓ ଗ୍ରାମାଞ୍ଚଳର ସୁରକ୍ଷା ବ୍ୟବସ୍ଥା ନେଇ ମଧ୍ୟ ପ୍ରଶ୍ନ ଉଠିଛି। ସ୍ଥାନୀୟ ବାସିନ୍ଦା ବିଶ୍ୱମୋହନ ରଣା କହିଛନ୍ତି ଯେ, ମନ୍ଦିରରୁ ଏଭଳି ଭାବେ ଅଳଙ୍କାର ଚୋରି ହେବା ଘଟଣା ଅତ୍ୟନ୍ତ ଚିନ୍ତାଜନକ। ଏହି ଘଟଣା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଦୁର୍ବୃତ୍ତମାନଙ୍କୁ ଶୀଘ୍ର ଚିହ୍ନଟ କରି ଗିରଫ କରିବା ସହ ଚୋରି ହୋଇଥିବା ଅଳଙ୍କାର ଉଦ୍ଧାର କରିବାକୁ ସେ ଦାବି କରିଛନ୍ତି। ତେବେ ମନ୍ଦିରରେ ଏହି ଚୋରି ପଛରେ କିଏ ରହିଛି ଏବଂ ଚୋରି ହୋଇଥିବା ଅଳଙ୍କାର କେଉଁଠି ରହିଛି, ତାହା ପୁଲିସ ତଦନ୍ତ ପରେ ହିଁ ସ୍ପଷ୍ଟ ହେବ। ଏହି ଘଟଣାରେ ଶୀଘ୍ର ଚୋରିର ପର୍ଦ୍ଦାଫାସ୍ ହେବ ବୋଲି ଅଞ୍ଚଳବାସୀ ଆଶା ରଖିଛନ୍ତି।



# ୩୦୦ ବର୍ଷ ଇତିହାସର ଗାଥା ଗାଉଛି ବାସୁଦେବ ପୀଠ

**ଅସୁରାଳି,୧୦।୯ (ସମିସ)**



ଧାମନଗର ବ୍ଲକ୍ ଅର୍ଜୁନପୁର ପଞ୍ଚାୟତ ଅଧୀନ ବାଲିପାଟଣା ଗାଁର ବାସୁଦେବ ପୀଠ ଏକ ବହୁ ପୁରାତନ ଶୈବ ପୀଠ। ପ୍ରାୟ ୩ଶହ ବର୍ଷର ପୁରାତନ ଏହି ପୀଠ ସମ୍ପର୍କରେ କିମ୍ବଦନ୍ତୀ କହେ, ରାଜା ଯଯାତି କେଶରୀଙ୍କ ରାଜତ୍ୱ କାଳରେ ଜଣେ ନାବିକ ବୈତରଣୀ ନଦୀରେ ପ୍ରଭୁ ବାସୁଦେବଙ୍କୁ ନୌକାରେ ନେଇ ଯାଉଥିବା ସମୟରେ ନୌକାଟି ଏହି ସ୍ଥାନରେ ଅଟକି ରହିଯାଇଥିଲା। ଆଉ ଆଗକୁ ଯେତେ ଚେଷ୍ଟା କଲେ ବି ଗଲା ନାହିଁ। ବାଧ୍ୟ ହୋଇ ନାବିକ ସେହିଠାରେ ଠାକୁରଙ୍କ ସହିତ ରାତ୍ରୀଯାପନ କଲେ। ରାତିରେ ବାସୁଦେବ ସ୍ୱପ୍ନରେ ନାବିକଙ୍କୁ ଦେଖାଦେଇ ତାଙ୍କୁ ସେହି ସ୍ଥାନରେ ରହିବା ପାଇଁ ପ୍ରକାଶ କଲେ। ଫଳରେ ନାବିକ ଠାକୁରଙ୍କ ମୂର୍ତ୍ତିକୁ ସେହି ସ୍ଥାନରେ ଛାଡ଼ିଦେଇ ଗଲେ। କିଛି ଦିନ ପରେ ସେଠାରେ ଜଣେ ସାଧୁ ଉପସ୍ଥିତ ହୋଇ ବାସୁଦେବଙ୍କୁ ପୂଜାର୍ଚ୍ଚନା କରିବା ସହିତ ଗ୍ରାମବାସୀଙ୍କ ସହଯୋଗରେ ଏକ ଚାଳ ଘର ନିର୍ମାଣ କରି ଠାକୁରଙ୍କୁ ପ୍ରତିଷ୍ଠା କରି ପୂଜାକାର୍ଯ୍ୟ ସମ୍ପାଦନ କରୁଥିଲେ। କାଳକ୍ରମେ ଠାକୁରଙ୍କ ସମ୍ପର୍କରେ ପ୍ରଚାରିତ ହେଲା ଓ ବହୁ ଶ୍ରଦ୍ଧାଳୁ ଭକ୍ତମାନଙ୍କର ସମାଗମ ହେବା ସହିତ ବିଭିନ୍ନ ଉତ୍ସବ ଅନୁଷ୍ଠାନ ହେବାକୁ ଲାଗିଲା।

୧୯୯୦ରେ ଗ୍ରାମବାସୀ ଓ ଭକ୍ତ ଅରୁଣ ନାୟକଙ୍କ ଦ୍ୱାରା ଏକ ଭବ୍ୟ ମନ୍ଦିର ନିର୍ମାଣ କରାଯାଇ ବାସୁଦେବଙ୍କୁ ସେଠାରେ ପ୍ରତିଷ୍ଠା କରି ପୂଜା କରାଯାଉଛି। ଧୀରେ ଧୀରେ ପ୍ରଭୁଙ୍କ ଅପାର କରୁଣାରୁ ସେହି ସ୍ଥାନରେ ମହାଦେବ ମନ୍ଦିର, ଲକ୍ଷ୍ମୀ ମନ୍ଦିର, ଗଣେଶ ମନ୍ଦିର, ହନୁମାନ ମନ୍ଦିର, ଗ୍ରାମଦେବତୀ ମନ୍ଦିର ଆଦି ନିର୍ମିତ ହୋଇ ଏହାର ଆଧ୍ୟାତ୍ମିକ ପରିବେଶକୁ ବ୍ୟାପକ ଉନ୍ନତୀକରଣ ପାଇଁ ଦାବି ଜଣାଇଲେ ଗ୍ରାମବାସୀ। ପ୍ରତିଦିନ ବିଭିନ୍ନ ନୀତିକାନ୍ତି ଅନୁସାରେ ପୂଜା ଅନୁଷ୍ଠିତ ହେଉଥିବାବେଳେ ବହୁ ଶ୍ରଦ୍ଧାଳୁ ମାନସିକ ପୂରଣ ପାଇଁ ପୂଜା କରିଥା'ନ୍ତି। ବହୁ ଶ୍ରଦ୍ଧାଳୁ ଦର୍ଶନ ପାଇଁ ଏହି ସ୍ଥାନକୁ ଦୂରଦୂରାନ୍ତରୁ ଆସିଥା'ନ୍ତି। ପ୍ରତିବର୍ଷ ଅଗିରା ପୂର୍ଣ୍ଣମୀ ଅବସରରେ ଏଠାରେ ବିରାଟ ମେଳା ଲାଗିଥାଏ ଓ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ। ଏହିଠାରେ ମଧ୍ୟ

## ଉନ୍ନତୀକରଣ ନିମନ୍ତେ ଦାବି

ବୈତରଣୀ ନଦୀ ମଧ୍ୟରୁ ବହୁ ପୁରାତନ ଖୋଦିତ ପ୍ରସ୍ତର ଖଣ୍ଡମାନ ଉଦ୍ଧାର କରାଯାଇ ରଖାଯାଇଛି। ଯାହାକି ଅନ୍ୟ ଏକ ଆକର୍ଷଣ ଭାବେ ଗ୍ରହଣୀୟ ହୋଇପାରିଛି। ଆଜକୁ ୮ ବର୍ଷ ହେବ ଅଧପନ୍ତରିଆ ହୋଇ ପଡ଼ି ରହିଛି କଲ୍ୟାଣୀ ମଣ୍ଡପ। ପ୍ରଶାସନ ତରଫରୁ ଏହି ସ୍ଥାନର ଉନ୍ନତୀକରଣ କରାଗଲେ ଏହା ଏକ ଉନ୍ନତ ଆଧ୍ୟାତ୍ମିକ ପୀଠ ତଥା ପର୍ଯ୍ୟଟନସ୍ଥଳୀ ଭାବରେ ସମଗ୍ର ଜିଲ୍ଲାରେ ତଥା ରାଜ୍ୟରେ ପ୍ରତିଷ୍ଠିତ ହୋଇପାରନ୍ତା। ଏହି ପୀଠର ଉନ୍ନତି ପାଇଁ ସରକାରୀ ସହାୟତା ଯୋଗାଇଦେବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଛି।

## ଭୟାବହ ଅଗ୍ନିକାଣ୍ଡରେ ଜଳିଗଲା ୩ ଦୋକାନ

# ଦେଢ଼ କୋଟି ଟଙ୍କାର ସାମଗ୍ରୀ ପୋଡ଼ିଗଲା



**ବାସୁଦେବପୁର,୧୦।୯ (ସମିସ):** ବୁଧବାର ବିଳମ୍ବିତ ରାତ୍ରିରେ ଭୟାବହ ଅଗ୍ନିକାଣ୍ଡରେ ଘର ଆଗରେ ଥିବା ୩ ଦୋକାନ ଘରେ ନିଆଁଲାଗି କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଆଖି ଆଗରେ ହୁ ହୁ ହୋଇ ଜଳିଗଲା ବିଦ୍ୟୁତ୍ ସାମଗ୍ରୀ। ବାସୁଦେବପୁର ପୌରପାଳିକା ଅଟଳ ବିହାରୀ କଲେଜ ରୋଡ୍ ହାଟସାଗର ଛକରେ ଘଟିଛି ଏହି ଅଗ୍ନିକାଣ୍ଡ। ଚାହୁଁ ଚାହୁଁ ଜଳିଗଲା ଘର ଡିଜାଇନ୍ ସାମଗ୍ରୀ ଦୋକାନ, ଇଲେକ୍ଟ୍ରି ସାମଗ୍ରୀ ଦୋକାନ ଓ ପାର୍ଟସ୍ ଦୋକାନ। ସେଖ୍ ବର୍ଷାତିଙ୍କ ପୁଅ ସେଖ୍ ସରଜୁ ଓ ୨ ଭାଇଙ୍କ ଦୋକାନରେ ବିଦ୍ୟୁତ୍ ସର୍ଟସର୍କିଟ୍ ଯୋଗୁଁ ଲାଗିଥିଲା ନିଆଁ। ଖବର ପାଇ ବାସୁଦେବପୁର ଦମକଳ ଗାଡ଼ି ପହଞ୍ଚି ତୁରନ୍ତ ନିଆଁକୁ ଆୟତ୍ତ କରିଥିଲା। ନଚେତ୍ ଆଖପାଖ ଦୋକାନ ପୋଡ଼ି ପାଉଁଶ ହୋଇଯାଇଥା'ନ୍ତା। ଅଗ୍ନିକାଣ୍ଡରେ ପ୍ରାୟ ଦେଢ଼ କୋଟି ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଥିବାର ଅନୁମାନ କରାଯାଉଛି। ସେହିପରି ବାସୁଦେବପୁର କାଳୀମନ୍ଦିର ଛକ ସାଇସେବା ପାଥୋଲୋଜିରେ ସକାଳେ ଲାଗିଲା ନିଆଁ। ଦୋକାନ ଖୋଲି ପିଲାମାନେ ବାହାରକୁ ଯାଇଥିବାବେଳେ ଲାଗିଲା ନିଆଁ। ଜଳିଗଲା ଆସବାବପତ୍ର। ଧୂଆଁମୟ ହେଲା ପାଥୋଲୋଜି। ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲାଗିବାର ସଠିକ କାରଣ ଜଣାପଡ଼ି ନାହିଁ।

# ନଦୀଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ଗଠନ



**ଅସୁରାଳି,୧୦।୯ (ସମିସ):** ଧାମନଗର ବ୍ଲକ୍ ଶିକ୍ଷା ମଣ୍ଡଳ ଅଧୀନ ନଦୀଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ନୂତନ ପରିଚାଳନା କମିଟି ସଭାପତି ଭାବେ ଦିଲ୍ଲୀପ ପତି ଏବଂ ଉପସଭାପତି ଭାବେ ସୌଦାମିନୀ ସାହୁଙ୍କୁ ଚୟନ କରାଯାଇଛି। ଏହି ଚୟନ ପ୍ରକ୍ରିୟାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବେନ୍ଦ୍ର ମଲିକ, ନଦୀଗାଁ ଶିକ୍ଷା ସାଧନ କେନ୍ଦ୍ର ସଂଯୋଜକ ଅଭୟ ସାହୁ, ପର୍ଯ୍ୟବେକ୍ଷକ ଭାବେ ଧାମନଗର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସମୀର ଗୋସ୍ୱାମୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଶଶିକାନ୍ତ ମିଶ୍ର, ଅଜୟ କୁମାର ସାହୁ, ମନୋଜ ଦାସ, ମହେଶ୍ୱର ବେହେରା, ପ୍ରଶାନ୍ତ ବେହେରା, ତପନ ରାଉତ, ସଦସ୍ୟା ଅଞ୍ଜଳି ସାହୁ, ଉର୍ମିଳା ଅରଖ, ପ୍ରଭାତୀ ଜେନା, ରୁକ୍ମଣୀ ସାହୁ, କନକଲତା ସାହୁ, ମାନସୀ ବେହେରା, ଗୋଦାବରୀ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ସହଯୋଗ କରିଥିଲେ ବିଦ୍ୟାଳୟର ସମସ୍ତ ସହକାରୀ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ବୃନ୍ଦ। ନୂତନ ଭାବେ ମନୋନୀତ ହୋଇଥିବା ସଭାପତି ଦିଲ୍ଲୀପ ପତି କହିଛନ୍ତି ଯେ ବିଦ୍ୟାଳୟର ଛାତ୍ର ଉପସ୍ଥାନ, ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ, ବିଦ୍ୟାଳୟ ଭିତ୍ତିଭୂମି, ଛାତ୍ରଛାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା, ଆର୍ଥିକ ପରିଚାଳନା ଆଦି କାର୍ଯ୍ୟକ୍ରମର ତଦାରଖ କରି ନଦୀଗାଁ ଉଚ୍ଚ ବିଦ୍ୟାଳୟକୁ ଏକ ସରସସୁନ୍ଦର ଭାବେ ଗଢ଼ି ତୋଳିବା ପାଇଁ ପଦକ୍ଷେପ ନିଆଯିବ।

# ରାସନ ବଣ୍ଟନରେ ବିଳମ୍ବ; ବଡ଼ଓସ୍ତିଆରେ ହିତାଧିକାରୀ ହନ୍ତସନ୍ତ

**ଚାନ୍ଦବାଲି,୧୦।୯ (ସମିସ):** ଚାନ୍ଦବାଲି ବ୍ଲକ୍ ଅନ୍ତର୍ଗତ ବଡ଼ଓସ୍ତିଆ ପଞ୍ଚାୟତରେ ସରକାରୀ ରାସନ ବଣ୍ଟନକୁ ନେଇ ଦେଖାଦେଇଛି ଅବ୍ୟବସ୍ଥା। ପଞ୍ଚାୟତ ଅଧୀନ ଗୋପାଳପୁର, ଶଙ୍ଖାରୀ, ସାନଓସ୍ତିଆ, ନୟାହାଟ ଓ ଓସ୍ତିଆ ସମେତ ବିଭିନ୍ନ ଗ୍ରାମର ରାସନକାର୍ଡ ହିତାଧିକାରୀମାନେ ଚଳିତ ସେପ୍ଟେମ୍ବର ଓ ଅକ୍ଟୋବର ମାସର ରାସନ ଚାଉଳ ପାଇବାରୁ ଏ ପର୍ଯ୍ୟନ୍ତ ବଞ୍ଚିତ ଥିବା ଅଭିଯୋଗ ହୋଇଛି।



ସ୍ଥାନୀୟ ହିତାଧିକାରୀଙ୍କ କହିବାନୁଯାୟୀ, ଚାନ୍ଦବାଲି ବ୍ଲକ୍‌ର ଅନ୍ୟାନ୍ୟ ପଞ୍ଚାୟତ ସମେତ ବଡ଼ଓସ୍ତିଆର ଅନ୍ୟ ଏକ ଡିଲର ଭୀମସେନ ସାହୁଙ୍କ ପାଖରେ ଥିବା ରାସନ ହିତାଧିକାରୀ ପ୍ରାୟ ୧୫ରୁ ୨୦ ଦିନ ତଳୁ ଡିଲରଙ୍କ ମାଧ୍ୟମରେ ରାସନ ସାମଗ୍ରୀ ବଣ୍ଟନ ଆରମ୍ଭ ହୋଇଥିବାବେଳେ ଅନେକ ହିତାଧିକାରୀ ନିଜ ରାସନ ମଧ୍ୟ ପାଇସାରିଛନ୍ତି। କିନ୍ତୁ ବଡ଼ଓସ୍ତିଆ ପଞ୍ଚାୟତର ଡିଲରଙ୍କ ପାଖରୁ ପାଉଥିବା ହିତାଧିକାରୀଙ୍କ ପାଇଁ ରାସନ ଚାଉଳ ବଣ୍ଟନରେ ଏଭଳି ବିଳମ୍ବ କାହିଁକି ହେଉଛି, ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି। ରାସନ ଭଳି ଅତ୍ୟାବଶ୍ୟକ ସରକାରୀ ସହାୟତା ପାଇବାରେ ବିଳମ୍ବ ହେବା ଫଳରେ ଗରିବ ଓ ନିମ୍ନ ଆୟବର୍ଗର ପରିବାରଗୁଡ଼ିକ ଅସୁବିଧାରେ ପଡୁଥିବା ଅଭିଯୋଗ ହୋଇଛି। ଅନ୍ୟ ପଞ୍ଚାୟତରେ ସମୟାନୁସାରେ ରାସନ ବଣ୍ଟନ ହେଉଥିବାବେଳେ ବଡ଼ଓସ୍ତିଆରେ ଏପର୍ଯ୍ୟନ୍ତ ବଣ୍ଟନ ନ ହେବା ପଛରେ କାହାର ଅବହେଳା ରହିଛି, ସେନେଇ ହିତାଧିକାରୀମାନେ ସ୍ପଷ୍ଟୀକରଣ ଦାବି କରିଛନ୍ତି। ଏହି ବିଳମ୍ବର କାରଣ ଜାଣିବା ପାଇଁ ଚାନ୍ଦବାଲି ବିଡିଓ ସଞ୍ଜୀବ ମହାପାତ୍ରଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନ ଥିଲା। ବ୍ଲକ୍ ପ୍ରଶାସନ ଯଦି ଏ ଦିଗରେ କିଛି ପଦକ୍ଷେପ ଗ୍ରହଣ ନ କରନ୍ତି ଆଗାମୀ ଦିନରେ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି।

# ସ୍ୱାମୀଙ୍କ ମୃତ୍ୟୁର ୬ ଦିନ ପରେ ସ୍ତ୍ରୀ ମୃତ

**ଅସୁରାଳି/ସହିଦନଗର,୧୦।୯ ସମିସ):** ଧାମନଗର ବ୍ଲକ୍ ଗୋବିନ୍ଦପୁର ପଞ୍ଚାୟତ ଗୋବିନ୍ଦପୁର ଗାଁର ରେବତୀ ନାଥ (୬୦) ନାମ୍ନୀ ଜଣେ ବୃଦ୍ଧାଙ୍କ ଅଭାବନୀୟ ମୃତ୍ୟୁ ଘଟିଛି। ସ୍ୱାମୀ ରଘୁମଣି ନାଥଙ୍କ ମୃତ୍ୟୁର ମାତ୍ର ୬ ଦିନ ପରେ ଏଭଳି ଦୁଃଖଦ ଘଟଣା ଘଟିଥିବାରୁ ସମଗ୍ର ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।



ମିଳିଥିବା ସୂଚନା ଅନୁଯାୟୀ, ରେବତୀ ନାଥ ବୁଧବାରଠାରୁ ନିଖୋଜ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ସୁଦ୍ଧା ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ଗୁରୁବାର ସକାଳେ କଟସାହି ପଞ୍ଚାୟତ ଶିମୂଳିଆ ଗାଁର ଏକ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଧୂଷୁରୀ ଥାନାଧିକାରୀ ସୁଦର୍ଶନ ବାଗେ, ଯୁବନେତା ଶ୍ରୀକାନ୍ତ ନାୟକ, ପ୍ରାକ୍ତନ ସରପଞ୍ଚ ଗୟାଧର ନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ଏହି ଖବର ପ୍ରଚାର ହେବା ପରେ ଗୋବିନ୍ଦପୁର ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପୁଲିସ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରାଇ ମୃତଦେହ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ଶବ ବ୍ୟବଚ୍ଛେଦ ପରେ ମୃତଦେହ ଗାଁକୁ ଆସିବା ପରେ ନିଜ ସମ୍ପର୍କୀୟ ଓ ଗ୍ରାମବାସୀଙ୍କ ମଧ୍ୟରେ କାନ୍ଦବୋବାଳର ପରିବେଶ ସୃଷ୍ଟି ହୋଇଥିଲା। ସ୍ୱାମୀଙ୍କ ବିୟୋଗର କିଛି ଦିନ ମଧ୍ୟରେ ସ୍ତ୍ରୀଙ୍କର ଏପରି ମୃତ୍ୟୁ ଗ୍ରାମରେ ଏକ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଗାଁ ପରିକ୍ରମା କରି ଗାଁ ମଶାଣିରେ ଶବଦାହ କରାଯାଇଥିଲା।

# ଏଟିଏମ୍ ସେବାରୁ ବଞ୍ଚିତ ଗ୍ରାହକ

**ବାରିକପୁର,୧୦।୯ (ସମିସ):** ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଥିବା ଏଟିଏମ୍‌ଗୁଡ଼ିକ ପ୍ରାୟତଃ ଅଚଳ ଅବସ୍ଥାରେ ରହୁଛି। କେତେବେଳେ ବିଦ୍ୟୁତ୍ ସମସ୍ୟା ତ ପୁଣି କେତେବେଳେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଗ୍ରାହକମାନେ ଟଙ୍କା ଉଠାଇ ପାରୁନାହାନ୍ତି। ସୂଚନା ମୁତାବକ, ଭଣ୍ଡାରିପୋଖରୀ ସଦରମହକୁମାଠାରେ ଇକୋ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଓ ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ଏଟିଏମ୍ ରହିଛି। ସେହିଭଳି ମାଳଦା ସମେତ ବାରିକପୁର ଓ ସରସଦାଠାରେ ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍ ରହିଥିବାବେଳେ ମଞ୍ଜୁରୀ ରୋଡ୍‌ଠାରେ ମଧ୍ୟ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ପକ୍ଷରୁ ଏଟିଏମ୍ ପ୍ରତିଷ୍ଠା ହୋଇଛି। ଦୁଃଖର ବିଷୟ ସ୍ଥାନୀୟ ଅଞ୍ଚଳର ଲୋକମାନେ ଏଟିଏମ୍‌ରୁ ଜରୁରୀକାଳୀନ ଭାବେ ଟଙ୍କା ଉଠାଇବାକୁ ଚାହିଁଲେ ମଧ୍ୟ ନିରାଶ ହେଉଛନ୍ତି। ଅନେକ ସମୟରେ ଏଟିଏମ୍‌ଗୁଡ଼ିକରେ ଟଙ୍କା ରହୁନାହିଁ। ଯଦିଓ କିଛି ମେସିନ୍‌ରେ ଟଙ୍କା ରହୁଛି ଅନେକ ସମୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଲୋକେ ସେବାରୁ ବଞ୍ଚିତ ହେଉଛନ୍ତି। ଟଙ୍କା ଉଠାଣ ମେସିନ୍‌ଗୁଡ଼ିକରେ ବାରମ୍ବାର ସମସ୍ୟା ସୃଷ୍ଟି ହେଉଛି। ଅଭିଯୋଗ ହେଲେ ମଧ୍ୟ କେତେକ ଜାଗାରେ ମେସିନ୍ ସଜାଡ଼ିବାରେ ବିଳମ୍ବ ହେଉଛି। ହଜାର ହଜାର ଜନସାଧାରଣଙ୍କୁ ସଠିକ୍ ଭାବେ ଏଟିଏମ୍ ସେବା ଯୋଗାଇଦେବାକୁ ବ୍ୟାଙ୍କ କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ କରୁନାହାନ୍ତି। ଏନେଇ ଅନେକ ଗ୍ରାହକ ବିଭିନ୍ନ ସମୟରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେଣୁ ଏହା ଉପରେ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହୋଇଛି।



## ଆଦାନୀ କମ୍ପାନୀ ବିରୋଧରେ ରେଳରୋକ

# ପ୍ରଶାସନର ହସ୍ତକ୍ଷେପ ପରେ ହଟିଲେ ଆନ୍ଦୋଳନକାରୀ

**ଚାନ୍ଦବାଲି,୧୦।୯ (ସମିସ):** ସ୍ଥାନୀୟ ଗଦିଠାରେ ଆଦାନୀ କମ୍ପାନୀର ମନମାନୀ ବିରୋଧରେ ଭଦ୍ରକ ବିକାଶ ପରିଷଦ ଓ ଚାନ୍ଦବାଲି ନିର୍ବାଚନମଣ୍ଡଳୀର ୪୨ ପଞ୍ଚାୟତର ସମାଜସେବୀ ସତ୍ୟାନନ୍ଦ ରାଉତଙ୍କ ନେତୃତ୍ୱରେ ରେଳରୋକ ଆନ୍ଦୋଳନ ତୀବ୍ର ରୂପ ନେଇଥିଲା। କମ୍ପାନୀର କାର୍ଯ୍ୟକଳାପ, ସ୍ଥାନୀୟ ଲୋକଙ୍କ ସ୍ୱାର୍ଥ ଓ ବିଭିନ୍ନ ଦାବିକୁ ନେଇ ଆନ୍ଦୋଳନକାରୀମାନେ ରେଳପଥ ଅବରୋଧ କରି ଧାରଣାରେ ବସିଥିଲେ। ଫଳରେ ରେଳ ଚଳାଚଳ ଓ ଆଇନଶୃଙ୍ଖଳାକୁ ନେଇ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଆନ୍ଦୋଳନ ଚାଲିଥିବାବେଳେ ବୁଧବାର ରାତି ପ୍ରାୟ ୯ଟାରେ ଭଦ୍ରକ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଏଏସ୍‌ପି ଅଂଶୁମାନ ଦ୍ୱିବେଦୀ, ତିହିଡ଼ି ତହସିଲଦାର ଏବଂ ଆଦାନୀ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚିଥିଲେ। ଧାରଣାରେ ବସିଥିବା ସାଧାରଣ ଲୋକ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ପ୍ରଶାସନ ଆଲୋଚନା କରି ସମାଧାନର ବାଟ ଖୋଜିଥିଲା। ଆଲୋଚନା ପରେ ଆନ୍ଦୋଳନକାରୀଙ୍କ ଦାବି ଓ କମ୍ପାନୀ ପକ୍ଷର ମତ ଉପରେ ଭଦ୍ରକସ୍ଥିତ ପାନ୍ଥନିବାସରେ ସର୍ବସମ୍ମିଳିତ ବୈଠକ କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ସ୍ଥିର ହୋଇଥିଲା। ଏଥିପାଇଁ ଆଲୋଚନାର ତାରିଖ ମଧ୍ୟ ଧାର୍ଯ୍ୟ କରାଯାଇଥିଲା। ପ୍ରଶାସନର ଏହି ଆଶ୍ୱାସନ ପରେ ଧାରଣାରେ ବସିଥିବା ଆନ୍ଦୋଳନକାରୀମାନେ ଧାରଣାସ୍ଥଳରୁ ଉଠିଥିଲେ।



# ମିଳୁନି ଭତ୍ତା: ବ୍ଲକ୍‌କୁ ଦୌଡ଼ି ଦୌଡ଼ି ନୟାନ୍ତ



**ଦୋଳସାହି,୧୦।୯ (ସମିସ):** ସରକାରଙ୍କ ପକ୍ଷରୁ ବୟସ୍କ ବ୍ୟକ୍ତିଙ୍କୁ ସରକାରୀ ସହାୟତା ପ୍ରଦାନରେ ସହଯୋଗ ପାଇଁ ଜନପ୍ରତିନିଧିଙ୍କଠାରୁ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଉଥିବାବେଳେ କିଛି ଜନପ୍ରତିନିଧି ଓ କିଛି ପ୍ରଶାସନିକ କର୍ମଚାରୀଙ୍କ ଅପାରଗତା ପାଇଁ ଏହି ବୟସ୍କ ବ୍ୟକ୍ତିମାନେ ହନ୍ତସନ୍ତ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ସୂଚନାଯୋଗ୍ୟ, ତିହିଡ଼ି ବ୍ଲକ୍‌ରେ ୪୮୦୦ରୁ ଅଧିକ ହିତାଧିକାରୀ ଭତ୍ତା ପାଇବା ଅପେକ୍ଷାରେ ଥିବା ଜଣାଯାଇଛି। ଏହି ବ୍ଲକ୍‌ର କିଛି ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ସମସ୍ତ ଧରଣର ଭତ୍ତା ହିତାଧିକାରୀଙ୍କୁ ପ୍ରଦାନ କ୍ଷେତ୍ରରେ ବିଳମ୍ବ ସହ ଏହି ଭତ୍ତା ସମସ୍ୟାର ସମାଧାନ ପାଇଁ ଏହି ବୟସ୍କ ବ୍ୟକ୍ତିମାନେ ପଞ୍ଚାୟତରୁ ବ୍ଲକ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନିଜର ସମାଧାନ କରୁଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଏହି ଭତ୍ତା ହିତାଧିକାରୀମାନେ ୨ରୁ ୫ ମାସ ଧରି ପାଇ ନ ଥିବା ମତବ୍ୟକ୍ତ କରିଥିଲେ। ସେହିପରି ଏହି ବୟସ୍କ ଭତ୍ତା ହିତାଧିକାରୀଙ୍କ ସମସ୍ୟାର ସମାଧାନ ପ୍ରଶାସନ ତୁରନ୍ତ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ସାମ୍ବାଦିକ ଗୋଲାମ ଜିଲାନି ହବିବି ସମ୍ବର୍ଦ୍ଧିତ




**ଧାମନଗର,୧୦।୯ (ସମିସ):** ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ "ସ୍ୱାଧୀକାର ଭବନ' କାର୍ଯ୍ୟାଳୟରେ ସାମ୍ବାଦିକମାନଙ୍କର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ସମ୍ପାଦକ ଅକ୍ଷୟ ପତି ଯୋଗଦେଇ ନିଜ ଦୀର୍ଘ ବର୍ଷର ଅଭିଜ୍ଞତା ବାଣ୍ଟିବା ସହ ସାମ୍ବାଦିକମାନଙ୍କୁ ନିର୍ଭିକତାର ସହ ସମ୍ବାଦ ପରିବେଷଣ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଧାମନଗର ବ୍ଲକ୍ ପ୍ରତିନିଧି ତଥା ବରିଷ୍ଠ ସାମ୍ବାଦିକ ଗୋଲାମ ଜିଲାନି ହବିବିଙ୍କୁ ସ୍ୱାଧୀକାର ପରିବାର ପକ୍ଷରୁ ମାନପତ୍ର ଉପଢୌକନ ପ୍ରଦାନ କରି ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ପ୍ରକାଶକ ସନ୍ଧ୍ୟାରାଣୀ ପତି, ବରିଷ୍ଠ ସାମ୍ବାଦିକ ଲଳିତେନ୍ଦୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ବର୍ଦ୍ଧିତ ପ୍ରତିଭା ଗୋଲାମ ଜିଲାନି ହବିବି ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ପ୍ରାଣିଧନ ନିରୀକ୍ଷକ ଅବହେଳିତ

# ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍

**ବନ୍ତ/ଆଗରପଡ଼ା,୧୦।୯ (ସମିସ)**

ବର୍ତ୍ତମାନ ରାଜ୍ୟ ସରକାର ପ୍ରାଣୀ ସମ୍ପଦର ବିକାଶ ଏବଂ ସୁରକ୍ଷା ମାଧ୍ୟମରେ ଲୋକମାନଙ୍କ ପାଇଁ ନୂତନ ରୋଜଗାର ସୃଷ୍ଟି କରିବା ଲକ୍ଷ୍ୟରେ ଅନେକ ଲୋକାଭିମୁଖୀ ଯୋଜନା ପ୍ରସ୍ତୁତ କରୁଛନ୍ତି। ଏହି ସମସ୍ତ ଗୁରୁତ୍ୱପୂର୍ଣ୍ଣ ଯୋଜନାକୁ ତୃଣମୂଳସ୍ତରରେ ସାଧାରଣ ଜନତାଙ୍କ ନିକଟରେ ସଫଳତାର ସହ ପହଞ୍ଚାଇବାରେ ପ୍ରାଣିଧନ ନିରୀକ୍ଷକମାନେ ଏକ ପ୍ରମୁଖ ତଥା ନିର୍ଣ୍ଣାୟକ ଭୂମିକା ନିର୍ବାହ କରିଥା'ନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ, ଯେଉଁମାନଙ୍କ ଦ୍ୱାରା ସରକାରଙ୍କ ଯୋଜନାର ସଫଳତା ନିର୍ଭର କରୁଛି, ସେହି କର୍ମଚାରୀମାନଙ୍କ ଚାକିରି କ୍ଷେତ୍ରରେ ଥିବା ବିଭିନ୍ନ ଗୁରୁତର ସମସ୍ୟା ପ୍ରତି ସରକାର ଅତ୍ୟନ୍ତ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଦେଖିବାକୁ ମିଳୁଛି। ଯେପରିକି ସବୁଠାରୁ ବଡ଼ ଉଦାହରଣ ହେଉଛି କର୍ମଚାରୀମାନଙ୍କ ବରିଷ୍ଠତା ନିର୍ଦ୍ଧାରଣରେ ଥିବା ତ୍ରୁଟିପୂର୍ଣ୍ଣ ନିୟମ।

ବିଶେଷକରି ୨୦୨୨ ମସିହାରେ ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା ଠିକା ନିଯୁକ୍ତି ଉଚ୍ଛେଦ ପାଇଁ ଏକ ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା। ଏହି ନିୟମ ଅନୁଯାୟୀ, ଯେଉଁମାନେ ୨୦୧୩ ନଭେମ୍ବର ୧୩ ତାରିଖ ପରେ ନିଯୁକ୍ତି ପାଇଥିଲେ, ସେମାନଙ୍କୁ ପ୍ରଥମ ଦିନରୁ ହିଁ ନିୟମିତ କର୍ମଚାରୀ ଭାବେ ଗ୍ରହଣ କରାଗଲା। କିନ୍ତୁ ସରକାର ଏହି ବାସ୍ତବତାକୁ ସମ୍ପୂର୍ଣ୍ଣ ଭାବେ ଭୁଲିଗଲେ ଯେ, ରାଜ୍ୟରେ ଠିକା ନିଯୁକ୍ତି ପ୍ରକ୍ରିୟା ୨୦୦୩ ମସିହାରୁ ଆରମ୍ଭ ହୋଇଥିଲା ଏବଂ ଅନେକ କର୍ମଚାରୀ ଅତି ସ୍ୱଳ୍ପ ଦରମାରେ ଦୀର୍ଘ ୬ ବର୍ଷ ପରେ ଯାଇ ନିୟମିତ ହୋଇଥିଲେ। ପୁରୁଣା କର୍ମଚାରୀମାନଙ୍କ କ୍ଷେତ୍ରରେ ଚାକିରି କାଳକୁ କେବଳ ନିୟମିତ ହେବା ପରଠାରୁ ହିଁ ଗଣନା କରାଯାଉଥିବା ବେଳେ, ନୂଆ କର୍ମଚାରୀମାନଙ୍କୁ ନିଯୁକ୍ତି ଦିନଠାରୁ ନିୟମିତର ମାନ୍ୟତା ମିଳିବା ଫଳରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ୨୦୧୨ ମସିହାରେ ନିଯୁକ୍ତି ପାଇଥିବା ଜଣେ ଠିକା କର୍ମଚାରୀ ଦୀର୍ଘ ୬ ବର୍ଷ ପରେ ୨୦୧୮ ମସିହାରେ ନିୟମିତ ହୋଇଥିଲେ। ଅନ୍ୟପକ୍ଷରେ, ୨୦୨୨ର ଉଚ୍ଛେଦ ନିୟମ ଯୋଗୁଁ ୨୦୧୩ ନଭେମ୍ବର ୧୩ ତାରିଖ ପରେ ନିଯୁକ୍ତ ହୋଇଥିବା କର୍ମଚାରୀମାନେ ବରିଷ୍ଠତା ତାଲିକା ବା ଗ୍ରେଡେସନ୍ ଲିଷ୍ଟରେ ୨୦୧୨ ବ୍ୟାଚ୍ କର୍ମଚାରୀଙ୍କଠାରୁ ଉପରେ ସ୍ଥାନ ପାଇଛନ୍ତି। ଯାହାକି ବରିଷ୍ଠ କର୍ମଚାରୀଙ୍କ ପାଇଁ ଏକ ଚରମ ଅପମାନ ଏବଂ ଘୋର୍ ମାନସିକ ଦୁଶ୍ଚିନ୍ତାର କାରଣ ପାଲଟିଛି। କେବଳ ବରିଷ୍ଠତା ନୁହେଁ, ପଦୋନ୍ନତି ଏବଂ ଦରମା ହାରରେ ଥିବା ଅସଂଗତି ମଧ୍ୟ କର୍ମଚାରୀମାନଙ୍କୁ ହତାଶ କରିଛି। ଏତଦ୍‌ବ୍ୟତୀତ ବର୍ତ୍ତମାନର ଡିଜିଟାଲ୍ ଯୁଗରେ କର୍ମଚାରୀଙ୍କ ଉପରେ ପଡୁଥିବା ଅତ୍ୟଧିକ କାର୍ଯ୍ୟଭାର ଏବଂ ଭିତ୍ତିଭୂମିର ଅଭାବ ପରିସ୍ଥିତିକୁ ଆହୁରି ସଙ୍ଗୀନ କରିଦେଇଛି।

**ପୁରୁଣା କର୍ମଚାରୀଙ୍କୁ ଠିକା ଦରମା; ନୂଆଙ୍କୁ ନିୟମିତ**

**କର୍ମଚାରୀଙ୍କ ବରିଷ୍ଠତା ନିର୍ଦ୍ଧାରଣରେ ତ୍ରୁଟିପୂର୍ଣ୍ଣ ନିୟମ**

ରାଜ୍ୟରେ ବର୍ତ୍ତମାନ ୩୩୩୦ ପ୍ରାଣିଧନ ନିରୀକ୍ଷଣ କେନ୍ଦ୍ର ଥିଲାବେଳେ ଅଧାରୁ ଅଧିକ କେନ୍ଦ୍ରରେ ପ୍ରାଣିଧନ ନିରୀକ୍ଷକ ନାହାନ୍ତି। ପ୍ରତ୍ୟେକ କେନ୍ଦ୍ରରେ ପିଅନ ରହିବାର ବ୍ୟବସ୍ଥା ଥିଲେ ମଧ୍ୟ ୯୦ ପ୍ରତିଶତ କେନ୍ଦ୍ରରେ ପିଅନ ନାହାନ୍ତି। ଏହା ବାଦ୍ ବର୍ତ୍ତମାନ କେନ୍ଦ୍ର ସରକାର ଭାରତ ପଶୁଧନ ଆପ୍‌ରେ କୃତ୍ରିମ ପ୍ରଜନନ ଏବଂ ଟୀକାକରଣ କାର୍ଯ୍ୟକ୍ରମରେ ଫଟୋ କିମ୍ବା ଓଟିପି ବାଧ୍ୟତାମୂଳକ କରିବା ଫଳରେ ଜଣେ ପ୍ରାଣିଧନ ନିରୀକ୍ଷକ ପାଖରେ ଏ ସବୁ କରିବା ସମ୍ଭବ ନୁହେଁ। ସରକାର ସମସ୍ତ ବିଭାଗୀୟ କାର୍ଯ୍ୟକୁ ଡିଜିଟାଲ୍ ଆପ୍ ମାଧ୍ୟମରେ ସମ୍ପାଦନ କରିବା ପାଇଁ ବାଧ୍ୟତାମୂଳକ ନିୟମ ପ୍ରଚଳନ କରିଛନ୍ତି, କିନ୍ତୁ କ୍ଷେତ୍ରସ୍ତରରେ କାର୍ଯ୍ୟ କରୁଥିବା ପ୍ରାଣିଧନ ନିରୀକ୍ଷକମାନଙ୍କୁ ସ୍ମାର୍ଟଫୋନ୍ କିମ୍ବା ଟାବ୍‌ଲେଟ୍ ଭଳି କୌଣସି ପ୍ରକାରର ଡିଜିଟାଲ୍ ଉପକରଣ ଯୋଗାଇ ଦିଆଯାଇନାହିଁ। ସରକାର କେବେ ଏହି ଅବହେଳିତ ପ୍ରାଣିଧନ ନିରୀକ୍ଷକଙ୍କ ପ୍ରକୃତ ଦୁଃଖ ବୁଝିବେ ସବୁଠାରୁ ବଡ଼ ପ୍ରଶ୍ନ ପାଲଟିଛି।

## ହବିଷ୍ୟାଳି ବ୍ରତ ପାଇଁ ପ୍ରସ୍ତୁତି ବୈଠକ

# କେବଳ ଅନ୍‌ଲାଇନ୍‌ରେ ହେବ ଆବେଦନ

ପୁରୀ,୧୦।୯ (ସମିସ): ଆସନ୍ତା ଅକ୍ଟୋବର ୨୬ ତାରିଖରୁ ଆରମ୍ଭ ହେବ କାର୍ତ୍ତିକ ମାସର ରାଇ ଦାମୋଦର ବ୍ରତ ବା ହବିଷ୍ୟାଳି ବ୍ରତ। ଏହା ନଭେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ତେଣୁ ହବିଷ କରିବାକୁ ଆସୁଥିବା ମାଆମାନଙ୍କୁ ସମସ୍ତ ପ୍ରକାର ସୁବିଧା ଓ ସହାୟତା ଯୋଗାଇଦେବାକୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପରାମର୍ଶ ଦେଇଛନ୍ତି। ବୁଧବାର ସର୍କିଟ୍ ହାଉସ୍‌ରେ ଏ ସମ୍ପର୍କରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଜିଲ୍ଲାପାଳ ଶ୍ରୀ ପରିଡ଼ା ଅଧ୍ୟକ୍ଷତା କରିବା ସହ ଚଳିତ ବର୍ଷ ୩ଟି ହବିଷ୍ୟାଳି ନିବାସ ଯଥା- ବୃନ୍ଦାବତୀ ନିବାସ, ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପ ମୋଚି ସାହି ଓ ରେଲ୍‌ୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ବ୍ରତଧାରୀ ମାଆମାନେ ରହି ବ୍ରତ ପାଳନ କରିବାର ବ୍ୟବସ୍ଥା କରାଯାଉଛି ବୋଲି କହିଥିଲେ। ମାଆମାନଙ୍କର ରହଣି ସୁବିଧା ସହ ଅନ୍ୟାନ୍ୟ ସମସ୍ତ ବ୍ୟବସ୍ଥା ଶୃଙ୍ଖଳିତ ଭାବେ ପରିଚାଳନା କରିବା, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ, ସନ୍ଧ୍ୟାରେ ଭଜନ, ପ୍ରବଚନ ଇତ୍ୟାଦିର ସୁବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ। ଗତବର୍ଷର ଅଭିଜ୍ଞତା ଆଧାରରେ ଚଳିତ ବର୍ଷ ମଧ୍ୟ ଆହୁରି ଭଲ ଭାବେ ଏହାକୁ ପରିଚାଳନା କରିବାକୁ ଜିଲ୍ଲାପାଳ କହିଥିଲେ। କାର୍ଯ୍ୟସୂଚୀ ଅନୁସାରେ, ଆଲୋଚନା କରାଯାଇ ପ୍ରତ୍ୟେକ ବିଭାଗ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଅନୁରୋଧ କରାଯାଇଥିଲା। ସେମାନଙ୍କ ରହିବାର ୩ଟି ଯାକ ରହଣି ସ୍ଥଳକୁ ପ୍ରସ୍ତୁତ କରିବା, ସ୍ୱାସ୍ଥ୍ୟ ସେବା ପାଇଁ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା ଗ୍ରହଣ, ଅନ୍ତେବାସୀଙ୍କୁ ପରିଚୟପତ୍ର ପ୍ରଦାନ, ସ୍ୱେଚ୍ଛାସେବୀ ବ୍ୟବସ୍ଥା, ସୁରକ୍ଷା, ଅଗ୍ନି ନିର୍ବାପକ, ସ୍ନାନ ସମୟରେ ସୁରକ୍ଷା ବ୍ୟବସ୍ଥା, ପରିବହନ, ପାନୀୟ ଜଳ, ବିଦ୍ୟୁତ୍, ମହାପ୍ରସାଦ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯିବା ସହ ବିଭାଗୀୟ ଅଧିକାରୀମାନେ ଏହାର ସୁବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କେବଳ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ ଗ୍ରହଣ କରାଯିବ। ଏହାର ଲିଙ୍କ୍ ଓ ସାଇଟ୍ ବିଭିନ୍ନ ଖବରକାଗଜରେ ପ୍ରକାଶ ପାଇବ। ଆବେଦନପତ୍ର ଯାଞ୍ଚ ପରେ ଯୋଗ୍ୟ ହିତାଧିକାରୀ ହୋଇଥିବା ହବିଷ୍ୟାଳି ମାଆମାନଙ୍କୁ ସେମାନଙ୍କ ପ୍ରଦତ୍ତ ମୋବାଇଲ୍ ଓ ମେଲ୍ ମାଧ୍ୟମରେ ସୂଚନା ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଅଂଶଗ୍ରହଣ କରି ଆଲୋଚନାରେ ଭାଗ ନେଇଥିଲେ।

## ସୁଧାର ଗୃହରେ ନାବାଳିକା ଅନ୍ତଃସତ୍ତ୍ୱା ଘଟଣାର ତନାଘନା

# ମହିଳା କମିଶନ ପରେ 'ସିଏଡବ୍ଲ୍ୟୁ ଓ ସିଡବ୍ଲୁ' ଟିମ୍‌ର ତଦନ୍ତ

କେନ୍ଦ୍ରାପଡ଼ା,୧୦।୯ (ସମିସ): କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ କପାଳେଶ୍ୱରସ୍ଥ ଏକ ସୁଧାର ଗୃହରେ ଝାଡ଼ଖଣ୍ଡର ଜଣେ ନାବାଳିକା ଅନ୍ତଃସତ୍ତ୍ୱା ହେବା ଘଟଣାକୁ ନେଇ ତଦନ୍ତ ତୀବ୍ର ହୋଇଛି। ଘଟଣାର ତଦନ୍ତ ପାଇଁ ଆଜି ରାଜ୍ୟ ମହିଳା କମିଶନର ଏକ ଟିମ୍ ସୁଧାର ଗୃହରେ ପହଞ୍ଚି ତନାଘନା କରିଛି। ଏଥିସହ

- ରେଜିଷ୍ଟର ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଯାଞ୍ଚ, ତଥ୍ୟ ସଂଗ୍ରହ
- ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ: କମିଶନ ସଦସ୍ୟା

କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା (ସିଏଡବ୍ଲ୍ୟୁ ଓ ସିଡବ୍ଲୁ) ଟିମ୍ ମଧ୍ୟ ଘଟଣାର ତଦନ୍ତ ଆରମ୍ଭ କରିଛି। ରାଜ୍ୟ ମହିଳା କମିଶନର ସଚିବ ବିବେକାନନ୍ଦ ସାହୁ ଓ ସଦସ୍ୟା କଳ୍ପନା ମଲ୍ଲିକ ସୁଧାର ଗୃହରେ ପହଞ୍ଚି ଘଟଣା ସମ୍ପର୍କରେ କର୍ମଚାରୀଙ୍କୁ ପଚରାଉଚରା କରିଛନ୍ତି। ସୁଧାର ଗୃହରେ ରହୁଥିବା ଅନ୍ତେବାସୀଙ୍କ ସମ୍ପର୍କିତ ରେଜିଷ୍ଟର ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଯାଞ୍ଚ କରାଯାଇଛି। ଏଥିସହ କର୍ମଚାରୀଙ୍କ ବୟାନ ମଧ୍ୟ ରେକର୍ଡ କରାଯାଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ଆଡ଼ିସନାଲ ଏସ୍‌ପି ରାଜଲକ୍ଷ୍ମୀ ନାୟକଙ୍କ ନେତୃତ୍ୱରେ ସିଏଡବ୍ଲ୍ୟୁ ଓ ସିଡବ୍ଲୁର ୫ ଜଣିଆ ଟିମ୍ କପାଳେଶ୍ୱରସ୍ଥିତ ସୁଧାର ଗୃହ ଓ ଜିଲ୍ଲା ଶିଶୁ ମଙ୍ଗଳ କମିଟି କାର୍ଯ୍ୟାଳୟରେ ପହଞ୍ଚି ଘଟଣା ସମ୍ପର୍କିତ ତଥ୍ୟ ସଂଗ୍ରହ କରିଛି। ତଦନ୍ତକାରୀ ଟିମ୍ ବିଭିନ୍ନ ରେକର୍ଡ ଓ କାଗଜପତ୍ର ଯାଞ୍ଚ କରିବା ସହ କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିବା ଜଣାପଡ଼ିଛି। ଏ ଘଟଣାକୁ ନେଇ ପୂର୍ବରୁ କେନ୍ଦ୍ରାପଡ଼ା ପୁଲିସ ସୁଧାରଗୃହର ଜଣେ କର୍ମଚାରୀ ଓ ଜଣେ ଅନ୍ତେବାସୀଙ୍କୁ ଗିରଫ କରିଥିଲା। ଏବେ ମହିଳା କମିଶନ ଓ କ୍ରାଇମବ୍ରାଞ୍ଚର ପୃଥକ ତଦନ୍ତ ଆରମ୍ଭ ହେବା ପରେ ଘଟଣାର ଅନ୍ୟାନ୍ୟ ଦିଗ ମଧ୍ୟ ସାମ୍ନାକୁ ଆସିବା ନେଇ ଆଶା କରାଯାଉଛି। ସୁଧାର ଗୃହରେ ଜଣେ ନାବାଳିକା କିପରି ଅନ୍ତଃସତ୍ତ୍ୱା ହେଲେ, ଏଥିରେ ସୁଧାରଗୃହର ସୁରକ୍ଷା ବ୍ୟବସ୍ଥାରେ କୌଣସି ଅବହେଳା ରହିଥିଲା କି, ଅନ୍ତେବାସୀଙ୍କ ଉପରେ ନିୟମିତ ନଜର ରଖାଯାଉଥିଲା କି ଓ ଘଟଣା ସମ୍ପର୍କରେ କର୍ତ୍ତୃପକ୍ଷ କେବେ ଜାଣିଥିଲେ, ଏଭଳି ଅନେକ ପ୍ରଶ୍ନ ଏବେ ତଦନ୍ତର ପରିସରକୁ ଆସିଛି। ଏହି ଘଟଣାରେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାଜ୍ୟ ମହିଳା କମିଶନ ସଦସ୍ୟା କଳ୍ପନା ମଲ୍ଲିକ କହିଛନ୍ତି। ତେବେ ତଦନ୍ତ ଆଗକୁ ବଢ଼ିବା ସହ ଘଟଣା ପଛର ସମ୍ପୂର୍ଣ୍ଣ ସତ୍ୟ କେବେ ସାମ୍ନାକୁ ଆସୁଛି, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

# ୧୪ ଜିଲ୍ଲାରେ ଉପରମୁହାଁ କିଶୋରୀ ମାତୃତ୍ୱ ହାର

## ସମ୍ବଲପୁର, କଳାହାଣ୍ଡି, ରାୟଗଡ଼ା ଜିଲ୍ଲାରେ ବୃଦ୍ଧି ପାଇଛି

ଭୁବନେଶ୍ୱର, ୧୦।୯ (ସମିସ): କିଶୋରୀ ମାତୃତ୍ୱ କେବଳ ଏକ ପାରିବାରିକ ଓ ସାମାଜିକ ସମସ୍ୟା ନୁହେଁ; ଏଥିସହିତ ଯୋଡ଼ିହୋଇଛି ଜାତୀୟ ସ୍ୱାସ୍ଥ୍ୟ କଲ୍ୟାଣ ଓ ବିକାଶର ଚିତ୍ର। କିଶୋରୀ ମାତୃତ୍ୱର କାରଣ ଜଟିଳ ହୋଇଥିବାରୁ ଏହାର ସମାଧାନର ପନ୍ଥା ମଧ୍ୟ ସମସ୍ୟାବହୁଳ। ବାଲ୍ୟବିବାହ ଏହାପଛର ମୁଖ୍ୟ କାରଣ ବୋଲି କୁହାଯାଇଥିଲେ ମଧ୍ୟ ଆହୁରି ଏଭଳି ଅନେକ କାରଣମାନ ରହିଛି। ବାଲ୍ୟବିବାହ ଓ କିଶୋରୀ ମାତୃତ୍ୱକୁ ନିରୁତ୍ସାହିତ କରିବା ପାଇଁ ସରକାରୀ ସ୍ତରରେ ଅନେକ ଯୋଜନା ପ୍ରଣୀତ ହୋଇଥିଲେ ମଧ୍ୟ ଏହା ସଠିକ୍ ଭାବେ କାର୍ଯ୍ୟକାରୀ ହେଉନଥିବାରୁ ଯୋଜନା ଗୁଡ଼ିକ ପ୍ରଭାବଶାଳୀ ହୋଇପାରୁନାହିଁ।

କିଶୋରୀ ବାଳିକାମାନଙ୍କ ମାତୃତ୍ୱ ହାର ରୋକିବାକୁ ସରକାର ବିଭିନ୍ନ ଆଇନ ଏବଂ ଯୋଜନା ପ୍ରଣୟନ କରିଛନ୍ତି। ଏନଏଫଏଚଏସ-୬ ତଥ୍ୟ ଅନୁସାରେ ଓଡ଼ିଶାରେ ୧୫-୧୯ ବର୍ଷ ବୟସର ମହିଳାଙ୍କ ମଧ୍ୟରେ ଯେଉଁମାନେ ସର୍ଭେ ସମୟରେ ପୂର୍ବରୁ ମା' ହୋଇସାରିଥିଲେ କିମ୍ବା ଗର୍ଭବତୀ ଥିଲେ, ସେମାନଙ୍କ ଅନୁପାତ ଏନଏଫଏଚଏସ-୫ରେ ୭.୬% ରୁ ଏନଏଫଏଚଏସ୍-୬ରେ ୬.୫%କୁ ହ୍ରାସ ପାଇଛି। ଏହା ସମୁଦାୟ ୧.୦ ପ୍ରତିଶତ ପଏଣ୍ଟ କମିଛି। ରାଜ୍ୟର ୩୦ଟି ଜିଲ୍ଲା ମଧ୍ୟରୁ ୧୬ଟି ଜିଲ୍ଲାରେ ଏହି ସୂଚକ ହ୍ରାସ ପାଇଥିବା ବେଳେ ୧୪ଟି ଜିଲ୍ଲାରେ ବୃଦ୍ଧି

> **୧୬ ଜିଲ୍ଲାରେ ସମୁଦାୟ ୧.୦ ପ୍ରତିଶତ କମିଛି**

ପାଇଥିବା ରିପୋର୍ଟରୁ ଜଣାପଡ଼ିଛି। ପାଠ ପଢ଼ିବା ଖେଳକୁଦ ବୟସରେ ଗର୍ଭ ଯନ୍ତ୍ରଣା ଭୋଗୁଛନ୍ତି କୁନି କୁନି ପିଲା। କମ୍ ବୟସରେ ଗର୍ଭବତୀ ହେବା ଦ୍ୱାରା ସେମାନଙ୍କ ଶାରିରୀକ ଏବଂ ମାନସିକ ସମସ୍ୟା ସୃଷ୍ଟି ହେବା ସହିତ ମାତୃ ମୃତ୍ୟୁହାର ସହ ଶିଶୁ ମୃତ୍ୟୁହର ଏବଂ ଭିନ୍ନକ୍ଷମ ଶିଶୁ ଜନ୍ମ ହେବାର ଆଶଙ୍କା ରହିଥାଏ। ବିଶେଷ କରି କିଶୋରୀମାନେ ରକ୍ତହୀନତାର ଶିକାର ହେଉଥିବା ଜଣାପଡ଼ିଛି। ରିପୋର୍ଟରୁ ଜଣାପଡ଼ିଛି, ରାଜ୍ୟର ୧୪ଟି ଜିଲ୍ଲାରେ କିଶୋରୀ ମାତୃତ୍ୱ ହାର ବୃଦ୍ଧି ପାଇଛି। କେନ୍ଦୁଝରରେ ଏହି ହାର ସର୍ବାଧିକ ୧୫.୦% ରହିଥିବା ବେଳେ ମୟୂରଭଞ୍ଜ (୧୪.୮%), ମାଲକାନଗିରି (୧୪.୧%), ରାୟଗଡ଼ା (୧୨.୮%) ଓ ଢେଙ୍କାନାଳ (୧୧.୫%)। କିନ୍ତୁ ଏନଏଫଏଚଏସ-୬ ତଥ୍ୟ ଅନୁସାରେ, ସବୁଠାରୁ ଅଧିକ ବୃଦ୍ଧି ସମ୍ବଲପୁର (+୪.୮) ଜିଲ୍ଲାରେ ହୋଇଥିବା ବେଳେ ପଛକୁ ରହିଛି କଳାହାଣ୍ଡି (+୩.୭), ରାୟଗଡ଼ା (+୩.୬), କେନ୍ଦୁଝର (+୨.୮), ମାଲକାନଗିରି (+୨.୪), ଝାରସୁଗୁଡ଼ା (+୨.୩) ଓ ଢେଙ୍କାନାଳ (+୨.୨)। ସେହିପରି ଅନ୍ୟ ଜିଲ୍ଲାଗୁଡ଼ିକରେ ମଧ୍ୟ କିଶୋରି ମାତୃତ୍ୱ ହାର ବୃଦ୍ଧି ପାଇଛି। ବାଲେଶ୍ୱର (+୧.୫), ଗଜପତି (+୧.୭), କନ୍ଧମାଳ (+୧.୭), ପୁରୀ (+୧.୭), ଜଗତସିଂହପୁର (+୦.୯), ସୁନ୍ଦରଗଡ଼ (+୧.୦) ଓ ଦେବଗଡ଼ (+୦.୬) ରହିଛି। ଏନଏଫଏଚଏସ୍-୬ ଜିଲ୍ଲା ପ୍ରୋଫାଇଲରୁ ସ୍ପଷ୍ଟ ହୋଇଛି ଯେ, ୧୬ ଜିଲ୍ଲାରେ ଏହି ସଂଖ୍ୟା ଅପେକ୍ଷାକୃତ ହ୍ରାସ ପାଇଛି। ସବୁଠାରୁ ଉଲ୍ଲେଖନୀୟ ଉନ୍ନତି ଦେଖାଯାଇଛି କଟକ (-୪.୮), ବୌଦ୍ଧ (୪.୬), ଗଞ୍ଜାମ (-୮.୭), ନୟାଗଡ଼ (-୪.୦), ଭଦ୍ରକ (-୩.୮), ଖୋର୍ଦ୍ଧା (-୩.୪), ଅନୁଗୁଳ (-୨.୬), ମୟୂରଭଞ୍ଜ (-୨.୪) ଓ ଯାଜପୁର (-୨.୨) ଜିଲ୍ଲାରେ। ତେବେ ବିଶେଷ ଭାବରେ ଗଞ୍ଜାମରେ ଏହି ସୂଚକ ୧୧.୪% ରୁ ୨.୭%କୁ ଖସିଛି। ଯାହା ୮.୭ ପ୍ରତିଶତ ପଏଣ୍ଟ ହ୍ରାସ ହେବ ସହ କଟକରେ ମଧ୍ୟ ବଡ଼ ପରିମାଣରେ ହ୍ରାସ ହୋଇ ୫.୭% ରୁ ୦.୯% ଖସିଛି। ସୂଚନା ଅନୁସାରେ, କିଶୋରୀ ବାଳିକାମାନଙ୍କୁ ଏଦିଗରେ ସଚେତନ କରିବାକୁ ରାଜ୍ୟ ସରକାର ବ୍ଲକ ସ୍ତରରେ 'ଅଦ୍ୱିକା' କାର୍ଯ୍ୟକ୍ରମ ଜରିଆରେ କିଶୋର, କିଶୋରୀ ମାନଙ୍କୁ ଶସକ୍ତ କରିବାର ପ୍ରାବଧାନ ରହିଛି। ଯଦିଓ ଏହା କେତେକ ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି କିନ୍ତୁ ଅଧିକାଂଶ ଜିଲ୍ଲାରେ ଏଥିପ୍ରତି ଗୁରୁତ୍ୱ ଦିଆଯାଉନଥିବା କୁହାଯାଉଛି। ସେହିପରି ଗ୍ରାମାଞ୍ଚଳରେ ଆଶାକର୍ମୀମାନେ ନିଜ ଅଞ୍ଚଳର କିଶୋରୀ ବାଳିକମାନଙ୍କ ସଠିକ୍ ତଥ୍ୟ ରଖିବା ସହ ବିଭିନ୍ନ ଆବାସିକ ବିଦ୍ୟାଳୟ ଏବଂ ଛାତ୍ରୀ ନିବାସରେ ଛୁଟି ପୂର୍ବରୁ ଏବଂ ଆସିବା ପରେ ପରୀକ୍ଷା ପାଇଁ ପ୍ରେଗେନନ୍ସି ଟେଷ୍ଟ କରାଯିବାର ବ୍ୟବସ୍ଥା ରହିଥିଲା। କିଶୋର କିଶୋରୀମାନଙ୍କ ସହ ଏମ୍ପାନ୍ଦରେ ଆଶାକର୍ମୀମାନେ ଆଲୋଚନା କରିବାର ମଧ୍ୟ ବ୍ୟବସ୍ଥା ସରକାରୀ ସ୍ତରରେ ରହିଛି। କିନ୍ତୁ ଏହା କେତେଦୂର କାର୍ଯ୍ୟକାରୀ ହେଉଛି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଓସିଏସ୍ ପରୀକ୍ଷା ଜାଲିଆତି; ୪ ଅଭିଯୁକ୍ତଙ୍କୁ ଜାମିନ

କଟକ, ୧୦।୯ (ସମିସ): ଓଡ଼ିଶା ସିଭିଲ୍ ସର୍ଭିସ (ଓସିଏସ୍) ପ୍ରିଲିମ ପରୀକ୍ଷା-୨୦୨୫ରେ ଜାଲିଆତି ତଥା ଅସାଧୁ ଉପାୟ ଅବଲମ୍ବନ ଅଭିଯୋଗରେ ଗିରଫ ହୋଇଥିବା ୪ଜଣ ଅଭିଯୁକ୍ତଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ମଞ୍ଜୁର କରିଛନ୍ତି। ଅଭିଯୁକ୍ତ ଆବେଦନକାରୀ ପରୀକ୍ଷାର୍ଥୀ ଅଭିଷେକ ରାଉତ, ସୌମ୍ୟରଞ୍ଜନ ସାହୁ ଏବଂ କୋଚିଂ ସେଣ୍ଟର ପରିଚାଳକ ଆଲେକ୍ସ ରାଜ ପାଣି ଓ ରୂପେଶ କୁମାର ଝାଙ୍କ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅଭିଯୁକ୍ତମାନଙ୍କୁ ୫୦ହଜାର ଟଙ୍କା ଲେଖାଏଁ ଦୁଇଟି ଜାମିନଦାରଙ୍କ ବଦଳରେ ଜାମିନ୍ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ କଟକସ୍ଥିତ ଅଜୟ ବିନୟ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ପରୀକ୍ଷା କେନ୍ଦ୍ରରେ ଓସିଏସ୍ ପରୀକ୍ଷା ଚାଲିଥିବା ସମୟରେ ଅଭିଷେକ ରାଉତ ଗୁପ୍ତ ବ୍ଲୁ ଟୁଥ୍ ଇୟର-ବଡ୍ ଏବଂ ମୋବାଇଲ୍ ଫୋନ୍ ବ୍ୟବହାର କରି ପରୀକ୍ଷା ଦେଇ ଧରାପଡିଥିଲେ। ପରୀକ୍ଷା କେନ୍ଦ୍ର ସୁପରଭାଇଜରଙ୍କ ଅଭିଯୋଗ ଆଧାରରେ ମର୍କତନଗର ଥାନାରେ ମାମଲା ରୁଜୁ ହୋଇଥିଲା। ତଦନ୍ତ ସମୟରେ ଅନ୍ୟ ଅଭିଯୁକ୍ତମାନେ ଅଭିଷେକଙ୍କୁ ଇଲେକ୍ଟ୍ରୋନିକ୍ସ ଯନ୍ତ୍ରାଂଶ ମାଧ୍ୟମରେ ବେଆଇନ ସହାୟତା ଯୋଗାଉଥିବା ଜଣାପଡ଼ିଥିଲା। ଗତ ଜୁନ୍ ୭ରୁ ଅଭିଯୁକ୍ତମାନେ ଜେଲ୍‌ରେ ଥିଲେ। ପୁଲିସ ଏହି ମାମଲାରେ ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା, ଆଇଟି ଆକ୍ଟ ଏବଂ ଓଡ଼ିଶା ପବ୍ଲିକ୍ ଏକ୍ସାମିନେସନ୍ (ପ୍ରିଭେନ୍ସନ୍ ଅଫ୍ ଅନଫେୟାର ମିନ୍ସ) ଆକ୍ଟ, ୨୦୨୪ ଅଧୀନରେ ଚାର୍ଜସିଟ୍ ଦାଖଲ କରିସାରିଛି। ଶୁଣାଣି ସମୟରେ ସ୍ପଷ୍ଟ ହୋଇଥିଲା ଯେ ଅଭିଯୁକ୍ତଙ୍କର ପୂର୍ବରୁ କୌଣସି ଅପରାଧିକ ପୃଷ୍ଠଭୂମି ନାହିଁ ଏବଂ ମାମଲାର ଚାର୍ଜସିଟ୍ ଦାଖଲ ସରିଛି। ଏହାସହ ଏହି ଅପରାଧଗୁଡ଼ିକ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ବିଚାରଯୋଗ୍ୟ ଓ ଏହାର ସର୍ବାଧିକ ଦଣ୍ଡ ବିଧାନ ୭ ବର୍ଷରୁ କମ୍। ବିଚାର ପ୍ରକ୍ରିୟା ଶେଷ ନ ହେବା ପର୍ଯ୍ୟନ୍ତ କାହାକୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ ନାହିଁ ଏବଂ ଅଭିଯୁକ୍ତମାନେ ପ୍ରମାଣ ନଷ୍ଟ କରିବା କିମ୍ବା ଫେରାର ହେବାର ସମ୍ଭାବନା ନ ଥିବାରୁ କୋର୍ଟ ଏହି ଜାମିନ୍ ମଞ୍ଜୁର କରିଛନ୍ତି।

## ରାଜ୍ୟ ସରାରଙ୍କ ନୂଆ 'ବୋଇତ' ଯୋଜନା

# ଯୋଜନାର କାର୍ଯ୍ୟନ୍ୱୟନ ପାଇଁ ସରକାର ଗଠନ କଲେ ଉଚ୍ଚସ୍ତରୀୟ କମିଟି

ଭୁବନେଶ୍ୱର,୧୦।୯ (ସମିସ): ନିକଟରେ ରାଜ୍ୟ କ୍ୟାବିନେଟରେ ଓଡ଼ିଶାର ଜଳସେଚନ ପ୍ରକଳ୍ପଗୁଡ଼ିକରେ ପର୍ଯ୍ୟଟନ ସୁବିଧାର ବିକାଶ(ବୋଇତ) ଯୋଜନାକୁ ଅନୁମୋଦନ ଦେଇଛନ୍ତି। ରାଜ୍ୟରେ ଥିବା ଐତିହାସିକ ଜଳସେଚନ ସଂରଚନାଗୁିକର ସଂରକ୍ଷଣ ଓ ପୁନରୁଦ୍ଧାର ସହ ପାରମ୍ପରିକ ଜଳ ପରିଚାଳନା ପ୍ରଣାଳୀର ସୁରକ୍ଷା, ସାଧାରଣ ଜନସଚେତନତାର ବୃଦ୍ଧି ଏହି ଯୋଜନା ଦ୍ୱାରା ସମ୍ଭବ ହୋଇପାରିବ। ଯୋଜନାର କାର୍ଯ୍ୟନ୍ୱୟନ ପାଇଁ ଜଳସମ୍ପଦ ବିଭାଗ ଏକ କମିଟି ଗଠନ କରିଛି। ଏନେଇ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି।

> **ପ୍ରସ୍ତାବର ସମୀକ୍ଷା ସହ ପ୍ରକଳ୍ପ କାର୍ଯ୍ୟକାରିତା ନେଇ କରିବ ସୁପାରିସ**

ଏହି କମିଟିରେ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଅଧ୍ୟକ୍ଷ ରହିଛନ୍ତି। ସେହିପରି ମୁଖ୍ୟ ଯନ୍ତ୍ରୀ(ନିରୀକ୍ଷଣ) ଆବାହକ ସଦସ୍ୟ ଭାବେ କାର୍ଯ୍ୟ କରିବାକୁ ଥିବାବେଳେ ମୁଖ୍ୟଯନ୍ତ୍ରୀ(କ୍ଷିଦ୍ର ଜଳସେଚନ) ଏବଂ ବେସିନ୍ ପରିଚାଳକ(ମହାନଦୀ- କାଠଯୋଡ଼ି ସିଷ୍ଟମ) ସଦସ୍ୟ ଭାବେ ସ୍ଥାନ ପାଇଛନ୍ତି। ବୋଇତ ଯୋଜନାରେ ବିଭାଗ ନିକଟରେ ହସ୍ତଗତ ହେଉଥିବା ପ୍ରସ୍ତାବ ତଥା ଆବେଦନଗୁଡ଼ିକୁ ଏହି କମିଟି ସମୀକ୍ଷା କରିବା ସହ କେଉଁ ପ୍ରକଳ୍ପ କାର୍ଯ୍ୟକାରୀ ହେବା ଆବଶ୍ୟକ, ସେନେଇ ଆବଶ୍ୟକୀୟ ପରାମର୍ଶ ପ୍ରଦାନ କରିବ। ପ୍ରସ୍ତାବ ହସ୍ତଗତ ହେବାର ୭ ଦିନ ମଧ୍ୟରେ କିମିଟି ନିଜର ରିପୋର୍ଟ ବିଭାଗକୁ ପ୍ରେରଣ କରିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଏହି ଯୋଜନା ୨୦୨୬-୨୭ରୁ ୨୦୩୦-୩୧ ପର୍ଯ୍ୟନ୍ତ ଅର୍ଥାତ୍ ୫ ବର୍ଷ ପାଇଁ କାର୍ଯ୍ୟକାରୀ ହେବାକୁ ଥିବାବେଳେ ଏଥିପାଇଁ ୬୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଜିଠାରୁ ୫ ଦିନ...

ଦିନଗୁଡିକରେ ବ୍ୟାଙ୍କ ସେବା ପାଇବାରେ ବହୁ ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଅପରପକ୍ଷେ ବ୍ୟାଙ୍କ ୟୁନିଅନଗୁଡ଼ିକ ସେପ୍ଟେମ୍ବରରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଧର୍ମଘଟ ଘୋଷଣା କରିଛନ୍ତି। ବ୍ୟାଙ୍କ ୟୁନିଅନଗୁଡ଼ିକ ଦୀର୍ଘ ଦିନ ଧରି ପାଞ୍ଚ ଦିନିଆ କାର୍ଯ୍ୟଦିବସ ପାଇଁ ଦାବି କରିଆସୁଛନ୍ତି। ଯଦି ଏହା ହୁଏ ତେବେ ଚଳିତମାସରେ ବ୍ୟାଙ୍କ ଆହୁରି ଅଧିକ ଦିନ ବନ୍ଦ ରହିପାରେ।

### ୧୨ ପର୍ଯ୍ୟନ୍ତ...

ଏବଂ କେତେକ ନଦୀର ଜଳସ୍ତର ବଢ଼ିବା ସମ୍ଭାବନା ରହିଛି। ଆଗାମୀ ୨୪-୪୮ ଘଣ୍ଟାର ବର୍ଷାର ପରିମାଣ ଓ ସ୍ଥାନ ଦେଖିଲେ ବନ୍ୟା ଆଶଙ୍କା ଅଧିକ ସ୍ପଷ୍ଟ ହେବ। ଏହା ବ୍ୟତୀତ ୧୭-୨୧ ମଧ୍ୟରେ ବଙ୍ଗୋପସାଗରରେ ପୁଣି ଏକ ଘୂର୍ଣ୍ଣିବଳୟ ଏବଂ ପରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ସୃଷ୍ଟି ହେଲେ ଓଡ଼ିଶାରେ ପୁଣି ଏକ ବର୍ଷା ପର୍ଯ୍ୟାୟ ଆରମ୍ଭ ହେବ। ପରବର୍ତ୍ତୀ ଲଘୁଚାପ ସମ୍ପର୍କରେ ଆଇଏମ୍‌ଡି ମଧ୍ୟ ବିସ୍ତାରିତ ପରିସର ଆକଳନରେ ସୂଚନା ଜାରି କରିଛି। ଦକ୍ଷିଣ ଚାଇନା ସାଗରରୁ ଏକ ନିୟାମକ ଘୂର୍ଣ୍ଣିବଳୟ ରୂପରେ ଆଣ୍ଡାମାନ ସାଗରକୁ ପ୍ରବେଶ କରିବ। ପରବର୍ତ୍ତୀ ସମୟରେ ଏହା ଲଘୁଚାପର ରୂପ ନେବ। ତେବେ ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହ ପରେ ଦେଶରୁ ମୌସୁମୀ ଅପସାରଣ ଆରମ୍ଭ ହେବାକୁ ଥିବା ବେଳେ ଏହି ଲଘୁଚାପ ଘନୀଭୂତ ହେବା ନେଇ ମଧ୍ୟ ଆଶଙ୍କା ସୃଷ୍ଟି ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଶୁକ୍ରବାର କଳାହାଣ୍ଡି, ନବରଙ୍ଗପୁର ଓ କୋରାପୁଟରେ ଭୀଷଣ ବର୍ଷା ଆଶଙ୍କା ରହିଛି।

### କୋଲକାତା ଯାଏଁ...

ରଶ୍ମିରଞ୍ଜନ ପଟ୍ଟନାୟକଙ୍କ ଉପସ୍ଥିତିରେ ଟିମ୍ ପକ୍ଷରୁ ଘଟଣାସ୍ଥଳର ବିଭିନ୍ନ ଦିଗ ଯାଞ୍ଚ କରାଯାଇଥିଲା। ଟିମ୍ ଜଙ୍ଗଲ ଭିତରକୁ ପ୍ରବେଶ କରି ଓରାଙ୍ଗଉଟାନ୍‌ଗୁଡ଼ିକ ରହିଥିବା ସ୍ଥାନ ଓ ଏହାର ଆଖପାଖ ଅଞ୍ଚଳରେ ବିଭିନ୍ନ ସୁରାକ ଖୋଜିଥିଲା। ଏଥିସହ ଘଟଣାସ୍ଥଳ ନିକଟରେ ରହୁଥିବା ସ୍ଥାନୀୟ ଲୋକଙ୍କୁ ମଧ୍ୟ ପଚରାଉଚରା କରାଯାଇଥିବା ଜଣାପଡ଼ିଛି। ଓରାଙ୍ଗଉଟାନ୍‌ଗୁଡ଼ିକୁ କେବେ ଏଠାକୁ ଅଣାଯାଇଥିଲା, ସେମାନଙ୍କୁ କିଏ ଆଣିଥିଲା, କେଉଁ ପଥରେ ଆସିଥିଲେ ଏବଂ ଏହା ପୂର୍ବରୁ ଏହି ଅଞ୍ଚଳରେ କୌଣସି ସନ୍ଦିଗ୍ଧ ଗାଡ଼ି କିମ୍ବା ବ୍ୟକ୍ତିଙ୍କ ଗତିବିଧି ଦେଖାଯାଇଥିଲା କି ନାହିଁ ଏ ସବୁ ଦିଗରେ ତଥ୍ୟ ସଂଗ୍ରହ କରାଯାଇଛି। ଅନ୍ୟପଟେ ଘଟଣାର ତଦନ୍ତ ଏବେ ଦୀଘା ଦେଇ କୋଲକାତା ଆଡ଼କୁ ମଧ୍ୟ ଲମ୍ବିଥିବା ଜଣାପଡ଼ିଛି। ଗତକାଲି ଏସ୍‌ଟିଏଫ୍‌ର ଏକ ଟିମ୍ ଚନ୍ଦନେଶ୍ୱର ଓ ଉଦୟପୁର ଦେଇ ଦୀଘା ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ଲାଗିଥିବା ସିସିଟିଭି କ୍ୟାମେରା ସହ ଦୀଘା ମେରାଇନ୍ ଥାନା ଅଞ୍ଚଳର ପ୍ରାୟ ୪୫ଟି ସିସିଟିଭି କ୍ୟାମେରାର ଫୁଟେଜ୍ ଯାଞ୍ଚ କରିଥିଲା। ଫୁଟେଜ୍‌ଗୁଡ଼ିକରୁ କିଛି ଗୁରୁତ୍ୱପୂର୍ଣ୍ଣ ସୁରାକ ମିଳିଥିବା ତଦନ୍ତକାରୀ ସୂତ୍ରରୁ ଜଣାପଡ଼ିଛି। ସେହି ସୁରାକକୁ ଆଧାର କରି ଗୁରୁବାର ଦୁଇଟି ଟିମ୍ ଦୀଘା ଅଞ୍ଚଳରେ ଯାଞ୍ଚ କରିବା ସହ ତଦନ୍ତକୁ ଆଗକୁ ବଢ଼ାଇଛି। ଏପରିକି ଗୋଟିଏ ଟିମ୍ କୋଲକାତା ଅଭିମୁଖେ ଯାଇ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି। ଏହା ଫଳରେ ଘଟଣାର ତଦନ୍ତ ପରିସର ଏବେ ଓଡ଼ିଶା ସୀମା ଡେଇଁ ପଶ୍ଚିମବଙ୍ଗ ଆଡ଼କୁ ବଢ଼ିଥିବା ଚର୍ଚ୍ଚା ହେଉଛି। ଘଟଣାର ମୂଳ ରହସ୍ୟ ଖୋଜିବା ପାଇଁ ବନବିଭାଗର ଷ୍ଟେଟ୍ ଲେଭେଲ୍ ଟିମ୍, କ୍ରାଇମବ୍ରାଞ୍ଚ, ଡିଏଫ୍‌ଓଙ୍କ ନିର୍ଦ୍ଦେଶରେ ବିଭିନ୍ନ ବନ ଅଧିକାରୀ ଓ ରେଞ୍ଜସ୍ତରୀୟ କର୍ମଚାରୀ ମଧ୍ୟ ତଦନ୍ତରେ ସାମିଲ ହୋଇଛନ୍ତି। ବାଲେଶ୍ୱର ଡିଏଫ୍‌ଓ ପ୍ରତୀକ ପ୍ରକାଶ ଇଣ୍ଡଲ କରଙ୍କ ନିର୍ଦ୍ଦେଶରେ ବନବିଭାଗ ପକ୍ଷରୁ ମଧ୍ୟ ଘଟଣାର ବିଭିନ୍ନ ପାଶ୍ୱର୍ ଯାଞ୍ଚ କରାଯାଉଛି। ତଦନ୍ତକାରୀଙ୍କ ସମ୍ମୁଖରେ ଏବେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ। ପାଞ୍ଚଟି ଓରାଙ୍ଗଉଟାନ୍ ଆସିଲେ କେଉଁଠୁ? କିଏ ସେମାନଙ୍କୁ ଏଠାକୁ ଆଣିଥିଲା? କେଉଁ ଉଦ୍ଦେଶ୍ୟରେ ଜଙ୍ଗଲରେ ଛାଡ଼ି ଦିଆଯାଇଥିଲା? ସେମାନଙ୍କୁ ଚୋରାଚାଲାଣ କରାଯାଉଥିଲା କି? ଏହା ପଛରେ ଆନ୍ତଃରାଜ୍ୟ ବନ୍ୟଜନ୍ତୁ ଚୋରାଚାଲାଣକାରୀଙ୍କ ସମ୍ପୃକ୍ତି ରହିଛି କି? ଏସବୁ ପ୍ରଶ୍ନର ଉତ୍ତର ଖୋଜିବାରେ ତଦନ୍ତକାରୀ ଦଳ ଲାଗିପଡ଼ିଛି। ବିଶେଷକରି ଓରାଙ୍ଗଉଟାନ୍ ଭାରତର ସ୍ୱାଭାବିକ ବନ୍ୟପ୍ରାଣୀ ନୁହେଁ। ତେଣୁ ଏପରି ପାଞ୍ଚଟି ପ୍ରାଣୀ ଏକାଠି ଭୋଗରାଇ ଅଞ୍ଚଳର ଏକ ଝାଉ ଜଙ୍ଗଲରେ କିପରି ପହଞ୍ଚିଲେ, ତାହା ତଦନ୍ତକାରୀଙ୍କ ପାଇଁ ବଡ଼ ପ୍ରଶ୍ନ ହୋଇଛି। ସେମାନଙ୍କ ଆଗମନ ପଥ, ସମ୍ଭାବ୍ୟ ଯାତାୟାତ ମାର୍ଗ, ଯାନବାହନର ଗତିବିଧି ଏବଂ ସନ୍ଦିଗ୍ଧ ବ୍ୟକ୍ତିଙ୍କ ସମ୍ପର୍କରେ ତଥ୍ୟ ଯୋଗାଡ଼ କରାଯାଉଛି। ଅନ୍ୟପଟେ କ୍ରାଇମବ୍ରାଞ୍ଚ ଟିମ୍ ଘଟଣାସ୍ଥଳରେ ଯାଞ୍ଚ ସାରିବା ପରେ ଯେଉଁ ସ୍ଥାନରେ ପାଞ୍ଚଟି ଓରାଙ୍ଗଉଟାନ୍ ରହିଥିଲେ, ସେହି ସ୍ଥାନକୁ ସିଲ୍ କରିବା ସହ ଚାରିପଟେ ବାଡ଼ ନିର୍ମାଣ କରିବାକୁ ବନବିଭାଗକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଘଟଣାସ୍ଥଳରେ କୌଣସି ପ୍ରମାଣ ନଷ୍ଟ ନ ହେବା ଏବଂ ଅନଧିକୃତ ଭାବେ କେହି ପ୍ରବେଶ ନ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା କୁହାଯାଉଛି। ତଦନ୍ତରେ ଏପର୍ଯ୍ୟନ୍ତ କେଉଁ ସୁରାକ ମିଳିଛି କିମ୍ବା କାହା ଉପରେ ସନ୍ଦେହ କରାଯାଉଛି, ସେ ନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ କୌଣସି ଆନୁଷ୍ଠାନିକ ପ୍ରତିକ୍ରିୟା ମିଳିନାହିଁ। ତଦନ୍ତର ସ୍ୱାର୍ଥରେ ଅନେକ ତଥ୍ୟ ଗୋପନ ରଖାଯାଉଥିବା ଜଣାପଡ଼ିଛି। ବଡ଼ପାହି ଝାଉଁ ଜଙ୍ଗଲରୁ ପାଞ୍ଚଟି ଓରାଙ୍ଗଉଟାନ୍ ଉଦ୍ଧାର ଘଟଣା ଏବେ ଏକ ବଡ଼ ରହସ୍ୟର ରୂପ ନେଇଛି। ଘଟଣାସ୍ଥଳରେ ଘନଘନ ତଦନ୍ତ, ସିସିଟିଭି ଫୁଟେଜ୍‌ର ବ୍ୟାପକ ଯାଞ୍ଚ ଏବଂ ଦୀଘାରୁ କୋଲକାତା ପର୍ଯ୍ୟନ୍ତ ତଦନ୍ତର ପରିସର ବଢ଼ିବା ଯୋଗୁଁ ଏହି ରହସ୍ୟର ଗୁମର ଖୁବ୍‌ଶୀଘ୍ର ଖୋଲିବ ବୋଲି ଅଞ୍ଚଳବାସୀ ଆଶା ରଖିଛନ୍ତି।

### ନନ୍ଦନକାନନରେ...

ବ୍ୟବସ୍ଥା କରାଇଛନ୍ତି। ପ୍ରତିଦିନ ସକାଳେ ହାଲୁକା ଖରାରେ କିଛି ସମୟ ରଖାଯାଉଛି, ଯାହା ସେମାନଙ୍କ ଶରୀରକୁ ଗରମ ଓ ମନକୁ ଫୁର୍ତ୍ତି ରଖିବ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ମ୍ୟୁଜିକ୍ ଥେରାପି ଓ ଖେଳ ପ୍ରଣାଳୀ। ସେମାନଙ୍କୁ ଦୋଳି, ବିଭିନ୍ନ ରଙ୍ଗବେରଙ୍ଗର ଖେଳଣା ଦିଆଯାଇଛି। ଏହାସହ ହାଲୁକା, ଶାନ୍ତ କ୍ଲାସିକାଲ୍ ସଙ୍ଗୀତ ବଜାଯାଉଛି। ବିଶେଷଜ୍ଞଙ୍କ ମତରେ, ଏହି ସଙ୍ଗୀତ ଶୁଣିଲେ ସେମାନେ ଶୀଘ୍ର ନୂଆ ଅଭିଭାବକ ସହ ମିଶିପାରିବେ, ଭୟ ଦୂର ହେବ। ପ୍ରକାଶ ଥାଉକି, ଏହା ପୂର୍ବରୁ ନନ୍ଦନକାନନ ହାତୀ ଏବଂ ଅନ୍ୟ ମାନସିକ ଚାପରେ ଥିବା ପ୍ରାଣୀଙ୍କ ପାଇଁ ଏଭଳି ଥେରାପି କରି ସଫଳ ହୋଇଛି। ଏବେ ମହୀଶୂର ଚିଡ଼ିଆଖାନାର ବିଶେଷଜ୍ଞ ଟିମ୍ ଭିଡିଓ କନଫରେନ୍ସି ଜରିଆରେ ସେମାନଙ୍କ ବ୍ୟବହାର ଉପରେ ନଜର ରଖୁଛନ୍ତି। ଏନେଇ ନନ୍ଦନକାନନ ଉପ ନିର୍ଦ୍ଦେଶକ ପ୍ରଦୀପ ମିରାସ କହିଛନ୍ତି, ୧୦ ଦିନ ପରେ ସ୍ଥିତି ସ୍ୱାଭାବିକ ହେଲେ ସେମାନଙ୍କ ରକ୍ତ ଏବଂ ଓରାଲ ସ୍ୱାବ ନେଇ ଲାବ୍‌ରେ ସ୍କ୍ରିନିଂ କରାଯିବ। ଏହାପରେ ସେମାନଙ୍କ ସ୍ୱାସ୍ଥ୍ୟ ଓ ଉତ୍ପତ୍ତିକୁ ନେଇ ତଦନ୍ତ ଆଗକୁ ବଢ଼ିବ। ଅନ୍ୟପଟେ, ଏହି ଖବର ପ୍ରଚାରିତ ହେବା ପରେ ଏହି କୁନି ବିଦେଶୀ ଅତିଥିଙ୍କୁ ଦେଖିବାକୁ ପର୍ଯ୍ୟଟକ ନନ୍ଦନକାନନକୁ ଧାଇଁ ଆସିଛନ୍ତି। ମା'ଠୁ ଅଲଗା ହୋଇଥିଲେ ବି ଏବେ ସଙ୍ଗୀତର ତାଳେ ତାଳେ ନୂଆ ଜୀବନ ଖୋଜୁଛନ୍ତି ଏହି ୫ କୁନି ଓରାଙ୍ଗଉଟାନ।

### ୮,୪୧୭ କୋଟିର...

ଅର୍ଥନୀତି ଓ ପର୍ଯ୍ୟଟନ ମନ୍ତ୍ରୀ ଏବଂ ଅନ୍ତର୍ଜାତୀୟ ନିବେଶ ପରିଷଦର ଅଧ୍ୟକ୍ଷ ଅବ୍ଦୁଲ୍ଲା ବିନ୍ ତୌକ୍ ଅଲ୍ ମାର୍ରିଙ୍କ ମଧ୍ୟରେ ଏକ ଉଚ୍ଚସ୍ତରୀୟ ବୈଠକ ସହିତ ହୋଇଥିଲା। ଓଡ଼ିଶା ଏବଂ ୟୁଏଇ ମଧ୍ୟରେ ଆର୍ଥିକ ଏବଂ ନିବେଶ ସହଯୋଗକୁ ମଜବୁତ କରିବା ସହିତ ଓଡ଼ିଶାରେ ୟୁଏଇ-ଭିତ୍ତିକ ନିବେଶକ ଏବଂ ବ୍ୟବସାୟୀଙ୍କ ପାଇଁ ନୂତନ ସୁଯୋଗ ଅନ୍ୱେଷଣ କରିବା ନେଇ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ ଓଡ଼ିଶାର ବର୍ଦ୍ଧିତ ଶିଳ୍ପ ସମ୍ଭାବନା, ଷ୍ଟ୍ରାଟେଜିକ ଲୋକେସନ୍, ଦୃଢ଼ ଭିତ୍ତିଭୂମି, ପ୍ରାକୃତିକ ସମ୍ପଦର ଉପଲବ୍ଧତା, ଦକ୍ଷ ଜନଶକ୍ତି ଏବଂ ନିବେଶକ-ଅନୁକୂଳ ନୀତିଗତ ପରିବେଶକୁ ଆଲୋକପାତ କରିଥିଲେ। ସେ ୟୁଏଇର ନିବେଶକ ଏବଂ ବ୍ୟବସାୟୀ ନେତୃବୃନ୍ଦଙ୍କୁ ଦୀର୍ଘକାଳୀନ ନିବେଶ ଓ ଭାଗିଦାରୀ ପାଇଁ ଓଡ଼ିଶା ଆସିବାକୁ ଆମନ୍ତ୍ରଣ କରିଥିଲେ। ମୁଖ୍ୟମନ୍ତ୍ରୀ ଦୁବାଇରେ ଅନୁଷ୍ଠିତ ଓଡ଼ିଶା ନିବେଶ ରୋଡ୍‌ସୋ'ରେ ଯୋଗ ଦେଇଥିଲେ, ଯେଉଁଠାରେ ରାଜ୍ୟ ଏହାର ଶିଳ୍ପ ପରିବେଶ ଏବଂ ବିଭିନ୍ନ କ୍ଷେତ୍ରରେ ଉପଲବ୍ଧ ନିବେଶ ସୁଯୋଗଗୁଡ଼ିକୁ ପ୍ରଦର୍ଶନ କରିଥିଲା। ଏହି ଉପସ୍ଥାପନାରେ ମାନୁଫାକ୍‌ଚରିଂ, ମେଟାଲ୍ ଓ ଡାଉନଷ୍ଟ୍ରିମ୍ ଶିଳ୍ପ, ସୂଚନା ପ୍ରଯୁକ୍ତିବିଦ୍ୟା, ଭିତ୍ତିଭୂମି, ଲଜିଷ୍ଟିକ୍ସ, ଖାଦ୍ୟ ପ୍ରକ୍ରିୟାକରଣ, କେମିକାଲ୍ସ, ଶକ୍ତି ଏବଂ ଅନ୍ୟାନ୍ୟ ଉଦୀୟମାନ କ୍ଷେତ୍ରରେ ଓଡ଼ିଶାର ଦକ୍ଷତାକୁ ଆଲୋକପାତ କରାଯାଇଥିଲା। ଓଡ଼ିଶା ପ୍ରଗତିଶୀଳ ନୀତି, ଭିତ୍ତିଭୂମି ବିକାଶ, ଇଜ୍ ଅଫ୍ ଡୁଇଙ୍ଗ୍ ବିଜନେସ୍ ଏବଂ ଉତ୍ତରଦାୟୀ ପ୍ରଶାସନ ମାଧ୍ୟମରେ ନିବେଶକଙ୍କ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରୁଥିବା ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ସେ ବିଶ୍ୱବ୍ୟାପୀ ବ୍ୟବସାୟୀମାନଙ୍କୁ ତ୍ୱରିତ ଶିଳ୍ପାୟନ, ନିଯୁକ୍ତି ସୃଷ୍ଟି ଏବଂ ସ୍ଥାୟୀ ଆର୍ଥିକ ଅଭିବୃଦ୍ଧି ଦିଗରେ ଓଡ଼ିଶାର ଯାତ୍ରାରେ ସହଭାଗୀ ହେବାକୁ ଆମନ୍ତ୍ରଣ କରିଥିଲେ। ଆଲୁମିନିୟମ୍ ଡାଉନଷ୍ଟ୍ରିମ୍ ଶିଳ୍ପଗୁଡ଼ିକ ସହିତ ଏକ ସ୍ୱତନ୍ତ୍ର ରାଉଣ୍ଡଟେବଲ ବୈଠକ ଓଡ଼ିଶାର ଆଲୁମିନିୟମ୍ ମୂଲ୍ୟ ଶୃଙ୍ଖଳାରେ ନିବେଶ ସମ୍ଭାବନା ଉପରେ ଆଲୋଚନା କରିବାର ସୁଯୋଗ ପ୍ରଦାନ କରିଥିଲା। ଏଥିରେ ଡାଉନଷ୍ଟ୍ରିମ୍ ଉତ୍ପାଦନ, ଅଧିକ ମୂଲ୍ୟ ବୃଦ୍ଧି, ପ୍ରଯୁକ୍ତିବିଦ୍ୟା-ଚାଳିତ ଶିଳ୍ପ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଶିଳ୍ପ କ୍ଷମତା ବିକାଶ ପାଇଁ ଥିବା ସୁଯୋଗଗୁଡ଼ିକ ନେଇ ଆଲୋଚନା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଓଡ଼ିଶାର ପ୍ରତିଷ୍ଠିତ ମେଟାଲସ୍ ଏବଂ ମିନେରାଲ୍ସ ଇକୋସିଷ୍ଟମକୁ ଆଲୋକପାତ କରିବା ସହ ଅଧିକ ଆର୍ଥିକ ମୂଲ୍ୟ ଓ ନିଯୁକ୍ତି ସୃଷ୍ଟି କରିବା ପାଇଁ ଡାଉନଷ୍ଟ୍ରିମ୍ ଶିଳ୍ପଗୁଡ଼ିକୁ ମଜବୁତ କରିବା ଉପରେ ରାଜ୍ୟର ଗୁରୁତ୍ୱକୁ ଦୋହରାଇଥିଲେ। ମୁଖ୍ୟମନ୍ତ୍ରୀ ଦୁବାଇସ୍ଥିତ ଇଣ୍ଡିଆନ୍ ବିଜନେସ୍ ଆଣ୍ଡ ପ୍ରଫେସନାଲ କାଉନସିଲ୍ ସହିତ ଏକ ଆଲୋଚନାରେ ମଧ୍ୟ ସାମିଲ ହୋଇଥିଲେ। ଏଥିରେ ବ୍ୟବସାୟିକ ସମ୍ପର୍କକୁ ମଜବୁତ କରିବା, ନିବେଶ ସୁଯୋଗଗୁଡ଼ିକୁ ସହଜ କରିବା ଏବଂ ଓଡ଼ିଶାର ବିକାଶ ଯାତ୍ରାରେ ଭାରତୀୟ ବ୍ୟବସାୟୀ ଓ ବୃତ୍ତିଗତ ସମ୍ପ୍ରଦାୟର ଅଧିକ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଉପରେ ଆଲୋଚନା ହୋଇଥିଲା। ଏହା ଓଡ଼ିଶା ଏବଂ ୟୁଏଇ ମଧ୍ୟରେ ସମ୍ଭାବ୍ୟ ସହଯୋଗ, ବଜାର ସଂଯୋଗ ଏବଂ ଅର୍ଥନୈତିକ ସମ୍ପର୍କକୁ ବିସ୍ତାର କରିବା ପାଇଁ ପଥ ପ୍ରଶସ୍ତ କରିବାର ସୁଯୋଗ ପ୍ରଦାନ କରିଥିଲା।

କ୍ଷେତ୍ରଭିତ୍ତିକ ସମ୍ପ୍ରସାରଣର ଏକ ଅଂଶ ଭାବେ ମୁଖ୍ୟମନ୍ତ୍ରୀ ୟୁଏଇର ଏକ ଅଗ୍ରଣୀ ଆଲୁମିନିୟମ୍ ଉତ୍ପାଦନ ପ୍ରତିଷ୍ଠାନ 'ଏମିରେଟ୍ସ ଗ୍ଲୋବାଲ୍ ଆଲୁମିନିୟମ୍' ପରିଦର୍ଶନ କରିଥିଲେ, ଯାହା ଆଲୁମିନିୟମ୍ କ୍ଷେତ୍ରରେ ଉନ୍ନତ ଶିଳ୍ପ ଅପରେସନ୍, ଟେକ୍ନୋଲୋଜି ଏବଂ ଗ୍ଲୋବାଲ୍ ପ୍ରାକ୍ଟିସଗୁଡ଼ିକ ସମ୍ପର୍କରେ ଜ୍ଞାନକୌଶଳ ହାସଲ କରିବାରେ ସହାୟକ ହୋଇଥିଲା। ଓଡ଼ିଶାର ସୁଦୃଢ଼ ଆଲୁମିନିୟମ୍ ଇକୋସିଷ୍ଟମ ଏବଂ ଡାଉନଷ୍ଟ୍ରିମ୍ ଉତ୍ପାଦନ ଉପରେ ଏହାର ବର୍ଦ୍ଧିତ ଫୋକସ୍ ପରିପ୍ରେକ୍ଷୀରେ, ଏହି ପରିଦର୍ଶନ ପ୍ରଯୁକ୍ତିବିଦ୍ୟା, ମୂଲ୍ୟ ବୃଦ୍ଧି ଏବଂ ଶିଳ୍ପ ବିକାଶ କ୍ଷେତ୍ରରେ ସମ୍ଭାବ୍ୟ ସହଯୋଗର କ୍ଷେତ୍ରଗୁଡ଼ିକୁ ଅନ୍ୱେଷଣ କରିବା ପାଇଁ ସୁଯୋଗ ପ୍ରଦାନ କରିଥିଲା। ସେହିପରି ମଧ୍ୟପ୍ରାଚ୍ୟ ରିସାଇକ୍ଲିଂ ବ୍ୟୁରୋ ସହିତ ଏକ ଶିଳ୍ପ ରାଉଣ୍ଡଟେବଲ ବୈଠକ ରିସାଇକ୍ଲିଂ, ରିସୋର୍ସ ଏଫିସିଏନ୍ସି ଏବଂ ସର୍କୁଲାର ଇକୋନୋମି କ୍ଷେତ୍ରରେ ଥିବା ସୁଯୋଗଗୁଡ଼ିକ ଉପରେ କେନ୍ଦ୍ରିତ ଥିଲା। ଏହି ଆଲୋଚନାଗୁଡ଼ିକ ନିବେଶ, ପ୍ରଯୁକ୍ତିବିଦ୍ୟା ସହଯୋଗ ଏବଂ ସ୍ଥାୟୀ ଶିଳ୍ପ ଅଭ୍ୟାସ ପାଇଁ ଥିବା ସମ୍ଭାବନା ସୃଷ୍ଟି କରିଥିଲା। ଏହା ସ୍ଥାୟୀ ଶିଳ୍ପ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଏବଂ ରିସୋର୍ସ ଏଫିସିଏନ୍ସି ତଥା ସର୍କୁଲାର ଇକୋନୋମି ସମ୍ବଳ ସହିତ ଜଡ଼ିତ ଉଦୀୟମାନ କ୍ଷେତ୍ରଗୁଡ଼ିକରେ ନୂତନ ସୁଯୋଗ ସୃଷ୍ଟି କରିବା ପାଇଁ ଓଡ଼ିଶାର ପ୍ରତିବଦ୍ଧତା ସହିତ ସମନ୍ୱୟ ରଖୁଛି। ମୁଖ୍ୟମନ୍ତ୍ରୀ ନିବେଶକ ଏବଂ ବ୍ୟବସାୟୀ ନେତୃବୃନ୍ଦଙ୍କ ସହିତ ଏକାଧିକ ୱାନ୍-ଟୁ-ୱାନ୍ ଏବଂ ଗୋଷ୍ଠୀଗତ ଆଲୋଚନା କରିଥିଲେ, ଯେଉଁଥିରେ ଓଡ଼ିଶାର ନିବେଶ ସୁଯୋଗଗୁଡ଼ିକୁ ଉପସ୍ଥାପନ କରାଯିବା ସହ ପ୍ରକଳ୍ପଗୁଡ଼ିକୁ ସହଜ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରା ଯାଇଥିଲା। ଏହି ଆଲୋଚନାଗୁଡ଼ିକ ଦ୍ୱାରା ପ୍ରଯୁକ୍ତିବିଦ୍ୟା ଏବଂ ରିଅଲ୍ ଇଷ୍ଟେଟଠାରୁ ଆରମ୍ଭ କରି ଲଜିଷ୍ଟିକ୍ସ, ଖାଦ୍ୟ ପ୍ରକ୍ରିୟାକରଣ, କେମିକାଲ୍ସ, ଆଲୁମିନିୟମ୍, ଷ୍ଟିଲ ଡାଉନଷ୍ଟ୍ରିମ୍, ରେୟାର ଆର୍ଥସ ଏବଂ ସର୍କୁଲାର ଇକୋନୋମି ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିବେଶ ଆଗ୍ରହ ସୃଷ୍ଟି ହୋଇଥିଲା।

### କିଏ ସେହି ଏସ୍‌ପି...

ସେ ଏକାକୀ ଝାରସୁଗୁଡ଼ା ଏୟାରପୋର୍ଟରେ ଓହ୍ଲାଉଥିବା ଦେଖାଯାଉଛି। ନିଜେ ଏକାକୀ ଅଡ଼ିରେ ଜନୈକ ବ୍ୟକ୍ତିଙ୍କ ସହ ଯାତ୍ରା କରୁଥିବା ଭିଡ଼ିଓରେ ରହିଛି। ତେଣୁ ଟିନା ନନ୍ଦୀଙ୍କ ସହ ସେହି ସିଇଓଙ୍କ ସମ୍ପର୍କ କ'ଣ? ସେହିପରି ସରକାରୀ ସର୍କିଟ୍ ହାଉସ୍‌ରେ ତାଙ୍କ ରହଣି ପାଇଁ କିଏ ଅନୁମତି ଦେଇଥିଲେ ଓ କାହିଁକି ଦେଇଥିଲେ ବୋଲି ମଧ୍ୟ ପ୍ରଶ୍ନ ଉଠିଛି। ସମ୍ପୃକ୍ତ କମ୍ପାନୀ, ଅଧିକାରୀ ଏବଂ ସର୍କିଟ୍ ହାଉସ୍ ବୁକିଂ ମଧ୍ୟରେ କୌଣସି ସଂଯୋଗ ଥିଲା କି ନାହିଁ, ତାହାର ତଦନ୍ତର ଅତି ଜରୁରୀ। ସେହିପରି ଭିଡିଓରେ ଟିନା ଯେଉଁ ଏସ୍‌ପିଙ୍କ କଥା କହୁଛନ୍ତି, ସେହି ଏସ୍‌ପି ଜଣକ କିଏ? ଟିନାଙ୍କୁ ଝାରସୁଗୁଡ଼ା ବିମାନବନ୍ଦରରୁ ଆଣିଥିବା କମ୍ପାନୀର ସିଇଓଙ୍କ ସହ ସମ୍ପୃକ୍ତ ଏସ୍‌ପିଙ୍କର କି ସମ୍ପର୍କ ରହିଛି। ସେ କାହିଁକି ସେହି ଏସ୍‌ପିଙ୍କ ନିକଟକୁ ଟିନାଙ୍କୁ ପଠାଇଥିଲେ? କେଉଁ ଅଧିକାରୀଙ୍କ କାର୍ଯ୍ୟ ପାଇଁ ଏହା ଉଦ୍ଦିଷ୍ଟ ଥିଲା? ମାତ୍ର ଏହାକୁ ବୁଝିବା ପାଇଁ ୨୦୨୫ ଜାନୁଆରୀ ୧ ତାରିଖରେ ସର୍କିଟ ହାଉସର ରେକଡର୍ ଯାଞ୍ଚ ଏକାନ୍ତ ଜରୁରୀ।

ରାଉରକେଲା ସର୍କିଟ୍ ହାଉସ୍ ପୂର୍ବରୁ ମଧ୍ୟ ଏକ ବିବାଦକୁ ନେଇ ଚର୍ଚ୍ଚାରେ ଥିଲା। ବିଜେପି ଯୁବନେତା ପ୍ରକାଶ ପାଣ୍ଡାନଙ୍କ ସମ୍ପର୍କିତ ଏକ ମାମଲାରେ ସର୍କିଟ୍ ହାଉସ୍?ରେ କିଛି ଅପରାଧୀଙ୍କ ରହଣି ନେଇ ଅଭିଯୋଗ ଉଠିଥିଲା। ଏହାକୁ ନେଇ ସରକାରୀ ଅତିଥିଗୃହର ସୁରକ୍ଷା ଓ ବୁକିଂ ବ୍ୟବସ୍ଥା ଉପରେ ମଧ୍ୟ ପ୍ରଶ୍ନ ଉଠିଥିଲା। ଏବେ ଟିନା ନନ୍ଦୀଙ୍କ ଭିଡିଓ ସେହି ପୁରୁଣା ବିବାଦକୁ ପୁଣି ଚର୍ଚ୍ଚାକୁ ଆଣିଛି। ଟିନା ନନ୍ଦୀ କୌଣସି ସରକାରୀ ଅଧିକାରୀ ନୁହନ୍ତି, ଗଣମାଧ୍ୟମ ସହ ଜଡ଼ିତ ବ୍ୟକ୍ତିବିଶେଷ ବି ନୁହନ୍ତି;ତେଣୁ କେଉଁ ନିୟମ ଆଧାରରେ ତାଙ୍କୁ ସର୍କିଟ ହାଉସ ରହିବାକୁ ଦିଆଗଲା ତାହା ଅନେକ ପ୍ରଶ୍ନକୁ ଜନ୍ମ ଦେଇଛି।

### ଟ୍ରେନ୍ ଧକ୍କାରେ...

ବିଭାଗ ପୂର୍ବରୁ କହି ଆସୁଥିଲା। ନିୟମ ଅନୁସାରେ, ଏପରି ସମ୍ବେଦନଶୀଳ ଅଞ୍ଚଳରେ ଟ୍ରେନ୍‌ଗୁଡ଼ିକର ଗତିସୀମା କମ୍ ରଖିବାକୁ କଡ଼ା ନିର୍ଦ୍ଦେଶ ରହିଛି। ହେଲେ ଆଜି କେଉଁ ପରିସ୍ଥିତିରେ ଏକ ମୂଲ୍ୟବାନ ହାତୀର ଜୀବନ ଚାଲିଯାଇଛି ବୋଲି ଲୋକେ ପ୍ରଶ୍ନ କରୁଛନ୍ତି। ଯଦି ବନ ବିଭାଗ ଓ ରେଳ ବିଭାଗ ସଜାଗ ଥାଆନ୍ତେ, ତେବେ ହୁଏତ ଏହି ଦୁର୍ଘଟଣାକୁ ଏଡ଼ାଯାଇ ପାରିଥାନ୍ତା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

CEO-(06792) 252315 E-Mail : www.mccbank.org.in

**THE MAYURBHANJ CENTRAL CO-OPERATIVE BANK LTD, BARIPADA**
HEAD OFFICE: KACHERI ROAD, BARIPADA-757001, DIST-MAYURBHANJ (ODISHA)

Letter No. 2329 /2026-27 Date: 10/09/2026

**TENDER CALL NOTICE**

Sealed tenders are invited from the intending registered Firms/ Agencies having valid GST Registration Certificate and PAN/ TAN with minimum of three (03) years experience for providing manpower services for **(I) Security Service** namely, **Armed Security Guard (Ex-Serviceman), Armed Security Guard (Civilian), Non Armed Security Guard with Lathi** & **(II) House Up keeping Services** namely, **Support Staff(Office Attendant), Electrician, Driver, Business facilitators-cum-Recovery Agent and sweeper** in Head Office, Branches & ATMs of the Mayurbhanj Central Cooperative Bank Ltd.. The interested parties may submit their quotation to the undersigned on or before **25.09.2026 by 4:00 P.M.**

The details information about the Tender is available in Bank's Website i.e. www.mccbank.org.in Ref letter No.2325 dt.10.09.2026.

The authority reserves the right to reject any or all the tenders without assigning any reason thereof and also not bound to accept the lowest tender.

**Chief Executive Officer, I/C**
**The Mayurbhanj Central Cooperative Bank Ltd., Baripada**

**AFFIDAVIT**

I, RABINDRA KUMAR SETHI, age about 54 years, S/o-Bhikari Sethi, At/Po- Resident of AT/PO-Ward No-9, Tala Sahi,Near Budhi Maa Mandira,Dhabalei Maa Mandira, Dhabalei, Lenkudipada, Nayagarh-752070, ODISHA, declared by this Affidavit No.935, Dated.13.08.2026, That now onwards I shall Be Known as **RABINDRA SETHI** for all future Purposes.

**OFFICE OF THE SORA MUNICIPALITY, SORA, BALESHWAR**

No.- 3177 "e" Procurement Notice Date-08/09/26

BID Identification No. SOROM_05_2026-27.

Bid Documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract and other necessary documents can be seen in Government website i.e. www.tendersodisha.gov.in

| | | |
|---|---|---|
| 1. | Name of the Work | Construction of Civil work as mentioned in DTCN |
| 2. | No. of works | 03 nos. |
| 3. | Estimated Cost | As per Work List |
| 4. | Period of Completion | 90 days. |
| 5. | Date &Time of availability of Bid documents in the Portal | 09.09.26 at 10.00AM to 21.09.26 up to 5.00PM |
| 6. | Last date & time for receipt of bids in the portal | 21.09.26 up to 5.00PM |
| 7. | Bid received online shall be opened on | 22.09.26 at 10AM |
| 8. | Name and address of the officer inviting Bid | Executive Officer, Sora Municipality |

Further details can be seen from the procurement portal i.e. www.tendersodisha.gov.in

13001/1825/2627

OIPR-13001/13166/1/26-27/0007

Executive Officer
Sora Municipality

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳିପାରନ୍ତି। ଆର୍ଥିକ ସମସ୍ୟା ଦେଖାଦେଇ ପାରେ। ବୈବାହିକ ଜୀବନ ସୁଖମୟ ହେବ।

**ବୃଷ:** ଯୋଜନା ମୁତାବକ କାମ କରିବେ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରି ସଫଳ ହୋଇପାରନ୍ତି। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ। ଦୀର୍ଘ ଦିନର ଆଶା ପୂରଣ ହେବ। ପାରିବାରିକ ସୁଖ ଶାନ୍ତି ମିଳିପାରେ। ଯାନବାହନ କ୍ରୟ କରିପାରନ୍ତି।

**କର୍କଟ:** କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ମାନ ସମ୍ମାନ ବୃଦ୍ଧି ପାଇବ। ଆଶା କରିଥିବା ଦିଗରୁ ଧନ ମିଳିପାରେ। ଅତିଥି ସତ୍କାର କରିବେ।

**ସିଂହ:** ଦୀର୍ଘ ଦିନର ଆଶା ପୂରଣ ହେବ। ଦିନଟି ଶୁଭଫଳ ପ୍ରଦାନ କରିବ। ଅଚାନକ ଧନପ୍ରାପ୍ତି ଯୋଗ ରହିଛି। ବ୍ୟବସାୟରୁ ଲାଭ ମିଳିପାରେ। ରାଜନେତାଙ୍କ ପାଇଁ ଦିନଟି ଭଲ।

**କନ୍ୟା:** ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ଉଧାର ଦେଇଥିବା ଟଙ୍କା ଫେରି ପାଇବେ।

**ତୁଳା:** ଯୋଜନା ଅନୁଯାୟୀ କାମ କରିବେ। ଅଚାନକ ଖୁସି ଖବର ମିଳିପାରେ। ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଧାର୍ମିକ କାର୍ଯ୍ୟ ପ୍ରତି ମନ ବଳାଇବେ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ। ଜୀବନସାଥିଙ୍କ ସହ ଭ୍ରମଣ ଯୋଗ ରହିଛି। ସଙ୍ଗୀତ ପ୍ରତି ରୁଚି ବଢ଼ିବ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି। ଆଣ୍ଠୁଗଣ୍ଠି ସମସ୍ୟା ଭୋଗିପାରନ୍ତି। ନୂତନ ବ୍ୟବସାୟ ଆରମ୍ଭ କରିବେ। ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। ଯାତାୟତ ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

**ମକର:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି। ମହିଳାମାନେ ପୂଜାର୍ଚ୍ଚନାରେ ସମୟ ବିତାଇବେ।

**କୁମ୍ଭ:** ପିତାଙ୍କ ସ୍ୱାସ୍ଥ୍ୟସମସ୍ୟା ଚିନ୍ତିତ କରିପାରେ। ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି। ପିଲାମାନେ ଖେଳ କୁଦରେ ସମୟ ଅତିବାହିତ କରିବେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ।

**ମୀନ:** ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ। ବୈବାହିକ ଜୀବନ ସୁଖମୟ ହେବ। ମହିଳାଙ୍କ ଦାୟିତ୍ୱ ବଢ଼ିପାରେ। କୌଣସି କଥାକୁ ନେଇ ଚିନ୍ତା ବଢ଼ିପାରେ। ଧୈର୍ଯ୍ୟ ରଖି ଚାଲିବେ। ବ୍ୟବସାୟରୁ କ୍ଷତି ସହି ପାରନ୍ତି।

## ଆଜିର ଇତିହାସ

- ୧୯୧୯-ଆମେରିକୀୟ ନୌସେନା ହଣ୍ଡୁରାସ ଉପରେ ଆକ୍ରମଣ କଲା।
- ୧୯୩୨- ଏଥେନ୍ସରେ ଏକ ଟ୍ରେନ୍ ଦୁର୍ଘଟଣାରେ ୧୬ ଜଣକ ମୃତ୍ୟୁ ହୋଇଥିଲା।
- ୧୯୬୧- ବିଶ୍ୱ ବନ୍ୟଜୀବ କୋଷର ସ୍ଥାପନା।
- ୨୦୦୧- ଅଲକାଏଦା ଯୁକ୍ତରାଷ୍ଟ୍ର ଆମେରିକାରେ ଥିବା ବିଶ୍ୱ ବାଣିଜ୍ୟ କେନ୍ଦ୍ର ଉପରେ ଆକ୍ରମଣ କରିଥିଲା। ଏଥିରେ ୨୯୯୬ ଜଣକର ମୃତ୍ୟୁ ହୋଇଥିଲା।

## ସ୍ଲିପ୍ଓଭର୍ ଚାକିରି



ଅ ଯେତେବେଳେ ସାରା ସହର ଗଭୀର ନିଦ୍ରାରେ ଶୋଇଯାଏ, ସେତେବେଳେ କିଛି ଲୋକଙ୍କର କାମ ଆରମ୍ଭ ହୁଏ। ସେମାନଙ୍କ ପାଇଁ ଅନ୍ୟର ଘର ହିଁ ସେମାନଙ୍କର କାର୍ଯ୍ୟକ୍ଷେତ୍ର ଏବଂ ଅନ୍ୟର ଆରାମଦାୟକ ନିଦ ହିଁ ସେମାନଙ୍କର ସଫଳତା। ଏହା ହେଉଛି ଆଜିର ସମୟରେ ବେଶ୍ ଆଦୃତ ହେଉଥିବା ଏକ ନିଆରା ପେସା- 'ସ୍ଲିପ୍ଓଭର୍'। ଏହି ଚାକିରି କେବଳ ଟଙ୍କା ରୋଜଗାର କରିବାର ମାଧ୍ୟମ ନୁହେଁ, ବରଂ ମାନବିକତାର ଏକ ବଡ଼ ଉଦାହରଣ। ଜଣେ ସ୍ଲିପ୍ଓଭର୍ କେୟାରଗିଭର୍ କୌଣସି ଅସୁସ୍ଥ ବୃଦ୍ଧବୃଦ୍ଧା ବା ଛୋଟ ପିଲାଙ୍କ ପାଖରେ ରାତିସାରା ଜଗି ରହିଥାନ୍ତି। ଯେତେବେଳେ ସେହି ପରିବାରର ଲୋକେ କାର୍ଯ୍ୟବ୍ୟସ୍ତତା ଯୋଗୁଁ ସମୟ ଦେଇପାରନ୍ତି ନାହିଁ, ସେତେବେଳେ ଏହି କର୍ମଚାରୀମାନେ ହିଁ ସେମାନଙ୍କର ସବୁଠାରୁ ବଡ଼ ସାହାରା ପାଲଟନ୍ତି। ରାତି ଅଧରେ କାହାକୁ ଔଷଧ ଦେବା, ତ କାହାର ଲୁହ ପୋଛିବା କାମ କରିଥାନ୍ତି। ନିଯୁକ୍ତିଦାତା କର୍ମଚାରୀଙ୍କୁ ଶୋଇବା ପାଇଁ ଏକ ସ୍ୱତନ୍ତ୍ର ରୁମ୍ ଏବଂ ଆରାମଦାୟକ ବିଛଣା ଯୋଗାଇ ଦିଅନ୍ତି। ସେମାନେ ଶୋଇପାରିବେ ସତ, କିନ୍ତୁ ସେମାନଙ୍କୁ ସତର୍କ ରହିବାକୁ ପଡ଼େ। ଯଦି ରାତିରେ ରୋଗୀ, ବୃଦ୍ଧବୃଦ୍ଧା କିମ୍ବା ଛୋଟ ପିଲାଟିଏ ସାହାଯ୍ୟ ପାଇଁ ଡାକନ୍ତି ତେବେ ତୁରନ୍ତ ଉଠି କାମ କରିବାକୁ ହୁଏ। ଭାରତରେ ସ୍ଲିପ୍ଓଭର୍ ଚାକିରିରେ ରାତିକ ପାଇଁ ୮୦୦ ଟଙ୍କାରୁ ୨,୦୦୦ ଟଙ୍କା ପର୍ଯ୍ୟନ୍ତ ମିଳିଥାଏ। ସେହିଭଳି ଆମେରିକା, ୟୁକେରେ ରାତିଏ ପାଇଁ ୧୦୦ ରୁ ୨୦୦ ଡଲାର ମିଳିଥାଏ। ଯଦି ରାତିରେ ରୋଗୀ ବା ପିଲାଟି ଅସୁସ୍ଥ ହୋଇପଡ଼େ ଏବଂ କର୍ମଚାରୀଙ୍କୁ ଉଠି କାମ କରିବାକୁ ପଡ଼େ, ତେବେ ସେହି କାମ କରିଥିବା ସମୟ ପାଇଁ ଅଲଗା ଟଙ୍କା ମିଳେ। ଯଦି ଜଣେ କର୍ମଚାରୀ ରାତିରେ ୨ ଘଣ୍ଟା ଉଠି କାମ କଲେ, ତେବେ ସେହି ୨ ଘଣ୍ଟା ପାଇଁ ସେମାନଙ୍କୁ ଓଭରଟାଇମ୍ କିମ୍ବା ସାଧାରଣ ଘଣ୍ଟା ପ୍ରତି ମିଳୁଥିବା ମଜୁରୀ ମିଳିବ। ଯଦି କୌଣସି କାରଣରୁ ରାତିରେ ୩ରୁ ଅଧିକ ଥର ଉଠିବାକୁ ପଡ଼େ, ତେବେ ଅନେକ ସଂସ୍ଥାର ନିୟମ ଅନୁଯାୟୀ ସେହି ସମ୍ପୂର୍ଣ୍ଣ ରାତିକୁ 'ଶୋଇବା ସିଫ୍ଟ' ବଦଳରେ 'କାମ କରିବା ସିଫ୍ଟ' ହିସାବରେ ଧରାଯାଏ ଏବଂ ପୂରା ରାତି ପାଇଁ ଘଣ୍ଟା ପ୍ରତି ଅଧିକ ଦରମା ଦିଆଯାଏ। ଏହିପରି ଭାବେ ଏହି ଚାକିରିରୁ ସେମାନଙ୍କ ଆୟ ଲକ୍ଷେ ଟଙ୍କା ଉପରେ ହୋଇପାରେ।

## ଆଜି ବାହୁଡ଼ିଥିଲେ

# ଶତାୟୁ ସଂଗ୍ରାମୀ ଗୌରଚନ୍ଦ୍ର



ଗୌରଚନ୍ଦ୍ର ମହାପାତ୍ର ଓଡ଼ିଶାର ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସାହିତ୍ୟିକ ଏବଂ ଶିକ୍ଷାବିତ୍ ଥିଲେ। ସେ ଏକ ପ୍ରତିଷ୍ଠିତ ଜମିଦାର ପରିବାରରେ ୧୯୧୫ ମସିହା ଜୁନ୍ ୧୯ ତାରିଖରେ ଜନ୍ମଗ୍ରହଣ କରିଥିଲେ। ସେ ନିଜର ସମଗ୍ର ଜୀବନକୁ ଗାନ୍ଧୀବାଦୀ ଆଦର୍ଶ, ସାମାଜିକ ସଂସ୍କାର ଏବଂ ସମାଜର ଅବହେଳିତ ଲୋକଙ୍କ ଉତ୍ଥାନ ପାଇଁ ଉତ୍ସର୍ଗ କରିଥିଲେ। ସ୍ୱାଧୀନୋତ୍ତର କାଳରେ ଗାନ୍ଧିଜୀଙ୍କ ଡାକରାରେ ଗ୍ରାମାଭିମୁଖୀ ହୋଇ ଅଧିକାଂଶ ଜୀବନ ଗାଁରେ ବିତାଇଥିଲେ ଏବଂ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନେଇଥିଲେ। ତନ୍ମଧ୍ୟରୁ ବିଦ୍ୟାଳୟ ଓ ସାହିତ୍ୟ-ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକର ପ୍ରତିଷ୍ଠା, ମହିଳା ଶିକ୍ଷାକୁ ପ୍ରୋତ୍ସାହନ, ଉନ୍ନତ କୃଷି ପାଇଁ ଆଧୁନିକ ଜ୍ଞାନକୌଶଳର ବ୍ୟବହାର, ପରିବେଶ ସ୍ୱଚ୍ଛତା, ଗ୍ରାମ ସେବା, ବନୀକରଣ ଏବଂ ଗ୍ରାମ୍ୟ ଉନ୍ନୟନ ମୂଳକ ଅନେକ କାର୍ଯ୍ୟକ୍ରମ ମାଧ୍ୟମରେ ଆଜୀବନ ସମାଜର କଲ୍ୟାଣ ସାଧନ କରିବାରେ ବ୍ରତୀ ଥିଲେ। ସେ ନବେ ଦଶକରେ ଓଡ଼ିଶା ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସଂଘର ଉପ-ସଭାପତି ଥିଲେ ଏବଂ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀ ସଂଘର ଅଧ୍ୟକ୍ଷ ମଧ୍ୟ ରହିଥିଲେ। ଭଦ୍ରକର ଗାନ୍ଧୀବାଳାଶ୍ରମ, ଗୋଶାଳା, ନିୟନ୍ତ୍ରିତ ବଜାର କମିଟି, ସାହିତ୍ୟ ସଂସଦ, ସାହିତ୍ୟ ସଂସ୍କୃତି ପରିଷଦ, ପୂର୍ଣ୍ଣିମା ଆସର ତଥା ଓଡ଼ିଶାର ଅନେକ ସାମାଜିକ, ସାହିତ୍ୟିକ, ସାଂସ୍କୃତିକ ଓ ସେବାମୂଳକ ସଂଗଠନ ସହିତ ଓତଃପ୍ରୋତ ଭାବେ ଜଡ଼ିତ ଥିଲେ। ସେବା ଓ ସାହିତ୍ୟ କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ସେ ଅନେକ ମାନସମ୍ମାନ ଓ ପୁରସ୍କାର ଲାଭ କରିଥିଲେ। ଗୌରଚନ୍ଦ୍ର ସମାଜର ଅବହେଳିତ ବର୍ଗର ଲୋକଙ୍କ ସର୍ବାଙ୍ଗୀନ କଲ୍ୟାଣ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମକୁ ସମର୍ଥନ ଓ ସହଯୋଗ କରୁଥିଲେ। ତାଙ୍କୁ ଅନେକ 'ଭଦ୍ରକ ଗାନ୍ଧୀ' ଭାବରେ ଅଭିହିତ କରିଥିଲେ। ୧୯୩୫ ମସିହାରୁ ୨୦୧୫ ଯାଏଁ ଦୀର୍ଘ ଆଠ ଦଶନ୍ଧି କାଳ ସେ ତାଙ୍କର ସାରସ୍ୱତ ଅଭ୍ୟାସ ବଜାୟ ରଖିଥିଲେ ଏବଂ ଅନେକ ପତ୍ରପତ୍ରିକା, ସମ୍ବାଦପତ୍ର, ଗବେଷଣା ଧର୍ମୀ ପୁସ୍ତକ ଇତ୍ୟାଦିରେ ତାଙ୍କ ରଚିତ ପ୍ରବନ୍ଧ, ନିବନ୍ଧ କବିତା, ଗୀତ, ଜୀବନୀ ଇତ୍ୟାଦି ପ୍ରକାଶିତ ହୋଇଥିଲା। ଗୌରଚନ୍ଦ୍ରଙ୍କ ଉଦ୍ୟମରେ ହିଁ କାନ୍ତକବି ରଚିତ ବହୁ ରଚନା ଆଜି ଲୋକଲୋଚନକୁ ଆସି ପାରିଛି। କାନ୍ତ ସାହିତ୍ୟ ମାଳା (୧ମ ଓ ୨ୟ ଭାଗ) ସହ କାନ୍ତ କବିଙ୍କ ରଚିତ ଜୀବନ ସଙ୍ଗୀତ, ଧର୍ମସଂଗୀତ, ଦୁନ୍ଦୁଭି, ଜୀବଜନ୍ତୁ ଓ ଚିଡ଼ିଆଖାନା, କାନ୍ତକବି ସ୍ମରଣିକା ଇତ୍ୟାଦି ଗୌରଚନ୍ଦ୍ରଙ୍କ ଦ୍ୱାରା ସଂଗୃହିତ, ପ୍ରକାଶୋପଯୋଗୀ ତଥା ପ୍ରକାଶିତ ହୋଇ ପାରିଥିଲା। ତାଙ୍କର ବିପୁଳ ସାହିତ୍ୟିକ କୃତି ମଧ୍ୟରେ 'ହରିଜନ ଗୀତ', 'ଶାସନର ଚକ ତଳେ', 'ମୋ ଗାଁ', 'ସେଇ ଦେଶେ ମୋର ଘର', 'ଗାଁ ମାଟି ଡାକେ', 'କିଛି ଅଭୁଲା ସ୍ମୃତି', 'ଗୀତି ଶତକ' ଆଦି ରହିଛି। ସଂଗ୍ରାମୀ ଓ ସାହିତ୍ୟିକ ଗୌରଚନ୍ଦ୍ରଙ୍କର ୧୦୪ ବର୍ଷ ବୟସରେ ୨୦୧୮ ମସିହା ଆଜିର ଦିନରେ ଦେହାନ୍ତ ହୋଇଥିଲା।

# ପରଦାକୁ ଫେରିବେ ବିପାଶା



ବଲିଉଡ୍ ଅଭିନେତ୍ରୀ ବିପାଶା ବସୁ ଦୀର୍ଘ ଛଅ ବର୍ଷର ବ୍ୟବଧାନ ପରେ ପୁଣିଥରେ ଅଭିନୟ ଦୁନିଆକୁ ଫେରୁଛନ୍ତି। ହଂସଲ ମେହେଟାଙ୍କ ଆଗାମୀ କ୍ରାଇମ୍ ଥ୍ରୀଲର ସିରିଜ୍ 'ବାରାବଙ୍କି' ଜରିଆରେ ସେ ପରଦାକୁ ଫେରିବେ। ଏହି ସିରିଜ୍ଟି ଅବସରପ୍ରାପ୍ତ ଆଇପିଏସ୍ ଅଫିସର ଆଲୋକ ଲାଲ୍ଙ୍କ ପୁସ୍ତକ 'ଦ ବାରାବଙ୍କି ନାର୍କୋସ୍: ବଷ୍ଟିଂ ଇଣ୍ଡିଆଜ୍ ମୋଷ୍ଟ ନୋଟୋରିଅସ୍ ଡ୍ରଗ୍ କାର୍ଟେଲ୍' ଉପରେ ଆଧାରିତ। ଏଥିରେ ୧୯୮୪ ମସିହାରେ ଉତ୍ତର ପ୍ରଦେଶରେ ହୋଇଥିବା ଏକ ବଡ଼ ଧରଣର ଅଫିମ ଚୋରା ଚାଲାଣ ଏବଂ ଡ୍ରଗ୍ସ କାର୍ଟେଲ ବିରୋଧୀ ଅପରେସନ୍କୁ ଦେଖାଯିବ। ଆଇପିଏସ୍ ଅଫିସର ଆଲୋକ ଲାଲ୍ ଏବଂ ତାଙ୍କ ପୋଲିସ ଟିମ୍ କିପରି ନିଜ ଜୀବନକୁ ବାଜି ଲଗାଇ ଏହି ବଡ଼ ଡ୍ରଗ୍ସ ମାଫିଆ ସାମ୍ରାଜ୍ୟର ପର୍ଦ୍ଦାଫାଶ କରୁଛନ୍ତି, ତାହା ଏଥିରେ ଦେଖାଯିବ। ଯଦିଓ ବିପାଶାଙ୍କ ଚରିତ୍ରକୁ ସମ୍ପୂର୍ଣ୍ଣ ଗୋପନ ରଖାଯାଇଛି, ରିପୋର୍ଟ ଅନୁଯାୟୀ ସେ ଏକ ଭିନ୍ନ ଓ ଦମଦାର ଲୁକ୍ରେ ନଜର ଆସିବେ। କାହାଣୀର ମୁଖ୍ୟ ନାୟକଙ୍କ ସହ ତାଙ୍କ ଚରିତ୍ରର ଏକ ଗଭୀର ବ୍ୟକ୍ତିଗତ ସମ୍ପର୍କ ରହିଛି, ଯାହା କାହାଣୀକୁ ଆଗକୁ ବଢ଼ାଇବ। ଏହି ସିରିଜ୍ରେ ବିପାଶାଙ୍କ ସହ ସନ୍ନି କୌଶଲ ଏବଂ ବିଶାଲ ଜେଠୱା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ନିକଟରେ ମୁମ୍ବାଇରେ ବିପାଶା ଏହାର ସୁଟିଂ ଆରମ୍ଭ କରିଛନ୍ତି। ଏହାର ଅଫିସିଆଲ୍ ରିଲିଜ୍ ତାରିଖ ଏଯାବତ୍ ଘୋଷଣା ହୋଇନାହିଁ। ଏଠାରେ ପ୍ରକାଶ ଥାଉ କି, ୨୦୨୨ ମସିହାରେ ଝିଅ ଦେବୀଙ୍କ ଜନ୍ମ ପରେ ବିପାଶା ନିଜ ପରିବାର ସହ ସମୟ ବିତାଉଥିଲେ ଏବଂ ଏବେ ସେ ପୁଣିଥରେ କ୍ୟାମେରା ସମ୍ମୁଖକୁ ଫେରିବା ପାଇଁ ଏବେ ନିଷ୍ପତ୍ତି ନେଇଛନ୍ତି।

## 'ସକାଳ'ର ସ୍ୱାସ୍ଥ୍ୟ

# ଷ୍ଟ୍ରୋକ୍ ପରେ ଫିଜିଓଥେରାପି



ଫିଜିଓଥେରାପି ଅଣ୍ଟା, ଆଣ୍ଠୁଗଣ୍ଠି ଯନ୍ତ୍ରଣା ଦୂର କରିବା ସହ ଶରୀରର କାର୍ଯ୍ୟକ୍ଷମତା ଶକ୍ତି ଫେରାଇବାରେ ସହାୟକ ହୋଇଥାଏ। ଔଷଧ, ଅସ୍ତ୍ରୋପଚାର ବିନା ବ୍ୟାୟାମ, ମସାଜ୍ ଏବଂ ଆଧୁନିକ ମେସିନ୍ ସାହାଯ୍ୟରେ ଏହା ଶରୀରକୁ ସୁସ୍ଥ ରଖିଥାଏ। ତେବେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଏହା ହାଡ଼ ସମସ୍ୟା ଦୂର କରିବା ସହ ଷ୍ଟ୍ରୋକ୍ ପରବର୍ତ୍ତୀ ପୁନର୍ବାସରେ ମଧ୍ୟ ରୋଗୀଙ୍କୁ ସ୍ୱାଭାବିକ ଜୀବନ ପ୍ରଦାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ନିୟମିତ ଫିଜିଓଥେରାପି ହୃଦ୍‌ରୋଗକୁ ରୋକିବା ସହ ଷ୍ଟ୍ରୋକ୍ ପରବର୍ତ୍ତୀ ସମୟରେ ଦୁର୍ବଳ ହୋଇଯାଇଥିବା ହାତଗୋଡ଼ ମାଂସପେଶୀକୁ ପୁଣିଥରେ ସକ୍ରିୟ କରିଥାଏ।

**ଚିକିତ୍ସା ପଦ୍ଧତି -** ଷ୍ଟ୍ରୋକ୍ ପରେ ଶରୀରରେ ପକ୍ଷାଘାତ, ମାଂସପେଶୀ ଦୁର୍ବଳ, ଚାଲିବାରେ ଯନ୍ତ୍ରଣା ଅନୁଭବ ହେବା ସହ ଶରୀର ସନ୍ତୁଳନ ବିଗିଡ଼ିବା ଭଳି ସମସ୍ୟା ଦେଖାଯାଏ। ଏପରିସ୍ଥଳେ ଫିଜିଓଥେରାପି ମାଧ୍ୟମରେ ଶରୀରର କୋଷଗୁଡ଼ିକୁ ପୁନର୍ବାର କାର୍ଯ୍ୟ କରିବା ପାଇଁ ପ୍ରଶିକ୍ଷିତ କରିପାରିବେ। ତେଣୁ ଷ୍ଟ୍ରୋକ୍ ହେବାର ଦିନେ ଦୁଇଦିନ ମଧ୍ୟରେ ଡାକ୍ତରଙ୍କ ପରାମର୍ଶ କ୍ରମେ ଫିଜିଓଥେରାପି ଆରମ୍ଭ କରିବା ଆବଶ୍ୟକ। ଏହି ପ୍ରକ୍ରିୟା ଶୀଘ୍ର ଆରମ୍ଭ କରାଗଲେ ରୋଗୀ ଶୀଘ୍ର ସୁସ୍ଥ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ପୁନର୍ବାସକୁ କେବଳ ଡାକ୍ତରଖାନାରେ ସୀମିତ ନ ରଖି, ଘରେ ମଧ୍ୟ କରିପାରିବେ। ବର୍ତ୍ତମାନ ସମୟରେ ଫିଜିଓଥେରାପିରେ ବର୍ଦ୍ଧିତ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ମଧ୍ୟ ପରିଲକ୍ଷିତ ହେଉଛି। ଗତି ବିଶ୍ଳେଷଣ, ସେନ୍ସର ବେସ୍ଡ ମନିଟରିଂ ସମେତ ପିନ୍ଧିବା ଯୋଗ୍ୟ ଉପକରଣ ସହ ଡିଜିଟାଲ୍ ବ୍ୟାୟାମ କାର୍ଯ୍ୟକ୍ରମ ଏବଂ ରୋବୋଟିକ୍ ପୁନର୍ବାସରେ ମଧ୍ୟ ଏହା ପ୍ରଦାନ କରାଯାଉଛି। ଏଥିସହ କିଛି କ୍ଷେତ୍ରରେ ମିରର ଥେରାପି, ଏବଂ ଇଲେକଟ୍ରିକାଲ୍ ଷ୍ଟିମୁଲେସନ୍ ଥେରାପି ମଧ୍ୟ ପ୍ରଦାନ କରାଯାଇ ରୋଗୀକୁ ସୁସ୍ଥ କରାଯାଏ।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଫିଜିଓଥେରାପି ସର୍ବଦା ଜଣେ ଅଭିଜ୍ଞ ଓ ପ୍ରଶିକ୍ଷିତ ବ୍ୟକ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯିବା ଉଚିତ୍। ଘରେ ନିଜେ ମନ ଇଚ୍ଛା କିମ୍ବା ଭୁଲ ଉପାୟରେ ବ୍ୟାୟାମ କଲେ ଗଣ୍ଠିରେ ଆଘାତ ଲାଗିବା ଏବଂ କାନ୍ଧ ଖସିଯିବା ଭଳି ସମସ୍ୟା ଦେଖାଦେଇପାରେ।

## ସଞ୍ଜୀବନୀ




### ଘର ବଇଦ: ନାକରୁ ରକ୍ତ ପଡ଼ିଲେ

- ଦୂବରସ ବା ଦୂବରସରେ ଗୁଆଘିଅ ମିଶାଇ ନସ୍ୟ ନେବେ।
- ଆଖୁ ଦୋରୁଅ ନାକରେ ପକାଇଲେ ରକ୍ତସ୍ରାବ ବନ୍ଦ ହୁଏ।
- ଆମ୍ବ କୋଇଲି ଓ ପିଆଜ ଏକତ୍ର ଛେଚି ତାର ରସ ନସ୍ୟ ନେବେ।
- ଫିଟିକିରି ଫୁଲା ଚୂର୍ଣ୍ଣ, ଗୋବର ପାଉଁଶ ଓ କାଗଜ ଭସ୍ମ ଏକତ୍ର ଶୁଙ୍ଘିବେ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

# ମାନସିକ ଅବସାଦର ଲକ୍ଷଣ

**ବ୍ୟସ୍ତ ଜୀବନଶୈଳୀ, କାର୍ଯ୍ୟଚାପ, ଚିନ୍ତା, ନିଦ୍ରାଭାବ ଏବଂ ବ୍ୟକ୍ତିଗତ ସମସ୍ୟା ଯୋଗୁଁ ଅନେକ ମାନସିକସ୍ତରରେ କ୍ଲାନ୍ତି ବା ଅବସାଦ ଅନୁଭବ କରିଥାନ୍ତି। ଏହାଦ୍ୱାରା ଶରୀରରେ ଅନେକ ସ୍ୱାସ୍ଥ୍ୟଜନିତ ସମସ୍ୟା ମଧ୍ୟ ଉପୁଜିଥାଏ। ଅନେକ ଏହି ଲକ୍ଷଣକୁ ସାଧାରଣ ଭାବି ଅବହେଳା କରନ୍ତି। ତେବେ ମାନସିକ ଅବସାଦର ଲକ୍ଷଣକୁ ଚିହ୍ନିବା ଏକାନ୍ତ ଆବଶ୍ୟକ...**



- ଶୋଇବା ପରେ ଥକ୍କା ଲାଗିଲେ, କୌଣସି କାର୍ଯ୍ୟପ୍ରତି ଅନାଗ୍ରହ ଆଦି ମାନସିକ ଚାପର ଲକ୍ଷଣ ହୋଇଥାଏ। ଏହି ଲକ୍ଷଣ ଦୀର୍ଘଦିନ ରହିଲେ, ଆଳସ୍ୟ ଏବଂ ଦୁର୍ବଳ ଅନୁଭୂତ ହୋଇଥାଏ।
- ସେହିପରି ମାନସିକ ଚାପ ଥିଲେ ସହନଶୀଳ ଶକ୍ତି ହ୍ରାସ ପାଏ। ଏଥିଯୋଗୁଁ ଛୋଟ ଛୋଟ କଥାରେ ରାଗିବା, ଚିଡ଼ିଚିଡ଼ା, ଚିନ୍ତା କରିବା, ସାମାନ୍ୟ କଥାରେ ତୀବ୍ର ପ୍ରତିକ୍ରିୟା ଦେବା ଭଳି ଲକ୍ଷଣମାନ ଦେଖାଯାଏ।
- କୌଣସି କାର୍ଯ୍ୟରେ ମନ ନ ଲାଗିବା, ଏକାଗ୍ରତା ଭଙ୍ଗ, କାର୍ଯ୍ୟ ଭୁଲିବା ଏବଂ ସାଧାରଣ ଜିନିଷକୁ ବୁଝିବାରେ ଦୀର୍ଘ ସମୟ ଲାଗିବା ଭଳି ଲକ୍ଷଣ ଅନ୍ତର୍ଭୁକ୍ତ। ମାନସିକ ଚାପର ଏକ ଲକ୍ଷଣ ହେଉଛି ମନକୁ ବିଶ୍ରାମ ଦେବାରେ ଅସୁବିଧା। ସର୍ବଦା ଗୋଟିଏ କଥାକୁ ବସି ଭାବିବା, ଭବିଷ୍ୟତ ବିଷୟରେ ଚିନ୍ତିତ ହେବା କିମ୍ବା କାର୍ଯ୍ୟ ବିଷୟରେ ଚିନ୍ତା କରିବା ମାନସିକ ଚାପକୁ ବୃଦ୍ଧି କରିଥାଏ।
- ସର୍ବଦା ମାନସିକ କ୍ଲାନ୍ତ ଅନୁଭବ କରୁଥିଲେ, ଦୈନନ୍ଦିନ କାର୍ଯ୍ୟରେ ଛୋଟ ବିରତି ନିଅନ୍ତୁ। ପର୍ଯ୍ୟାପ୍ତ ନିଦ୍ରା, ନିୟମିତ ଖାଦ୍ୟ, ହାଲୁକା ଶାରୀରିକ କାର୍ଯ୍ୟକଳା ପରେ ନିୟୋଜିତ ହେବା ସହ ସ୍କ୍ରିନ୍ ଠାରୁ ଦୂରେଇ ରହିବା ଲାଭଦାୟକ।

# ଘିଅ ରୁଟି ଖାଉଥିଲେ...




**ଅଧିକାଂଶ ଭାରତୀୟ ରୁଟି ସହ ଘିଅ ଲଗାଇ ଖାଇବାକୁ ପସନ୍ଦ କରନ୍ତି। ଏହା ଶରୀରକୁ ସୁସ୍ଥ ରଖିବା ସହ ଶକ୍ତି ପ୍ରଦାନ କରିଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଏକ ନିର୍ଦ୍ଦିଷ୍ଟ ପରିମାଣର ଘିଅ ସେବନ ସ୍ୱାସ୍ଥ୍ୟ ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ। ତେବେ ରୁଟିରେ ଘିଅ ଲଗାଇ ଖାଇବା ଦ୍ୱାରା ଶରୀରକୁ ଅନେକ ଲାଭ ମିଳିଥାଏ।**

**ରକ୍ତରେ ଶର୍କରା ନିୟନ୍ତ୍ରଣ –** ରୁଟିରେ ଘିଅ ଲଗାଇ ଖାଇଲେ ଗ୍ଲାଇସେମିକ୍ ପ୍ରଭାବ କମ୍ ହୋଇଥାଏ। ଫଳରେ ରକ୍ତରେ ଶର୍କରା ବୃଦ୍ଧି ହ୍ରାସ ପାଇଥାଏ। ତେଣୁ ଶର୍କରା ନିୟନ୍ତ୍ରଣରେ ରହୁ ନ ଥିବା ଲୋକଙ୍କ ପାଇଁ ଘିଅ ଉନ୍ନତ ବିକଳ୍ପ ବୋଲି କୁହାଯାଏ। ମଧୁମେହ ରୋଗରେ ପୀଡ଼ିତ ଥିଲେ ଖାଦ୍ୟରେ ପରିବର୍ତ୍ତନ ପୂର୍ବରୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ପରାମର୍ଶ ନେବା ଜରୁରି।

**ପାଚନକ୍ରିୟା ପାଇଁ ଭଲ –** ଘିଅରେ ଥିବା ଫ୍ୟାଟ୍ ପାଚନକ୍ରିୟାରେ ସହାୟକ ହୋଇଥାଏ। ଏଥିସହ ରୁଟିରେ ଘିଅ ଲଗାଇ ଖାଇଲେ ଦୀର୍ଘ ସମୟ ପେଟ ଭର୍ତ୍ତି ହେବା ପରି ଅନୁଭୂତି ହୋଇଥାଏ। ଏହାଦ୍ୱାରା ବାରମ୍ବାର ଭୋକ ଲାଗିବା ଅନାବଶ୍ୟକ ସ୍ନାକ୍ସ ଖାଇବା ଅଭ୍ୟାସ କମିଥାଏ। ଓଜନ ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିବା ବ୍ୟକ୍ତିଙ୍କ ପାଇଁ ଏହା ଲାଭଦାୟକ ହୋଇଥାଏ।


**ହାଡ଼, ଗଣ୍ଠି ପାଇଁ ଲାଭଦାୟକ -** ଏଥିରେ ଭିଟାମିନ୍ ଏ, ଇ ଏବଂ ଡି ଭଳି ପୋଷକ ତତ୍ତ୍ୱ ଥାଏ। ଏହା ହାଡ଼, ଗଣ୍ଠିକୁ ମଜବୁତ୍ ରଖିବାରେ ସହାୟକ ହୋଇଥାଏ। ସେହିପରି ହାଡ଼ ମଜବୁତ ପାଇଁ କ୍ୟାଲସିୟମ, ଭିଟାମିନ୍ -ଡି ସହ ସନ୍ତୁଳିତ ଖାଦ୍ୟ ଖାଇବା ଆବଶ୍ୟକ।

**ତ୍ୱଚା ପାଇଁ ଉପକାରୀ-** ଦେଶୀ ଘିଅରେ ଆଣ୍ଟି ଅକ୍ସିଡାଣ୍ଟ ଭରପୂର ମାତ୍ରାରେ ଥାଏ। ଏହା ତ୍ୱଚାକୁ ପୋଷଣ ଦେବା ସହ ଉଜ୍ଜ୍ୱଳତା ବୃଦ୍ଧିରେ ସହାୟକ ହୋଇଥାଏ। ଏଥିସହ ଏଥିରେ ଥିବା ଫ୍ୟାଟି ଏସିଡ୍ ଶରୀରକୁ ଶକ୍ତି ପ୍ରଦାନ କରିଥାଏ। ବିଶେଷଜ୍ଞଙ୍କ କହିବାନୁଯାୟୀ, ସୀମିତ ମାତ୍ରାରେ ଘିଅ ସେବନ ଶରୀର ପାଇଁ ଲାଭଦାୟକ।

# ବିନା ଆଘାତରେ ପାଦ ଯନ୍ତ୍ରଣା ହେଉଥିଲେ

ଦୀର୍ଘ ସମୟ ଧରି ଛିଡ଼ା ହେବା, ବସି ରହିବା କିମ୍ବା ଅଧିକ ପରିଶ୍ରମ କଲେ ପାଦରେ ଯନ୍ତ୍ରଣା ତଥା ଝିମ୍‌ଝିମ୍ ଅନୁଭୂତ ହେବା ସାଧାରଣ କଥା। କିନ୍ତୁ କୌଣସି ଆଘାତ କିମ୍ବା ପରିଶ୍ରମ ବିନା ପାଦରେ ଯନ୍ତ୍ରଣା ହେଉଥିଲେ, ଏହାକୁ ଅଣଦେଖା କରିବା ଅନୁଚିତ୍। ଶରୀରରେ କିଛି ଭିଟାମିନ୍ ଓ ଖଣିଜ ପଦାର୍ଥ ଅଭାବ ଯୋଗୁଁ ମଧ୍ୟ ଏଭଳି ସମସ୍ୟା ଦେଖା ଦେଇଥାଏ।

ଶରୀର ହାଡ଼, ମାଂସପେଶୀ ଓ ସ୍ନାୟୁ କାର୍ଯ୍ୟ କରିବା ପାଇଁ ଭିଟାମିନ୍-ଡି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶରୀରରେ ଏହି ଭିଟାମିନ୍ ଅଭାବ ହେଲେ ଯନ୍ତ୍ରଣା ଓ ଦୁର୍ବଳତା ଅନୁଭବ ହୋଇଥାଏ। ସେହିପରି କିଛି ଲୋକଙ୍କଠାରେ ପିଠି, ଅଣ୍ଟା ଓ ପାଦରେ ମଧ୍ୟ ଯନ୍ତ୍ରଣା ଅନୁଭୂତ ହୋଇଥାଏ। ସୂର୍ଯ୍ୟକିରଣ ଭିଟାମିନ୍ -ଡିର ପ୍ରମୁଖ ଉତ୍ସ ହୋଇଥିବାବେଳେ ଏହାର ଅଭାବ ଦୂର କରିବା ପାଇଁ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ୍। କ୍ୟାଲ୍‌ସିୟମ୍ ହାଡ଼କୁ ମଜବୁତ୍ ରଖିବା ସହ ମାଂସପେଶୀକୁ କାର୍ଯ୍ୟକାରୀ କରିବାରେ ସହାୟକ ହୋଇଥାଏ। ଶରୀରରେ କ୍ୟାଲସିୟମ୍ ଅଭାବ ହେଲେ, ମାଂସପେଶୀରେ କ୍ରାମ୍ପ ଏବଂ ଅସ୍ୱସ୍ତି ସମସ୍ୟା ହୋଇପାରେ। ତେଣୁ ଶରୀରରେ କ୍ୟାଲ୍‌ସିୟମ୍ ଅଭାବ ଦୂର ପାଇଁ ଦହି, କ୍ଷୀର, ପନିର ରାଶି ଆଦି ଖାଇପାରିବେ। ଏଥିସହ ଶରୀରରେ ବି-୧୨ ଅଭାବ ହେଲେ ଏଭଳି ସମସ୍ୟା ଦେଖାଯାଏ। ତେଣୁ ଆବଶ୍ୟକୀୟ ପୋଷକ ତତ୍ତ୍ୱ ଅଭାବ ରୋକିବା ପାଇଁ ସନ୍ତୁଳିତ ଖାଦ୍ୟ ଗ୍ରହଣ କରିବା ଜରୁରି।



● ମହିଳା ଏସିଆ କପ୍ ଜୁନିଅର ହକି

# ପାକିସ୍ତାନକୁ ୧୯-୦ରେ ହରାଇ ସେମିରେ ଭାରତ




ମୋକି, ୧୦।୯ (ଏଜେନ୍ସି): ଚାଇନାର ମୋକିରେ ଚାଲିଥିବା ମହିଳା ଏସିଆ କପ୍ ଜୁନିଅର ହକି ଟୁର୍ଣ୍ଣାମେଣ୍ଟରେ ଭାରତ ସେମିଫାଇନାଲରେ ପ୍ରବେଶ କରିଛି। ଡିଫେଣ୍ଡିଂ ଚାମ୍ପିଅନ ଭାରତ ଗୁରୁବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚରେ ୧୯-୦ ଗୋଲ୍‌ରେ ପାକିସ୍ତାନକୁ ବିଶାଳ ବ୍ୟବଧାନରେ ପରାସ୍ତ କରି ଏହି ସଫଳତା ପାଇଛି। ଚାରୋଟି ଯାକ କ୍ୱାର୍ଟରରେ ଭାରତ ଯଥାକ୍ରମେ ୫, ୫, ୩ ଓ ୬ଟି ଗୋଲ୍ ଦେଇଥିଲା। ବିଜୟୀ ଭାରତ ପକ୍ଷରୁ ପୂଜା ମଲିକ ହ୍ୟାଟ୍ରିକ ଗୋଲ୍‌ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାନିକା ଚନ୍ଦ୍ରକାନ୍ତ ମାନେ, ମଧୁ ସିଦାର, ସୁପ୍ରିୟା ଓ ରୋଶନି ଅଇନଦ ଦୁଇଟି ଲେଖାଏ ଗୋଲ୍ ଦେଇଥିଲେ।

ସମ୍ପୂର୍ଣ୍ଣ ୬୦ ମିନିଟ୍‌ର ମ୍ୟାଚରେ ଭାରତ ୧୮ ଟି ପେନାଲ୍ଟି କର୍ଣ୍ଣର, ଗୋଟିଏ ପେନାଲ୍ଟି ଷ୍ଟୋକ ପାଇଥିଲା। ଅପରପକ୍ଷରେ ଅତ୍ୟନ୍ତ ଦୟନୀୟ ପ୍ରଦର୍ଶନ କରିଥିବା ପାକିସ୍ତାନ ମ୍ୟାଚ ସାରା ଗୋଟିଏ ହେଲେ ପେନାଲ୍ଟି କର୍ଣ୍ଣର କିମ୍ବା ଷ୍ଟୋକ ଅର୍ଜନ କରିପାରି ନ ଥିଲା। ଶନିବାର ପ୍ରଥମ ସେମିଫାଇନାଲରେ ଭାରତର ମୁକାବିଲା ଦକ୍ଷିଣ କୋରିଆ ମହିଳା ଦଳ ସହ ହେବ। ଅନ୍ୟ ଏକ କ୍ୱାର୍ଟର ଫାଇନାଲ ମ୍ୟାଚରେ ଦକ୍ଷିଣ କୋରିଆ ୧-୦ ଗୋଲ୍‌ରେ ମାଲେସିଆକୁ ହରାଇ ସେମିଫାଇନାଲରେ ପହଞ୍ଚିଛି। ସେହିଭଳି ସେହି ସମାନ ଦିନ ଆୟୋଜକ ଚାଇନା ଓ ଜାପାନ ମଧ୍ୟରେ ଅନ୍ୟଏକ ସେମିଫାଇନାଲ ଖେଳାଯିବ। ରବିବାର ଫାଇନାଲ ସହ କାଂସ୍ୟ ପଦକ ମ୍ୟାଚ୍ ଅନୁଷ୍ଠିତ ହେବ। ଅପରପକ୍ଷରେ ଜୁନିଅର ପୁରୁଷ ଏସିଆ କପରେ ଭାରତ ଶୁକ୍ରବାର ସେମିଫାଇନାଲରେ ମାଲେସିଆକୁ ଭେଟିବ।

● ଭାରତ ବିପକ୍ଷ ଐତିହାସିକ ମ୍ୟାଚ୍

# ବ୍ରାଜିଲ ଦଳରେ ଭିନସିଅସ୍, ରାଫିନା

ରିଓ ଡି ଜେନିରୋ, ୧୦।୯ (ଏଜେନ୍ସି): ପାଞ୍ଚଥରର ଫିଫା ବିଶ୍ୱକପ ଚାମ୍ପିଅନ ବ୍ରାଜିଲ ଓ ଭାରତୀୟ ଫୁଟବଲ ଦଳ ମଧ୍ୟରେ ଐତିହାସିକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଅକ୍ଟୋବର ୩ ତାରିଖରେ ଖେଳାଯିବ। କୋଲକାତାର ବିବେକାନନ୍ଦ ଯୁବ ଭାରତୀ କ୍ରୀଡ଼ାଙ୍ଗନରେ ଏହି ମ୍ୟାଚ୍ ଅନୁଷ୍ଠିତ




ହେବ। ଫୁଟବଲ୍ ଇତିହାସରେ ଭାରତ ଓ ବ୍ରାଜିଲ ମଧ୍ୟରେ ଏହା ସର୍ବପ୍ରଥମ ମ୍ୟାଚ୍ ହେବ। ଏହି ସ୍ମରଣୀୟ ମ୍ୟାଚ୍ ଲାଗି ୨୬ ଜଣିଆ ବ୍ରାଜିଲ ଦଳ ଘୋଷଣା କରାଯାଇଛି। ରିଅଲ ମାଦ୍ରିଦ ଫରୱାର୍ଡ ଭିନିସିଅସ୍ ଜୁନିଅର, ବାର୍ସିଲୋନାର ଷ୍ଟାର୍ ୱିଙ୍ଗର ରାଫିନା ଓ ପ୍ୟାରିସ ସେଣ୍ଟ-ଜର୍ମେନର ଭେଟେରାନ ମରକ୍ୟୁନୋ ପ୍ରମୁଖ ଅଭିଜ୍ଞ ଖେଳାଳି ଘୋଷିତ ଦଳରେ ସ୍ଥାନ ପାଇଛନ୍ତି। ସେହିଭଳି ଆର୍ସେନାଲ ଦଳର ଗ୍ରାବିଏଲା ମାଗାଲହେସ ଓ ବ୍ରୁନୋ ଗୁଇମାରେସଙ୍କୁ ମଧ୍ୟ ଦଳରେ ନିଆଯାଇଛି। ସବୁଠୁ ବଡ଼ କଥା ହେଉଛି ଭିନିସିଅସ୍, ମରକ୍ୟୁନୋ ଓ ଗ୍ରାବିଏଲା ସଦ୍ୟ ଘୋଷଣା ହୋଇଥିବା ବର୍ଷର ଶ୍ରେଷ୍ଠ ଖେଳାଳି 'ବାଲନ୍ ଡି'ଓର ପୁରସ୍କାର' ଦୌଡ଼ରେ ରହିଛନ୍ତି। ସେହିଭଳି ଦଳରେ ସ୍ଥାନ ପାଇଥିବା ୬ଜଣ ଖେଳାଳିଙ୍କ ବୟସ ୨୦ ବର୍ଷରୁ କମ୍ ରହିଛି। ଅପରପକ୍ଷରେ ଗତ ବିଶ୍ୱକପରେ ନୈରାଶ୍ୟଜନକ ପ୍ରଦର୍ଶନ ପରେ ନେମାର ଅବସର ନେଇଯାଇଥିବାରୁ ଭାରତୀୟ ଦର୍ଶକ ଏହି ସୁପରଷ୍ଟାରଙ୍କ ଖେଳ ଦେଖିବାରୁ ବଞ୍ଚିତ ହେବେ। ଫିଫା ବିଶ୍ୱକପରେ ବ୍ରାଜିଲ ୫ମ ଓ ଭାରତ ୧୩୮ ତମ ସ୍ଥାନରେ ରହିଛି।

# ଋତୁପର୍ଣ୍ଣା-ଶ୍ୱେତପର୍ଣ୍ଣାଙ୍କୁ ରୌପ୍ୟ




ଭୁବନେଶ୍ୱର, ୧୦।୯ (ସମିସ): ଓଡ଼ିଶାର ଉଦୀୟମାନ ବ୍ୟାଡ୍‌ମିଣ୍ଟନ ଯୋଡ଼ି ତଥା ଭଉଣୀ ଋତୁପର୍ଣ୍ଣା ପଣ୍ଡା ଓ ଶ୍ୱେତପର୍ଣ୍ଣା ପଣ୍ଡାଙ୍କୁ ଆଉ ଏକ ଅନ୍ତର୍ଜାତୀୟ ପଦକ ମିଳିଛି। କାମେରୁନ ଇଣ୍ଟରନ୍ୟାସନାଲ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଏହି ଭାରତୀୟ ଯୋଡ଼ି ମହିଳା ଡବଲ୍ସରେ ରନର୍ସଅପ୍ ହୋଇ ରୌପ୍ୟ ପଦକ ହାସଲ କରିଛନ୍ତି। ଋତୁପର୍ଣ୍ଣା-ଶ୍ୱେତପର୍ଣ୍ଣା ଭଉଣୀ ଯୋଡ଼ି ଫାଇନାଲରେ ୧୦-୨୧, ୧୬-୨୧ ସିଧାସଳଖ ଗେମରେ ସାଥୀ ଭାରତୀୟ ଖେଳାଳି କାଭିପ୍ରିୟା ସେଲଭାମ ଓ ସିମରନ ସିଂହଙ୍କ ନିକଟରୁ ହାରିଯାଇଥିଲେ। ଏଥିପୂର୍ବରୁ ଗତ ଅଗଷ୍ଟ ମାସରେ ନାଇଜେରିଆରେ ଅନୁଷ୍ଠିତ ଲାଗୋସ ଇଣ୍ଟରନ୍ୟାସନାଲ କ୍ଲାସିକରେ ପଣ୍ଡା ଭଗିନୀ ଯୋଡ଼ିଙ୍କୁ ସ୍ୱର୍ଣ୍ଣିମ ସଫଳତା ମିଳିଥିଲା।

## ମହିଳା ଏସିଆ କପ୍ କ୍ରିକେଟ ସେମିଫାଇନାଲ

# ବାଂଲା ବିପକ୍ଷରେ ଶେଫାଳି ବର୍ମାଙ୍କ ଅର୍ଦ୍ଧଶତକ



ଦୁବାଇ,୧୦।୯(ଏଜେନ୍ସି): ମହିଳା ଏସିଆ କପ୍ କ୍ରିକେଟର ପ୍ରଥମ ସେମିଫାଇନାଲ ମୁକାବିଲା ଭାରତ ଓ ବାଂଲାଦେଶ ମଧ୍ୟରେ ଏଠାରେ ଆରମ୍ଭ ହୋଇଛି। ଏହି ମ୍ୟାଚ୍‌ରେ ବାଂଲାଦେଶ ଟସ୍ ଜିତିବା ପରେ ଭାରତକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୧୪ ଓଭର ଖେଳ ଶେଷସୁଦ୍ଧା ୩ ୱିକେଟ ବିନିମୟରେ ୯୨ ରନ୍ ସଂଗ୍ରହ କରିନେଇଛି। ଦଳ ପକ୍ଷରୁ ପ୍ରଥମ ୩ ଓଭରରେ ୨ଥର ଏବଂ ୩୬ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିବା ପରେ ଥରେ ଜୀବନଦାନ (୬, ୧୧ ଓ ୫୬ରନ୍‌ରେ) ପାଇଥିବା ଶେଫାଳି ବର୍ମା ସର୍ବାଧିକ ୬୪ ରନ୍ କରି ଆଉଟ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସ୍ମୃତି ମନ୍ଧାନା ୨, ପ୍ରତୀକା ରାୱଲ ୨୦ ରନ୍ କରି ଆଉଟ ହୋଇଛନ୍ତି। ବାଂଲାଦେଶ ପକ୍ଷରୁ ନାହିଦା ଅଖତର ୨ଟି, ରାବେୟା ଖାନ୍ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ। ଆଜି ସେମିଫାଇନାଲର ବିଜେତା ଦଳ ଆସନ୍ତା ରବିବାର ବା ୧୩ ତାରିଖରେ ଖେଳାଯିବାକୁ ଥିବା ଫାଇନାଲ ମୁକାବିଲାରେ ଆସନ୍ତାକାଲି ଶ୍ରୀଲଙ୍କା ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲ ମୁକାବିଲାର ବିଜେତାଙ୍କୁ ଭେଟିବ।

### ■ ଶ୍ରୀଲଙ୍କା-ପାକିସ୍ତାନ ସେମିଫାଇନାଲ ଆଜି

ଡିଫେଣ୍ଡିଂ ଚାମ୍ପିଅନ ଶ୍ରୀଲଙ୍କା ଓ ପାକିସ୍ତାନ ମଧ୍ୟରେ ଏହି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମୁକାବିଲା ଆସନ୍ତାକାଲି ଖେଳାଯିବ। ଚାମ୍ପିଅନ ଶ୍ରୀଲଙ୍କା ଦଳ ଏଡି ଟୁର୍ଣ୍ଣାମେଣ୍ଟର ସମସ୍ତ ୩ଟି ଯାକ ଲିଗ୍ ମ୍ୟାଚ୍‌ରେ ବିଜୟୀ ହୋଇ ଅପରାଜେୟ ସହ ସେମିଫାଇନାଲ ଖେଳିବାକୁ ଉନ୍ନୀତ ହୋଇଛି। ସେହିପରି ଭାରତଠାରୁ ଶୋଚନୀୟ ପରାଜୟ ବରଣ କରିଥିବା ପାକିସ୍ତାନ ସଂଘର୍ଷ କରି ସେମିକୁ ଉଠିଛି। କିନ୍ତୁ ଉଭୟ ଦଳ ମଧ୍ୟରେ ହେବାକୁ ଥିବା ମୁକାବିଲାଯେ ବେଶ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହେବ ତାହା ନିଃସନ୍ଦେହରେ କୁହାଯାଇପାରେ। ଗ୍ରୁପ୍-ବି'ରେ ଶ୍ରୀଲଙ୍କା ପ୍ରଥମ ମ୍ୟାଚ୍‌ରେ ୟୁଏଇକୁ ୯ ୱିକେଟ, ଦ୍ୱିତୀୟ ମ୍ୟାଚ୍‌ରେ ଇଣ୍ଡୋନେସିଆକୁ ୭୫ ରନ୍ ଓ ତୃତୀୟ ମ୍ୟାଚ୍‌ରେ ବାଂଲାଦେଶକୁ ୪ ୱିକେଟରେ ହରାଇ ଗ୍ରୁପ୍‌ର ଶୀର୍ଷସ୍ଥାନ ହାସଲ କରିଥିଲା। ଅନ୍ୟପକ୍ଷରେ ପାକିସ୍ତାନ ୩୫ ରନ୍‌ରେ ଥାଇଲାଣ୍ଡକୁ, ୭୨ ରନ୍‌ରେ ହଂକଂ ଚୀନ୍‌କୁ ପରାସ୍ତ କରି ଗ୍ରୁପ୍‌ରେ ଭାରତ ପଛକୁ ଦ୍ୱିତୀୟ ସ୍ଥାନରେ ରହି ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ପାକିସ୍ତାନ ତାହାର ତୃତୀୟ ମ୍ୟାଚ ଭାରତଠାରୁ ୯ ଓଭରରେ ୭ ୱିକେଟରେ ହାରିଯାଇଥିଲା।

ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ଦଳଗତ ଖେଳ ପ୍ରଦର୍ଶନ କରିଛନ୍ତି। ୩୭ ବର୍ଷରେ ଶ୍ରୀଲଙ୍କା ଦଳର ନେତୃତ୍ୱ ନେଉଥିବା ଚାମରି ଆଟାପାଟୁଙ୍କ ବ୍ୟାଟ ଏ ଯାଏ ବିସ୍ଫୋରଣ କରିନାହିଁ।

■ ଭାରତର ଟି-୨୦ ମୁକାବିଲା

# ବୁମ୍‌ରା ଫିଟ୍, ରାଣା ଆଉଟ୍

ମୁମ୍ବଇ,୧୦।୯ (ଏଜେନ୍ସି): ଦୀର୍ଘଦିନର ବିଶ୍ରାମ ପରେ ଭାରତର ବ୍ୟସ୍ତବହୁଳ କ୍ରିକେଟ ସିଜନ ଆଫଗାନିସ୍ତାନ ସହ ଟି-୨୦ ମୁକାବିଲା ସହ ଆସନ୍ତା ୧୩ରୁ ଆରମ୍ଭ ହେବାକୁ ଯାଉଛି। ଏହା ପରେ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ଯାଏ ଜାପାନରେ ଏସିଆନ ଗେମ୍ସ କ୍ରିକେଟ ମଧ୍ୟ ଅନୁଷ୍ଠିତ ହେବ। ଉଭୟ ସିରିଜ୍ ଲାଗି ଆହତ ଥିବା ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ଫିଟ୍ ଘୋଷଣା କରାଯାଇଛି। ଫଳରେ ସେ ଦଳରେ ସାମିଲ ହୋଇଛନ୍ତି।





ଅନ୍ୟପକ୍ଷରେ ହର୍ଷିତ ରାଣା ଫିଟ୍ ହେବା ପରେ ବୋଲିଂ ଅଭ୍ୟାସ କରୁଥିଲାବେଳେ ପୁଣିଥରେ ଆହତ ହୋଇଛନ୍ତି। ଫଳରେ ତାଙ୍କୁ ଉଭୟ ଟୁର୍ଣ୍ଣାମେଣ୍ଟ ଲାଗି ଦଳରୁ ବାଦ୍ ଦିଆଯାଇଛି। ରାଣାଙ୍କ ସ୍ଥାନରେ ବିଦର୍ଭ ଫାଷ୍ଟ ବୋଲର ଯଶ ଠାକୁରଙ୍କୁ ଦଳରେ ସାମିଲ କରାଯାଇଛି।


ସଂଶୋଧିତ ଭାରତୀୟ ଟିମ୍- ଶ୍ରେୟସ ଆୟର (ଅଧିନାୟକ), ଅଭିଷେକ ଶର୍ମା, ବୈଭବ ସୂର୍ଯ୍ୟବଂଶୀ, ସଞ୍ଜୁ ସାମସନ ଓ ଇଶାନ କିଶାନ (ଉଭୟ ୱିକେଟରକ୍ଷକ), ତିଳକ ବର୍ମା (ଉପଅଧିନାୟକ), ଶିବମ ଦୁବେ, ନୀତୀଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ରବି ବିଷ୍ଣୋଇ, ଯଶପ୍ରୀତ୍ ବୁମ୍‌ରା, ଅର୍ଶଦୀପ ସିଂହ, ଯଶ ଠାକୁର।

ୟୁଏସ୍ ଓପନ ଟେନିସ

# ସେମିରେ ଜ୍ୱେରେଭ, ଖାଚାନୋଭ୍


ଆଲେକ୍‌ଜାଣ୍ଡର ଜ୍ୱେରେଭ୍


କାରେନ୍ ଖାଚାନୋଭ୍


ଏଲିନା ରିବାକିନା


କୋକୋ ଗଫ୍

ନ୍ୟୁୟର୍କ, ୧୦।୯ (ଏଜେନ୍ସି): ନଂ-୧ ସିଡ୍ ଜର୍ମାନୀର ଆଲେକ୍‌ଜାଣ୍ଡର ଜ୍ୱେରେଭ୍ ଓ ଅଣସିଡେଡ୍ ଖେଳାଳି ରୁଷର କାରେନ୍ ଖାଚାନୋଭ୍ ଏଠାରେ ଚାଲିଥିବା ୟୁଏସ୍ ଓପନ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛି। ଆଜି ଖେଳାଯାଇଥିବା କ୍ୱାର୍ଟର ଫାଇନାଲରେ ଜ୍ୱେରେଭ୍ ଦମ୍‌ର ସହ ଖେଳି ୬-୨, ୭-୫, ୬-୧ ସେଟ୍‌ରେ ଆଉ ଜଣେ ଅଣସିଡେଡ ଖେଳାଳି ବୋଟିକ୍ ଭାନ ଡି ଜାଣ୍ଡସ୍କଲପ୍‌ଙ୍କୁ ହରାଇଥିଲେ। ୪ବର୍ଷ ପୂର୍ବେ ଏଠାରେ ଫାଇନାଲରେ ପ୍ରବେଶ କରିଥିବା ଜ୍ୱେରେଭ ସେମିଫାଇନାଲରେ ଖାଚାନୋଭଙ୍କ ସହ ମୁକାବିଲା କରିବେ। ସେହିପରି ଅନ୍ୟ ଏକ ସେମିଫାଇନାଲରେ ଆମେରିକାର ଦୁଇ ଖେଳାଳି ପରସ୍ପର ସହ ଲଢ଼ିବେ। ଡିଫେଣ୍ଡିଂ ଚାମ୍ପିଅନ କାର୍ଲୋସ ଆଲକାରାଜଙ୍କୁ ପରାସ୍ତ କରିଥିବା ବେନ୍ ଶେଲଟନଙ୍କ ସହ ଫ୍ରାନ୍ସେସ୍ ଟିଆଫୋଏ ଫାଇନାଲ ଟିକଟ ଲାଗି ଶୁକ୍ରବାର ମୁକାବିଲା କରିବେ।

### ଗଫ୍-ରିବାକିନା, ପେଗୁଲା-ସାବାଲେଙ୍କା ସେମିଫାଇନାଲ

ଶେଷ ଦୁଇଟି କ୍ୱାର୍ଟର ଫାଇନାଲରେ କୋକୋ ଗଫ୍ ଓ ଏଲିନା ରିବାକିନାଙ୍କ ବିଜୟ ସହ ମହିଳା ବିଭାଗରେ ପ୍ରଥମ ୪ଜଣ ସିଡେଡ ଖେଳାଳି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଖେଳାଯିବାକୁ ଥିବା ସେମିଫାଇନାଲରେ ନଂ-୧ ସିଡ୍ ଆରିନା ସାବାଲେଙ୍କାଙ୍କ ସହ ନଂ-୩ ଜେସିକା ପେଗୁଲା ଏବଂ ନଂ-୪ କୋକୋ ଗଫ୍‌ଙ୍କ ସହ ନଂ-୨ ଏଲିନା ରିବାକିନାଙ୍କର ମୁକାବିଲା ହେବ। ଗତକାଲି ରାତିରେ ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମୁକାବିଲାରେ ଗଫ୍ ୨-୧ ସେଟ୍‌ରେ ଫ୍ରେଞ୍ଚ ଓପନ ଚାମ୍ପିଅନ ମୀରା ଆନ୍ଦ୍ରିଭାଙ୍କୁ ଏବଂ କାଜାଖସ୍ତାନର ଏଲିନା ରିବାକିନା ମଧ୍ୟ ୨-୧ ସେଟ୍‌ରେ ଅଣସିଡେଡ ଖେଳାଳି ଚୀନ୍‌ର କ୍ୱିନେନ୍ ଝେଙ୍ଗଙ୍କୁ ପରାସ୍ତର କରିଥିଲେ। ଶନିବାର ମହିଳା ସିଙ୍ଗଲ୍ସ ଓ ରବିବାର ପୁରୁଷ ସିଙ୍ଗଲ୍ସ ଫାଇନାଲ ମୁକାବିଲା ହେବ।

ଇଣ୍ଡିଆନ ଆଥଲେଟିକ୍ସ ସିରିଜ ଫାଇନାଲ

# ଅନିମେଶଙ୍କୁ ସ୍ୱର୍ଣ୍ଣ; ଶ୍ରାବଣୀ ନିରାଶ



ପ୍ରଜ୍ଞା ପ୍ରଶାନ୍ତି

ନୂଆଦିଲ୍ଲୀ, ୧୦।୯ (ଏଜେନ୍ସି): ଆଗାମୀ ଏସୀୟ କ୍ରୀଡ଼ା ପୂର୍ବରୁ ଅନ୍ତିମ ପ୍ରତିଦ୍ୱନ୍ଦ୍ୱିତାମୂଳକ ପ୍ରତିଯୋଗିତା ଇଣ୍ଡିଆନ ଆଥଲେଟିକ୍ସ ସିରିଜ ଫାଇନାଲରେ ଅନିମେଶ କୁଜୁର ଚମକିଛନ୍ତି। ଜାତୀୟ ରାଜଧାନୀ ଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ଏହି ପ୍ରତିଯୋଗିତାର ପୁରୁଷ ୧୦୦ ମିଟର ରେସରେ ଅନିମେଶ ପ୍ରଥମ ସ୍ଥାନରେ ରହିଥିଲେ। ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଅନିମେଶ ୧୦.୨୧ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣପଦକ ହାତେଇ ନେଇଥିଲେ। ଏହିକ୍ରମରେ ସେ ଦେଶର ଦ୍ରୁତତମ ଧାବକ ପଞ୍ଜାବର ଗୁରିନ୍ଦରବୀର ସିଂହଙ୍କୁ ପଛରେ ପକାଇ ଦେଇଥିଲେ। ଗୁରିନ୍ଦରବୀର ୧୦.୩୨ ସେକେଣ୍ଡ ଟାଇମିଂ ସହ ପୋଡିୟମ୍‌ର ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ମହାରାଷ୍ଟ୍ରର ଋଷିପ୍ରସାଦ ଦେଶାଇ ମାତ୍ର ୦.୦୧ ସେକେଣ୍ଡ ପଛରେ ରହି କାଂସ୍ୟ ପଦକ ଜିତିଥିଲେ। ଚଳିତ ବର୍ଷ ମେ ମାସରେ ଅନୁଷ୍ଠିତ ୨୯ତମ ଜାତୀୟ ସିନିଅର ଆଥଲେଟିକ୍ସରେ ଗୁରିନ୍ଦରବୀର ୧୦.୦୯ ସେକେଣ୍ଡ ସମୟ ସହ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିଲେ। କିନ୍ତୁ ଅନିମେଶ ଆଜି ତାଙ୍କୁ ୦.୧୧ ସେକେଣ୍ଡ ପଛରେ ପକାଇ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ।

ଅପରପକ୍ଷରେ ଦିଲ୍ଲୀରେ ଆଜି ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାର ମହିଳା ୧୦୦ ମିଟରରେ ଓଡ଼ିଶାର ଶ୍ରାବଣୀ ନନ୍ଦଙ୍କୁ ନିରାଶ ହେବାକୁ ପଡ଼ିଛି। ଶ୍ରାବଣୀ ୧୧.୭୧ ସେକେଣ୍ଡ ଟାଇମିଂ ସହ ୮ମ ସ୍ଥାନରେ ରହିଥିଲେ। ଏଥିରେ ମହାରାଷ୍ଟ୍ରର ହରିତା ଭଦ୍ରା (୧୧.୨୨ ସେକେଣ୍ଡ) ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିଭଳି ମହିଳା ୧୦୦ ମିଟର ହର୍ଡଲ୍ସରେ ଓଡ଼ିଶାର ପ୍ରଜ୍ଞା ପ୍ରଶାନ୍ତି ସାହୁ (୧୩.୩୭ ସେକେଣ୍ଡ)ଙ୍କୁ କାଂସ୍ୟ ପଦକ ମିଳିଛି। ପୁରୁଷ ୩୦୦୦ ମିଟର ବାଧାଦୌଡ଼ରେ ଅବିନାଶ ସାବଲେ (୮ ମିନିଟ ୩୨.୩୨ ସେକେଣ୍ଡ) ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି।

# ତୃତୀୟ ଟେଷ୍ଟ: ପାକିସ୍ତାନ ବିପକ୍ଷରେ ଇଂଲଣ୍ଡ ୩୨୦ ରନରେ ଅଗ୍ରଣୀ

ବର୍ମିଂହାମ, ୧୦।୯ (ଏଜେନ୍ସି): ଭ୍ରମଣକାରୀ ପାକିସ୍ତାନ ବିପକ୍ଷରେ ଏଠାରେ ଚାଲିଥିବା ଅନ୍ତିମ ତଥା ତୃତୀୟ ଟେଷ୍ଟ ମ୍ୟାଚରେ ଇଂଲଣ୍ଡ ପ୍ରଥମ ଇନିଂସରେ ୩୨୦ ରନର ଅଗ୍ରଣୀ ହାସଲ କରିଛି। ପାକିସ୍ତାନର ୧୩୩ ରନ ଜବାବରେ ଘରୋଇ ଇଂଲଣ୍ଡ ଗୁରୁବାର ଦ୍ୱିତୀୟ ଦିବସରେ ୪୫୩ ରନ କରି ପ୍ରଥମ ପାଳିରେ ଅଲ୍‌ଆଉଟ୍ ହୋଇଯାଇଛି। ଟୀ'ପାନ ବିରତିର ଠିକ୍ ପୂର୍ବରୁ ଜୋଶ୍ ଟଙ୍ଗ୍ (୧୫ ରନ)ଙ୍କୁ ଆଉଟ୍ କରି ମହମ୍ମଦ ଅଲି ଇଂଲଣ୍ଡକୁ ଅଲ୍‌ଆଉଟ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ ପାଞ୍ଚଜଣ ବ୍ୟାଟର୍ ଓପନର ଇମିଲିଓ ଗେ (୬୦), ହ୍ୟାରୀ ବ୍ରୁକ୍ (୭୫), ଡାନ୍ ଲରେନ୍ସ (୬୫), ଜେମି ସ୍ମିଥ (୬୯) ଓ ବ୍ୟାଟିଂକ୍ରମର ୯ମ ସ୍ଥାନରେ ଆସିଥିବା ଓଲି ରବିନସନ (୫୦) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଜୋଫ୍ରା ଆର୍ଚର ୩୨ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଏଠାରେ ଟେଷ୍ଟ ପଦାର୍ପଣ କରିଥିବା ଡାହାଣହାତୀ ଦ୍ରୁତ ବୋଲର ରଜଉଲ୍ଲାଙ୍କୁ ସର୍ବାଧିକ ୪ଟି ୱିକେଟ ମିଳିଥିଲା। ୩୨୦ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ପାକିସ୍ତାନ ଶେଷ ଖବର ସୁଦ୍ଧା ୮ ଓଭରରେ ୨ ୱିକେଟ ହରାଇ ୩୩ ରନ ସଂଗ୍ରହ କରିଛି। ଉଲ୍ଲେଖଯୋଗ୍ୟ, ପ୍ରଥମ ଦୁଇଟି ମ୍ୟାଚକୁ ଯଥାକ୍ରମେ ୭ ୱିକେଟ ଓ ୧୦୩ ରନରେ ଜିତି ପାକିସ୍ତାନ ୨-୦ରେ ଆଗୁଆ ସିରିଜ କବଜା କରିସାରିଛି।

## ଫାଇନାଲରେ ଇଶାନ, ଟୁର୍ଣ୍ଣାମେଣ୍ଟରେ ତିଲକ ଶ୍ରେଷ୍ଠ ଖେଳାଳି

# ତୃତୀୟ ଥର ଦୁଲୀପ୍ ଟ୍ରଫି ଜିତିଲା ପୂର୍ବାଞ୍ଚଳ



ଚେନ୍ନଇ, ୧୦।୯ (ଏଜେନ୍ସି): ଇଶାନ କିଶାନଙ୍କ ବୀରତ୍ୱପୂର୍ଣ୍ଣ ବ୍ୟାଟିଂ ଓ ବୋଲରଙ୍କ ଉପଯୁକ୍ତ ସହାୟତା ବଳରେ ଏଠାରେ ଦକ୍ଷିଣାଞ୍ଚଳ ସହ ଚାଲିଥିବା ଆନ୍ତଃଜୋନ୍ ଦୁଲୀପ୍ ଟ୍ରଫିରେ ପୂର୍ବାଞ୍ଚଳ ଚାମ୍ପିଅନ ହୋଇଛି। ଏହା ଫଳରେ ଇଶାନଙ୍କ ନେତୃତ୍ୱରେ ପୂର୍ବାଞ୍ଚଳ ଏହି ଟ୍ରଫିକୁ ଦୀର୍ଘ ୧୩ ବର୍ଷ ପରେ କବ୍‌ଜା କରିଛି। ଓଡ଼ିଶା ଓପନର ନଟରାଜ ବେହେରାଙ୍କ ନେତୃତ୍ୱରେ ପୂର୍ବାଞ୍ଚଳ ପ୍ରଥମେ ୨୦୧୧-୧୨ ଓ ୨୦୧୨-୧୩ ସିଜନରେ ଦୁଇଥର କେନ୍ଦ୍ରାଞ୍ଚଳକୁ ଫାଇନାଲରେ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଏଠାରେ ପ୍ରଥମ ଇନିଂସରେ ୨୭୦ ଓ ଦ୍ୱିତୀୟ ଇନିଂସରେ ୮୦ ରନ୍ କରିଥିବା ପୂର୍ବାଞ୍ଚଳ ଅଧିନାୟକ ଇଶାନ କିଶାନଙ୍କୁ ଫାଇନାଲ ମ୍ୟାଚ୍‌ର ଏବଂ ଟୁର୍ଣ୍ଣାମେଣ୍ଟରେ ସ୍ଥିର ପ୍ରଦର୍ଶନ କରି ନିୟମିତ ଭାବେ ସ୍କୋର କରିଥିବା ଦକ୍ଷିଣାଞ୍ଚଳ ଅଧିନାୟକ ତିଲକ ବର୍ମାଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ପୂର୍ବାଞ୍ଚଳ ଟିମ୍‌ରେ ଜଣେ ଖେଳାଳି ଶୁଭ୍ରାଂଶୁ ସେନାପତି ସାମିଲ ହୋଇଥିଲେ ମଧ୍ୟ ୩ଟି ଯାକ ମ୍ୟାଚ୍‌ରେ ତାଙ୍କୁ ଖେଳିବାର ସୁଯୋଗ ମିଳି ନ ଥିଲା। ଫାଇନାଲ ମ୍ୟାଚର ଫଳାଫଳ ମିଳି ନ ଥିଲେ ମଧ୍ୟ ଟୁର୍ଣ୍ଣାମେଣ୍ଟ ନିୟମ ଅନୁଯାୟୀ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଦଳ ଚାମ୍ପିଅନ ହୋଇଥିଲା।

ଚେନ୍ନଇର ଅତ୍ୟଧିକ ଗରମ ଓ ଏମଏ ଚିଦାମ୍ବରମ ଷ୍ଟାଡିୟମ୍‌ର ଫ୍ଲାଟ ପିଚ୍‌ରେ ପ୍ରଥମେ ବ୍ୟାଟିଂ କରି ପୂର୍ବାଞ୍ଚଳ ପ୍ରଥମ ଇନିଂସରେ ୭୦୮ ରନ୍‌ର ବିଶାଳ ସ୍କୋର କରିଥିଲେ। ଦଳ ପକ୍ଷରୁ ଅଧିନାୟକ ଇଶାନ ୨୭୦, କୁମାର କୁଶାଗ୍ର ୧୦୧ ରନ୍ କରିଥିଲେ। ଜବାବରେ ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସରେ ୩୩୬ ରନ୍ କରି ଫଲୋଅନ ହେବା ସହ ୩୭୨ ରନ୍ ପଛରେ ରହିଥିଲା। ଦକ୍ଷିଣାଞ୍ଚଳକୁ ଫଲୋଅନ୍ ନ ଦେଇ ଦ୍ୱିତୀୟ ଇନିଂସରେ ବ୍ୟାଟିଂ କରିଥିଲା। ମହମ୍ମଦ୍ କୌନେନ୍ କ୍ୟୁରେଶୀଙ୍କ ଅପରାଜିତ ୧୧୬, ଇଶାନଙ୍କ ୮୦, ଅନୁକୂଳ ରୟଙ୍କ ୬୪ ଓ ଶିଖର ମୋହନଙ୍କ ୫୨ ରନ୍ ସହାୟତାରେ ୭ ୱିକେଟ ହରାଇ ୩୮୮ ରନ୍ କରିଥିଲାବେଳେ ଦଳ ଦ୍ୱିତୀୟ ଇନିଂସ ଘୋଷଣା କରିଥିଲା। ଏହା ପରେ ମ୍ୟାଚ୍‌ର ଫଳାଫଳ ନିର୍ଣ୍ଣିତ ହେବାର ଆଶା ନ ଥିବାରୁ ଖେଳକୁ ଏହିଠାରୁ ବନ୍ଦ ରଖାଯାଇଥିଲା। ଫଳରେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ପୂର୍ବାଞ୍ଚଳ ତୃତୀୟଥର ଦୁଲୀପ୍ ଟ୍ରଫି ଚାମ୍ପିଅନ ହୋଇଥିଲା।

### ଟାଇଟଲ ବିଜୟରେ ପୂର୍ବାଞ୍ଚଳର ଫାଇନାଲରେ ସ୍କୋର

**୧- ୨୦୧୧-୧୨:** ପୂର୍ବାଞ୍ଚଳ ଇନିଂସ ଓ ୨୦ ରନ୍‌ରେ ବିଜୟୀ, ପ୍ଲେୟର ଅଫ୍ ଦି ମ୍ୟାଚ୍-ରିଦ୍ଧିମାନ ଶାହ (୧୭୦ରନ୍, ୫ କ୍ୟାଚ୍), ଅଧିନାୟକ ନଟରାଜ ବେହେରା।

**ସଂକ୍ଷିପ୍ତ ସ୍କୋର-** କେନ୍ଦ୍ରାଞ୍ଚଳ: ୧୩୩ ଓ ୨୧୭। ବନାମ ପୂର୍ବାଞ୍ଚଳ- ୩୭୦ (ରିଦ୍ଧିମାନ-୧୭୦, ଦିଣ୍ଡାଙ୍କୁ ୭, ସାମିଙ୍କୁ ୮ ୱିକେଟ)।

**୨-୨୦୧୨-୧୩:** ବର୍ଷା ଯୋଗୁଁ ମ୍ୟାଚ୍ ଡ୍ର- ପୂର୍ବାଞ୍ଚଳ ପ୍ରଥମ ଇନିଂସ ଭିତ୍ତିରେ ବିଜୟୀ, ପ୍ଲେୟର ଅଫ୍ ଦି ମ୍ୟାଚ୍-ଈଶାଙ୍କ ଜାଗୀ (ଅପରାଜିତ ୧୦୦ରନ୍), ଅଧିନାୟକ ନଟରାଜ ବେହେରା।

**ସଂକ୍ଷିପ୍ତ ସ୍କୋର-** ପୂର୍ବାଞ୍ଚଳ: ୨୩୨ (ଈଶାଙ୍କ ଜାଗୀ (ଅପରାଜିତ ୧୦୦ରନ୍, ଇରେଶଙ୍କୁ ୫, ଅନୁସ୍ତୁପଙ୍କୁ ୪ୱିକେଟ) ବନାମ କେନ୍ଦ୍ରାଞ୍ଚଳ ୧୮୯।

**୩-୨୦୨୬-୨୭:** ମ୍ୟାଚ୍ ଡ୍ର- ପୂର୍ବାଞ୍ଚଳ ପ୍ରଥମ ଇନିଂସ ଭିତ୍ତିରେ ବିଜୟୀ, ପ୍ଲେୟର ଅଫ୍ ଦି ମ୍ୟାଚ୍-ଇଶାନ କିଶାନ (୨୭୦ ଓ ୮୦), ଅଧିନାୟକ ଇଶାନ କିଶାନ।

**ସଂକ୍ଷିପ୍ତ ସ୍କୋର-** ପୂର୍ବାଞ୍ଚଳ: ୭୦୮ (ଇଶାନ-୨୭୦, କୁଶାଗ୍ର-୧୦୧) ଓ ୩୮୮/୭, ଘୋଷଣା (ଇଶାନ-୮୦, ଅନୁକୂଳ-୬୪)। ବନାମ ଦକ୍ଷିଣାଞ୍ଚଳ- ୩୩୬।

# ୪୭ ବର୍ଷ ବୟସରେ ତାହିରଙ୍କୁ ୫ ୱିକେଟ ସଫଳତା



ଗୁୟାନା, ୧୦।୯ (ଏଜେନ୍ସି): ବିଶ୍ୱର ବୟୋଜ୍ୟେଷ୍ଠ ଖେଳାଳି ଭାବେ ପୂର୍ବତନ ଦକ୍ଷିଣ ଆଫ୍ରିକା ସ୍ପିନର ଇମ୍ରାନ ତାହିର ଟି-୨୦ କ୍ରିକେଟ୍‌ରେ ପାଞ୍ଚ ୱିକେଟ୍ ସଫଳତା ପାଇଛନ୍ତି। ଚଳିତ କାରିବୀୟାନ ପ୍ରିମିଅର ଲିଗ୍ (ସିପିଏଲ)ରେ ଗୁୟାନା ଆମାଜନ ୱାରିୟର୍ସ ପକ୍ଷରୁ ଖେଳୁଥିବା ତାହିର ସେଣ୍ଟ ଲୁସିଆ କିଙ୍ଗ୍‌ସ ଦଳ ବିପକ୍ଷ ମ୍ୟାଚରେ ଏହି କୀର୍ତ୍ତିମାନ କରିଛନ୍ତି। ମ୍ୟାଚରେ ଗୁୟାନା ୪ ୱିକେଟରେ ବିଜୟୀ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ୪ ଓଭରରେ ୧୭ ରନ ଦେଇ ୫ଟି ୱିକେଟ ନେଇଥିବା ଅଧିନାୟକ ତାହିରଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ୪୭ ବର୍ଷ ୧୬୭ତମ ଦିନ ବୟସରେ ତାହିର ଏହି ପାଞ୍ଚ ୱିକେଟ ନେଇଛନ୍ତି। ଏଥିସହ ଟି-୨୦ କ୍ରିକେଟ୍ ଇତିହାସରେ ସେ ବୟୋଜ୍ୟେଷ୍ଠ ପାଞ୍ଚ ୱିକେଟ୍ ହାସଲକାରୀ ବୋଲର ହୋଇଛନ୍ତି। ପୂର୍ବରୁ ଏହି ରେକର୍ଡ ଦକ୍ଷିଣ ପ୍ରଶାନ୍ତ ମହାସାଗରରେ ଅବସ୍ଥିତ କ୍ଷୁଦ୍ରଦ୍ୱୀପ କୁକ୍ ଆଇଲାଣ୍ଡ ବୋଲର ତୋମାକାନୁତେ ରିତାୱାଙ୍କ ନାମରେ ରହିଥିଲା। ୨୦୨୨ରେ ଫିଜି ବିପକ୍ଷରେ ରିୱାତା ୪୬ ବର୍ଷ ୨୯୯ଦିନ ବୟସରେ ପାଞ୍ଚ ୱିକେଟ ନେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS